ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ସୋମବାର, ଏପ୍ରିଲ ୧୩/୨୦୨୬ (୧୪ ପୃଷ୍ଠା) | Bhubaneswar, Monday, April 13/2026 | Page 14 | ₹ 7.00
୫୨ଶ ଭାଗ ୧୩୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 138 | ମୂଲ୍ୟ ₹୭/-




ମୋବାଇଲ ପାଇଁ କୋମଳମତି ଶିଶୁ ପଥଭ୍ରଷ୍ଟ ହେବା ସହ ସେମାନଙ୍କ ଜୀବନ ଓ ଭବିଷ୍ୟତ ପ୍ରଭାବିତ ହେଉଛି। ତେଣୁ ଏହାଠାରୁ ଦୂରେଇ ରହିବାକୁ ଜାତୀୟ ପଥପ୍ରାନ୍ତ ନାଟକ ଦିବସ ପାଳନ ଅବସରରେ ରବିବାର ବନ୍ଦେ ମାତରମ୍ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକ ନିକଟରେ ଅଭିନବ ନାଟକ ପରିବେଷଣ ମାଧ୍ୟମରେ ସଚେତନ କରାଯାଉଛି। (ଫଟୋ- ବିକାଶ ନାୟକ)

# ୨୧ ଘଣ୍ଟାର ଆଲୋଚନା ବିଫଳ

- ଉତ୍ତମ ପ୍ରସ୍ତାବକୁ ମାନିଲାନି ଇରାନ୍: ଭାନ୍ସ
- ତେହରାନ୍‌କୁ ବିଶ୍ୱାସକୁ ନେବାରେ ଆମେରିକା ଅକ୍ଷମ: ଘଲିବାଫ

**ଆମେରିକା ଓ ଇରାନ୍ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ସାରା ବିଶ୍ୱରେ ପ୍ରଭାବ ପକାଇଛି। ଏହି ଯୁଦ୍ଧରେ ବିରାମ ଲଗାଇବାକୁ ପାକିସ୍ତାନ ଚେଷ୍ଟା କରିଥିଲା। ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ଏବଂ ଇରାନର ବାଚସ୍ପତି ମହମ୍ମଦ ବାଘର ଘଲିବାଫ୍‌ଙ୍କ ନେତୃତ୍ୱରେ ୨ ପ୍ରତିନିଧି ମଣ୍ଡଳୀଙ୍କ ମଧ୍ୟରେ ଇସ୍‌ଲାମାବାଦରେ ଦୀର୍ଘ ୨୧ ଘଣ୍ଟାର ଶାନ୍ତି ଆଲୋଚନା ବିଫଳ ହୋଇଛି। ଉଭୟେ ଉଭୟଙ୍କୁ ଉତ୍ତମ ପ୍ରସ୍ତାବ ଦେଇଥିବା କହୁଥିଲେ ମଧ୍ୟ କେହି କାହାକୁ ବିଶ୍ୱାସକୁ ନେଇ ପାରିନାହାନ୍ତି। ଫଳରେ ଆଲୋଚନା ବିଫଳ ହୋଇଛି। ବୁଝାମଣାରେ ବିଫଳତା ପାଇଁ ୨ ପକ୍ଷ ପରସ୍ପରକୁ ଦୋଷ ଦେଇଛନ୍ତି। ଉଭୟ ଦେଶ ଶାନ୍ତି ଚୁକ୍ତିନାମା କରିପାରି ନ ଥିବାରୁ ୨ ସପ୍ତାହ ପାଇଁ ଘୋଷଣା ହୋଇଥିବା ଅସ୍ତ୍ରବିରତିର ଭାଗ୍ୟକୁ ନେଇ ସନ୍ଦେହ ପ୍ରକାଶ ପାଇଛି।**

ଇସ୍‌ଲାମାବାଦ,୧୨।୪(ପି.ଟି.)

ଇସ୍‌ଲାମାବାଦରେ ଶନିବାରରୁ ଅନୁଷ୍ଠିତ ଶାନ୍ତି ଆଲୋଚନା ଟେବୁଲରେ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ଯୋଗ ଦେଇଥିବାବେଳେ ଇରାନ ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେଇଥିଲେ ବାଚସ୍ପତି ମହମ୍ମଦ ବାଘେର ଘଲିବାଫ୍। ଭାନ୍ସ କହିଛନ୍ତି, ଯୁଦ୍ଧ ବନ୍ଦ ପାଇଁ ୱାଶିଂଟନର ସର୍ତ୍ତାବଳୀକୁ ତେହରାନ୍ ଗ୍ରହଣ କଲାନାହିଁ। ଆମେରିକା ଏହାର ଚୂଡ଼ାନ୍ତ ଏବଂ ସବୁଠୁ ଭଲ ପ୍ରସ୍ତାବ ଦେଇଥିଲା। ଆଣବିକ କାର୍ଯ୍ୟକ୍ରମ ବନ୍ଦ କରିବାରେ ତେହରାନ୍‌ର


ଜେଡି ଭାନ୍ସ


ମହମ୍ମଦ ବାଘର ଘଲିବାଫ୍

ଅନିଚ୍ଛା ଅନ୍ୟତମ ମୁଖ୍ୟ ପ୍ରତିବନ୍ଧକ ବୋଲି ଭାନ୍ସ କହିଛନ୍ତି। ଅନ୍ୟପକ୍ଷରେ ଇରାନ ପାର୍ଲାମେଣ୍ଟ ବାଚସ୍ପତି ଘଲିବାଫ୍ କହିଛନ୍ତି, ଆମ ବିଶ୍ୱାସ ଜିତିପାରିବ କି ନାହିଁ, ତାହା ଉପରେ ନିଷ୍ପତ୍ତି ନେବା ଆମେରିକାର କାମ। ଆମେରିକା ପକ୍ଷ ଅତ୍ୟଧିକ ତଥା ବେଆଇନ ଦାବି ଉପସ୍ଥାପନ କରିଥିଲେ ବୋଲି ଇରାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ଏକ ଚୁକ୍ତିନାମାରେ ପହଞ୍ଚିବାରେ ବିଫଳତା ବୈଶ୍ୱିକ ଶକ୍ତି ବଜାରରେ ସ୍ଥିରତା ଆଣିବା ନିମନ୍ତେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଖୋଲିବା ସମ୍ଭାବନାକୁ କ୍ଷୀଣ କରିଦେଇଛି। ଇରାନ ବିରୋଧରେ ଆମେରିକା ପୁନର୍ବାର ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବ କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ଆମେରିକା ଫେରିଯିବା ପୂର୍ବରୁ ଇସ୍‌ଲାମାବାଦରେ ଏକ ଖବରଦାତା ସମ୍ମିଳନୀରେ ଭାନ୍ସ କହିଥିଲେ, ୨୧ ଘଣ୍ଟା ମଧ୍ୟରେ ଇରାନୀୟମାନଙ୍କ ସହ ଅନେକ ବିଷୟରେ ଆଲୋଚନା ହୋଇଥିଲା। ସେ କହିଛନ୍ତି, ଖରାପ ଖବର ହେଲା, ଆମେ ଏକ ଚୁକ୍ତିନାମାରେ ପହଞ୍ଚିପାରିଲୁ ନାହିଁ। ତେବେ ଏହା ଆମେରିକା ତୁଳନାରେ ଇରାନ ପାଇଁ ଅଧିକ ଖରାପ ଖବର ବୋଲି ସେ ଭାବୁଥିବା କହିଛନ୍ତି। ତେହରାନ୍ ପକ୍ଷ ଅଣୁଅସ୍ତ୍ର କାର୍ଯ୍ୟକ୍ରମ ଚାହିଁବ ନାହିଁ, ଏନେଇ ଆମେ ଏକ ସକାରାତ୍ମକ ପ୍ରତିଶ୍ରୁତି ଚାହୁଁଥିଲୁ। ଅଣୁଅସ୍ତ୍ର ନିର୍ମାଣରୁ ଇରାନକୁ ରୋକିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର ମୁଖ୍ୟ ଲକ୍ଷ୍ୟ ବୋଲି ଭାନ୍ସ କହିଛନ୍ତି। ସେଥିପାଇଁ ଆମେରିକା ପକ୍ଷ ସବୁଠୁ ଭଲ ପ୍ରସ୍ତାବ ଦେଇଥିଲେ ମଧ୍ୟ ଇରାନ ☞ପୃଷ୍ଠା-୨

# ପରଲୋକରେ ଆଶା ଭୋସ୍‌ଲେ

ମୁମ୍ବାଇ,୧୨।୪(ପି.ଟି.)

ବହୁ ପିଢ଼ିର ସଙ୍ଗୀତପ୍ରେମୀଙ୍କୁ ନିଜର ସଦାବହାର ଏବଂ ବହୁମୁଖୀ କଣ୍ଠରେ ମନ୍ତ୍ରମୁଗ୍ଧ କରି ରଖିଥିବା କିମ୍ବଦନ୍ତୀ ପ୍ରଚ୍ଛଦପଟ ଗାୟିକା ଆଶା ଭୋସ୍‌ଲେଙ୍କର ରବିବାର ପରଲୋକ ହୋଇଯାଇଛି। ତାଙ୍କୁ ୯୨ ବର୍ଷ ହୋଇଥିଲା। ଏକାଧିକ ଅଙ୍ଗ ଅକାମୀ ହୋଇଯିବାରୁ ଆଶାଙ୍କ ପରଲୋକ ଘଟିଥିବା ଡାକ୍ତର ପ୍ରତୀତ ସାମଦାନି କହିଛନ୍ତି। ଛାତିରେ ସଂକ୍ରମଣ ଏବଂ ଅତ୍ୟଧିକ କ୍ଲାନ୍ତ ଅନୁଭବ କରିବାରୁ ଆଶାଙ୍କୁ ଶନିବାର ସନ୍ଧ୍ୟାରେ ଦକ୍ଷିଣ ମୁମ୍ବାଇର ବ୍ରିଚ୍ କାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ତାଙ୍କ ନାତୁଣୀ ଜାନାଇ ଭୋସ୍‌ଲେ ସୂଚନା ଦେଇଥିଲେ। ଆଶାଙ୍କ ଦେହାନ୍ତ ସମ୍ପର୍କରେ ତାଙ୍କ ପୁଅ ଆନନ୍ଦ ଭୋସ୍‌ଲେ ସ୍ପଷ୍ଟ କରିଥିବାବେଳେ ସୋମବାର ଅପରାହ୍ନ ୪ଟାରେ ମୁମ୍ବାଇର ଶିବାଜୀ ପାର୍କରେ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି କହିଛନ୍ତି। ଆଶାଙ୍କ ପରଲୋକରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ଆରମ୍ଭ କରି ବହୁ ବିଶିଷ୍ଟ ବ୍ୟକ୍ତି ଓ ବଲିଉଡ୍ ତଥା ସଙ୍ଗୀତ ଜଗତର ପ୍ରମୁଖ ବ୍ୟକ୍ତିତ୍ୱ ଶୋକବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି, ଆଶା ଭୋସ୍‌ଲେଜୀଙ୍କ ଦେହାନ୍ତରେ ସେ ଅତ୍ୟନ୍ତ ମର୍ମାହତ। ସେ ଭାରତର ଅନ୍ୟତମ ଶ୍ରେଷ୍ଠ ତଥା ବହୁମୁଖୀ ପ୍ରତିଭାସମ୍ପନ୍ନ କଣ୍ଠଶିଳ୍ପୀ ଥିଲେ। ବହୁ ଦଶନ୍ଧି ଧରି ତାଙ୍କ ଅସାଧାରଣ ସଙ୍ଗୀତ ଯାତ୍ରା ଆମ ସାଂସ୍କୃତିକ ଐତିହ୍ୟକୁ ସମୃଦ୍ଧ କରିବା ☞ପୃଷ୍ଠା-୨


୧୯୩୩ ସେପ୍ଟେ଼ର ୮-୨୦୨୬ ଏପ୍ରିଲ ୧୨

# ଆଜିଠୁ ଭିତର ରତ୍ନଭଣ୍ଡାର ଗଣତି

ପୁରୀ,୧୨।୪(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଗଣତି ସୋମବାରଠାରୁ ଆରମ୍ଭ ହେବ। ସେଥିପାଇଁ ରବିବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ରତ୍ନଭଣ୍ଡାର ଉଚ୍ଚସ୍ତରୀୟ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ ଏବଂ ଗଣତିମଣତି ଟିମ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଏସ୍‌ଓପି ଅନୁଯାୟୀ କିଭଳି ଭିତର ରତ୍ନଭଣ୍ଡାରରେ ଥିବା ଅଳଙ୍କାରର ଗଣତିମଣତି କରାଯିବ, କେଉଁମାନେ ଭିତରେ ଏବଂ ବାହାରେ ରହିବେ, କ'ଣ ସବୁ ବ୍ୟବସ୍ଥା ହେବ, ସେନେଇ ସବିଶେଷ ଆଲୋଚନା ହୋଇଥିଲା। ଏସ୍‌ଓପି ଅନୁଯାୟୀ, ପ୍ରତିଦିନ ଜିଲା ଟ୍ରେଜେରିରୁ ଭିତର ରତ୍ନଭଣ୍ଡାରର ଚାବି ଅଣାଯାଇ ପୁରୀ ଜିଲାପାଳ ତଥା ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ରତ୍ନଭଣ୍ଡାର ଖୋଲାଯିବ। ଗଣତିମଣତି କାର୍ଯ୍ୟ ଶେଷ ପରେ ପ୍ରତ୍ୟେକ ଦିନ ଭିତର ରତ୍ନଭଣ୍ଡାରକୁ ସମ୍ପୂର୍ଣ୍ଣ ସିଲ୍ କରାଯାଇ ଚାବି ଜିଲା ଟ୍ରେଜେରିରେ ରଖାଯିବ। ସବୁ ରତ୍ନ ଅଳଙ୍କାରର ଥ୍ରୀଡି ସ୍କ୍ରିନିଂ କରାଯାଇ ଡିଜିଟାଲ ଫଟୋଗ୍ରାଫି କରାଯିବ। ଭିତର ରତ୍ନଭଣ୍ଡାର ଖୋଲାଯିବା ପରେ ୧୯୭୮ ମସିହା ତାଲିକା ସହ ମେଳକ କରାଯିବ। ଆମେ ଦୃଢ଼ ଆଶାବାଦୀ ରହିଛୁ ମହାପ୍ରଭୁଙ୍କର କୌଣସି ଅଳଙ୍କାରସାମଗ୍ରୀ ଗାଏବ ହୋଇନାହିଁ। ଏଣୁ ଏଭଳି ବିଭ୍ରାନ୍ତିକର ତଥ୍ୟ ପ୍ରସାରଣ ନ କରିବାକୁ ଛତିଶା ନିଯୋଗର ମହାନାୟକ ଅନୁରୋଧ କରିଛନ୍ତି।

**ଆଜିର ସମ୍ପାଦକୀୟ**

## ଇରାନୀ ନେତାର ନାହିଁ ପ୍ରୟୋଜନ

15001/14/2627



## ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସର ଗୌରବପୂର୍ଣ୍ଣ ଅବସରରେ ମୁଁ ଭୁବନେଶ୍ୱରବାସୀ ତଥା ସମସ୍ତ ରାଜ୍ୟବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ପୁରାତନ ମୂଲ୍ୟବୋଧ ସହିତ ଏକ ଆଧୁନିକ ନଗରୀର ଲକ୍ଷ୍ୟ ରଖିଥିବା ଭୁବନେଶ୍ୱର ନଗରୀ ବର୍ତ୍ତମାନ ପରମ୍ପରା ଓ ଆଧୁନିକତାର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ମିଶ୍ରଣର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ସାଜିଛି ।

ରାଜଧାନୀ ନଗରୀକୁ ନେଇ ଗର୍ବ ଅନୁଭବ କରିବା ସହିତ ଏହାକୁ ଅଧିକ ସ୍ୱଚ୍ଛ, ସବୁଜ ଓ ପ୍ରାଣବନ୍ତ କରିବା ଯାହା ବିକଶିତ ଓଡ଼ିଶାର ସ୍ୱରୂପକୁ ପ୍ରତିଫଳିତ କରୁଥିବ ଓ ସେ ଦିଗରେ ସମସ୍ତେ ଏକନିଷ୍ଠ ଭାବେ କାର୍ଯ୍ୟ କରିବାକୁ ମୁଁ ରାଜଧାନୀବାସୀଙ୍କୁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)



## ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରବାସୀ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ।

ପ୍ରାଚୀନ ଏକାମ୍ର କ୍ଷେତ୍ରର ଶୈବ ସଂସ୍କୃତି ସହିତ ଆଧୁନିକତାର ସମନ୍ୱୟ ହେଉଛି ଆମ ରାଜଧାନୀ ଭୁବନେଶ୍ୱର । ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା, ପର୍ଯ୍ୟଟନ, ପ୍ରଯୁକ୍ତିବିଦ୍ୟା ଓ ପ୍ରଯୁକ୍ତିଭିତ୍ତିକ ଶିଳ୍ପ କ୍ଷେତ୍ରରେ ଆଜି ଭୁବନେଶ୍ୱର ଦେଶରେ ଏକ ପ୍ରମୁଖ ସହରର ମାନ୍ୟତା ପାଇଛି । ବର୍ତ୍ତମାନ ଅନେକ ଭବିଷ୍ୟମୁଖୀ ଯୋଜନା ସହିତ ଆମ ରାଜଧାନୀ ଏକ କାୟାକଳ୍ପ ପରିବର୍ତ୍ତନ ଦିଗରେ ଅଗ୍ରସର ହେଉଛି ।

ଭୁବନେଶ୍ୱର ଆମ ରାଜ୍ୟର ପରିଚୟ ଓ ଆମ ଗୌରବ । ଏବେ ସମୟ ଆସିଛି ଆମ ସହର ପାଇଁ ଆମକୁ କିଛି କରିବା ପାଇଁ । ଆସନ୍ତୁ, ଆମର ଐତିହ୍ୟ ନଗରୀର ସୁରକ୍ଷା ସହିତ ଭୁବନେଶ୍ୱରକୁ ଆହୁରି ସ୍ୱଚ୍ଛ, ସୁନ୍ଦର ଓ ପ୍ରଦୂଷଣମୁକ୍ତ ସହର ଭାବେ ଗଢ଼ିତୋଳିବା ଦିଗରେ ସମସ୍ତେ ଉଦ୍ୟମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



## ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମାନ୍ୟବର ବାଚସ୍ପତିଙ୍କ ବାର୍ତ୍ତା

ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ଓଡ଼ିଶାର ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ପ୍ରାଣକେନ୍ଦ୍ର ମନ୍ଦିରମାଳିନୀ ସହର ଭୁବନେଶ୍ୱର ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବ । ଆମ ରାଜଧାନୀ ଭୁବନେଶ୍ୱରକୁ ଦେଶର ଏକ ସ୍ୱଚ୍ଛ, ଆକର୍ଷଣୀୟ ଓ ପ୍ରଗତିଶୀଳ ସହରରେ ପରିଣତ କରିବା ପାଇଁ ସମସ୍ତ ରାଜ୍ୟବାସୀ ସଂକଳ୍ପବଦ୍ଧ ହୋଇ ସମ୍ମିଳିତ ପ୍ରୟାସ ଜାରି ରଖିବେ ବୋଲି ମୋର ବିଶ୍ୱାସ ।

(ସୁରମା ପାଢ଼ୀ)
ବାଚସ୍ପତି

OIPR-15001/15001/2/26-27/0014

# ହର୍ମୁଜ୍ ଅବରୋଧ କରିବାକୁ ଟ୍ରମ୍ପ୍‌ଙ୍କ ଧମକ

ଇସ୍‌ଲାମାବାଦ/ୱାଶିଂଟନ,୧୨।୪


ଡୋନାଲ୍ଡ ଟ୍ରମ୍ପ୍


ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ଆମେରିକା ଯୁଦ୍ଧ ଜାହାଜ।

ପାକିସ୍ତାନର ଇସ୍‌ଲାମାବାଦଠାରେ ଇରାନ ଏବଂ ଆମେରିକା ମଧ୍ୟରେ ଦୀର୍ଘ ୨୧ ଘଣ୍ଟା ଧରି ଚାଲିଥିବା ଶାନ୍ତି ଆଲୋଚନା ବିନା ଚୁକ୍ତିନାମାରେ ଶେଷ ହୋଇଛି। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ମଧ୍ୟକୁ ଜାହାଜ ପ୍ରବେଶ ଓ ପ୍ରସ୍ଥାନକୁ ତୁରନ୍ତ ସେନା ଦ୍ୱାରା ଅବରୋଧ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରବିବାର ଧମକ ଦେଇଛନ୍ତି। ଇରାନ ଯୁଦ୍ଧ ପୂର୍ବରୁ ଏହି ଗୁରୁତ୍ୱପୂର୍ଣ୍ଣ ଜଳପଥ ଦେଇ ବିଶ୍ୱ ତୈଳ ଯୋଗାଣର ୨୦ ପ୍ରତିଶତ ପରିବହନ ହେଉଥିଲା। ଉକ୍ତ ସଂକୀର୍ଣ୍ଣ ସାମୁଦ୍ରିକ ପଥକୁ ନିୟନ୍ତ୍ରଣକୁ ନେବା ଲାଗି ଟ୍ରମ୍ପ୍ ଚାହିଁଛନ୍ତି। ଏହାକୁ ଅବରୋଧ କରାଗଲେ ଯୁଦ୍ଧ ପାଇଁ ଇରାନ ପାଉଥିବା ପାଣ୍ଠିର ମୁଖ୍ୟ ଉତ୍ସ ବନ୍ଦ ହୋଇଯିବ ବୋଲି ଟ୍ରମ୍ପ୍ ଆଶାବାଦୀ ଅଛନ୍ତି। ଇରାନକୁ ଟୋଲ୍ ପୈଠ କରିଥିବା ପ୍ରତ୍ୟେକ ଜାହାଜକୁ ଅନ୍ତର୍ଜାତୀୟ ଜଳରାଶିରେ ଆମେରିକୀୟ ନୌସେନା ଅନୁଧ୍ୟାନ କରିବେ। ଯେଉଁମାନେ ବେଆଇନ ଭାବେ ଇରାନକୁ ଟୋଲ୍ ଦେଉଥିବେ, ସେମାନଙ୍କୁ ଗଭୀର ସମୁଦ୍ରରେ ସୁରକ୍ଷିତ ଯାତ୍ରା ପାଇଁ ଅନୁମତି ଦିଆଯିବ ନାହିଁ। ଉପଯୁକ୍ତ ସମୟରେ ଇରାନକୁ ଧ୍ୱଂସ କରିଦେବା ପାଇଁ ଆମେରିକା ପ୍ରସ୍ତୁତ ରହିଥିବା ଟ୍ରମ୍ପ୍ କହିଛନ୍ତି। ଯୁଦ୍ଧ ବନ୍ଦ ଲାଗି ଆଲୋଚନା ବିଫଳ ହେବାର ମୁଖ୍ୟ କାରଣ ତେହରାନ୍‌ର ଆଣବିକ ଆକାଂକ୍ଷା ବୋଲି ସେ କହିଛନ୍ତି।

ଯୁଦ୍ଧ ଆରମ୍ଭ ହେବା ଦିନରୁ ପ୍ରଥମ ଥର ପାଇଁ ଶନିବାର ଆମେରିକାର ୨ଟି ଯୁଦ୍ଧଜାହାଜ ମାଇନ୍ ଖୋଜି ବାହାର କରିବା କାର୍ଯ୍ୟରେ ନିୟୋଜିତ ହେବା ପାଇଁ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଯାଇଥିବା ଆମେରିକା ସେନା ପକ୍ଷରୁ କୁହାଯାଇଥିଲା। ଇରାନ ସହ ଡିଲ୍ ହେଉ କି ନ ହେଉ, ଷ୍ଟ୍ରେଟ୍ ଅଫ୍ ହର୍ମୁଜକୁ ମାଇନ୍‌ମୁକ୍ତ କରିବୁ ବୋଲି ଟ୍ରମ୍ପ୍ ରବିବାର ସକାଳେ କହିଥିଲେ। ତେବେ ଇରାନର ମିଳିତ ସାମରିକ କମାଣ୍ଡ ଏହି ଖବରକୁ ଖଣ୍ଡନ କରିଥିବା ସେଠାକାର ଗଣମାଧ୍ୟମ କହିଥିଲା। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ବନ୍ଦ କରିବା ଯୁଦ୍ଧରେ ଇରାନର ସବୁଠୁ ବଡ଼ ରଣନୀତି ଥିଲା। ଇନ୍ଧନ ପରିବହନର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥ ହର୍ମୁଜ୍ ଦେଇ ଦୈନିକ ଶତାଧିକ ଜାହାଜ ଚଳାଚଳ କରିଥାନ୍ତି। ଅସ୍ତ୍ରବିରତି ପରଠାରୁ ଉକ୍ତ ପ୍ରଣାଳୀ ଦେଇ ମାତ୍ର ୧୨ଟି ଜାହାଜ ଅତିକ୍ରମ କରିଥିବା ଜଣାପଡ଼ିଛି।

ଦୀର୍ଘ ଆଲୋଚନା ସତ୍ତ୍ୱେ ଉଭୟ ଦେଶ ଶାନ୍ତି ଚୁକ୍ତିନାମାରେ ପହଞ୍ଚିବାରେ ବିଫଳ ହୋଇଥିବାରୁ ଅସ୍ତ୍ରବିରତି ଘୋଷଣାର ଭାଗ୍ୟକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଚୁକ୍ତିନାମାରେ ପହଞ୍ଚିବାରେ ବିଫଳତା ବୈଶ୍ୱିକ ଶକ୍ତି ବଜାରରେ ସ୍ଥିରତା ଆଣିବା ନିମନ୍ତେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଖୋଲିବା ସମ୍ଭାବନାକୁ କ୍ଷୀଣ କରିଦେଇଛି। ରବିବାର ଟ୍ରମ୍ପ୍‌ଙ୍କ ଧମକ ପରେ ଇରାନ ବିରୋଧରେ ଆମେରିକା ପୁନର୍ବାର ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ଆଶଙ୍କା ପ୍ରକାଶ ପାଇଛି। ଇସ୍‌ଲାମାବାଦରେ ଆଲୋଚନା ଶେଷ ହେବା ପରେ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ ଏକ ଖବରଦାତା ସମ୍ମିଳନୀରେ କହିଥିଲେ, ଆଲୋଚନାରୁ କୌଣସି ନିଷ୍କର୍ଷ ନ ମିଳିବା ଖରାପ ଖବର। ତେବେ ଏହା ଆମେରିକା ତୁଳନାରେ ଇରାନ ପାଇଁ ଅଧିକ ଖରାପ ଖବର ବୋଲି ସେ ଭାବୁଥିବା କହିଥିଲେ। ଅଣୁଅସ୍ତ୍ର ନିର୍ମାଣରୁ ଇରାନକୁ ରୋକିବା ଟ୍ରମ୍ପ୍‌ଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା। ସେଥିପାଇଁ ଆମେରିକା ପକ୍ଷ ସବୁଠୁ ଭଲ ପ୍ରସ୍ତାବ ଦେଇଥିଲେ ମଧ୍ୟ ଇରାନ ପକ୍ଷ ଗ୍ରହଣ କଲାନାହିଁ। ଆମ ସର୍ତ୍ତାବଳୀକୁ ଗ୍ରହଣ କରିବା ଭଳି କୌଣସି ସ୍ଥିତି ଇରାନୀୟ ପକ୍ଷଙ୍କଠାରେ ପାଇପାରିଲୁ ନାହିଁ ବୋଲି ଭାନ୍ସ କହିଥିଲେ। ଅନ୍ୟପକ୍ଷରେ ଇରାନ ପାର୍ଲାମେଣ୍ଟ ବାଚସ୍ପତି ଘଲିବାଫ୍ କହିଛନ୍ତି, ଆମ ବିଶ୍ୱାସ ଜିତିପାରିବ କି ନାହିଁ, ତାହା ଉପରେ ନିଷ୍ପତ୍ତି ନେବା ଆମେରିକାର କାମ। ତେବେ ସେମାନେ ଅଯଥାର୍ଥ ଏବଂ ବେଆଇନ ଦାବି ଉପସ୍ଥାପନ କଲେ। ଆମେରିକା-ଇରାନ ଆଲୋଚନା ଉପରେ ସାରା ବିଶ୍ୱର ନଜର ରହିଥିବାବେଳେ ଏହା ବିଫଳ ହୋଇଥିବାରୁ ଏପ୍ରିଲ ୨୨ରେ ଶେଷ ହେବାକୁ ଥିବା ୨ ସପ୍ତାହର ଅସ୍ତ୍ରବିରତି ପରେ କ'ଣ ହେବ ତାହା କହିହେଉ ନାହିଁ। ଅସ୍ତ୍ରବିରତି ବଜାୟ ରଖିବାକୁ ମଧ୍ୟସ୍ଥତା କରୁଥିବା ପାକିସ୍ତାନ ଉଭୟ ଦେଶକୁ ନିବେଦନ କରିଛି।

# ମହିଳା ସଂରକ୍ଷଣ ବିଲ୍ ଗୃହୀତ କରାଇବାକୁ ଗୃହର ନେତାଙ୍କୁ ପ୍ରଧାନମନ୍ତ୍ରୀଙ୍କ ନିବେଦନ

ନୂଆଦିଲ୍ଲୀ,୧୨।୪(ପି.ଟି.)

**ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ପାଇଁ ହୁଇପ୍ ଜାରିକଲା ଭାଜପା**

ପାର୍ଲାମେଣ୍ଟ ଓ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣକୁ ଯଥାର୍ଥ ଭାବନା ସହ କାର୍ଯ୍ୟକାରୀ କରିବାର ସମୟ ଆସିଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ୨୦୨୯ ଲୋକ ସଭା ଏବଂ ବିଧାନସଭା ନିର୍ବାଚନରେ ଏହା କାର୍ଯ୍ୟକାରୀ ହେବା ଜରୁରୀ। ତେଣୁ ସମସ୍ତ ରାଜନୈତିକ ଦଳ ଏକାଠି ହୋଇ ଏକ ସ୍ୱରରେ ମହିଳା ସ୍ଥାନ ସଂରକ୍ଷଣ ଆଇନ ଉପରେ ଅଣାଯାଇଥିବା ସଂଶୋଧନକୁ ଗୃହୀତ କରାଇବା ପାଇଁ ପ୍ରଧାନମନ୍ତ୍ରୀ ନିବେଦନ କରିଛନ୍ତି।

ଆସନ୍ତା ୧୬ରୁ ୧୮ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ବସିବାକୁ ଥିବାବେଳେ ପ୍ରଧାନମନ୍ତ୍ରୀ ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ଗୃହର ନେତାମାନଙ୍କୁ ପତ୍ର ଲେଖି କହିଛନ୍ତି, କୌଣସି ସମାଜ ସେତେବେଳେ ପ୍ରଗତି କରିଥାଏ, ଯେତେବେଳେ ମହିଳାମାନଙ୍କୁ ପ୍ରଗତି କରିବା, ନିଷ୍ପତ୍ତି ନେବା ଏବଂ ନେତୃତ୍ୱ ନେବାର ସୁଯୋଗ ମିଳିଥାଏ। ଭାରତର ବିକଶିତ ରାଷ୍ଟ୍ର ହେବାର ସ୍ୱପ୍ନକୁ ସାକାର କରିବା ଯାତ୍ରାରେ ମହିଳାମାନେ ଗୁରୁତ୍ୱପୂର୍ଣ୍ଣ ତଥା ସକ୍ରିୟ ଭୂମିକା ନେବା ଜରୁରୀ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ସ୍ୱତନ୍ତ୍ର ଅଧିବେଶନ ପାଇଁ ଭାଜପା ପକ୍ଷରୁ ଏହାର ସମସ୍ତ ଏମ୍‌ପିଙ୍କ ନିମନ୍ତେ ୩ ଧାଡ଼ିଆ ହୁଇପ୍ ଜାରି କରାଯାଇ ସେମାନଙ୍କୁ ଉଭୟ ଗୃହରେ ଉପସ୍ଥିତ ରହିବାକୁ କୁହାଯାଇଛି। ଏହି ଅଧିବେଶନରେ ମହିଳା ସ୍ଥାନ ସଂରକ୍ଷଣ ସଂଶୋଧନ ବିଲ୍ ସମେତ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବା ଆଶା କରାଯାଉଛି। ୧୬ରୁ ୧୮ ଉଭୟ ଗୃହରେ କେନ୍ଦ୍ରମନ୍ତ୍ରୀ ଓ ସଦସ୍ୟମାନେ ଉପସ୍ଥିତ ରହିବା ବାଧ୍ୟତାମୂଳକ। ସେମାନଙ୍କୁ ଏହି ସମୟ ମଧ୍ୟରେ ଛୁଟି ମଞ୍ଜୁର କରାଯିବ ନାହିଁ। ଏହାକୁ କଡ଼ାକଡ଼ି ଭାବେ ଅନୁପାଳନ କରିବାକୁ ହୁଇପ୍‌ରେ କୁହାଯାଇଛି।

# ଚାଲାଣ ଉଦ୍ୟମ ବେଳେ ଚଳନ୍ତା ଟ୍ରେନ୍‌ରୁ ୧୬୩ ନାବାଳକ ଉଦ୍ଧାର

ଭୋପାଳ,୧୨।୪(ପି.ଟି.)

ବିହାର ଓ ମହାରାଷ୍ଟ୍ରରୁ ଚୋରାଚାଲାଣ ହେଉଥିବା ୧୬୩ ଜଣ ନାବାଳକଙ୍କୁ ମଧ୍ୟପ୍ରଦେଶର କାଟ୍‌ନି ଜିଲାରେ ଏକ ଏକ୍ସପ୍ରେସ୍ ଟ୍ରେନ୍‌ରୁ ରେଲ୍‌ୱେ ପୋଲିସ ଉଦ୍ଧାର କରିଛି। ପିଲାମାନଙ୍କ ବୟସ ୬ରୁ ୧୩ ବର୍ଷ ମଧ୍ୟରେ। ସେମାନଙ୍କୁ ଶ୍ରମିକ ଭାବେ କାମ କରାଇବା ପାଇଁ ବିହାରର ଅରାରିଆ ଅଞ୍ଚଳରୁ ମହାରାଷ୍ଟ୍ରର ଲାଟୁର ନିଆଯାଉଥିଲାବେଳେ ଶନିବାର ରାତିରେ ଶିଶୁ କଲ୍ୟାଣ କମିଟିଠାରୁ ସୂଚନା ପାଇ ରେଲ୍‌ୱେ ସୁରକ୍ଷା ବଳ (ଆର୍‌ପିଏଫ୍) ଏବଂ ସରକାରୀ ରେଲ୍‌ୱେ ପୋଲିସ (ଜିଆର୍‌ପି) ସେମାନଙ୍କୁ ଅଟକାଇଥିଲା। ପାଟନା-ପୁର୍ନା ଏକ୍ସପ୍ରେସ୍‌ରେ ବିନା ଟିକେଟ ଓ ଦସ୍ତାବିଜ୍ ସହ ନାବାଳକମାନଙ୍କ ସାଙ୍ଗରେ ଯାଉଥିବା ୮ ଜଣଙ୍କୁ କାଟ୍‌ନି ଷ୍ଟେଶନରେ ଆର୍‌ପିଏଫ୍ ଏବଂ ଜିଆର୍‌ପି ଯବାନମାନେ ଅଟକାଇଥିଲେ।

# ପଶ୍ଚିମବଙ୍ଗ ଏସ୍‌ଆଇଆର୍ ଶୁଣାଣି ଆଜି

ନୂଆଦିଲ୍ଲୀ,୧୨।୪(ପି.ଟି.)

ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)କୁ ବିରୋଧ କରି ଦାଏର ଅନେକ ପିଟିଶନ ଉପରେ ସୋମବାର ସୁପ୍ରିମକୋର୍ଟରେ ଶୁଣାଣି ହେବ। ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ଉକ୍ତ ପିଟିଶନଗୁଡ଼ିକର ଶୁଣାଣି କରିବେ ବୋଲି ୧୩ ତାରିଖ ପାଇଁ ଥିବା ସର୍ବୋଚ୍ଚ ଅଦାଲତଙ୍କ କାର୍ଯ୍ୟସୂଚୀରୁ ଜଣାପଡ଼ିଛି। ଏପ୍ରିଲ ୨୩ ଓ ୨୯ରେ ୨ପର୍ଯ୍ୟାୟରେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ଏହାର ମାତ୍ର ଅଳ୍ପ କିଛିଦିନ ପୂର୍ବରୁ ନିର୍ବାଚନ କମିଶନ ଭୋଟର ତାଲିକାକୁ ରଦ୍ଦ କରି ଚୂଡ଼ାନ୍ତ ତାଲିକା ପ୍ରକାଶ କରିବାକୁ ଚ୍ୟାଲେଞ୍ଜ କରାଯାଇଥିଲା। ଏଥିସହିତ ଅନ୍ୟ ପିଟିଶନ୍‌ର ଶୁଣାଣି ୧୩ରେ କରିବା ପାଇଁ ଗତ ୧୦ ତାରିଖରେ ଶୀର୍ଷ ଅଦାଲତ ରାଜି ହୋଇଥିଲେ। ପଶ୍ଚିମବଙ୍ଗର ମାଲଦା ଜିଲାରେ ଏସ୍‌ଆଇଆର୍ କାର୍ଯ୍ୟରେ ନିୟୋଜିତ ଥିବା ୭ ଜଣ ନ୍ୟାୟିକ ଅଫିସରଙ୍କୁ ଘେରାଉ କରାଯିବା ଘଟଣାକୁ ସୁପ୍ରିମକୋର୍ଟ ନିଜଆଡ଼ୁ ବିଚାର ପାଇଁ ଗ୍ରହଣ କରିଥିବାବେଳେ ଏହାର ଶୁଣାଣି ମଧ୍ୟ ସୋମବାର ହେବାକୁ ଯାଉଛି। ନ୍ୟାୟିକ ଅଫିସରଙ୍କୁ ଘେରାଉ ଘଟଣାର ତଦନ୍ତ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) କରିବା ପାଇଁ ଗତ ୬ ତାରିଖରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

# ବିହାରର ନୂଆ ମୁଖ୍ୟମନ୍ତ୍ରୀ ଚୟନ ପାଇଁ ଶିବରାଜ ଭାଜପା ପର୍ଯ୍ୟବେକ୍ଷକ

ନୂଆଦିଲ୍ଲୀ,୧୨।୪

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ରାଜ୍ୟ ସଭାକୁ ଯିବା ପରେ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କିଏ ହେବେ, ତାହାକୁ ନେଇ କଳ୍ପନାଜଳ୍ପନା ବଢ଼ିବାରେ ଲାଗିଛି। ଭାଜପା ମୁଖ୍ୟମନ୍ତ୍ରୀ ଚୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିବାବେଳେ ଏଥିପାଇଁ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କୁ ଦଳର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛି। ଆସନ୍ତା ୧୫ରେ ପାଟନାରେ ନୂଆ ମୁଖ୍ୟମନ୍ତ୍ରୀଙ୍କ ଶପଥ ଉତ୍ସବ ଅନୁଷ୍ଠିତ ହେବା ସମ୍ଭାବନା ଥିବାବେଳେ ଏହାର ୩ ଦିନ ପୂର୍ବରୁ ଭାଜପା କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନିଯୁକ୍ତି ଲାଗି ନିଷ୍ପତ୍ତି ନେଇଛି। ଭାଜପାରୁ ଜଣଙ୍କୁ ନୂଆ ମୁଖ୍ୟମନ୍ତ୍ରୀ କରିବା ପାଇଁ ଦଳ ଉଦ୍ୟମ ଚଳାଇଛି। ମୁଖ୍ୟମନ୍ତ୍ରୀ ଦୌଡ଼ରେ ଥିବା ପ୍ରମୁଖ ନେତାଙ୍କ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀ, ଶ୍ରେୟାସୀ ସିଂ ଏବଂ ସଞ୍ଜୀବ ଚୌରାସିଆଙ୍କ ନାମ ଚର୍ଚ୍ଚାରେ ରହିଛି।



# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ସୋମବାର, ଏପ୍ରିଲ ୧୩/୨୦୨୬ | Bhubaneswar, Monday, April 13/2026 | ପୃଷ୍ଠା-୧



Government of Bharat

ନାରୀ ଶକ୍ତି ବନ୍ଦନ ପ୍ରତି ସମର୍ପିତ

#NariShaktiVandan

CBC 22201/13/0009/2627

ଦେଶର ମହିଳାମାନଙ୍କୁ ଲୋକସଭା ଏବଂ ରାଜ୍ୟ ବିଧାନସଭାରେ ୩୩% ସଂରକ୍ଷଣର ଗ୍ୟାରେଣ୍ଟି



ଏବେ ସେନାବାହିନୀରେ ମହିଳାମାନଙ୍କୁ ସ୍ଥାୟୀ କମିଶନ

ଭାରତରେ ମାନ୍ୟତାପ୍ରାପ୍ତ ଷ୍ଟାର୍ଟଅପଗୁଡ଼ିକ ମଧ୍ୟରୁ ୪୮% ଷ୍ଟାର୍ଟଅପରେ ଅତିକମ୍‌ରେ ଜଣେ ମହିଳା ନିର୍ଦ୍ଦେଶକ




ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ୍ ସୀମାନ୍ତ ହୁଗୁଳି ଗ୍ରାମରେ ଥିବା ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ମହାଦେବଙ୍କ ଚଡ଼କ ମେଳା ଉତ୍ସବ ଅବସରରେ ରବିବାର ନୀଳ ପୋଖରୀରେ ନୀଳ ଉତ୍ସବ ଦେଖିବା ଲାଗି ଶ୍ରଦ୍ଧାଳୁଙ୍କ ଭିଡ଼। (ଫଟୋ: ପ୍ରଦୀପ ଦାସ)

# ୨ ପିଲାଙ୍କୁ ହତ୍ୟା ପରେ ନିଜ ଗଳା କାଟିଲେ ମହିଳା

**ବଢୁଛି ପାରିବାରିକ ହିଂସା। ସନ୍ଦେହ ନେଇ ଯାଉଛି ଜୀବନ। ଦାମ୍ପତ୍ୟ ଜୀବନରେ ସୃଷ୍ଟ କଳିଝଗଡ଼ାକୁ ସମାଧାନ କରି ନ ପାରି ଜନ୍ମକଲା ପିଲାଙ୍କ ଜୀବନ ନେଇଯିବାକୁ ପଛାଉନାହାନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଝାରସୁଗୁଡ଼ା ବିମାନବନ୍ଦର ଥାନା ଅଧୀନ ଟାଙ୍ଗରପାଲିସ୍ଥିତ ଓରାମପଡ଼ା ଗ୍ରାମରେ। ସ୍ୱାମୀଙ୍କ ପରକୀୟା ପ୍ରୀତିର ରାଗ ଶୁଝାଇବାକୁ ଯାଇ ଜଣେ ମହିଳା ନିଜର ୨ ପିଲାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିବା ପରେ ପନିକିରେ ନିଜ ଗଳା କାଟି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଗୁରୁତର ଅବସ୍ଥାରେ ମହିଳାଙ୍କୁ ବୁର୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି। ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ଏବଂ ପନିକିକୁ ପୋଲିସ ଜବତ କରି ତଦନ୍ତ ଆରମ୍ଭ କରିଛି।**



ଜିଜ୍ଞାସା ଓରାମ



ବିହାଂଶୁ ଓରାମ

ଝାରସୁଗୁଡ଼ା,୧୨।୪ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ବିମାନବନ୍ଦର ଥାନା ଅଧୀନ ଟାଙ୍ଗରପାଲିସ୍ଥିତ ଓରାମପଡ଼ା ଗ୍ରାମରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳିଝଗଡ଼ା ଏବଂ ସ୍ୱାମୀଙ୍କ ପରକୀୟା ପ୍ରୀତିର ରାଗ ଶୁଝାଇବାକୁ ଯାଇ ଜଣେ ମହିଳା ନିଜର ୨ ପିଲାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିବା ପରେ ପନିକିରେ ନିଜ ଗଳା କାଟି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ମୃତକ ହେଲେ ଓରାମପଡ଼ାର ସୀତାରାମ ଓରାମଙ୍କ ଝିଅ ଜିଜ୍ଞାସା ଓରାମ(୧୦) ଏବଂ ପୁଅ ବିହାଂଶୁ ଓରାମ(୫)। ଅପରପକ୍ଷେ ୨ ପିଲାଙ୍କୁ ହତ୍ୟା କରିଥିବା ମା' ରଞ୍ଜିତା ଓରାମଙ୍କୁ ଚିକିତ୍ସା ପାଇଁ ବୁର୍ଲା ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି ବୋଲି ରବିବାର ପୂର୍ବାହ୍ନରେ ଝାରସୁଗୁଡ଼ା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର କହିଛନ୍ତି।

ଏସ୍‌ପି ରାଘବେନ୍ଦ୍ରଙ୍କ ସୂଚନା ଅନୁଯାୟୀ, ରଞ୍ଜିତା ସ୍ୱାମୀ ସୀତାରାମଙ୍କ ସହିତ ଓରାମ୍‌ପଡ଼ାରେ ରହୁଥିଲେ। ସୀତାରାମଙ୍କ ଅନ୍ୟ ମହିଳାଙ୍କ ସହିତ ସମ୍ପର୍କ ଥିବା ନେଇ ରଞ୍ଜିତା ସନ୍ଦେହ କରୁଥିଲେ। ଏହାକୁ ନେଇ ଗତ ୧୫ ଦିନ ହେବ ଉଭୟଙ୍କ ମଧ୍ୟରେ କଳିଝଗଡ଼ା ଲାଗି ରହୁଥିଲା। ୨ ପିଲାଙ୍କୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିବା ପାଇଁ ରଞ୍ଜିତା ବାରମ୍ବାର ସୀତାରାମଙ୍କୁ ଧମକ ଦେଉଥିଲେ। ଶୁକ୍ରବାର ରଞ୍ଜିତା ଏବଂ ସୀତାରାମଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଶନିବାର ବିଳମ୍ବିତ ରାତିରେ ରଞ୍ଜିତା ଶୌଚ ହେବା ପାଇଁ ସୀତାରାମଙ୍କୁ ଉଠାଇଥିଲେ। ସୀତାରାମ ଘରର କବାଟ ଖୋଲି ବାହାରକୁ ବାହାରିବା ପରେ ରଞ୍ଜିତା ଭିତର ପଟୁ କବାଟ ବନ୍ଦ କରିଦେଇଥିଲେ। ଘର ଭିତରେ ଶୋଇଥିବା ଅବସ୍ଥାରେ ଜିଜ୍ଞାସା ଏବଂ ବିହାଂଶୁଙ୍କୁ ସେ ଏକ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ପରେ ନିଜ ଗଳାକୁ ପନିକିରେ କାଟି ଦେଇଥିଲେ। ଏପଟେ ସୀତାରାମ ଯେତେ ଡାକିଲେ ମଧ୍ୟ ରଞ୍ଜିତା କବାଟ

☞ପୃଷ୍ଠା-୨

# ବିଦ୍ୟୁତ୍ ଉପରେ ପଡୁଛି ଗ୍ୟାସ୍ ଚାପ

## ୨ମାସରେ ବଢ଼ିଛି ୩୭୮.୭୮ 'ଏମ୍‌ୟୁ'

ଭୁବନେଶ୍ୱର,୧୨।୪(ରବିନାରାୟଣ ଜେନା)

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତିକୁ ନେଇ ରାଜ୍ୟରେ ଘରୋଇ ରନ୍ଧନ ଗ୍ୟାସ୍(ଏଲ୍‌ପିଜି)ର ସଙ୍କଟ ସୃଷ୍ଟି ହୋଇଛି। ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଲୋକେ ଏଲ୍‌ପିଜି ପାଇବା ପାଇଁ ନାହିଁ ନ ଥିବା ହଇରାଣ ହରକତ ହେଉଛନ୍ତି। ଏଥିପାଇଁ ସରକାରଙ୍କ ପକ୍ଷରୁ ବାରମ୍ବାର ଆଶ୍ୱସ୍ତ କରାଗଲେ ମଧ୍ୟ ବାସ୍ତବକ୍ଷେତ୍ରରେ ଗ୍ୟାସ୍ ଅଭାବ ଲାଗି ରହିଛି। ତେଣୁ ଲୋକେ ଏବେ ଏହାର ବିକଳ୍ପ ଭାବେ ବିଦ୍ୟୁତ୍ ଚୁଲା(ଇଣ୍ଡକ୍ସନ) ବ୍ୟବହାର ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି। ଏଥିଯୋଗୁ ବିଦ୍ୟୁତ୍ ଚାହିଦା ଦିନକୁ ଦିନ ବଢ଼ି ଚାଲିଛି; ଯେଉଁଥିପାଇଁ ଦୁଇମାସରେ ୩୭୮.୭୮ ମିଲିୟନ ୟୁନିଟ୍(ଏମ୍‌ୟୁ) ଚାହିଦା ବଢ଼ିଛି ବୋଲି ଶକ୍ତି ବିଭାଗ ଆକଳନରୁ ଜଣାଯାଇଛି।

ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁଯାୟୀ, ୨୦୨୫ ଫେବୃଆରୀରେ ରାଜ୍ୟରେ ୨୯୯୮.୨୪ ଏମ୍‌ୟୁ ବିଦ୍ୟୁତ୍ ବ୍ୟବହାର ହୋଇଥିଲା। ମାତ୍ର ଏହା ୨୦୨୬ ଫେବୃୟାରୀରେ ୨୩୧.୮୫ ଏମ୍‌ୟୁ ବୃଦ୍ଧି ପାଇ ୩୨୩୦.୦୮ ଏମ୍‌ୟୁରେ ପହଞ୍ଚିଛି। ସେହିପରି ୨୦୨୫ ମାର୍ଚ୍ଚରେ ରାଜ୍ୟରେ ୩୬୩୩.୫୧ ଏମ୍‌ୟୁ ବିଦ୍ୟୁତ୍ ବ୍ୟବହାର ହୋଇଥିଲା। ମାତ୍ର ୨୦୨୬ ମାର୍ଚ୍ଚରେ ଏହା ୧୪୬.୯୪ ଏମ୍‌ୟୁ ବୃଦ୍ଧି ପାଇ ୩୭୮୦.୪୫ ଏମ୍‌ୟୁରେ ପହଞ୍ଚିଛି; ଯାହାକି ଦୁଇମାସରେ ୩୭୮.୭୮ ଏମ୍‌ୟୁ ବଢ଼ିଛି। ଏହାକୁ ଦୃଷ୍ଟିରେ ବିଭାଗ ପକ୍ଷରୁ ଶକ୍ତି ଉତ୍ପାଦନ ବୃଦ୍ଧି କରିବା ଲାଗି ଏହାର ଭିତ୍ତିଭୂମି ସୁଦୃଢ଼କୁ ବିଶେଷ ଗୁରୁତ୍ୱ ଦିଆଯାଉଛି ବୋଲି ବିଭାଗର ବରିଷ୍ଠ ଅଧିକାରୀ ଜଣକ ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଚଳିତମାସ ୯ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଲିଅନ୍ତାଠାରେ ୩ଟି ନୂତନ ଗ୍ରୀଡ୍ ସବ୍‌ଷ୍ଟେଶନ ଓ ୮ଟି ଗୁରୁତ୍ୱପୂର୍ଣ୍ଣ ଟ୍ରାନ୍ସମିଶନ ଲାଇନ୍ ଉଦ୍‌ଘାଟନ କରି କହିଛନ୍ତି, ଭୁବନେଶ୍ୱରର ବିଦ୍ୟୁତ୍ ଶକ୍ତି ଚାହିଦା ଆଗାମୀ ଦିନରେ ଦୁଇଗୁଣା ବଢ଼ିବ। ଏହାକୁ ଦୃଷ୍ଟିରେ ରଖି ସେଠାରେ ବିଦ୍ୟୁତ୍ ଭିତ୍ତିଭୂମି ଅଧିକ ସୁଦୃଢ଼ କରାଯିବ। ରାଜଧାନୀ ପାଇଁ ୭୬୫ କେ.ଭି. ଟ୍ରାନ୍ସମିଶନ ବ୍ୟବସ୍ଥାର ବିକାଶ କରିବା ଲାଗି ସରକାରଙ୍କ ଯୋଜନା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ପରିପ୍ରେକ୍ଷୀରେ ୧୦ତାରିଖରେ ରାଜ୍ୟ କ୍ୟାବିନେଟ୍ କେନ୍ଦୁଝରର ବାସୁଦେବପୁରରେ ୧୬୪୭ କୋଟିରେ ବିଦ୍ୟୁତ୍ ଭିତ୍ତିଭୂମି ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନେଇଛି।

# ବିଦ୍ୟୁତ୍ ଆଘାତରେ ୩ ଦଣ୍ଡୁଆ ମୃତ, ୨ ଗୁରୁତର

ଢେଙ୍କାନାଳ, ଅନୁଗୋଳ,୧୨।୪ (ରତନ ନାୟାର/ଜ୍ୟୋତିରଞ୍ଜନ ସାହୁ)

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବାଲିମି ଥାନା ଅନ୍ତର୍ଗତ ପାଟଳା ଗ୍ରାମରେ ରବିବାର ସନ୍ଧ୍ୟାରେ ଏକ ଦୁଃଖଦ ଘଟଣା ଘଟିଯାଇଛି। ଦଣ୍ଡଯାତ୍ରା ଲାଗି ମଞ୍ଚ ପ୍ରସ୍ତୁତ କରାଯାଉଥିବା ବେଳେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୩ଜଣ ଦଣ୍ଡୁଆଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ମିଳନ ମହାଳିକ (୩୪), ଲକ୍ଷ୍ମୀଧର ସାହୁ (୨୪) ଓ ସୁଧାକର ସାହୁ (୪୦)। ସୂଚନାରୁ ଜଣାପଡ଼ିଛି, ସନ୍ଧ୍ୟାରେ ଦଣ୍ଡଯାତ୍ରା ପାଇଁ କେତେଜଣ ଦଣ୍ଡୁଆ ମଞ୍ଚ ପ୍ରସ୍ତୁତ କରୁଥିଲେ। ଏହି ସମୟରେ ମଞ୍ଚ ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାରରେ ଟେଣ୍ଟର ଷ୍ଟିଲ ବାର୍ ଲାଗିଯାଇଥିଲା। ଫଳରେ ସେମାନେ ଗୁରୁତର ଆହତ ହୋଇଥିଲେ। ତୁରନ୍ତ ସେମାନଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ୩ଜଣଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ମଧ୍ୟରୁ ଜଣଙ୍କ ଘର ପାଟଳା ଗ୍ରାମରେ ହୋଇଥିବା ବେଳେ ଅନ୍ୟ ଦୁଇଜଣଙ୍କ ଘର ଓଡ଼ାପଡ଼ା ବ୍ଲକ ମୋଟଗାଁ ଥାନା ଅନ୍ତର୍ଗତ ବିଡ଼ୋ ଗ୍ରାମରେ ବୋଲି ଜଣାପଡ଼ିଛି। ଗୁରୁତର ଆହତ ପାଟଳା ଗ୍ରାମର ପ୍ରଫୁଲ୍ଲ ତରେଇଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ନିର୍ମଳ ସାହୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଖବର ପାଇ ବାଲିମି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ହିନ୍ଦୋଳ ଏସ୍‌ଡିପିଓ ସତ୍ୟକୁମାର ନନ୍ଦ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଛନ୍ତି।

# ସାମାଜିକ ଦାୟିତ୍ୱବୋଧ ବୃଦ୍ଧିକରେ ବିଦ୍ୟାଳୟ: ମୁଖ୍ୟମନ୍ତ୍ରୀ

## କୁଶଳେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି

ବଞ୍ଝୋ,୧୨।୪(ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ କୁଶଳେଶ୍ୱର ପିଏମ୍ ଶ୍ରୀ ସରକାରୀ କୁଶଳେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

ମୁଖ୍ୟମନ୍ତ୍ରୀ ଅଭିଭାଷଣରେ ଶିକ୍ଷାର ଅପାର ଗୁରୁତ୍ୱ ଉପରେ କହିଥିଲେ। ଶିକ୍ଷା ହେଉଛି ସମାଜର ଉନ୍ନତିର ମୂଳ ଆଧାର। ଏକ ସୁଶିକ୍ଷିତ ସମାଜ ହିଁ ଦେଶକୁ ଆଗକୁ ନେଇଯାଇପାରେ। ବିଦ୍ୟାଳୟ କେବଳ ପାଠ୍ୟପୁସ୍ତକର ଜ୍ଞାନ ଦେବା ସ୍ଥାନ ନୁହେଁ, ଏଠାରେ ଛାତ୍ରୀଛାତ୍ରଙ୍କ ନୈତିକ ମୂଲ୍ୟବୋଧ, ଶିଷ୍ଟାଚାର, ଓ ସାମାଜିକ ଦାୟିତ୍ୱବୋଧ ବୃଦ୍ଧିରେ ସହାୟକ ହୋଇଥାଏ। ସରକାର ଶିକ୍ଷାର ମାନ ଉନ୍ନତି ପାଇଁ ବିଭିନ୍ନ ଯୋଜନା ଓ ସୁବିଧା ଯୋଗାଇ ଆସୁଛନ୍ତି ଏବଂ ଆଗାମୀ ଦିନରେ ମଧ୍ୟ ଏହା ଜାରି ରହିବ। ଛାତ୍ରୀଛାତ୍ରଙ୍କୁ ସେ ନିଜ ଲକ୍ଷ୍ୟ ସ୍ଥିର କରି ପରିଶ୍ରମ ଓ ଶିକ୍ଷା ଦ୍ୱାରା ସଫଳତା ହାସଲ କରିବାକୁ ପ୍ରେରିତ କରିଥିଲେ। ସମ୍ମାନିତ ଅତିଥିଭାବେ ତେଲକୋଇ ବିଧାୟକ ଫକୀର ମୋହନ ନାୟକ ଓ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଉପସ୍ଥିତ ଥିଲେ। ଏହାସହ ଆଲୁମନି ଏବଂ ଉପଦେଷ୍ଟା ଭାବେ ରାମଚନ୍ଦ୍ର ନାୟକ ଯୋଗଦେଇଥିବା ବେଳେ ସଭାପତିଭାବେ ହାଡିବନ୍ଧୁ ପଟ୍ଟନାୟକ କାର୍ଯ୍ୟଭାର ନିର୍ବାହ କରିଥିଲେ। ପ୍ରଧାନଶିକ୍ଷକ ପ୍ରକାଶ ପଣ୍ଡା ବିଦ୍ୟାଳୟର ଇତିହାସ, ସଫଳତା ଓ ଉନ୍ନତି ଯାତ୍ରା ଉପରେ ବିସ୍ତୃତ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅତିଥିମାନେ ବିଦ୍ୟାଳୟର ସ୍ମରଣିକା 'ଆନନ୍ଦାୟନ' କୁ ଉନ୍ମୋଚିତ କରିଥିଲେ। ଉତ୍ସବରେ ବହୁ ସଂଖ୍ୟକ ପୁରାତନ ଛାତ୍ର, ଶିକ୍ଷକ ଓ ସ୍ଥାନୀୟ ଲୋକ ଯୋଗଦେଇଥିଲେ।


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN ELECTRONICS DESIGN
- Electrical and Electronics Engineering
- Electronics and Communication Engineering

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in



ଧରିତ୍ରୀ | OrissaPOST

BUSINESS EMINENCE AWARDS

6th EDITION

23 APRIL BHUBANESWAR

SPONSORS

MGM MINERALS LTD. | AM/NS INDIA | imfa | MCL MAHANADI COALFIELDS LIMITED | Paradeep Phosphates | WEFE Internet | TEAM

# ଆଜି କ'ଣ କେଉଁଠି

## କଟକ

- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠି ତରଫରୁ ପିଠା ଷ୍ଟ୍ରିଟ୍ ଆୟୋଜନ, ସ୍ଥାନ: ବହୁମୁଖୀ ସାମାଜିକ ଓ ସାଂସ୍କୃତିକ କେନ୍ଦ୍ର, ପାଞ୍ଚଗାଁ, ତିଗିରିଆ, ସମୟ: ସକାଳ ୯ଟା।
- କେନ୍ଦ୍ର ସରକାରଙ୍କ ନାରୀ ଶକ୍ତି ବନ୍ଦନ କାର୍ଯ୍ୟକ୍ରମ ଅବସରରେ ସଚେତନତା ଶୋଭାଯାତ୍ରା, ସ୍ଥାନ: ବାରବାଟୀ ଷ୍ଟାଡିୟମ, ସମୟ: ସକାଳ ୯ଟା ୩୦।
- ଐତିହାସିକ ଇଦଗାପଡ଼ିଆକୁ ଜବରଦଖଲ ମୁକ୍ତ କରି ଆକର୍ଷଣୀୟ ସ୍ମୃତି ସ୍ତମ୍ଭ ସ୍ଥାପନ ପାଇଁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ଅବସରରେ ସଚେତନତା ଶୋଭାଯାତ୍ରା, ସ୍ଥାନ: ଇଦ୍‌ଗା ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ମଧୁ ସେତୁ ସଂଯୋଗ ରାସ୍ତା ଖୋଲିବା ଓ ଲାଲବାଗ ଥାନା ସ୍ଥାନାନ୍ତର ନ କରିବା ଦାବିରେ ନାଗରିକ ସମାବେଶ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟ କଚେରୀ ଗଡ଼ା, ସମୟ: ପୂର୍ବାହ୍ନ ୧୧ଟା ୩୦।
- ତୁଳସୀପୁର ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ୩୬ତମ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୪ଟା ୩୦।
- ବିଚାରପତି ବିମଳ ପ୍ରସାଦ ଦାସଙ୍କ ଆତ୍ମଜୀବନୀ ପୁସ୍ତକ ମାଇଁ ଜର୍ନି ଇନ୍ ଲାଇଫ ଆଣ୍ଡ ଲ'ର ଉନ୍ମୋଚନ ଉତ୍ସବ, ସ୍ଥାନ: ହୋଟେଲ ପ୍ରମୋଦ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର,ସ୍ଥାନ : ଶିକ୍ଷକ ଭବନ, ଖଇରା,ସମୟ : ସକାଳ ୭ଟା।
- ଚନ୍ଦନେଶ୍ୱର, ଭୂଷଣ୍ଡେଶ୍ୱର ଓ ଧବଳେଶ୍ୱରଙ୍କ ପ୍ରସିଦ୍ଧ ପାଟ ଉତ୍ସବ,ସ୍ଥାନ: ମନ୍ଦିର ପରିସର, ଭୋଗରାଇ, ସମୟ: ସକାଳ ୮ଟା।
- ପାରମ୍ପରିକ ଖାଦ୍ୟ ପରିବେଷଣ ପ୍ରତିଯୋଗିତା,ସ୍ଥାନ : ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍,ସମୟ : ପୂର୍ବାହ୍ନ ୧୧ଟା।
- ବାଲେଶ୍ୱର ବୈଶାଖୀ ମହୋତ୍ସବର ଚତୁର୍ଥ ସନ୍ଧ୍ୟା,ସ୍ଥାନ : ଆଇଟିଆଇ ପଡ଼ିଆ, ବାଲେଶ୍ୱର,ସମୟ : ସନ୍ଧ୍ୟା ୭ଟା।
- ଈଶାଣୀ ବୈଶାଖୀ ମହୋତ୍ସବର ଚତୁର୍ଥ ସନ୍ଧ୍ୟା,ସ୍ଥାନ : ଈଶାଣୀ ମିନି ଷ୍ଟାଡିୟମ୍, ବାଲେଶ୍ୱର,ସମୟ : ସନ୍ଧ୍ୟା ୭ଟା।
- ରାମଚରିତ ମାନସ ପ୍ରବଚନ ସଭାର ଉଦ୍‌ଯାପନୀ ସନ୍ଧ୍ୟା,ସ୍ଥାନ : ସତ୍‌ସଙ୍ଗ କେନ୍ଦ୍ର, ସୁନହଟ, ବାଲେଶ୍ୱର,ସମୟ : ସନ୍ଧ୍ୟା ୭ଟା।

## ଭଦ୍ରକ

- ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ତୋଡ଼ଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ବନ୍ତ, ସମୟ: ସକାଳ ୭ଟା।
- ପଞ୍ଚମୁଖି ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ମାଳଦା, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କଂଗ୍ରେସ କାର୍ଯ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ ପାରମ୍ପରିକ ଖାଦ୍ୟ ଦିବସ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୧ଟା ୩୦।
- ହିନ୍ଦୁ ନବବର୍ଷ ଉପଲକ୍ଷେ ବାଇକ୍ ଶୋଭାଯାତ୍ରା, ସ୍ଥାନ: ଚାଟେରି ଛକ, ବାସୁଦେବପୁର, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ଯୋଡ଼ା ମହୋତ୍ସବର ଉଦ୍‌ଘାଟନ, ରୋଡ ସୋ, ସ୍ଥାନ: କେନ୍ଦ୍ରୀୟ ଖେଳ ପଡ଼ିଆ, ଯୋଡ଼ା, ସମୟ: ଅପରାହ୍ନ ୪ ଟା।

## ମୟୂରଭଞ୍ଜ

- ବାବା ଜଟେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଓ ଶ୍ରୀ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଷୋହଳ ପ୍ରହର ଅଖଣ୍ଡ ହରିନାମ ଯଜ୍ଞ,ସ୍ଥାନ: ମନ୍ଦିର ପ୍ରାଙ୍ଗଣ ଯଜ୍ଞ ମଣ୍ଡପ, ସମୟ: ସକାଳ ୮ଟା।
- ହନୁମାନ ମନ୍ଦିରର ତୃତୀୟ ବାର୍ଷିକ ଉତ୍ସବ,ସ୍ଥାନ:ରାଢ଼ୋ ଦୁର୍ଗା ମଣ୍ଡପ ଛକ, ଉଦଳା,ସମୟ:ସକାଳ ୯ଟା।
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, ରାଇରଙ୍ଗପୁର,ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ:ଜାମଶୋଳା ଚକଶୁଳିଆପଦା କଲେଜ, ସାରସକଣା, ସମୟ:ପୂର୍ବାହ୍ନ ୧୦ଟା।
- ରାଧା ଗୋବିନ୍ଦ ମହାପ୍ରଭୁଙ୍କ ଅଖଣ୍ଡ ଅଷ୍ଟପ୍ରହର ହରିନାମ ସଙ୍କୀର୍ତ୍ତନ ଓ ପ୍ରସାଦ ସେବନ, ସ୍ଥାନ: ବାଉଁଶଦା(ପୁରୁଣାସାହି) ଗ୍ରାମ ହରିମଣ୍ଡପ,ସମୟ: ପୂର୍ବାହ୍ନ ୧୦ଟା ୧୫।
- ପାଣ୍ଡରା ଚୈତ୍ର ପର୍ବ କମିଟି ପକ୍ଷରୁ ବାବା ପାଣ୍ଡବେଶ୍ୱର ମହାଦେବଙ୍କ ଚୈତ୍ର ପର୍ବ, ମାନସିକଧାରୀଙ୍କ ଜିଭ ଫୋଡ଼ି ଓ ଶରୀରରେ କଣ୍ଟା ପାଟ,ସ୍ଥାନ:ପାଣ୍ଡବେଶ୍ୱର ବାବାଙ୍କ ପୀଠ ପ୍ରାଙ୍ଗଣ,ସମୟ: ଅପରାହ୍ନ ୪ଟା ୩୦।
- ଚୈତ୍ରପର୍ବ ଓ ପଲ୍ଲିଶ୍ରୀ ମେଳା,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର

- ଭରଦ୍ୱାଜ ପ୍ରତିଷ୍ଠାନର ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ହରିହର ନଗର, ସମୟ: ସକାଳ ୮ଟା ୩୦।
- ନାଗରିକ ସମାଜର ଗଣଧାରଣା, ସ୍ଥାନ: ଆରଡିସି ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବେଲଗୁଣ୍ଠା ବ୍ଲକ୍ ସମ୍ମିଳନୀ କକ୍ଷ, ସମୟ: ସକାଳ ୭ ଟା।
- ବିଡିଓଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ଭଞ୍ଜନଗର ବ୍ଲକ୍ ବ୍ରାହ୍ମଣପଦର, ସମୟ: ସକାଳ ୯ ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ଆସିକା ବ୍ଲକ ବାଲିସିରା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କନ୍ଧମାଳ

- ନାରାୟଣୀ ଯାତ୍ରା ଉପଲକ୍ଷେ ଖବରଦାତା ସମ୍ମିଳନୀ, ସ୍ଥାନ: ଯାତ୍ରା କମିଟି କାର୍ଯ୍ୟାଳୟ ଫୁଲବାଣୀ, ସମୟ: ପୂର୍ବାହ୍ନ ୧୧ ଟା।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କଙ୍କଡ଼ାହାଡ଼ ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- କବିତା ପାଠୋତ୍ସବ, ସ୍ଥାନ: ବହ୍ନିମେଳା ପରିସର, ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟ: ଅପରାହ୍ନ ୩ଟା।

## ଅନୁଗୋଳ

- ଝୋଟି, ମୁରୁଜ ପ୍ରତିଯୋଗିତା, ସ୍ଥାନ: ଆଠମଲ୍ଲିକ ଏନ୍‌ଏସି କାର୍ଯ୍ୟାଳୟ ପରିସର, ସମୟ: ସକାଳ ୯ଟା ୩୦।
- ପିଠାପଣା ପ୍ରତିଯୋଗିତା, ସ୍ଥାନ: ଆଠମଲ୍ଲିକ ଏନ୍‌ଏସି କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ଓଡ଼ିଆ ପାରମ୍ପରିକ ଖାଦ୍ୟ ଦିବସ ପାଳନ, ସ୍ଥାନ: ଆଠମଲ୍ଲିକ ଏନ୍‌ଏସି କାର୍ଯ୍ୟାଳୟ ପରିସର, ସମୟ: ମଧ୍ୟାହ୍ନ ୧୨ ଟା ୩୦।

## କେନ୍ଦ୍ରାପଡ଼ା

- ଜିଲା ପ୍ରଶାସନିକ ଅଧିକାରୀଙ୍କ ଜନଶୁଣାଣି ଶିବିର, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, କେନ୍ଦ୍ରାପଡ଼ା, ସମୟ: ସକାଳ ୭ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ପଞ୍ଚମୁଖୀ ଶ୍ରୀ ହନୁମାନ ପୀଠ, ହରିଦାସପୁର, ଗରଦପୁର, ସମୟ: ସକାଳ ୮ଟା।
- କଳି କଲୁଶନାସନ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: କୁଞ୍ଜବଟ ମହାପୁରୁଷ ପୀଠ, ଜଗଦଳପୁର, ଗରଦପୁର, ସମୟ: ସକାଳ ୮ଟା।
- ଜିଲା ପ୍ରଶାସନ ପକ୍ଷରୁ ମୁଖ୍ୟମନ୍ତ୍ରୀ ଟ୍ରଫି କ୍ରୀଡା ପ୍ରତିଯୋଗିତା, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡିଆ, ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୮ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ ଜିଲା ପ୍ରଶାସନ ପକ୍ଷରୁ ପାରମ୍ପାରିକ ଖାଦ୍ୟ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ପଂଚାୟତ ସମିତି ସଭାଗୃହ, ରାଜକନିକା, ସମୟ: ସକାଳ ୮ଟା।
- ସ୍ୱର୍ଗତ ଗୌରାଙ୍ଗ ଚରଣ ଦାସଙ୍କ ସ୍ମୃତି ସଭା, ସ୍ଥାନ: ଭଞ୍ଜ କୁଟୀର, ନିଆଳ, ଆଳି, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମା' ବୁଢ଼ି ଜାଗୁଳାଇ ପୀଠ, ଭଗବାନପୁର, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଜିଲାପାଳ ଓ ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଯାଜପୁର କେଏନଡିଏ ସମ୍ମିଳନୀ କକ୍ଷ, ସମୟ: ସକାଳ ୭ଟା।

## ନୟାଗଡ଼

- ନୀଳମାଧବଙ୍କ ଚନ୍ଦନ ଲାଗି ବେଶରେ ୪୧ତମ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ପ୍ରାତଃ ୫ଟା ।
- ଜିଲାପାଳଙ୍କ ମିଳିତ ଅଭିଯୋଗ ଜନ ଶୁଣାଣି ଶିବିର, ସ୍ଥାନ:ନୂଆଗାଁ ବ୍ଲକ ରାଜୀବ ଗାନ୍ଧୀ ସଭା ଗୃହ, ସମୟ:ସକାଳ ୭ଟା ।
- ପଞ୍ଚକୁଣ୍ଡିୟ ବିଶ୍ୱଶାନ୍ତି ମହାଯଜ୍ଞର ୨ୟ ଦିବସ, ସ୍ଥାନ: ଖଣ୍ଡପଡା ଗିରି ହନୁମାନ ପୀଠ, ସମୟ: ସକାଳ ୭ଟା ୩୦ ।
- ହନୁମାନଜୀଉଙ୍କର ବାର୍ଷିକ ଉତ୍ସବ, ସ୍ଥାନ:ଭାପୁର ବ୍ଲକ ପଥରଚକଡ଼ା, ସମୟ: ସକାଳ ୮ଟା।
- ସିଦ୍ଧ ମହାବୀରଙ୍କ ବାର୍ଷିକ ଉତ୍ସବ, ସ୍ଥାନ:ଖଣ୍ଡପଡା ବ୍ଲକ ବେଣାଗଡ଼ିଆ ପଞ୍ଚାୟତ ଗୋପୀନାଥପୁର, ସମୟ: ସକାଳ ୮ଟା ।
- ଓଡ଼ିଆପକ୍ଷ ପାଳନ ଅବସରରେ ପାରମ୍ପରିକ ଖାଦ୍ୟ ଦିବସ, ସ୍ଥାନ:ନୂଆଗାଁ ବ୍ଲକ ପରିସର, ସମୟ:ସକାଳ ୯ ଘଟିକା ।
- ଓଡ଼ିଆ ପକ୍ଷ ଅବସରରେ ବ୍ଲକସ୍ତରୀୟ ପାରମ୍ପରିକ ଖାଦ୍ୟ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ଶିଖରପୁର ପଞ୍ଚୟତ ସମିଳନୀ କକ୍ଷ, ସମୟ:ପୂର୍ବାହ୍ନ ୧୦ ।
- ୧୯ ବର୍ଷରୁ କମ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚରେ ଢୋଲମରା ବନାମ ଘଣାଶାଳିଆ, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳା ସ୍କୁଲ ପଡିଆ, ସମୟ ପୂର୍ବାହ୍ଣ ୧୧ଟା ।
- ୧୦୮ ମୁଠା ଦଣ୍ଡ ମେଳନ, ସ୍ଥାନ:ଖଣ୍ଡପଡା ବ୍ଲକ ହଟକେଶ୍ୱର ପୀଠ ଢୋଲମରା, ସମୟ: ପୂର୍ବାହ୍ନ ୧୧ଟା ।
- ୪୩ତମ ମହା ବିଷୁବ ପଣା ସଂକ୍ରାନ୍ତି ଯାତ୍ରାର ୩ୟ ଦିବସରେ ଆହୁତି ପ୍ରଦାନ, ସ୍ଥାନ: ଦଶପଲ୍ଲାର ଶ୍ରୀ ଶ୍ରୀ ସପ୍ତ ମହାବୀର ପୀଠ ଖୋଲ ମହାବୀର, ସମୟ ମଧ୍ୟାହ୍ନ ୧୨ରୁ ଅପରାହ୍ନ ୬ଟା ।
- ଦଣ୍ଡପର୍ବର ୧୭ତମ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ଢୋଲମରା, କଣ୍ଟିଲୋ, ବେଣାଗଡିଆ, ସିଦ୍ଧାମୂଳା, କୁମ୍ଭାରପଡାଙ୍କ ଶୈବପୀଠ, ସମୟ: ଅପରାହ୍ଣ ୨ଟା ।
- ମା' ମଙ୍ଗଳାଙ୍କ ଝାମୁଯାତ୍ରା, ସ୍ଥାନ: କୁମ୍ଭାରପଡା ମଙ୍ଗଳାଙ୍କ ପୀଠ, ସମୟ: ଅପରାହ୍ନ ୨ଟା।

## ରାୟଗଡ଼ା

- ବ୍ଲକସ୍ତରୀୟ ପୋଷଣ ପଖୋଡା, ସ୍ଥାନ: ବ୍ଲକ ଅଫିସ, ଗୁଡାରି, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଉମରକୋଟ, ସମୟ: ସକାଳ ୭ଟା ୩୦।
- ଆଦିବାସୀ ଉନ୍ନୟନ ମନ୍ତ୍ରୀଙ୍କ ଝରିଗାଁ ବ୍ଲକ ଗସ୍ତ, ସ୍ଥାନ: ଝରିଗାଁ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ପଞ୍ଚାୟତସ୍ତରୀୟ ଜନଶୁଣାଣି ସଚେତନ ଶିବିର, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ରାଜପଲମା, ସେମିଳିଗୁଡ଼ା ବ୍ଲକ, ସମୟ: ସକାଳ ୭ଟା ୩୦।
- ମା' ବଡ ଦେବତାଙ୍କ ପୂଜା, ସ୍ଥାନ: ପଟ୍ଟାଙ୍ଗି ଶିଶୁ ବିଦ୍ୟା ମନ୍ଦିର ନିକଟ ପାହାଡ଼, ସମୟ: ସକାଳୁ ୮ଟାରୁ ସନ୍ଧ୍ୟା ୬ଟା।
- ଆମ୍ବେଡକର ଜୟନ୍ତୀ, ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ନନ୍ଦପୁର ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୯ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ଖେମୁଣ୍ଡୁଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ଉମୁରି ପଞ୍ଚାୟତ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ଡଙ୍ଗର ପୂଜା, ସ୍ଥାନ: ସେତୁବନ୍ଧ ପାହାଡ଼, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ପଟ୍ଟାଙ୍ଗି ବ୍ଲକ୍ କାର୍ଯ୍ୟାଳୟ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ଆମେ ଜାଣିବା ଆମ ବଜେଟ କାର୍ଯ୍ୟକ୍ରମ, ସ୍ଥାନ: ସଦଭାବନା ସଭାଗୃହ, କୋରାପୁଟ, ସମୟ: ଅପରାହ୍ନ ୪ଟା।

## ସମ୍ବଲପୁର

- ଜିଲା କ୍ରୀଡା ସଂଘ ପକ୍ଷରୁ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଖୋ ଖୋ ଟୁର୍ନାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୮ଟା।
- ଜିଲା ପ୍ରଶାସନର ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ : ମାନେଶ୍ୱର ବ୍ଲକ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା ।
- ଜିଲା ପ୍ରଶାସନ ଆୟୋଜନରେ ପାରମ୍ପରିକ ଖାଦ୍ୟ ଦିବସ, ସ୍ଥାନ : ଜିଲାପାଳ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା ୩୦ ।
- ଶ୍ରୀରାମ ସଙ୍ଗୀତ କାର୍ଯ୍ୟକ୍ରମର ଶୁଭାରମ୍ଭ, ସ୍ଥାନ : ସାମ୍ବାଦିକ ଭବନ, ସମୟ, ପୂର୍ବାହ୍ନ ୧୧ଟା।
- ଜିଲା କ୍ରୀଡା ସଂଘ ପକ୍ଷରୁ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୨ଟା।
- ଶ୍ରୀଶ୍ରୀ ଗୌର କଥା କାର୍ଯ୍ୟକ୍ରମ, ସ୍ଥାନ : ମହାନ୍ତିପଡ଼ା ସ୍ଥିତ ନିତାଇ ଗୌର ମାତା ମଠ, ସମୟ : ଅପରାହ୍ନ ୩ଟା।

## ବଲାଙ୍ଗୀର

- ଜିଲାସ୍ତରୀୟ ଯୁଗ୍ମ ଜନଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଟିଟିଲାଗଡ, ସମୟ: ସକାଳ ୭ଟାରୁ ପୂର୍ବାହ୍ନ ୧୦ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ପାପଗ୍ରହ ଯୁକ୍ତ ଏକାଦଶସ୍ଥ ଚନ୍ଦ୍ର ସନ୍ତାନଙ୍କ ସ୍ୱାସ୍ଥ୍ୟହାନି ସାଙ୍ଗକୁ ସୁସମ୍ପର୍କ କ୍ଷେତ୍ରରେ ବାଧା ସୃଷ୍ଟି କରିବ। କର୍ମକ୍ଷେତ୍ରରେ ଚାପର ସମ୍ମୁଖୀନ ହୋଇପାରନ୍ତି। ପ୍ରଶାସନିକ ଆଲୋଚନା କ୍ରମେ କାମରେ ଲାଗିପଡନ୍ତୁ, ଅବଶ୍ୟ ଅଳ୍ପ ସମୟ ପରେ ସବୁ ଠିକ୍ ହୋଇଯିବ। ଅତୀତର କେତେକ କୃତକର୍ମ ପାଇଁ ଅନୁତାପ କରିପାରନ୍ତି।

**ବୃଷ** ବିଭିନ୍ନ ପ୍ରକାର ସମସ୍ୟା ଓ ପ୍ରତିବନ୍ଧକ ଯୋଗୁ ମନରେ ସାମୟିକ ଉତ୍ତେଜନା ଲାଗି ରହିବ। ବହୁତ ଦିନ ଧରି ଯାହା ଖୋଜୁଥିଲେ ଆଜି ତାହା ଠିକ୍ ସମୟରେ ପାଇଯିବେ। ଉପକୃତ ହୋଇଥିବା ନିଜର ଲୋକଙ୍କ ଶତ୍ରୁତା ଯୋଗୁ ସାମାନ୍ୟ ବିଚଳିତବୋଧ କରିପାରନ୍ତି। ନିଜ କାମ ଛାଡି ପରକଥାରେ ମୁଣ୍ଡ ପୂରାଇ ସମସ୍ୟାକୁ ଡାକି ଆଣନ୍ତୁ ନାହିଁ।

**ମିଥୁନ** କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ ଦିଗରେ ଚେଷ୍ଟା ନିଷ୍ଫଳ ହେବନାହିଁ। ବହୁତଦିନରୁ ଦେଖି ନ ଥିବା ସାଙ୍ଗଟି ନିଜ ତରଫରୁ ସହଯୋଗର ହାତ ବଢାଇବ ଓ ହସି ହସି କଥା ଆରମ୍ଭ କରିବ। ବ୍ୟବସାୟରେ ଲାଭ ହେବ। ପରିବାରର କୌଣସି ବିବାଦୀୟ ପରିସ୍ଥିତି ସମାଧାନ ସକାଶେ ଆତ୍ମୀୟମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି।

**କର୍କଟ** ଚନ୍ଦ୍ରଙ୍କ ଅଷ୍ଟମସ୍ଥିତି ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ବଦଳିଯିବ ଏବଂ ରାହୁଙ୍କ ସଂଯୋଗରୁ କୌଣସି ସମସ୍ୟା ଆସିପାରେ। ଯେତେ ବନେଇ ଚୁନେଇ କହିଲେ ମଧ୍ୟ ଆପଣଙ୍କ କଥା ଓ ଉଦ୍ଦେଶ୍ୟକୁ ଠିକ୍ ଭାବେ ଅନ୍ୟମାନେ ବୁଝି ପାରିବେ ନାହିଁ। ପିଲାମାନଙ୍କର କୌଣସି ବ୍ୟତିକ୍ରମକୁ ସଜାଡିବା ପାଇଁ ପରିବାର ସହ ଆଲୋଚନା କରିପାରନ୍ତି।

**ସିଂହ** ପାରିବାରିକ କ୍ଷେତ୍ରରେ ମନୋମାଳିନ୍ୟ ସମାଧାନ ହୋଇଯିବା କାରଣରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ବେଖାତିର ମନୋଭାବ ଓ କଟୁକ୍ତି ମନରେ ଦୁଃଖଦେବ। କାର୍ଯ୍ୟବ୍ୟସ୍ତତା କାରଣରୁ କୌଣସି କଥା ଠିକ୍ ରହିବ ନାହିଁ। ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବେ।

**କନ୍ୟା** ଆଜି ଆପଣ ଯେମିତି ଚାହିଁବେ ସେମିତି ପାଇବେ କୌଣସି ଅସୁବିଧା ହେବନି। ମନ ବୁଝିଲା ଭଳି କଥା କହି କର୍ମଚାରୀଟିର ଭୁଲ୍ ବୁଝାମଣାକୁ ସୁଧାରି ନେବାରେ ସମର୍ଥ ହେବେ। ପ୍ରକାଶନ,ପ୍ରଶାସନ,ଆନୁଷ୍ଠାନିକ କାମ, ସାମ୍ବାଦିକତା ତଥା ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ସଫଳତା ପାଇବେ।

**ତୁଳା** କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସହାୟତା ଲାଭ କରି କାର୍ଯ୍ୟ ହାସଲ କରିବେ। ମାତ୍ର ପାରିବାରିକ କ୍ଷେତ୍ରରେ ଏମିତି କେତେକ ପରିସ୍ଥିତିର ସମ୍ମୁଖୀନ ହେବେ ଯାହାକି ଆପଣଙ୍କୁ ଧର୍ମସଙ୍କଟରେ ପକାଇପାରେ। ପିଲାଙ୍କ ବିଳମ୍ବ ବିବାହକୁ ନେଇ ଚିନ୍ତା ବଢିବଢି ଯିବ। ଅନ୍ୟର ପ୍ରରୋଚନାରେ ପ୍ରଭାବିତ ହୋଇ ଭୁଲ୍ କାମରୁ ଦୂରେଇ ରହିବା ଭଲ।

**ବିଛା** ପୂର୍ବାବସ୍ଥାର ପରିବର୍ତ୍ତନ ଲକ୍ଷ୍ୟ କରି କେତେକ କ୍ଷେତ୍ରରେ ଆଶାବାଦୀ ହେବେ। ତଥାପି ପ୍ରତ୍ୟେକ କ୍ଷେତ୍ରରେ ବୁଝିବିଚାରି ପଦକ୍ଷେପ ନ ନେଲେ ପରିସ୍ଥିତି ବିଗିଡି ଯାଇପାରେ। ଶିଳ୍ପ, ବାଣିଜ୍ୟ, ପରିବହନ, ସଭାସମିତି, ଆନୁଷ୍ଠାନିକ କାମ ପାଇଁ ଦିନଟି ଭଲ। ଆଜି ସବୁ କଥାକୁ ବନ୍ଧୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି।

**ଧନୁ** ଧନାଧିପତି କେନ୍ଦ୍ରସ୍ଥ ଯୋଗୁ ଅର୍ଥ ସମ୍ପର୍କିତ କଥାବାର୍ତ୍ତାରେ କୌଣସି ବାଧା ଉପୁଜିବ ନାହିଁ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ପରସ୍ପର ଦୋଷାରୋପ କରି ଅଯଥା ବିବାଦୀୟ ପରିସ୍ଥିତି ସୃଷ୍ଟିକରିପାରନ୍ତି। ସ୍ୱାର୍ଥସାଧନ ମାନସରେ ପଡୋଶୀମାନେ ଆପଣଙ୍କର ଭୂରିଭୂରି ପ୍ରଶଂସା କରିବେ। ପିଲାଙ୍କ ପଢା ସମସ୍ୟା ନେଇ ଚିନ୍ତିତ ରହିବେ।

**ମକର** ପାରସ୍ପରିକ ବୁଝାମଣା ମାଧ୍ୟମରେ ସମସ୍ୟାଗୁଡିକର ସରଳ ସମାଧାନ କରିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। ସହକର୍ମୀଙ୍କ ସହ ସୁସମ୍ପର୍କ ବ୍ୟାହତ ହେବ। ଦୀର୍ଘ ଦିନରୁ ସାଇତି ରଖିଥିବା ଅର୍ଥ ଅନ୍ୟ ବାଟରେ ଖର୍ଚ୍ଚ ହୋଇଯାଇପାରେ। ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇ ସାମୟିକ ମନକୁ ହାଲୁକା କରିପାରନ୍ତି।

**କୁମ୍ଭ** ସ୍ୱାସ୍ଥ୍ୟ ସମସ୍ୟା ଧୀରେ ଧୀରେ ସୁଧୁରିବାରେ ଲାଗିବାରୁ ମାନସିକ ସ୍ତରରେ ଆଶ୍ୱସ୍ତି ଲାଭ କରିବେ। ଯାହାଠାରୁ ଋଣ ଆଣିଥିବେ ସେ ଆଜି ହଠାତ୍ ଆସି ବିଭିନ୍ନ ପ୍ରକାର କଟୁକ୍ତି ପ୍ରକାଶ କରିପାରେ। ସମସ୍ୟା ଆସିଲେ ମଧ୍ୟ ଆପଣ ପାଖପଡୋଶୀଙ୍କ ସହାୟତା ଲାଭକରି ସମାଧାନ କରିପାରିବେ। ନିଜ ଲୋକ ଅଭିଯୋଗ ଆଣିପାରନ୍ତି।

**ମୀନ** ବନ୍ଧୁବର୍ଗଙ୍କ ସହ ଆଲୋଚନା ମାଧ୍ୟମରେ ପରିବାରରୁ ଭୁଲ ବୁଝାମଣା ଦୂରେଇଯିବ। ପ୍ରଶାସନିକ ସ୍ତରରେ ସାଧାରଣ କଥାକୁ କେନ୍ଦ୍ରକରି ବାକ୍ ବିତଣ୍ଡା ଘଟିପାରେ। ଜମିଜମା, ନିର୍ମାଣ ପ୍ରଭୃତି ବିବାଦୀୟ ପରିସ୍ଥିତିର ଦୃଢ ମୁକାବିଲା କରିବେ। ସାହିତ୍ୟ ଓ ଚଳଚ୍ଚିତ୍ର, ମନୋରଞ୍ଜନ କ୍ଷେତ୍ରରେ ରହିଥିବା ସମସ୍ୟାଗୁଡିକର ସମାଧାନ ହୋଇଯିବ।

ଆଜି ଏପ୍ରିଲ ୧୩ ତାରିଖ, ବୈଶାଖ କୃଷ୍ଣ ଏକାଦଶୀ ସୋମବାର। ରାଶିନକ୍ଷତ୍ର–ଧନିଷ୍ଠା/କୁମ୍ଭ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୦୫।୩୪ ଗତେ, ଘ.୦୭।୦୭ ମଧ୍ୟେ, ଘ. ୧୦।୩୨ ଗତେ, ଘ.୦୧।୦୧ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୭।୦୭ ଗତେ, ଘ. ୦୮।୪୦ ମଧ୍ୟେ ରାହୁ କାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝପଟି ଆଇଲି ଝପଟି ଗଲି
ପରୁଡ଼ି ମଶିଣା ପଡ଼ିଛି,
ସରୁ ଚୁଡ଼ାଖିଆ ମଉନମୁହାଁ
ଭାଉଜ ଶିକ୍ଷାରେ ପଡ଼ିଛି।**

ପ୍ରାପ୍ତ ବୟସ୍କ ଦୁଇ ପୁରୁଷ–ନାରୀଙ୍କ ମଧ୍ୟରେ ପ୍ରେମ, ପ୍ରଣୟ ଓ ଦୈହିକ ଆକର୍ଷଣ ରହିବା ସ୍ୱାଭାବିକ। ହେଲେ ଏହା ଯଦି ସାମାଜିକ ସ୍ୱୀକୃତି ରହିତ ଓ ଅବାଞ୍ଛିତ ହୋଇଥାଏ, ତାହାକୁ ସମ୍ପର୍କ ନୁହେଁ ପାପ ସମ୍ପର୍କ କୁହାଯାଇଥାଏ। ବିବାହ ପାଇଁ ଆୟୋଜନ ଅବ୍ୟାହତ ରହିଥିଲେ ସୁଦ୍ଧା ଦିଅର ନିଜ ଭାଉଜ ଜାଲରେ ପଡ଼ି ଦିନ ଗଡ଼ାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଝିଅ କା'ର ପୁଅ କା'ର
ବାଇଦ ବାଜୁଛି ୟା'ର ତା'ର।**

ସଂସାରରେ ପ୍ରତି ଘରର ପୁଅ ଝିଅ ବଦଳ ରୀତିରେ ଉପସ୍ଥାପିତ ହୋଇଥାନ୍ତି। ଅର୍ଥାତ୍ ବୈବାହିକ ରୀତିରେ ଜୀବନ ନିର୍ବାହ କରିଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଅବଶିଷ୍ଟାଂଶ

## ୨୧ ଘଣ୍ଟାର ...

ପକ୍ଷ ଗ୍ରହଣ କଲାନାହିଁ। ଆମ ସର୍ତ୍ତାବଳୀକୁ ଗ୍ରହଣ କରିବା ଭଳି କୌଣସି ସ୍ଥିତି ଇରାନୀୟ ପକ୍ଷଙ୍କଠାରେ ପାଇପାରିଲୁ ନାହିଁ ବୋଲି ଆମେରିକା ଉପରାଷ୍ଟ୍ରପତି କହିଛନ୍ତି।

ଅନ୍ୟପକ୍ଷରେ ଇରାନର ମୁଖ୍ୟ ବୁଝାମଣାକାରୀ ଘଲିବାଫ୍ ରବିବାର କହିଛନ୍ତି, ପଶ୍ଚିମ ଏସିଆ ଯୁଦ୍ଧ ବନ୍ଦ ଲକ୍ଷ୍ୟରେ ପାକିସ୍ତାନରେ ଚାଲିଥିବା ଆଲୋଚନାରେ ଆମେରିକା ଇରାନର ବିଶ୍ୱାସ ଜିତିବାରେ ବିଫଳ ହେଲା। ଇରାନ ପ୍ରତିନିଧି ଦଳ ଭବିଷ୍ୟତକୁ ଦୃଷ୍ଟିରେ ରଖି କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଆଗତ କରିଥିଲେ। କିନ୍ତୁ ବିପକ୍ଷ ଟିମ୍ ଆମ ପ୍ରତିନିଧିଙ୍କ ବିଶ୍ୱାସ ଜିତିପାରିଲା ନାହିଁ। ଏକ ସମାଧାନ ଚୁକ୍ତିରେ ପହଞ୍ଚିବା ପାଇଁ ସଦିଚ୍ଛା ଜରୁରୀ ବୋଲି ଆଲୋଚନା ପୂର୍ବରୁ ଘଲିବାଫ୍ ଗୁରୁତ୍ୱାରୋପ କରିଥିଲେ। କିନ୍ତୁ ପୂର୍ବରୁ ହୋଇଥିବା ୨ଟି ଯୁଦ୍ଧର ଅଭିଜ୍ଞତାରୁ ବିରୋଧୀ ପକ୍ଷଙ୍କ ଉପରେ ଆମର ବିଶ୍ୱାସ ରହିଲା ନାହିଁ ବୋଲି ସେ କହିଛନ୍ତି। ଆମ ତର୍କ ଓ ନୀତିକୁ ଆମେରିକା ବୁଝିପାରିଛି। ତେଣୁ ସେମାନେ ଆମ ବିଶ୍ୱାସ ଜିତିପାରିବେ କି ନାହିଁ ସେମାନେ ତାହାର ନିଷ୍ପତ୍ତି ନେବାର ସମୟ ଆସିଛି ବୋଲି ଇରାନ ପାର୍ଲାମେଣ୍ଟ ବାଚସ୍ପତି କହିଛନ୍ତି।

ଇସ୍‌ଲାମାବାଦରେ ଇରାନ ଓ ଆମେରିକାର ଉଚ୍ଚକ୍ଷମତାସମ୍ପନ୍ନ ପ୍ରତିନିଧି ମଣ୍ଡଳୀ ମଧ୍ୟରେ ଚାଲିଥିବା ଆଲୋଚନା ଉପରେ ସାରା ବିଶ୍ୱର ନଜର ରହିଥିଲା। ଇରାନର ଆଣବିକ କାର୍ଯ୍ୟକ୍ରମ, ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଉପରେ ନିୟନ୍ତ୍ରଣ ଏବଂ ତେହରାନ୍‌ର ଅଟକି ରହିଥିବା ସମ୍ପତ୍ତିକୁ ମୁକ୍ତ କରିବା ନେଇ ବୁଝାମଣାକାରୀମାନେ କୌଣସି ନିଷ୍କର୍ଷରେ ପହଞ୍ଚିବାରେ ବିଫଳ ହେଲେ ବୋଲି ଇରାନ ଗଣମାଧ୍ୟମ ରିପୋର୍ଟ କରିଛି।

## ପରଲୋକରେ ଆଶା ...

ସହ ସାରା ବିଶ୍ୱର ଅଗଣିତ ହୃଦୟକୁ ସ୍ପର୍ଶ କରିଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଦୀର୍ଘ ୮ ଦଶନ୍ଧିର କ୍ୟାରିୟର ମଧ୍ୟରେ ଆଶା ଭୋସ୍‌ଲେ ତାଙ୍କର ବହୁମୁଖୀ ପ୍ରତିଭା ପାଇଁ ଜଣାଶୁଣା। ସେ ରୋମାଣ୍ଟିକ୍ ଗୀତଠାରୁ ଆରମ୍ଭ କରି ଗଜଲ ପର୍ଯ୍ୟନ୍ତ ଅନେକ ସ୍ମରଣୀୟ ମେଲୋଡି ଗାଇଛନ୍ତି। ତାଙ୍କର କେତେକ ସବୁଠୁ ଲୋକପ୍ରିୟ ଗୀତ ମଧ୍ୟରେ ରହିଛି 'ଅଭି ନା ଯାଓ ଛୋଡ୍‌କର୍', 'ଇନ୍ ଆଖୋଁ କୀ ମସ୍ତି', 'ଦିଲ୍ ଚିଜ୍ କ୍ୟା ହୈ', 'ପିୟା ତୁ ଅବ୍ ତୋ ଆଜା', 'ଦୁନିଆଁ ମେ ଲୋଗୋଁ କୋ' ଏବଂ ଜାରା ସେ ଝୁମ୍ ଲୁନ୍ ମୈଁ', 'ଦମ୍ ମାରୋ ଦମ୍' ପ୍ରମୁଖ। ସେ ବିଭିନ୍ନ ଭାରତୀୟ ଭାଷାରେ ୧୨,୦୦୦ରୁ ଊର୍ଦ୍ଧ୍ୱ ଗୀତ ରେକର୍ଡ କରାଇବା ସହ ମୀନା କୁମାରୀ, ମଧୁବାଲା, ଶର୍ମିଳା ଟାଗୋର, ଆଶା ପାରେଖ, ଜିନତ୍ ଅମନ, ରେଖାଙ୍କଠାରୁ ଆରମ୍ଭକରି କାଜୋଲ, ଉର୍ମିଳା ମାତୋଣ୍ଡକର, କରିସ୍ମା କପୁର, ଐଶ୍ୱର୍ଯ୍ୟା ରାୟ ବଚ୍ଚନ, ଶମିତା ସେଟ୍ଟୀଙ୍କ ଭଳି ବଲିଉଡ୍ ଅଭିନେତ୍ରୀ ଏବଂ ପଦ୍ମିନୀ ଓ ବୈଜୟନ୍ତୀମାଲାଙ୍କ ଭଳି ଦକ୍ଷିଣୀ ଅଭିନେତ୍ରୀଙ୍କ ପାଇଁ କଣ୍ଠଦାନ କରିଥିଲେ। ୨୦୨୩ରେ ଆଶା ଦୁବାଇରେ ଏକ ସ୍ୱତନ୍ତ୍ର ସଙ୍ଗୀତ କାର୍ଯ୍ୟକ୍ରମ 'ଆଶା@୯୦: ଲିଭ୍ ଇନ୍ କନ୍‌ସର୍ଟ'ରେ ଗୀତ ପରିବେଷଣ କରି ନିଜର ୯୦ତମ ଜନ୍ମଦିନ ପାଳିଥିଲେ। ଆସନ୍ତା ସେପ୍ଟେମ୍ବର ୮ରେ ସେ ୯୩ ବର୍ଷ ବୟସରେ ପଦାର୍ପଣ କରିଥାନ୍ତେ। ତାଙ୍କ ପରଲୋକ ବହୁ ପିଢ଼ିର ସଙ୍ଗୀତପ୍ରେମୀମାନଙ୍କୁ ଶୋକାଭିଭୂତ କରିଛି।

ଦୀର୍ଘ ଦଶନ୍ଧିର ସଙ୍ଗୀତ ସାଧନା ପାଇଁ ଆଶା ଭୋସ୍‌ଲେ ବହୁ ପୁରସ୍କାର ଓ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ୨୦୦୮ରେ ତାଙ୍କୁ ଭାରତର ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମ ବିଭୂଷଣରେ ସମ୍ମାନିତ କରାଯାଇଥିଲା। ସେ ୭ ଥର ଫିଲ୍ମ ଫେୟାର ଶ୍ରେଷ୍ଠ ମହିଳା ପ୍ରଚ୍ଛଦପଟ ଗାୟିକା ପୁରସ୍କାର ପାଇଥିବାବେଳେ ୨୦୦୧ରେ ଫିଲ୍ମଫେୟାର ଲାଇଫଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ, ଶ୍ରେଷ୍ଠ ମହିଳା ପ୍ରଚ୍ଛଦପଟଗାୟିକା ଭାବେ ୨ ଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର, ଆଇଫା ପୁରସ୍କାର, ଗ୍ରାମୀ ପୁରସ୍କାର ଏବଂ ୨୦୦୧ରେ ଦାଦା ସାହେବ ଫାଲ୍‌କେ ପୁରସ୍କାର ପାଇଥିଲେ।

ମାତ୍ର ୧୦ ବର୍ଷ ବୟସରେ ଆଶା ଭୋସ୍‌ଲେ ତାଙ୍କର ପ୍ରଥମ ସିନେମା ଗୀତ ୧୯୪୩ର ମରାଠୀ ଚଳଚ୍ଚିତ୍ର ମାଝା ବାଲ୍ ପାଇଁ ଗାଇଥିଲେ। ମେଲୋଡି କୁଇନ୍ ସ୍ୱର୍ଗତା ଲତା ମଙ୍ଗେସ୍କରଙ୍କ ସାନଭଉଣୀ ଆଶା ନିଜେ ଜଣେ ଅଗ୍ରଗାମୀ ଗାୟିକା ଥିଲେ। ସେ ସବୁବେଳେ ପାଖରେ ଦିଦିଙ୍କ ପାଇ କୃତଜ୍ଞ ଥିଲେ ମଧ୍ୟ ସବୁବେଳେ ନିଜସ୍ୱ ପରିଚୟ ସୃଷ୍ଟି କରିବାକୁ ଚାହୁଁଥିଲେ। ସେମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାର କାହାଣୀ ବହୁ ପୁରୁଣା ହେଲେ ମଧ୍ୟ କେହି କେବେ ବି ଏହାକୁ ସିଧାସଳଖ ସ୍ୱୀକାର କରି ନ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଗଭୀର ଶୋକ

ଭୁବନେଶ୍ୱର,୧୨।୪(ରବିନାରାୟଣ ଜେନା)

ସୁପ୍ରସିଦ୍ଧ ସଙ୍ଗୀତଶିଳ୍ପୀ ଆଶା ଭୋସ୍‌ଲେଙ୍କ ଦେହାନ୍ତକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ କହିଛନ୍ତି, ଆଶା ଭୋସ୍‌ଲେଙ୍କ ସର୍ବକାଳୀନ ସୁଲଳିତ କଣ୍ଠର ସ୍ୱର କେବଳ ସଙ୍ଗୀତ ନୁହେଁ, ଏହା ଥିଲା ଭାବନାର ଏକ ଅବିଚ୍ଛିନ୍ନ ଧାରା; ଯାହା ଅନେକ ପିଢ଼ିର ହୃଦୟକୁ ସ୍ପର୍ଶ କରିଛି। ତାଙ୍କ ଦେହାନ୍ତ ସଙ୍ଗୀତ ଜଗତରେ ଏକ ଅପୂରଣୀୟ କ୍ଷତି । ଏହି ଦୁଃଖଦ ମୁହୂର୍ତ୍ତରେ ତାଙ୍କ ପରିବାରବର୍ଗ, ପ୍ରଶଂସକ ଏବଂ ସମଗ୍ର ସଙ୍ଗୀତ ଜଗତକୁ ହୃଦୟରୁ ସମବେଦନା ଜଣାଉଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ୨ ପିଲାଙ୍କୁ ହତ୍ୟା...

ଖୋଲି ନ ଥିଲେ। ଫଳରେ ସେ ନିଜ ବଡ଼ଭାଇଙ୍କୁ ଡାକିବା ସହ ପଛପଟ ଝରକା ଭାଙ୍ଗି ଘର ଭିତରେ ପ୍ରବେଶ କରିଥିଲେ। ଘର ଚଟାଣରେ ଜିଜ୍ଞାସା, ବିହାଂଶୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବାବେଳେ ରଞ୍ଜିତା ନିଜ ଗଳାକୁ ପନିକିରେ କାଟୁଥିବା ସେ ଦେଖିଥିଲେ। ତୁରନ୍ତ ସୀତାରାମ ରଞ୍ଜିତାଙ୍କ ହାତରୁ ପନିକି ଛଡ଼ାଇବା ସହ ଘରର କବାଟ ଖୋଲିଥିଲେ। ଖବରପାଇ ପଡୋଶୀ ତାଙ୍କ ଘର ସମ୍ମୁଖରେ ଜମା ହୋଇଥିଲେ। ଏ ସମ୍ପର୍କରେ ସୀତାରାମଙ୍କ ବଡ଼ଭାଇ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ତଦନ୍ତ କରିବା ସହ ୨ଟି ଆମ୍ବୁଲାନ୍ସରେ ୩ ଜଣଙ୍କୁ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ଜିଜ୍ଞାସା ଏବଂ ବିହାଂଶୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ରଞ୍ଜିତାଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ଓ ପନିକିକୁ ପୋଲିସ ଜବତ କରିଛି। ଅପରପକ୍ଷେ ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ଓ ସ୍ୱାମୀଙ୍କ ପରକୀୟା ପ୍ରୀତି ଯୋଗୁ ଏଭଳି ଘଟଣା ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏନେଇ ଏସ୍‌ପି କହିଛନ୍ତି, ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ପୋଲିସ ରଞ୍ଜିତାଙ୍କ ବୟାନ ରେକର୍ଡ କରିଛି। ଅନ୍ୟ ମହିଳାଙ୍କ ସହ ସୀତାରାମ ସମ୍ପର୍କ ରଖିବାରୁ ରାଗରେ ୨ ପିଲାଙ୍କୁ ହତ୍ୟା କରିଥିବା ରଞ୍ଜିତା ପୋଲିସ ନିକଟରେ ପ୍ରକାଶ କରିଛନ୍ତି। ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ୨ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ବିମାନବନ୍ଦର ଥାନାରେ ହତ୍ୟା ମାମଲା(ନଂ.୬୯/୨୬) ରୁଜୁ ହୋଇଛି।

# ଗିରଫ ଇମ୍ରାନ ହନିଟ୍ରାପ୍‌ରେ ଫସିଥିବା ସନ୍ଦେହ

**ଦେଶ ବିରୋଧୀ ପୋଷ୍ଟ ଘଟଣା**



- ନୋଡାଲ ଏଜେନ୍ସି ଭାବେ ତଦନ୍ତ କରିବ ଓଡ଼ିଶା କ୍ରାଇମବ୍ରାଞ୍ଚ
- ଆବଶ୍ୟକ ସ୍ଥଳେ ଏନ୍‌ଆଇଏକୁ ସମସ୍ତ ତଥ୍ୟ ଦିଆଯିବ: ଏସ୍‌ଟିଏଫ୍ ଏସ୍‌ପି
- ଆକାଉଣ୍ଟକୁ ଆସୁଥିବା ଟଙ୍କାକୁ ନେଇ ଖୋଳତାଡ଼ ଆରମ୍ଭ

ଭୁବନେଶ୍ୱର,୧୨।୪(ତ୍ରିନାଥ ମହାନ୍ତି)

ଦେଶ ବିରୋଧୀ ପୋଷ୍ଟ ଓ ଅନ୍ୟ କେତେକ ସନ୍ଦେହଜନକ କାର୍ଯ୍ୟ ପାଇଁ ଶୁକ୍ରବାର ରାତିରେ ଭୁବନେଶ୍ୱରରୁ ଗିରଫ ହୋଇଥିବା କଟକର ଶେଖ୍ ଇମ୍ରାନଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେଇ ଦିଲ୍ଲୀ ପୋଲିସ ତଦନ୍ତ ଚଳାଇଛି। ତାଙ୍କୁ ପଚରାଉଚରା ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ଜଣାପଡ଼ିଛି। ଏପଟେ ଓଡ଼ିଶା ପୋଲିସ ମଧ୍ୟ ଏହି ଘଟଣାକୁ ଗୁରୁତ୍ୱର ସହ ନେଇଛି। ଓଡ଼ିଶା କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ନୋଡାଲ ଏଜେନ୍ସି ଭାବେ ତଦନ୍ତ କରିବ। ଇମ୍ରାନଙ୍କ ପରିବାର ଲୋକଙ୍କୁ ପଚରାଉଚରା କରିବା ସହ ଦିଲ୍ଲୀ ପୋଲିସ କିମ୍ବା ଜାତୀୟ ତଦନ୍ତ ସଂସ୍ଥା(ଏନ୍‌ଆଇଏ)ର ସୂଚନା ଆଧାରରେ ତଦନ୍ତକୁ ଆଗକୁ ବଢ଼ାଇବ। ଇତିମଧ୍ୟରେ ଇମ୍ରାନ୍ ଗିରଫ ପରେ ଏନ୍‌ଆଇଏ ମଧ୍ୟ କ୍ୟାପିଟାଲ ଥାନା ପୋଲିସଠାରୁ ଏ ସଂକ୍ରାନ୍ତ ତଥ୍ୟ ସଂଗ୍ରହ କରିଛି। ଆବଶ୍ୟକସ୍ଥଳେ ଏନ୍‌ଆଇଏକୁ ସମସ୍ତ ତଥ୍ୟ ଦିଆଯିବ ବୋଲି ଏସ୍‌ଟିଏଫ୍ ଏସ୍‌ପି ରବି ଶତପଥୀ କହିଛନ୍ତି।

ଏହା ଭିତରେ ଇମ୍ରାନ ହନିଟ୍ରାପର ଶିକାର ହୋଇଥିବା ଖବରକୁ ନେଇ ଚର୍ଚ୍ଚା ଜୋର୍‌ଧରିଛି। ଇମ୍ରାନ୍ ଅନ୍‌ଲାଇନ୍ ଖାଦ୍ୟ ଡେଲିଭରି କାମ କରୁଥିବା ବେଳେ କିଛି ମାସ ହେବ ସେ କାମ ଛାଡ଼ି ଦେଇଥିଲେ। ବାହାରକୁ ବାହାରୁ ନ ଥିବା ବେଳେ ଘରେ ସବୁବେଳେ ମୋବାଇଲ ଧରି ବସୁଥିଲେ ବୋଲି ତାଙ୍କ ବାପା ଗଣମାଧ୍ୟମକୁ କହିଥିଲେ। ତେଣୁ ସେ ମୋବାଇଲ୍ ଦ୍ୱାରା ହନିଟ୍ରାପ୍‌ର ଶିକାର ହୋଇଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉଛି। ପାକିସ୍ତାନର ଗୁପ୍ତଚର ସଂସ୍ଥା ଆଇଏସ୍‌ଆଇ ସହ ଲିଙ୍କ୍ ଥିବା ଯୁବତୀ ତାଙ୍କୁ ହନିଟ୍ରାପ୍‌ରେ ଫସାଇ ଥାଇପାରନ୍ତି। ସେ ସୋସିଆଲ ମିଡିଆରେ ଦେଶବିରୋଧୀ ପୋଷ୍ଟ କରୁଥିବାବେଳେ ସମ୍ପୃକ୍ତ ଯୁବତୀଙ୍କୁ ଗୁପ୍ତ ତଥ୍ୟ ଦେଇଥିବା ଆଶଙ୍କାରେ ଓଡ଼ିଶା କ୍ରାଇମବ୍ରାଞ୍ଚ, ଏନ୍‌ଆଇଏ ଓ ଦିଲ୍ଲୀପୋଲିସ ଖୋଳତାଡ଼ ଚଳାଇଥିବା ଜଣାପଡ଼ିଛି। ଇମ୍ରାନ କ'ଣ କରୁଥିଲେ। ଓଡ଼ିଶାରେ କାହା କାହା ସହ ଲିଙ୍କ୍‌ରେ ରହିଥିଲେ। ସୋସିଆଲ ମିଡିଆରେ ଦେଶ ବିରୋଧୀ ପୋଷ୍ଟ ପାଇଁ କିଏ ପ୍ରୋତ୍ସାହିତ କରୁଥିଲେ। ତାଙ୍କ ଆକାଉଣ୍ଟକୁ କେଉଁଠୁ ଟଙ୍କା ଆସୁଥିଲା। ଏସବୁ କିଛି ତଥ୍ୟ ସଂଗ୍ରହ କରୁଛି ତଦନ୍ତକାରୀ ସଂସ୍ଥା।

ବଡ଼ କଥା ହେଲା ମାଟ୍ରିକ ଫେଲ୍ ଶେଖ୍ ଇମ୍ରାନ ମୋବାଇଲ୍‌ରେ ପୂରା ସ୍ମାର୍ଟ ଥିଲେ। ସେ କେବେ ରାଜ୍ୟ ବାହାରକୁ ଯାଇ ନ ଥିବା କଥା ତାଙ୍କ ବାପା କହୁଥିଲେ ମଧ୍ୟ ଇମ୍ରାନ ଦିଲ୍ଲୀ ଯାଇଥିବା ନେଇ ଦିଲ୍ଲୀ ପୋଲିସକୁ ମିଳିଥିବା ସୂଚନା ସନ୍ଦେହ ସୃଷ୍ଟି କରିଛି। ସେ କୁଆଡେ ଦିଲ୍ଲୀ ଯାଇ ଫେରିବା ପରେ ସୋସିଆଲ ମିଡିଆରେ ଜାତିଆଣ ମନ୍ତବ୍ୟ ସହ ଦେଶଦ୍ରୋହ ସମ୍ପର୍କିତ ପୋଷ୍ଟ କରିଥିବା ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ନଜରକୁ ଆସିଥିଲା। ଏବେ ଏପରି କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମଧ୍ୟ ଓଡ଼ିଶା କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ହାତରେ ଲାଗିଛି। ମୁମ୍ବାଇ, ଦିଲ୍ଲୀ ଓ ହାଇଦ୍ରାବାଦରେ ଇମ୍ରାନଙ୍କ ସହଯୋଗୀ ରହିଥିବା ଜଣାପଡ଼ିଛି। ତେବେ ହନିଟ୍ରାପ କରାଇଥିବା ଯୁବତୀ ଜଣକ କିଏ, ସେ ନେଇ ଅଧିକ ଖୋଳତାଡ଼ ଚାଲିଥିବା ସୂଚନା ଦେଇଛନ୍ତି ଏସ୍‌ଟିଏଫ ଏସ୍‌ପି।

ଏପଟେ ଇମ୍ରାନଙ୍କ ବାପା ଶେକ୍ ଅମିର ତାଙ୍କ ପୁଅ ନିର୍ଦ୍ଦୋଷ ବୋଲି କହୁଛନ୍ତି। ଯିଏ ମାଛିକୁ ମ ବୋଲି କହେ ନାହିଁ, ସେ କିଭଳି ଦେଶଦ୍ରୋହୀ କାମ କରିବ। ସେ କେବଳ ମୋବାଇଲ୍ ୨୪ ଘଣ୍ଟା ବ୍ୟବହାର କରୁଥିଲେ। ମୋବାଇଲ୍‌ରେ ଗେମ୍ ଖେଳି କିଛି ଭୁଲ୍ ସାଇଟ୍‌କୁ ଖୋଲି ଦେଇଥିବ ବୋଲି ତାଙ୍କ ବାପା କହିଛନ୍ତି।

# ନୀଳଗିରି ସବ୍‌ଜେଲରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

ନୀଳଗିରି,୧୨।୪(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ସବ୍‌ଜେଲରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ହୋଇଛି। ମୃତକ ନୀଳଗିରି ଉପଖଣ୍ଡ ଔପଦା ବ୍ଲକ୍ ପାଇକପଡ଼ା ଅନ୍ତର୍ଗତ ତୋଟାପଡ଼ା ଗ୍ରାମର ସ୍ୱର୍ଗତ ଅନାମ ନାଏକଙ୍କ ପୁଅ ଶ୍ରୀକାନ୍ତ ନାଏକ (୪୦)। ସେ ହତ୍ୟା ଅଭିଯୋଗରେ ବିଚାରାଧୀନ କଏଦୀଭାବେ ଜେଲରେ ଥିଲେ।

ସୂଚନା ଅନୁଯାୟୀ, ଶ୍ରୀକାନ୍ତ ଗତ ୨୦୨୧ ଜୁନ୍ ୧୯ରେ ଏକ ହତ୍ୟା ମାମଲାରେ ଗିରଫ ହୋଇଥିଲେ। ଏ ନେଇ ଔପଦା ଥାନାରେ ୪୩/୨୧ରେ ମାମଲା ରୁଜୁହୋଇ ବାଲେଶ୍ୱର ଜେଲରେ ବିଚାରାଧୀନ ବନ୍ଦୀ ଭାବରେ ରହିଥିଲେ। ଘଟଣାରେ ଶ୍ରୀକାନ୍ତଙ୍କୁ ଭାରତୀୟ ପିଙ୍ଗଳକୋଡ୍ ୩୦୨ଦଫାରେ ବିଚାରାଧୀନ କଏଦୀ ଭାବରେ ମାମଲା ଚାଲୁଥିଲା। ୮ସେପ୍ଟେମ୍ବର ୨୫ରେ ନୀଳଗିରି ଜେଲକୁ ସ୍ଥାନାନ୍ତର ହୋଇ ଆସିଥିଲେ। ତେବେ ରବିବାର ଅପରାହ୍ନ ପ୍ରାୟ ୨ଟା ୫୦ରେ ହଠାତ୍ ଛାତିରେ ଯନ୍ତ୍ରଣା ଏବଂ ଦେହହାତ ଥରିବାରୁ ଜେଲ କର୍ତ୍ତୃପକ୍ଷ ନୀଳଗିରି ମେଡିକାଲକୁ ଆଣିଥିବା ଜେଲର ସୁପକ କୁମାର ନାୟକ ସୂଚନା ଦେଇଛନ୍ତି। ମାତ୍ର ହସ୍ପିଟାଲ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ସୂଚନା ଦେଇଛନ୍ତି। ସୋମବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ ସୂଚନା ଦେଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ। ଅନ୍ୟପକ୍ଷରେ ମୃତକଙ୍କ ଝିଅ ଗୌରୀ ନାୟକ ନୀଳଗିରି ମେଡ଼ିକାଲରେ ପହଞ୍ଚି ବାପାଙ୍କ ମୃତ୍ୟୁକୁ ନେଇ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

# ଗୁଣି ସନ୍ଦେହରେ ଜଣଙ୍କୁ ହତ୍ୟା

ଗୋପାଳପୁର/ବ୍ରହ୍ମପୁର,୧୨।୪
(ନବୀନରାଜ ଆଚାରୀ/ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅଞ୍ଚଳରେ ରବିବାର ଗୁଣି ସନ୍ଦେହରେ ଜଣଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ପଞ୍ଚମା ଗ୍ରାମର ଏକାଦଶୀ ନାୟକ (୬୫)। ଗାଁରେ ଝଡ଼ାଫୁଙ୍କା କରୁଥିବା ଏକାଦଶୀ ଅପରାହ୍ନ ପ୍ରାୟ ୨ଟାରେ ଘରୁ ବାହାରି ନିଜ ପାନବାଡ଼କୁ ସାଇକେଲରେ ଯାଉଥିବା ବେଳେ କମଳିଆ ଆମ୍ବତୋଟାରେ ସଂଘବଦ୍ଧ ଭାବେ ତାଙ୍କ ବେକ ଓ ହାତକୁ ହାଣି ହତ୍ୟା କରାଯାଇଛି। ଏହାକୁ ନେଇ ଗାଁରେ ଚାପା ଉତ୍ତେଜନା ଦେଖାଦେଇଛି। ଖବରପାଇ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା



ବ୍ରହ୍ମପୁର ଏସ୍‌ପି ଓ ଏସ୍‌ଡିପିଓ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

ବିବେକ ଏମ., ସଦର ଏସ୍‌ଡିପିଓ ଓ ଗୋଳନ୍ଥରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପୋଲିସ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁରର ସହାୟତା ନେଇଛି। ଏନେଇ ମୃତ ଏକାଦଶୀଙ୍କ ପୁଅ ଶଙ୍କର ନାହାକଙ୍କ ଅଭିଯୋଗ ପ୍ରକାରେ ପୋଲିସ ନଂ.୧୪୪/୨୬ରେ ଏକ ମାମଲା ରୁଜୁ କରିଛି। ସନ୍ଧ୍ୟା ହୋଇଯାଇଥିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରିନାହିଁ। ଏକାଦଶୀ ଝଡ଼ାଫୁଙ୍କା କାମ କରୁଥିବାରୁ ତାଙ୍କ ଉପରେ କାହାର ସନ୍ଦେହ ହୋଇଛି। ଗୁଣିଗାରେଡିକୁ କେନ୍ଦ୍ରକରି ତାଙ୍କୁ ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ସନ୍ଦେହ କରାଯାଇଛି। ସେ ଦିଗରେ ପୋଲିସ ତଦନ୍ତ ଚଳାଇଛି। ଅଭିଯୁକ୍ତମାନେ ଚମ୍ପଟ ମାରିଥିବା ବେଳେ ସେମାନଙ୍କୁ ଧରିବା ପାଇଁ ଏକ ଟିମ୍ ଗଠନ ହୋଇଛି। ପୋଲିସ ଘଟଣାସ୍ଥଳରୁ ମୃତକଙ୍କ ସାଇକେଲ ଜବତ କରିଛି। ଏକାଦଶୀଙ୍କୁ କିଏ ଓ କାହିଁକି ହତ୍ୟା କଲେ ତାହାକୁ ନେଇ ଅଞ୍ଚଳରେ ନାନା କଳ୍ପନାଜଳ୍ପନା ଜାରି ରହିଛି।


## ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହ

ସ୍ଥାନ: ଓଡ଼ିଶା ବିଧାନସୌଧ ସମ୍ମୁଖସ୍ଥ ଶିଳାନ୍ୟାସ ଫଳକ
ତା. ୧୩-୦୪-୨୦୨୬ ରିଖ

15001/10/2627

**ସକାଳ ଅଧିବେଶନ / ଘ. ୬.୩୦ ମିନିଟ୍**

ମୁଖ୍ୟ ଅତିଥି:- **ଶ୍ରୀମତୀ ସୁରମା ପାଢ଼ୀ**, ମାନନୀୟା ବାଚସ୍ପତି, ଓଡ଼ିଶା ବିଧାନସଭା
ରାଜଧାନୀ ଶିଳାନ୍ୟାସ ଫଳକରେ ମାଲ୍ୟାର୍ପଣ
ପତାକା ଉତ୍ତୋଳନ
ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଚିତ୍ତାକର୍ଷକ ବେସାମରିକ ପ୍ୟାରେଡରେ ଅଭିବାଦନ ଗ୍ରହଣ
(ରବୀନ୍ଦ୍ର ମଣ୍ଡପଠାରୁ ଜୟଦେବ ଭବନ ଛକ)

ସକାଳ ୯ ଘଟିକା- ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟନ
ସ୍ଥାନ: ଜୟଦେବ ଭବନ
ପୂର୍ବାହ୍ନ ୧୦ ଘଟିକା-ରାଜଧାନୀର ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସାଂସ୍କୃତିକ ପ୍ରତିଯୋଗିତା
ସ୍ଥାନ: ରବୀନ୍ଦ୍ର ମଣ୍ଡପ ଅଡିଟୋରିୟମ୍

**ସନ୍ଧ୍ୟା ଅଧିବେଶନ / ସମୟ. ୬ ଘଟିକା**
**ସ୍ଥାନ: ଉତ୍କଳ ମଣ୍ଡପ / ତା ୧୩.୦୪.୨୦୨୬ ରିଖ**

ମୁଖ୍ୟ ଅତିଥି:- **ଡ. ହରି ବାବୁ କମ୍ଭମପାଟି**, ମାନ୍ୟବର ରାଜ୍ୟପାଳ, ଓଡ଼ିଶା
୧୩ ଜଣ ବ୍ୟକ୍ତିବିଶେଷଙ୍କୁ "ରାଜଧାନୀ ଗୌରବ ସମ୍ମାନ-୨୦୨୬" ପ୍ରଦାନ

**ସକାଳ ଓ ସନ୍ଧ୍ୟା ଅଧିବେଶନର ନିମନ୍ତ୍ରିତ ଅତିଥିବୃନ୍ଦ**

ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ, ମାନ୍ୟବର ମନ୍ତ୍ରୀ, ଆଇନ, ପୂର୍ତ୍ତ ଏବଂ ଅବକାରୀ
ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର, ମାନ୍ୟବର ମନ୍ତ୍ରୀ, ଗୃହନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ
ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ, ମାନ୍ୟବର ମନ୍ତ୍ରୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା
ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ, ମାନନୀୟା ସାଂସଦ, ଭୁବନେଶ୍ୱର
ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ମାନ୍ୟବର ବିଧାୟକ, ଭୁବନେଶ୍ୱର(ମଧ୍ୟ)
ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ, ମାନ୍ୟବର ବିଧାୟକ, ଭୁବନେଶ୍ୱର(ଉତ୍ତର)
ଶ୍ରୀଯୁକ୍ତ ବାବୁ ସିଂ, ମାନ୍ୟବର ବିଧାୟକ, ଭୁବନେଶ୍ୱର(ଏକାମ୍ର)
ଶ୍ରୀଯୁକ୍ତ ପ୍ରଶାନ୍ତ ଜଗଦେବ, ମାନ୍ୟବର ବିଧାୟକ, ଖୋର୍ଦ୍ଧା ତଥା ଅଧ୍ୟକ୍ଷ, ଜିଲ୍ଲା ଯୋଜନା କମିଟି
ଶ୍ରୀଯୁକ୍ତ ବିଭୂତି ଭୂଷଣ ବଳବନ୍ତରାୟ, ମାନ୍ୟବର ବିଧାୟକ, ଜଟଣୀ
ଶ୍ରୀମତୀ ସୁଲୋଚନା ଦାସ, ମାନନୀୟା ମେୟର, ଭୁବନେଶ୍ୱର ମହାନଗର ନିଗମ
ଶ୍ରୀମତୀ ମଞ୍ଜୁଲତା କହଁର, ମାନନୀୟା ଡେପୁଟି ମେୟର, ଭୁବନେଶ୍ୱର ମହାନଗର ନିଗମ
ଶ୍ରୀମତୀ ଅନୁ ଗର୍ଗ (ଭା.ପ୍ର.ସେ) ମୁଖ୍ୟ ଶାସନ ସଚିବ, ଓଡ଼ିଶା ସରକାର
ଶ୍ରୀଯୁକ୍ତ ଦେଓ ରଞ୍ଜନ କୁମାର ସିଂ (ଭା.ପ୍ର.ସେ) ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ
ଶ୍ରୀଯୁକ୍ତ ହେମନ୍ତ ଶର୍ମା (ଭା.ପ୍ର.ସେ) ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ, ଶିଳ୍ପ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ
ଶ୍ରୀଯୁକ୍ତ ଏସ୍. ଦେବଦତ୍ତ ସିଂ (ଭା.ପୁ.ସେ), ପୋଲିସ କମିଶନର, କଟକ-ଭୁବନେଶ୍ୱର
ଶ୍ରୀଯୁକ୍ତ ଚଞ୍ଚଳ ରାଣା (ଭା.ପ୍ର.ସେ), କମିଶନର, ବିଏମ୍‌ସି ତଥା ଉପାଧ୍ୟକ୍ଷ, ବିଡ଼ିଏ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍
ଶ୍ରୀଯୁକ୍ତ ଅମ୍ରିତ ଋତୁରାଜ (ଭା.ପ୍ର.ସେ), ଜିଲ୍ଲାପାଳ, ଖୋର୍ଦ୍ଧା

**ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି**
ଶ୍ରୀଯୁକ୍ତ ପ୍ରଦୋଷ ପଟ୍ଟନାୟକ, ସଭାପତି
ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଉପସଭାପତି
ଶ୍ରୀଯୁକ୍ତ ସନତ ମିଶ୍ର, ସାଧାରଣ ସଂପାଦକ

**ତା. ୧୪.୦୪.୨୦୨୬ ରିଖ, ମଙ୍ଗଳବାର (ଦ୍ୱିତୀୟ ଦିବସ ସମାରୋହ)**
**ସନ୍ଧ୍ୟା ଅଧିବେଶନ ସ୍ଥାନ : ଉତ୍କଳ ମଣ୍ଡପ, ସମୟ: ୬ ଘଟିକା**

୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ୨୦୨୬ ପାଳନ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଏବଂ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ମିଳିତ ଆନୁକୂଲ୍ୟରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ।

ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେବାକୁ ସାଦର ଆମନ୍ତ୍ରଣ ।

ନିବେଦକ: ସୂଚନା ଓ ଲୋକସମ୍ପର୍କ ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଏବଂ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି ।

OIPR-15001/15001/2/26-27/0010




# 'ମହିଳାଙ୍କୁ ୩୩% ସଂରକ୍ଷଣ ବିକଶିତ ଭାରତର ଆଧାରଶିଳା ହେବ'




ଭାଜପା କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ (ବାମରୁ) ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଡା.ଐଶ୍ୱର୍ଯ୍ୟା ବିଶ୍ୱାଳ, ଏମ୍‌ପି ଅନୀତା ଶୁଭଦର୍ଶିନୀ ଓ କସ୍ତୁରୀ ମିଶ୍ର।

ଭୁବନେଶ୍ୱର,୧୨।୪(ରବିନାରାୟଣ ଜେନା)

ସଂସଦରେ ଏପ୍ରିଲ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ତ୍ରି-ଦିବସୀୟ ମାତୃଶକ୍ତି ବନ୍ଦନ ଅଧିନିୟମ ଉପରେ ବିଶଦ୍ ଚର୍ଚ୍ଚା ହେବ। ଏହା କେବଳ ଦେଶର ନାରୀଶକ୍ତିକୁ ୨୦୨୯ ମସିହାରେ ସଂସଦ ଓ ବିଧାନସଭାରେ ଏକ ତୃତୀୟାଂଶ ସଂରକ୍ଷଣ ଦେବ ତାହା ନୁହେଁ ବରଂ ୨୦୪୭ରେ ବିକଶିତ ଭାରତର ସ୍ୱପ୍ନକୁ ସଫଳ ରୂପାୟନ କରିବାର ଆଧାରଶୀଳା ହେବ। ଏହା ଦେଶର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅମୃତ ବେଳା ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ କହିଛନ୍ତି, ଏହା ମହିଳାଙ୍କ ନେତୃତ୍ୱରେ ଅର୍ଥନୈତିକ ବିକାଶର ରାସ୍ତା ଖୋଲିବ। ସମ୍ମାନ, ସୁରକ୍ଷା, ସମାନତା, ସହଭାଗିତା, ସଶକ୍ତୀକରଣ, ସ୍ୱାବଲମ୍ବନ ଓ ସମ୍ମାନଜନକ ନେତୃତ୍ୱ-୭ 'ସ' ହେଉଛି ନାରୀ ଅଧିକାର ପାଇଁ ମୂଳ ଆଧାର। ମହିଳାଙ୍କୁ ସ୍ଥାନ ସଂରକ୍ଷଣ ନୁହେଁ ବରଂ ବିଶ୍ୱର ସବୁଠୁ ବଡ଼ ଗଣତନ୍ତ୍ରର ଦୀର୍ଘଦିନର ବହୁ ପ୍ରତୀକ୍ଷିତ ଶୁଭ ମୁହୂର୍ତ୍ତର ଅୟମାରମ୍ଭ ହେବ। ୨୦୨୩ରେ ୧୨୮ତମ ସମ୍ବିଧାନ ସଂଶୋଧନ ଭାରତ ଇତିହାସର ଏକ ଯୁଗାନ୍ତକାରୀ ପଦକ୍ଷେପ ଭାବରେ ଆମ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାମାନଙ୍କ ପାଇଁ ଏକ ତୃତୀୟାଂଶ ସଂରକ୍ଷଣ କେବଳ ମହିଳା ପ୍ରତିନିଧି ବୃଦ୍ଧିରେ ସୀମିତ ନୁହେଁ ବରଂ ନୀତି ନିର୍ମାଣକୁ ଅଧିକ ସମାବେଶୀ, ସମ୍ବେଦନଶୀଳ ଏବଂ ପ୍ରଭାବଶାଳୀ କରିବା ଦିଗରେ ଏକ ଦୃଢ଼ ପ୍ରୟାସ ହେବ। ୩୩ ପ୍ରତିଶତ ମହିଳା ସଂରକ୍ଷଣର କ୍ରିୟାନ୍ୱୟନ ନିର୍ଣ୍ଣୟ ପ୍ରକ୍ରିୟାରୁ ଦୂରରେ ଥିବା ଜନସଂଖ୍ୟାର ୫୦ ପ୍ରତିଶତ ମହିଳାଙ୍କୁ ନୀତି ରହିତାଧିକାରୀରୁ ନୀତିର ନିର୍ମାତା ହେବାର ପଥ ପ୍ରଶସ୍ତ କରିବ ବୋଲି ସେ କହିଛନ୍ତି।

ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଫଳ ନେତୃତ୍ୱରେ ୨୦୨୩ରେ ସମ୍ବିଧାନର ୧୨୮ତମ ସଂଶୋଧନରେ ମାତୃଶକ୍ତି ବନ୍ଦନା ହେଉ ଅଥବା ୨୦୨୬ ଏପ୍ରିଲ ୧୬ରୁ ୧୮ ସଂସଦର ପ୍ରସ୍ତାବିତ ବିଶେଷ ଅଧିବେଶନ ତତ୍କାଳିକ ନିଷ୍ପତ୍ତି ନୁହେଁ। ୨୦୧୪ରେ ଦେଶର ପ୍ରଧାନମନ୍ତ୍ରିତ୍ୱ ସମ୍ଭାଳିବା ଦିନରୁ ହିଁ ମହିଳାଙ୍କ ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରିବାର ବଡ଼ ଉଦ୍ୟମ କରିଛନ୍ତି। ଲାଲକିଲ୍ଲାର ପ୍ରାଚୀର ଉପରୁ ଦେଶର ପ୍ରଧାନମନ୍ତ୍ରୀଙ୍କ ସ୍ୱଚ୍ଛ ଭାରତ ମାଧ୍ୟମରେ ଘରେ ଘରେ ଶୌଚାଳୟ ମାଧ୍ୟମରେ ମହିଳା ସମ୍ମାନର ଯେଉଁ ମୂଳଦୁଆ ପକାଇଥିଲେ ତାହା ଆଜିର ଦିନରେ ମାତୃଶକ୍ତି ବନ୍ଦନ ଅଧିନିୟମରେ ସଂସଦ ଓ ବିଧାନସଭାରେ ୩୩ ପ୍ରତିଶତ ସଂରକ୍ଷଣ ମାଧ୍ୟମରେ ମୁଣ୍ଡିମରା ହେବ। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ମହିଳାଙ୍କ ମାଲିକାନାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜଳ ଜୀବନ ମିଶନରେ ଘରେ ଘରେ ପାଇପ ଯୋଗେ ପାନୀୟଜଳ, ଜନଧନ ଯୋଜନାରେ ବ୍ୟାଙ୍କଖାତା, ସ୍ୱୟଂସହାୟକ ଗୋଷ୍ଠୀରୁ ଲକ୍ଷପତି ଦିଦି, ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା, ମହିଳା ସ୍ୱାଭିମାନ ଓ ସଶକ୍ତୀକରଣର ସୁଦୃଢ଼ ମୂଳଦୁଆ ଉପରେ ମାତୃ ଶକ୍ତିବନ୍ଦନ ଅଧିନିୟମର ୩୩ ପ୍ରତିଶତ ମହିଳା ସ୍ଥାନ ସଂରକ୍ଷଣର ସୁଦୃଶ୍ୟ ଅଟ୍ଟାଳିକା ଠିଆହେବାକୁ ଯାଉଛି। ଏହି କ୍ରମରେ ମୋଦିଙ୍କ ମାର୍ଗଦର୍ଶନରେ ସୁଭଦ୍ରା ଯୋଜନା ମହିଳା ସଶକ୍ତୀକରଣର ପଥପ୍ରଦର୍ଶକ ହୋଇଛି। ଗର୍ଭବତୀ ମହିଳାଙ୍କ ପାଇଁ ମାତୃ ବନ୍ଦନା ହେଉ ବା ପିଏମ୍ ପୋଷଣ, ସୁରକ୍ଷିତ ମାତୃତ୍ୱ ଅଭିଯାନ, ସକ୍ଷମ ଅଙ୍ଗନୱାଡ଼ି, ମିଶନ ଇନ୍ଦ୍ରଧନୁଷ, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଆଦି ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ନାରୀଶକ୍ତି ପାଇଁ ଅଖଣ୍ଡ ନିଷ୍ଠାର ପରିଚାୟକ। ସଂସଦରେ ଚଳିତମାସ ୧୬ ରୁ ୧୮ ଐତିହାସିକ ଆଲୋଚନା ଏବଂ ଏହାର ପୂର୍ବଦିନଗୁଡ଼ିକରେ ଓଡ଼ିଶାର ମାତୃଶକ୍ତି ଏହି ଐତିହାସିକ ଦିନଗୁଡ଼ିକ ଉତ୍ସବ ରୂପରେ ପାଳନ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ଆହ୍ୱାନ ଜଣାଇଛନ୍ତି। ଏହି ସମ୍ମିଳନୀରେ ଏମ୍‌ପି ଅନୀତା ଶୁଭଦର୍ଶିନୀ, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଡା.ଐଶ୍ୱର୍ଯ୍ୟା ବିଶ୍ୱାଳ ଓ ଶିଶୁ ଆୟୋଗ ସଦସ୍ୟା କସ୍ତୁରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଏହି ଖବରଦାତା ସମ୍ମିଳନୀରେ କସ୍ତୁରୀଙ୍କ ଉପସ୍ଥିତିକୁ ନେଇ ରାଜନୈତିକ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଶ୍ରେୟ କେବଳ ବିଜୁବାବୁଙ୍କୁ ଯିବ: ଟୁକୁନି

ମହିଳାଙ୍କ ସଂରକ୍ଷଣ ପାଇଁ ଯଦି କେହି ଦେଶରେ ପ୍ରଥମେ ସ୍ୱର ଉତ୍ତୋଳନ କରିଥିଲେ ସେ ହେଉଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ। ମା'ଙ୍କ ସମ୍ମାନ ପାଇଁ ସେ ପ୍ରଥମେ ଆଗକୁ ଆସିଥିଲେ। ତେଣୁ ସଂସଦରେ ଯେଉଁ ମହିଳା ସଂରକ୍ଷଣ ନେଇ ୩ଦିନ ଚର୍ଚ୍ଚା ହେବ, ଏହା ପଛରେ ସମସ୍ତ ଶ୍ରେୟ ବିଜୁବାବୁଙ୍କୁ ହିଁ ଯିବ ବୋଲି ବିଜେଡି ପିଏସି ସଦସ୍ୟା ଟୁକୁନି ସାହୁ କହିଛନ୍ତି।

ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀକୁ ନେଇ ଟୁକୁନି କହିଛନ୍ତି, ବିଜୁବାବୁଙ୍କ ପରେ ନବୀନ ସରକାରରେ ମଧ୍ୟ ମହିଳାଙ୍କ ପାଇଁ ବହୁତ ଯୋଜନା ହୋଇଛି। ସଂସଦ ଓ ବିଧାନସଭାରେ ବିଜେଡି ପକ୍ଷରୁ ୩୩ପ୍ରତିଶତ ମହିଳାଙ୍କୁ ପ୍ରାର୍ଥୀ କରାଯାଇଥିବାବେଳେ ପଞ୍ଚାୟତିରାଜ ବ୍ୟବସ୍ଥାରେ ୫୦ ପ୍ରତିଶତ ସଂରକ୍ଷଣ କରିବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍ୟମ କରିଛନ୍ତି। ଏନେଇ ନବୀନବାବୁ କେନ୍ଦ୍ରକୁ ମଧ୍ୟ ଚିଠି ଲେଖିଛନ୍ତି। ଏବେ କେନ୍ଦ୍ର ଯେଉଁ ନିଷ୍ପତ୍ତି ନେଉଛନ୍ତି ତାକୁ ଆମେ ସ୍ୱାଗତ କରୁଛୁ। ହେଲେ ଏଥିରେ ରାଜନୈତିକ ଅଭିସନ୍ଧି ରଖାଗଲେ ତାହା ଠିକ୍ ହେବନାହିଁ। ନବୀନବାବୁ ମିଶନ ଶକ୍ତି ମାଧ୍ୟମରେ ମହିଳାଙ୍କୁ ସଶକ୍ତୀକରଣ କରିଥିଲେ। ଘରୁ ବାହାରୁ ନ ଥିବା ମହିଳା ବାହାରକୁ ଆସି ରୋଜଗାରକ୍ଷମ ତଥା ସ୍ୱାବଲମ୍ବୀ ହୋଇପାରିଥିଲେ। ଏବେ 'ସୁଭଦ୍ରା'ଯୋଜନାରେ ସରକାର ଯେଉଁ ମହିଳା ସଶକ୍ତୀକରଣ କଥା କହୁନ୍ତି ତାହା ଆଗାମୀ ଦିନରେ ସବୁ ଧୂଆଁବାଣ ସଦୃଶ ହୋଇଯିବ ବୋଲି ଟୁକୁନି କହିଛନ୍ତି।

# ଇରାନୀ ନେତାର ନାହିଁ ପ୍ରୟୋଜନ

ପାକିସ୍ତାନ ରାଜଧାନୀ ଇସ୍‌ଲାମାବାଦଠାରେ ଆମେରିକା ଓ ଇରାନ୍ ମଧ୍ୟରେ ୨୧ ଘଣ୍ଟା ଧରି ଚାଲିଥିବା ଶାନ୍ତି ଆଲୋଚନା ଶେଷରେ ବିଫଳ ହୋଇଛି। ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପୂର୍ବରୁ ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ କହିଛନ୍ତି, ଇରାନ୍ ତାଙ୍କ ସର୍ତ୍ତାବଳୀ ମାନିବାକୁ ରାଜି ନ ହେବାରୁ ଶାନ୍ତି ଚୁକ୍ତି ହୋଇପାରିଲା ନାହିଁ। ଆମେରିକା ସର୍ତ୍ତ ରଖିଥିଲା ଯେ, ଇରାନ୍ ପାରମାଣବିକ ଅସ୍ତ୍ର ଗୋଟାଇବ ନାହିଁ ଓ ଯେଉଁ ଉପକରଣଗୁଡ଼ିକ ଶୀଘ୍ର ପାରମାଣବିକ ଅସ୍ତ୍ର ପାଇବାରେ ସହାୟକ ହୋଇପାରିବ, ସେଗୁଡ଼ିକ ମଧ୍ୟ ସଂଗ୍ରହ କରିବ ନାହିଁ। ଅନ୍ୟପକ୍ଷରେ ଇରାନ୍ କହିଛି ଯେ, ଦୁଇ ପକ୍ଷ ଅନେକ ପ୍ରସଙ୍ଗରେ ବୁଝାମଣାରେ ପହଞ୍ଚିଥିଲେ ମଧ୍ୟ ଚୁକ୍ତି ଅନୁଷ୍ଠିତ ହୋଇପାରିଲା ନାହିଁ। ଇରାନ୍ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଇସ୍‌ମାଇଲ ବାଘାଇ କହିଛନ୍ତି, କଥାବାର୍ତ୍ତା ବେଳେ ହର୍ମୁଜ ଜଳପଥ, ପାରମାଣବିକ ବିଷୟ, ଆର୍ଥିକ ନିଷେଧାଜ୍ଞା, କ୍ଷତିପୂରଣ ସହିତ ଇରାନ୍ ସହ ଯୁଦ୍ଧର ସମାପ୍ତି ଘୋଷଣା କରିବା ଆଦି ପ୍ରସଙ୍ଗ ମୁଖ୍ୟ ଥିଲା। ହେଲେ ଆମେରିକା ଯେଉଁଳି ସହଯୋଗ କରିବା କଥା, ତାହା କଲା ନାହିଁ ବୋଲି ଇରାନ୍ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଇରାନ୍ ବାରମ୍ବାର କହି ଆସୁଛି ଯେ, ତାହାର ପାରମାଣବିକ କାର୍ଯ୍ୟକ୍ରମ ସାଧାରଣ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ଓ ସେଥିପାଇଁ ୟୁରାନିୟମ ସମୃଦ୍ଧୀକରଣ ଜାରି ରଖିବାର ଅଧିକାର ତାହାର ଅଛି। ତେବେ ଆମେରିକାର ଅତ୍ୟଧିକ ଦାବି ଆଲୋଚନାକୁ ଚ୍ୟୁତ କରିଥିବା ଅନ୍ତର୍ଜାତୀୟ ବିଶେଷଜ୍ଞମାନେ କହିଛନ୍ତି।

ଶାନ୍ତି ଆଲୋଚନା ବିଫଳ ହୋଇଥିଲେ ମଧ୍ୟ ପାକିସ୍ତାନର କୂଟନୈତିକ ଉଦ୍ୟମ ଅନ୍ତର୍ଜାତୀୟ ସ୍ତରରେ ଅନ୍ୟତମ ଆଲୋଚ୍ୟ ବିଷୟ ହୋଇ ରହିଲା। ଦୁଇ ଦେଶ ଶାନ୍ତି ଚୁକ୍ତିରେ ପହଞ୍ଚି ନ ପାରିବା ଭିନ୍ନ କଥା। ଏକ ସୁନ୍ନିବହୁଳ ରାଷ୍ଟ୍ରର ମାଟି ଉପରେ ଅନୁଷ୍ଠିତ ହୋଇଥିବା ଏହି ଆଲୋଚନା ବିଶ୍ୱଶାନ୍ତି ଓ ସ୍ଥିରତା ଦିଗରେ ପ୍ରଭାବ ପକାଇଛି। ଏଠାରେ ସୁନିଶ୍ଚିତ କହିହେବ ଯେ, ପାକିସ୍ତାନକୁ ବାରମ୍ବାର ଏକ ଉଗ୍ରବାଦ ସମର୍ଥକ ଦେଶ ଭାବରେ ଚିତ୍ରଣ କରିବାକୁ ଚେଷ୍ଟା କରୁଥିବା ଭାରତ ତାହାର କୂଟନୀତିରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଅନ୍ୟପଟେ ୨୮ ଫେବୃୟାରୀ ୨୦୨୬ରେ ଆରମ୍ଭ ହୋଇଥିବା ଯୁଦ୍ଧରେ ଗୋଟେପଟେ ଆମେରିକା ଓ ଇସ୍ରାଏଲ ଥିବାବେଳେ ବିପକ୍ଷରେ ଇରାନ୍ ଥିଲା। ଫେବୃଆରୀ ୨୮ ପର୍ଯ୍ୟନ୍ତ ହର୍ମୁଜ ସବୁ ଜାହାଜ ପାଇଁ ଖୋଲା ଥିଲା। ପରମାଣୁ ବ୍ୟବସ୍ଥା ସମ୍ପର୍କରେ ଆମେରିକା ସହ ଇରାନ୍‌ର କଥାବାର୍ତ୍ତା ଲାଗି ରହିଥିଲା। ଇସ୍ରାଏଲ କଥାରେ ପଡ଼ି ଆମେରିକା ହଠାତ୍, ବିନା କୌଣସି କାରଣରେ, ଇରାନ୍ ଉପରେ ଆକ୍ରମଣ ଆରମ୍ଭ କରିଦେଲା। ସମ୍ଭବତଃ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାବିଥିଲେ ଇସ୍ରାଏଲ ଯୋଗାଇଥିବା ଗୋଇନ୍ଦା ତଥ୍ୟ ଅନୁଯାୟୀ ଏକ ସପ୍ତାହ ମଧ୍ୟରେ ଇରାନ୍ ସହ ଯୁଦ୍ଧ ଶେଷ ହୋଇଯିବ। ହୁଏତ ସେ ପୁଣି ଭାବିଥିଲେ, ଇରାନ୍‌ର ନେତାମାନଙ୍କୁ ମାରିଦେଲେ ନିଷ୍ପତ୍ତି ନେବା ପାଇଁ କେହି ନ ଥିବେ। ତେଣୁ, ସ୍ୱାଭାବିକ ଭାବେ, ଇରାନ୍ ଭୁଶୁଡ଼ି ପଡ଼ିବ। ଆମେରିକାକୁ ଅଜଣା ଥିଲା ଯେ, ରାଜାରାଜୁଡ଼ା ଶାସନକୁ ବିଦାକରି ଇରାନ୍ ଆପଣାଇଥିବା ଏକ ଭିନ୍ନ ବୈପ୍ଳବିକ ପ୍ରଶାସନିକ ବ୍ୟବସ୍ଥାରେ ସାମନ୍ତବାଦ ଚିନ୍ତାଧାରା ଲୋପ ପାଇଯାଇଛି। ଇରାନ୍ ଏହି ଯୁଦ୍ଧ ମାଧ୍ୟମରେ ପ୍ରମାଣ କରିଦେଲା ଯେ, ସେହି ଦେଶରେ କୌଣସି ନେତାର ପ୍ରୟୋଜନ ନାହିଁ। ଓଡ଼ିଆ ଭାଷାରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ କବିତାରେ ଲେଖାଅଛି– 'ଉତ୍କଳେ ନେତାର ନାହିଁ ପ୍ରୟୋଜନ, ଉତ୍କଳର ନେତା ସ୍ୱୟଂ ନାରାୟଣ'। ଦୁଃଖର ବିଷୟ ଯେ, ଓଡ଼ିଆ ଜାତି ଏହି ଦୁଇ ଗୁରୁତ୍ୱପୂର୍ଣ୍ଣ ଧାଡ଼ିର ଅର୍ଥ ଆଜିଯାଏ ବୁଝିପାରିଲା ନାହିଁ। ଏବେ ଏଠାରେ ଓଡ଼ିଆଙ୍କ ସମ୍ପର୍କରେ ଆଲୋଚନା କରିବା ବୃଥା। ଇରାନ୍ ସମ୍ପର୍କରେ ଆମେରିକାକୁ ଇସ୍ରାଏଲ ଦେଇଥିବା ସବୁ ତଥ୍ୟ ଅବାସ୍ତବ ଏବଂ ଅପରିପକ୍ୱ ବୋଲି ପରବର୍ତ୍ତୀ ସମୟରେ ବୁଝାପଡୁଛି। ସେହିଭଳି ଆମେରିକାର ଗୋଇନ୍ଦା ତଥ୍ୟ ମଧ୍ୟ ଅକାମୀ ବୋଲି ପ୍ରମାଣିତ ହେଲା। ଇରାନ୍ ପାଖରେ ଆଣବିକ ବୋମା ନାହିଁ। ସେହି ଦେଶରେ ଯୁଦ୍ଧ ସାମଗ୍ରୀ ତିଆରି କରିବାର କ୍ଷମତା ଅତ୍ୟନ୍ତ ସୀମିତ। ତଥାପି ପୃଥିବୀର ସର୍ବଶକ୍ତିଶାଳୀ ମିଲିଟାରୀକୁ ମାସକ ଭିତରେ ଇରାନ୍ ଆଣ୍ଠେଇ ଦେଇପାରିଲାଣି।

ଏହି ପ୍ରଚ୍ଛଦପଟରେ କହିହେବ ଯେ, ମଧ୍ୟପ୍ରାଚ୍ୟରେ ଅଶାନ୍ତ ସ୍ଥିତି ଲାଗିରହିବ। ଯୁଦ୍ଧ ଆରମ୍ଭ କରାଇ ନିଜେ ଇସ୍ରାଏଲ ଓ ଆମେରିକା ଉଭୟେ ଖାପ୍‌ଚରେ ପଡ଼ିଯାଇଛନ୍ତି। ଆମେରିକା ତା'ର ସଶସ୍ତ୍ର ବାହିନୀକୁ ଫେରାଇ ନେଇପାରେ। କିନ୍ତୁ ଇସ୍ରାଏଲ ସବୁବେଳେ ଇରାନ୍‌ର କୋପଦୃଷ୍ଟିରେ ରହିବା ସହିତ ଇରାନୀ ରକେଟ୍ ଏବଂ ଡ୍ରୋନ୍‌ର ମାଡ଼ କରିବା ସୀମା ଭିତରେ ରହିବ। ହର୍ମୁଜ ଜଳପଥ ଅତିଶୀଘ୍ର ସୁରକ୍ଷିତ ହୋଇଯିବ ବୋଲି ବିଶ୍ୱାସ କରିହେଉ ନାହିଁ। ଏଭଳି ଏକ ଅସ୍ୱଷ୍ଟ ପରିସ୍ଥିତିରେ ଭାରତର ଇସ୍ରାଏଲ ସାଙ୍ଗରେ ବନ୍ଧୁତ୍ୱ ଆମ ଦେଶ ପାଇଁ ଦୀର୍ଘମିଆଦୀ କ୍ଷତି କରିବ। କାରଣ ପୃଥିବୀରେ ଆମେରିକା ଓ ଚାଇନା ପରେ ତୃତୀୟ ସ୍ଥାନରେ ସର୍ବାଧିକ ପେଟ୍ରୋଲିୟମ୍ ଦ୍ରବ୍ୟ ବ୍ୟବହାର କରୁଥିବା ଦେଶ ହେଉଛି ଭାରତ। ତେଣୁ ଦୂରତା ମାପିଲେ ମଧ୍ୟପ୍ରାଚ୍ୟ ଭାରତ ପାଇଁ ସବୁଠାରୁ ନିକଟତର ତୈଳ ଯୋଗାଣ ଅଞ୍ଚଳ। ସେହି ଅଞ୍ଚଳରେ ଦୀର୍ଘଦିନ ଧରି ଭାରତର ସୁସମ୍ପର୍କ ଗଢ଼ି ଉଠିଥିଲା। ହଠାତ୍ ଇସ୍ରାଏଲ ସହିତ ନିବିଡ଼ ସମ୍ପର୍କ ସ୍ଥାପନ କରିବା ଏବଂ ସାମ୍ପ୍ରତିକ ଇରାନ୍ ଯୁଦ୍ଧକୁ ନେଇ ଭାରତର ସମ୍ପୂର୍ଣ୍ଣ ନୀରବତା ଏହି ଦେଶର ଅର୍ଥନୀତି ଉପରେ ପ୍ରବଳ ନକାରାତ୍ମକ ପ୍ରଭାବ ପକାଇବାର ଆଶଙ୍କା ସୃଷ୍ଟି ହେଉଛି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 2 | 3 | | 7 |
| | | 5 | | | | | 6 | 8 |
| | | | | 8 | | | 5 | |
| | | | 6 | | | | | |
| | | 2 | | | | | 4 | |
| | 1 | 6 | | | | 9 | | |
| 2 | | 4 | | 3 | 9 | 5 | | |
| | 5 | 1 | | | | | | 3 |
| 3 | | | | 2 | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 3 | 1 | 2 | 8 | 6 | 4 | 7 |
| 4 | 7 | 8 | 6 | 5 | 9 | 1 | 3 | 2 |
| 6 | 1 | 2 | 7 | 4 | 3 | 9 | 8 | 5 |
| 7 | 8 | 5 | 9 | 1 | 4 | 3 | 2 | 6 |
| 2 | 3 | 9 | 5 | 8 | 6 | 4 | 7 | 1 |
| 1 | 6 | 4 | 2 | 3 | 7 | 8 | 5 | 9 |
| 5 | 4 | 6 | 3 | 9 | 2 | 7 | 1 | 8 |
| 3 | 2 | 7 | 8 | 6 | 1 | 5 | 9 | 4 |
| 8 | 9 | 1 | 4 | 7 | 5 | 2 | 6 | 3 |

ଗତକାଲିର ଉତ୍ତର

# ଯୁଦ୍ଧ ଓ ଶ୍ୱାସରୁଦ୍ଧ ସମ୍ବେଦନଶୀଳତା



ପ୍ରକାଶ ତ୍ରିପାଠୀ

ଆମେରିକା ଏବଂ ଇରାନ ମଧ୍ୟରେ ଦୁଇ ସପ୍ତାହ ପାଇଁ ଅସ୍ତ୍ରବିରତି ଘୋଷଣା ପରେ ପାକିସ୍ତାନର ରାଜଧାନୀ ଇସଲାମାବାଦରେ ଉଭୟ ଦେଶର ପ୍ରତିନିଧିମଣ୍ଡଳୀଙ୍କ ମଧ୍ୟରେ ଅନୁଷ୍ଠିତ ଶାନ୍ତି ଆଲୋଚନା ବିଫଳ ହୋଇଛି। ଆଶା ଥିଲା, ଏହି ଆଲୋଚନାରେ ଉଭୟ ରାଷ୍ଟ୍ର ସକାରାତ୍ମକ ନିଷ୍କର୍ଷ ବାହାର କରିବେ, ଯଦ୍ୱାରା କେବଳ ମଧ୍ୟପ୍ରାଚ୍ୟ, ଉପସାଗରୀୟ ଅଞ୍ଚଳ ନୁହେଁ, ସମଗ୍ର ବିଶ୍ୱ ଶାନ୍ତିରେ ନିଃଶ୍ୱାସ ମାରିବ। କିନ୍ତୁ ତାହା ସଫଳ ହେଲା ନାହିଁ। ଯଦି ଇରାନ-ଇସ୍ରାଏଲ,ଆମେରିକା ଯୁଦ୍ଧର ବିଭୀଷିକାକୁ ଦେଖିବା, ତେବେ ପ୍ରଥମେ ନଜର ଆସିବ ଇରାନର ମିନାବରେ ଥିବା ଶାଜାରେହ ତୟେବେହ ପ୍ରାଥମିକ ବିଦ୍ୟାଳୟ ଉପରେ ହୋଇଥିବା ଅମାନବୀୟ କ୍ଷେପଣାସ୍ତ୍ର ଆକ୍ରମଣରେ ପାଖାପାଖି ୧୮୦ ଲୋକ ପ୍ରାଣ ହରାଇଛନ୍ତି, ଯେଉଁଥିରେ ସଂଖ୍ୟାଧିକ ହେଉଛନ୍ତି ପିଲା। ଚଳିତ ଇରାନ୍ ଓ ଇସ୍ରାଏଲ- ଆମେରିକା ଯୁଦ୍ଧରେ ଏହା ଏକ ଅତ୍ୟନ୍ତ ଅମାନବୀୟ ଘଟଣା। ସେହିପରି ଆଫ୍‌ଗାନିସ୍ତାନ- ପାକିସ୍ତାନ ମଧ୍ୟରେ ଚାଲିଥିବା ଯୁଦ୍ଧରେ କାବୁଲର ଏକ ଡାକ୍ତରଖାନା ଉପରେ ପାକିସ୍ତାନୀ ବିମାନ ଆକ୍ରମଣ ଯୋଗୁ ଅତିକମ୍‌ରେ ୪୦୦ ଜଣଙ୍କ ମୃତ୍ୟୁ ହୋଇଛି, ଯେଉଁଥିରେ ସଂଖ୍ୟାଧିକ ହେଉଛନ୍ତି ରୋଗୀ, ସେମାନଙ୍କ ସମ୍ପର୍କୀୟ ଓ ଚିକିତ୍ସକ। ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ବିଶ୍ୱାୟନ ସହାୟତାରେ ମାନବ ସଭ୍ୟତା ପ୍ରଗତିର ଅଭୂତପୂର୍ବ ଶିଖର ଆଡ଼କୁ ଅଗ୍ରସର ହେଉଥିବା ବେଳେ ବିଶ୍ୱର ଅନେକ ସ୍ଥାନରେ ଏହିଭଳି ଯୁଦ୍ଧର ଉନ୍ମାଦ ମାନବିକ ମୂଲ୍ୟବୋଧକୁ ଦଳିଦେଉଛି। ଏହା ଏକ ଗଭୀର ଯନ୍ତ୍ରଣାଦାୟକ ବିରୋଧାଭାସ। ଯେତେବେଳେ ମାନବଜାତି ମହାକାଶରେ ଗ୍ରହ, ଉପଗ୍ରହ ଓ ନକ୍ଷତ୍ରରେ ଜୀବନ ଖୋଜୁଛି ଏବଂ କୃତ୍ରିମ ବୁଦ୍ଧିମତ୍ତା ମାଧ୍ୟମରେ ଜୀବନକୁ ସହଜ କରୁଛି, ସେତେବେଳେ ମଣିଷ-ମଣିଷ ଭିତରେ ହିଂସା, ପ୍ରତିଶୋଧ, କ୍ରୋଧ, ଘୃଣା ଏବଂ ଆଧିପତ୍ୟର ପ୍ରବୃତ୍ତି ଏତେ ଶକ୍ତିଶାଳୀ ହୋଇଛି ଯେ ଏହା ନିଜ ଅସ୍ତିତ୍ୱର ମୂଳଦୁଆ ଧ୍ୱଂସ କରିବାକୁ ପ୍ରସ୍ତୁତ ହେଉଛି। ଗାଜାରୁ ୟୁକ୍ରେନ୍ ଏବଂ ଇରାନ୍‌ରୁ ଆଫ୍‌ଗାନିସ୍ତାନ ପର୍ଯ୍ୟନ୍ତ ଯୁଦ୍ଧ ଦୃଶ୍ୟ ସୂଚାଇଦିଏ ଯେ ଆଧୁନିକ ସଭ୍ୟତାର ଉଜ୍ଜ୍ୱଳତା ତଳେ ଗଭୀର ଅନ୍ଧକାର ରହିଛି, ଯେଉଁଥିରେ ସମ୍ବେଦନଶୀଳତା ଶ୍ୱାସରୁଦ୍ଧ ହେଉଛି।

ଯୁଦ୍ଧର ଦୁଃଖଦ ଦିଗଟି ହେଉଛି ଏହାର ମୂଲ୍ୟ ସେହିମାନେ ବହନ କରନ୍ତି, ଯାହାଙ୍କର ଯୁଦ୍ଧ ସହ କୌଣସି ସିଧାସଳଖ ସମ୍ପର୍କ ନାହିଁ। ନିର୍ଦ୍ଦୋଷ ସାଧାରଣ ନାଗରିକ, ମହିଳା, ଶିଶୁ ଏବଂ ବୃଦ୍ଧ ସମସ୍ତେ ଏହି ହିଂସାର ଶିକାର ହୁଅନ୍ତି। କାବୁଲର ଏକ ହସ୍ପିଟାଲକୁ ଟାର୍ଗେଟକରି ହୋଇଥିବା ପାକିସ୍ତାନର ବିମାନ ଆକ୍ରମଣ କେବଳ ଏକ ସାମରିକ କାର୍ଯ୍ୟ ନୁହେଁ, ବରଂ ମାନବତା ବିରୋଧରେ ଏକ ଗମ୍ଭୀର ଅପରାଧ। ଯେତେବେଳେ ଜୀବନ ରକ୍ଷାର ପ୍ରତୀକ



ଏକ ହସ୍ପିଟାଲ ଧ୍ୱଂସର କେନ୍ଦ୍ର ହୋଇଯାଏ, ଏହା କେବଳ ନିୟମ ଉଲ୍ଲଂଘନ ନୁହେଁ ବରଂ ସଭ୍ୟତାର ଆତ୍ମା ଉପରେ ଏକ ଜଘନ୍ୟ ଆକ୍ରମଣ। ୪୦୦ ନିର୍ଦ୍ଦୋଷ ଲୋକଙ୍କ ମୃତ୍ୟୁ କେବଳ ଏକ ପରିସଂଖ୍ୟାନ ନୁହେଁ, ବରଂ ୪୦୦ ପରିବାରର ଧ୍ୱଂସର କାହାଣୀ, ୪୦୦ ସ୍ୱପ୍ନ ଭାଙ୍ଗିଯିବାର ଯନ୍ତ୍ରଣା। ମିନାବ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ ଚାଲୁଥିବା ବେଳେ ସେଠାରେ କ୍ଷେପଣାସ୍ତ୍ର ଆକ୍ରମଣରେ ମୃତ୍ୟୁ ଲଭିଥିବା କୋମଳମତି ପିଲା ଜୀବନ ବୁଝିବା ପୂର୍ବରୁ ସେମାନଙ୍କ ଜୀବନ ପ୍ରଦୀପ ଲିଭିଗଲା। ଏହାଦ୍ୱାରା କାହାର କ'ଣ ଲାଭ ହେଲା ତାହା ତ କହିହେବ ନାହିଁ, କିନ୍ତୁ ସେତିକିଟି ପରିବାରର ସଦସ୍ୟମାନେ ଜିଇ ଥାଉ ଥାଉ ଶବ ପାଲଟିଗଲେ।

ଜେନେଭା ସମ୍ମିଳନୀ ଚୁକ୍ତିନାମା ମାଧ୍ୟମରେ ପ୍ରତିଷ୍ଠିତ ଅନ୍ତର୍ଜାତୀୟ ଆଇନ ଏବଂ ଯୁଦ୍ଧର ନିୟମଗୁଡ଼ିକରେ ସ୍ପଷ୍ଟ ଭାବରେ ଉଲ୍ଲେଖ ରହିଛି ଯେ ଯୁଦ୍ଧ ସମୟରେ ସାଧାରଣ ନାଗରିକ, ହସ୍ପିଟାଲ, ସ୍କୁଲ ଏବଂ ଶରଣାର୍ଥୀ ଶିବିରଗୁଡ଼ିକୁ ଟାର୍ଗେଟ କରାଯିବ ନାହିଁ। ଯୁଦ୍ଧର ଭୟାବହତା ମଧ୍ୟରେ ମଧ୍ୟ ଏକ ନିର୍ଦ୍ଦିଷ୍ଟ ସୀମାରେ ମାନବିକ ମର୍ଯ୍ୟାଦା ବଜାୟ ରଖାଯିବ। ତଥାପି ଆଜି ଏହି ନିୟମଗୁଡ଼ିକ ଯେଉଁ ନିର୍ଲଜତାର ସହିତ ଉଲ୍ଲଂଘନ କରାଯାଉଛି ତାହା ଚିନ୍ତାଜନକ। ଏହା କେବଳ ନିୟମ ପ୍ରତି ଅବମାନନା ନୁହେଁ, ବରଂ ଏହା ଦର୍ଶାଉଛି ଯେ କ୍ଷମତା ଏବଂ ପ୍ରଭୁତ୍ୱର ରାଜନୀତି ନୈତିକତାକୁ ସମ୍ପୂର୍ଣ୍ଣ ଭାବରେ ଅତିକ୍ରମ କରିସାରିଛି। ଯୁଦ୍ଧର ଅନ୍ତର୍ନିହିତ କାରଣଗୁଡ଼ିକୁ ଯାଞ୍ଚ କରିବା ଦ୍ୱାରା ଜଣାପଡ଼େ ଯେ ଏହା କେବଳ ସୀମା କିମ୍ବା ସମ୍ବଳ ପାଇଁ ସଂଘର୍ଷ ନୁହେଁ, ବରଂ ଏଥିରେ ରାଜନୈତିକ ମହତ୍ତ୍ୱାକାଂକ୍ଷା, ଧାର୍ମିକ ଅସହିଷ୍ଣୁତା, ଆର୍ଥିକ ସ୍ୱାର୍ଥ ଏବଂ ବିଶ୍ୱ କ୍ଷମତା ସନ୍ତୁଳନର ଜଟିଳତା ସାମିଲ ଅଛି। ଜୋର୍ ଯା'ର, ମୁଲକ ତା'ର ନ୍ୟାୟରେ ବଳି ପଡ଼ିଯାଉଛି ମାନବ ମୂଲ୍ୟବୋଧ ଓ ମଣିଷପଣିଆ। ବାସ୍ତବରେ, ଯୁଦ୍ଧ କେବଳ ସୀମାରେ ଲଢ଼ାଯାଏ ନାହିଁ; ଏହାର ଗଭୀର କ୍ଷତ ମାନବତାର ଆତ୍ମା ଉପରେ ଲାଗେ। ଏହା କହିବା ଭୁଲ୍ ହେବ ନାହିଁ ଯେ ଆଜିର ବିଶ୍ୱ ଏପରି ଏକ ସମୟରେ ଠିଆ ହୋଇଛି, ଯେଉଁଠାରେ ପ୍ରଗତି ବିଷୟରେ ବହୁ ଆଲୋଚନା ହେଉଛି, କିନ୍ତୁ ତା' ଭିତରେ ବିନାଶର ପାଦଚିହ୍ନ ସ୍ପଷ୍ଟ ଭାବରେ ଶୁଣାଯାଉଛି। ସମ୍ପ୍ରତି ବିଶ୍ୱରେ ସଂଘଟିତ ହୋଇଥିବା ଯୁଦ୍ଧ କେବଳ ଦୁଇ କିମ୍ବା ତିନୋଟି ଦେଶର ସୀମା ମଧ୍ୟରେ ସୀମିତ ନୁହେଁ; ଏହା ବିଶ୍ୱ ଅର୍ଥନୀତି, ମାନବ ସମ୍ବେଦନଶୀଳତା ଏବଂ ଆଗାମୀ ପିଢ଼ିର ଭବିଷ୍ୟତକୁ ମଧ୍ୟ ପ୍ରଭାବିତ କରୁଛି। ଇତିହାସ ସାକ୍ଷୀ ଅଛି ଯେ ଯୁଦ୍ଧ କେବେ ବି କୌଣସି ସମସ୍ୟାର ସ୍ଥାୟୀ ସମାଧାନ ନୁହେଁ। ଯୁଦ୍ଧ କେବଳ ଆଉ ଏକ ନୂତନ ଯୁଦ୍ଧର ବୀଜ ବୁଣେ। ଯୁଦ୍ଧରେ ଯଦି କିଏ ହାରେ, ତାହା ହେଉଛି ମାନବତା।

ସତ୍ୟ ହେଉଛି ଯେ ଯୁଦ୍ଧଭୂମିରେ ବାରୁଦର ଗନ୍ଧ ମଧ୍ୟରେ, କରୁଣା ଏବଂ ଦୟା ପ୍ରଥମେ ବଳିଦାନ ଦିଆଯାଏ। ଯେତେବେଳେ ବୋମା ପଡ଼ିଥାଏ, ସେମାନେ ଦେଖନ୍ତି ନାହିଁ ଯେ ତଳେ କିଏ ଅଛି। ଧ୍ୱଂସାବଶେଷ ଗଦା ଉପରେ କାନ୍ଦୁଥିବା ପିଲାମାନେ, ପ୍ରିୟଜନଙ୍କୁ ହରାଇଥିବା ମହିଳାମାନେ ଏବଂ ଅସହାୟ ବୃଦ୍ଧ ବ୍ୟକ୍ତିମାନେ ଯୁଦ୍ଧ କେତେ ନିଷ୍ଠୁର ହୋଇପାରେ ତାହାର ଜୀବନ୍ତ ପ୍ରମାଣ। ଆଜି ଖେଳଣା ସହ ଖେଳିବାକୁ ଚାହୁଁଥିବା ପିଲାମାନେ ଘୃଣା ଏବଂ ବିନାଶର ସ୍ମୃତି ସହ ରହିଯାଇଛନ୍ତି। ଯେଉଁ ଦେଶକୁ ନିର୍ମାଣ କରିବାକୁ ଦଶନ୍ଧି ଦଶନ୍ଧି ଧରି କଠିନ ପରିଶ୍ରମ କରିବାକୁ ପଡ଼ିଥାଏ, ଯୁଦ୍ଧରେ ତାହା ନିମିଷକ ମଧ୍ୟରେ ଧ୍ୱଂସପ୍ରାପ୍ତ ହୋଇଯାଏ। ଦେଶ ବର୍ଷ ବର୍ଷ ପଛକୁ ଫେରିଯାଏ। ଯେତେବେଳେ ଦେଶଗୁଡ଼ିକ ନିଜ ସ୍ୱାର୍ଥ ଉପରେ ଆଧାରିତ ନିଷ୍ପତ୍ତି ନିଅନ୍ତି, ସେମାନେ ପ୍ରାୟତଃ ମାନବିକ ମୂଲ୍ୟବୋଧକୁ ଅଣଦେଖା କରନ୍ତି। ଏହି ଧାରା ବିଶେଷ ଭାବରେ ବିପଦପୂର୍ଣ୍ଣ ହୋଇଯାଏ, ଯେତେବେଳେ ଶକ୍ତିଶାଳୀ ଦେଶଗୁଡ଼ିକ ସେମାନଙ୍କର ପ୍ରଭାବ ବ୍ୟବହାରକରି ଅନ୍ତର୍ଜାତୀୟ ପ୍ରତିଷ୍ଠାନଗୁଡ଼ିକୁ ପ୍ରଭାବହୀନ କରିଦିଅନ୍ତି। ଯେପରିକି ଜାତିସଂଘ ଭଳି ପ୍ରତିଷ୍ଠାନଗୁଡ଼ିକ ଏବେ କେବଳ ଦର୍ଶକ ହୋଇ ରହିଛନ୍ତି।

ଯୁଦ୍ଧର ଆଉ ଏକ ଭୟଙ୍କର ଦିଗ ହେଉଛି ଶରଣାର୍ଥୀ ସଙ୍କଟ। ଯେତେବେଳେ ଲୋକମାନେ ସେମାନଙ୍କ ଘରୁ ବିସ୍ଥାପିତ ହୁଅନ୍ତି ଏବଂ ଶରଣାର୍ଥୀ ଶିବିରରେ ରହିବାକୁ ବାଧ୍ୟ ହୁଅନ୍ତି, ସେତେବେଳେ ସେମାନଙ୍କ ଜୀବନ ଅସୁରକ୍ଷା, ଅଭାବ ଏବଂ ଅନିଶ୍ଚିତତାରେ ପରିପୂର୍ଣ୍ଣ ହୋଇଯାଏ। ଏହା କେବଳ ପିଢ଼ିଗତ ସଙ୍କଟ ନୁହେଁ, ବରଂ ଭବିଷ୍ୟତ ପାଇଁ ଏକ ଚ୍ୟାଲେଞ୍ଜ, କାରଣ ଏପରି ପରିବେଶରେ ବଢ଼ିବା ଶିଶୁ ଓ ମହିଳାମାନେ ପ୍ରାୟତଃ ହିଂସା ଏବଂ ଅସୁରକ୍ଷାର ଚକ୍ରରେ ଫସିଯାଆନ୍ତି। ଯୁଦ୍ଧ ପ୍ରତି ଏହି ସମ୍ବେଦନହୀନତା ଅତ୍ୟନ୍ତ ଚିନ୍ତାଜନକ। ଧର୍ମ, ଯାହା ମୌଳିକ ଭାବରେ ଶାନ୍ତି, କରୁଣା ଏବଂ ସହାବସ୍ଥାନର ପ୍ରଚାରକରେ, ରାଜନୀତି ଏବଂ କ୍ଷମତାର ଏକ ଉପକରଣ ଭାବରେ ବ୍ୟବହାର ହେଲେ ବିକୃତ ହୋଇଯାଏ। ଏହି ପରିସ୍ଥିତି କେବଳ ସମାଜକୁ ବିଭାଜନ କରେ ନାହିଁ ବରଂ ହିଂସାକୁ ବୈଧ କରିବା ପାଇଁ ମଧ୍ୟ କାମ କରେ। ଏହା ପ୍ରକୃତରେ ଆତ୍ମନିରୀକ୍ଷଣର ସମୟ। ଆମକୁ ବିଚାର କରିବାକୁ ପଡ଼ିବ ଯେ, ଆମର ପ୍ରଗତି ପ୍ରକୃତରେ ଆମକୁ ଅଧିକ ମାନବିକ କରୁଛି କି ନାହିଁ, ନା ଆମେ କେବଳ ଅଧିକ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଉନ୍ନତ ଏବଂ ନୈତିକ ଭାବରେ ପ୍ରତିକୂଳ ହେଉଛୁ। ଯଦି ମାନବତାକୁ ବଞ୍ଚିବାକୁ ଅଛି, ତେବେ ଆମକୁ ଯୁଦ୍ଧର ଉନ୍ମାଦରୁ ଉପରକୁ ଉଠି ଶାନ୍ତି, ସହାବସ୍ଥାନ ଏବଂ କରୁଣାର ପଥ ଗ୍ରହଣ କରିବାକୁ ପଡ଼ିବ।

ମୋ: ୬୩୭୦୫୩୭୩୭୯

# ସଂସ୍କୃତିକୁ ପ୍ରୋତ୍ସାହନ



କିଶୋର ଚନ୍ଦ୍ର ବେହେରା

ଓଡ଼ିଆ ଘରର ଗାଥା-ଗୌରବ, ଚାଲିଚଳଣି, ଖାଦ୍ୟ ପାନୀୟ, ପୋଷାକ ପରିଧାନ, ସଂସ୍କୃତି ଓ ପରମ୍ପରାକୁ ବିଶ୍ୱବିଦିତ କରିବା ଲକ୍ଷ୍ୟରେ ଏପ୍ରିଲ ପହିଲାରୁ ୧୪ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଛି 'ଓଡ଼ିଆ ପକ୍ଷ-୨୦୨୬'। ପ୍ରତ୍ୟେକ ଜିଲା ଓ ରାଜଧାନୀ ଭୁବନେଶ୍ୱରରେ ବିଭିନ୍ନ ବିଭାଗ ପକ୍ଷରୁ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ପୋଷାକକୁ ନେଇ ଓଡ଼ିଆଙ୍କର ସ୍ୱତନ୍ତ୍ର ପରିଚିତି ରହିଛି। ଖୋର୍ଦ୍ଧାର ଗାମୁଛା, ବୋମକାଇ ପାଟ, କୋଟପାଡ଼ର ପାଟ, ସମ୍ବଲପୁରର ସମ୍ବଲପୁରୀ ଶାଢ଼ି ଓ ପାଟଶାଢ଼ିର ସ୍ୱତନ୍ତ୍ର ସ୍ଥାନ ଅଛି। ସେହିପରି ମାଣିଆବନ୍ଧ ଶାଢ଼ି ନିଜର ପରିଚୟ ବଜାୟ ରଖିଥିବା ବେଳେ ଓଡ଼ିଶାର ଆଦିବାସୀମାନେ ସ୍ୱତନ୍ତ୍ର ବେଶଭୂଷାର ପରିଚୟ ରଖିଥା'ନ୍ତି। ଭାରତୀୟ ସମ୍ଭ୍ରାନ୍ତପଣର ପ୍ରତୀକ ଖଦି. ଯାହା ସ୍ୱଦେଶୀ, ସ୍ୱରାଜ, ସ୍ୱାଭିମାନ ଓ ସ୍ୱାବଲମ୍ବନର ପ୍ରେରଣା। ଗାନ୍ଧିଜୀଙ୍କ ଦୃଷ୍ଟିରେ ଏହା କେବଳ ଏକ ବସ୍ତ୍ର ନ ଥିଲା, ବରଂ ଥିଲା ଅହିଂସା ଆନ୍ଦୋଳନର ଅସ୍ତ୍ର। ସ୍ୱାଧୀନତା ଓ ଅର୍ଥନୈତିକ ସମୃଦ୍ଧି ପାଇଁ ଖଦିବସ୍ତ୍ରକୁ ଗାନ୍ଧିଜୀ ବ୍ୟବହାର କରିଥିଲେ ରାଜନୈତିକ, ସାଂସ୍କୃତିକ ଓ ଅର୍ଥନୈତିକ ଆୟୁଧ ଭାବରେ। ସ୍ୱାଧୀନତା ସଂଗ୍ରାମକୁ ଅଧିକ ଲୋକାଭିମୁଖୀ କରିବା ଲକ୍ଷ୍ୟରେ ବିଦେଶୀ ବସ୍ତ୍ର ପରିବର୍ତ୍ତେ ଖଦିବସ୍ତ୍ର ପରିଧାନ କରିବା ପାଇଁ ଦେଶବାସୀଙ୍କୁ ଆହ୍ୱାନ ଦେଇ ସେ କହିଥିଲେ, ଚୁଲି ପରି ଚରଖା ସର୍ବବ୍ୟାପୀ ହେବା ଦରକାର। ତା' ନ ହେଲେ ସହଜରେ ସ୍ୱରାଜ ମିଳିବ ନାହିଁ କି ସୁଧୁରିପାରିବ ନାହିଁ ଦେଶର ଅର୍ଥନୀତି। ଗାନ୍ଧିଜୀଙ୍କ ଦୃଷ୍ଟିରେ ଖଦିବସ୍ତ୍ର ଥିଲା ଏକ ସାଂସ୍କୃତିକ ବିଚାର ଓ ସ୍ୱାବଲମ୍ବନର ସୂତ୍ର।

କପା ଓ ବୟନ ଶିଳ୍ପରେ ଓଡ଼ିଶାର ସମୃଦ୍ଧ ଐତିହ୍ୟ ରହିଛି। ବୟନ ଶିଳ୍ପର ସ୍ୱଦେଶୀ ଶୈଳୀ ପୁରୁଣା ଧାର୍ମିକ ଗ୍ରନ୍ଥରୁ ଅନୁପ୍ରାଣିତ ହୋଇଛି। ବିଶେଷକରି ଭଗବାନ୍ ଶ୍ରୀକୃଷ୍ଣଙ୍କ କଥାବସ୍ତୁକୁ କେନ୍ଦ୍ର କରି ବୁଣାକାରମାନେ ଶାଢ଼ି ବୁଣୁଥିବା ଦେଖିବାକୁ ମିଳିଥାଏ। ଜଗନ୍ନାଥ ସଂସ୍କୃତିରୁ ପ୍ରେରିତ ହୋଇ ଅଧିକାଂଶ ଶାଢ଼ିରେ ଜଗନ୍ନାଥଙ୍କ ଶ୍ରୀମନ୍ଦିର, ଧାର୍ମିକ ଡିଜାଇନ ଓ ପାରମ୍ପରିକ ରଙ୍ଗ ଦେଖିବାକୁ ମିଳିଥାଏ। ଏହା ବ୍ୟତୀତ ଓଡ଼ିଶା ଏହାର ସିଲ୍କ ଓ କଟନ ପାଇଁ ମଧ୍ୟ ଜଣାଶୁଣା। ଭିନ୍ନ ଭିନ୍ନ ପ୍ରକାରର ଟସର ସିଲ୍କ ଓ କଟନ ଏହା ଉତ୍ପାଦନ କରୁଛି। ଇକତ ରଙ୍ଗ ଓ ବୁଣାର ଶୈଳୀ ପାଇଁ ଏହି ରାଜ୍ୟ ଅଧିକ ଜଣାଶୁଣା। ଓଡ଼ିଶାର ସବୁଠାରୁ ଲୋକପ୍ରିୟ ଶାଢ଼ି ମଧ୍ୟରେ ସମ୍ବଲପୁରୀ ଶାଢ଼ି ଅନ୍ୟତମ। ଏହି ଶାଢ଼ି ଉପରେ ସାଧାରଣତଃ ପକ୍ଷୀ, ପଶୁ, ରୁଦ୍ରାକ୍ଷ ମାଳା, ଜ୍ୟାମେଟ୍ରିକ ଡିଜାଇନ, ପଶା, ମନ୍ଦିରର ଶିଖର, ଫୁଲ ଆଦି କାରୁକାର୍ଯ୍ୟ



କରାଯାଇଥାଏ। ଏହି ଶାଢ଼ି ଜଗନ୍ନାଥଙ୍କ ମନ୍ଦିରରେ ଠାକୁରଙ୍କୁ ସଜାଯାଉଛି। ବୋମକାଇ ଶାଢ଼ି ପିନ୍ଧିବା ଆରାମଦାୟକ। ସାଧାରଣତଃ ନରମ ରେଶମରେ ବୁଣାଯାଇଥିବା ଏହି ଶାଢ଼ିର ପଣତ ଓ ପାଢ଼ିରେ ରେଶମ ବା ସିଲ୍କ ସୂତାରେ ଏମ୍ବ୍ରୋଡରୀ ଓ ଇକତ ବୟନ କଳାର ସଂଯୋଜନା ଦେଖିବାକୁ ମିଳିଥାଏ। କୋରାପୁଟ ଜିଲାର କୋଟପା ସୂତା ଶାଢ଼ିର ବର୍ଡର ବହୁତ ଟାଣ। ଏହାକୁ ଅର୍ଗାନିକ୍ ଭାବରେ ରଙ୍ଗ କରାଯାଇଥାଏ। ବରଗଡ଼ରେ ବୁଣାଯାଉଥିବା ପଶାପାଲି ଶାଢ଼ି ହେଉଛି ଏକ ଇକତ ଶାଢ଼ି। ଏହି ଶାଢ଼ିର ଡିଜାଇନ ଚେକ୍‌ବୋର୍ଡ ବା ପଶାପାଲିରୁ ଅନୁପ୍ରାଣିତ ହୋଇଛି। ଡବଲ ଇକତରେ ଏହି ଶାଢ଼ି ବୁଣାଯାଏ। ପଶାପାଲି ଶାଢ଼ିର ରଙ୍ଗ ଉଜ୍ଜ୍ୱଳ। ଏହି ଶାଢ଼ି ପଶ୍ଚିମ ଓ ସୋନପୁର, ବରପାଲି, ବାଉଁସରର ବୁଣାକାରମାନେ ବୁଣିଥାନ୍ତି। କଟକର ନୂଆପାଟଣାରେ ବୁଣାଯାଉଥିବା ଖଣ୍ଡୁଆ ପାଟ ଶାଢ଼ି ସାଧାରଣତଃ ନରମ ସିଲ୍କ କିମ୍ବା ମାଲଦା ସିଲ୍କ ସୂତାରେ ବୁଣାଯାଏ। ବ୍ରହ୍ମପୁରର ବୁଣାକାରମାନେ ବୟନ କରୁଥିବା ବ୍ରହ୍ମପୁରୀ ଶାଢ଼ି ବା ବ୍ରହ୍ମପୁରୀ ପାଟ ଜିଆଇ ଟ୍ୟାଗ ପାଇଛି। ଏହାର ସ୍ୱାତନ୍ତ୍ର୍ୟ ହେଉଛି ଏହା ପୁରୁଷଙ୍କ ପାଇଁ ଉପଯୁକ୍ତ ଯୋଡ଼ ସହିତ ଆସିଥାଏ। ଏହି ଶାଢ଼ି ବିବାହ ଓ ଅନ୍ୟାନ୍ୟ ମାଙ୍ଗଳିକ କାର୍ଯ୍ୟରେ ପିନ୍ଧିବାକୁ ଅଧିକ ପସନ୍ଦ କରାଯାଏ।

ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ରାଜ୍ୟର ପାରମ୍ପରିକ କଳା, ବୁଣାକାର ଏବଂ ଶିଳ୍ପୀମାନଙ୍କ ବିକାଶ ପାଇଁ କାର୍ଯ୍ୟ କରେ। ଏହା ବୁଣାକାରଙ୍କୁ ସୁଧମୁକ୍ତ ଋଣ, ବୟନ ଜ୍ୟୋତି ଯୋଜନା ଏବଂ ବଜାର ସୁବିଧା ଯୋଗାଇବା ସହ ୫୫ଟି ହସ୍ତଶିଳ୍ପକୁ ପ୍ରୋତ୍ସାହନ ଦେଉଛନ୍ତି। ରାଜ୍ୟରେ ଉଭୟ ଗଣଶିକ୍ଷା ବିଭାଗ ଓ ଉଚ୍ଚଶିକ୍ଷା ବିଭାଗ ଅଧୀନ ସମସ୍ତ ଛାତ୍ରୀଛାତ୍ରଙ୍କୁ ଗଣ-ପୋଷାକ ପରିଧାନ କରିବା ପାଇଁ ବାଧ୍ୟତାମୂଳକ କରାଯାଇଛି। ମହାବିଦ୍ୟାଳୟରେ ଗଣ-ପୋଷାକ ଶିକ୍ଷାନୁଷ୍ଠାନରେ ଶୃଙ୍ଖଳା ଓ ସମାନତାର ପ୍ରତୀକ। ମହାବିଦ୍ୟାଳୟଗୁଡ଼ିକରେ ସ୍ଥାନୀୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ସହଜ ଓ ସୁଲଭ ମୂଲ୍ୟରେ ମିଳିପାରୁଥିବା କପଡ଼ାକୁ ଛାତ୍ରୀଛାତ୍ରମାନେ ବ୍ୟବହାର କରିବା ପାଇଁ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ନିର୍ଦ୍ଦେଶନାମା ଜାରି କରିଥା'ନ୍ତି। ଓଡ଼ିଶାରେ ସରକାରୀ କର୍ମଚାରୀଙ୍କ ପାଇଁ ସ୍ଥାନୀୟ ପୋଷାକ ଭାବରେ ପାରମ୍ପରିକ ଓଡ଼ିଆ ପୋଷାକକୁ ପ୍ରୋତ୍ସାହିତ କରାଯାଉଛି। ଏହି କ୍ରମରେ ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ବିଭାଗ ଦ୍ୱାରା "ଆମ ପୋଷାକ ଆମ ପରିଚୟ ଦିବସ" ପାଳନ କରି ଓଡ଼ିଆ ଅସ୍ମିତାର ପରିଚୟ ସୃଷ୍ଟି କରିଛନ୍ତି। ଏହାର ମୂଳ ଉଦ୍ଦେଶ୍ୟ ସ୍ଥାନୀୟ କଳାକାର ଓ ବୁଣାକାରଙ୍କୁ ସହଯୋଗ କରିବା ଏବଂ ଓଡ଼ିଶାର ସଂସ୍କୃତିକୁ ପ୍ରୋତ୍ସାହିତ କରିବା। ଫଳରେ ପାରମ୍ପରିକ ପୋଷାକ ଶିଳ୍ପ ପୁନର୍ଜୀବନ ପାଇପାରିବ। ଓଡ଼ିଆଙ୍କ ମଧ୍ୟରେ ନିଜର ପାରମ୍ପରିକ ପୋଷାକ ପ୍ରତି ଆଗ୍ରହ ବଢ଼ିଲେ ଚାହିଦା ବଢ଼ିବ ଓ ବଜାର ମଧ୍ୟ ବଢ଼ିବ। ବଜାର ବଢ଼ିଲେ ବୁଣାକାରମାନେ ରୋଜଗାର ପାଇବେ।

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ,
ସିନ୍ଧେଦେବୀ ସ୍ନାତକ
ମହାବିଦ୍ୟାଳୟ.ନନ୍ଦପୁର, କୋରାପୁଟ
ମୋ: ୯୪୩୭୯୫୫୫୬୮

## ଏଇ ଭାରତରେ

ସଡ଼କ ପଥରେ ଯାତ୍ରୀଙ୍କ ସୁରକ୍ଷା ନିଶ୍ଚିତ କରିବା ପାଇଁ ଏକ ନୂଆ କ୍ୟୁଆର୍ କୋଡ୍ ତିଆରି କରିଛନ୍ତି ଆନ୍ଧ୍ରପ୍ରଦେଶ ଏନ୍‌ଟିଆର୍ ଜିଲାର ଜି. ଶ୍ରୀନିବାସ ରେଡ୍ଡୀ। ଯେ କେହି ଯାତ୍ରା କରୁଥିବା ସମୟରେ ଏହି କ୍ୟୁଆର୍ ସ୍କାନ କଲେ ଆନ୍ଧ୍ରପ୍ରଦେଶର ଯେ କୌଣସି ସ୍ଥାନରେ ଆପଣଙ୍କ ଯାତ୍ରାକୁ ସୁରକ୍ଷିତ କରିପାରିବ। ରେଡ୍ଡୀ ମୋହନ ବାବୁ ୟୁନିଭର୍ସିଟିରେ ୪ର୍ଥ ବର୍ଷ ଇଞ୍ଜିନିୟରିଂ ଛାତ୍ର। ସବୁ ଛାତ୍ର ଶେଷବର୍ଷ ପ୍ରୋଜେକ୍ଟଗୁଡ଼ିକରେ ବ୍ୟସ୍ତ ଥିବାବେଳେ ଶ୍ରୀନିବାସ ଯାତ୍ରୀଙ୍କ ସୁରକ୍ଷା ପାଇଁ କ୍ୟୁଆର୍ କୋଡ୍ ବିକାଶରେ ବ୍ୟସ୍ତ ରହି ସଫଳତା ପାଇଛନ୍ତି। ଏନ୍‌ଟିଆର୍ ଜିଲା ପୋଲିସ ଏହାକୁ ଗ୍ରହଣ କରିଛି। ଏହି କ୍ୟୁଆର୍ କୋଡ୍‌କୁ ସରକାରୀ ଏବଂ ଭଡ଼ାରେ ଯାଉଥିବା ବେସରକାରୀ ଯାନଗୁଡ଼ିକର ଡ୍ରାଇଭର ସିଟ୍ ପଛପାଖରେ ଲଗାଯାଇଛି। ଯାତ୍ରା ଆରମ୍ଭରେ ଯାତ୍ରୀ ଏହାକୁ ସ୍ମାର୍ଟଫୋନରେ ସ୍କାନ କଲେ ଗାଡ଼ିର ଉପସ୍ଥିତି ଓ ଡ୍ରାଇଭର ସମ୍ପର୍କିତ ସମସ୍ତ ତଥ୍ୟ ପୋଲିସ କଣ୍ଟ୍ରୋଲ ରୁମ୍ ଏବଂ ନିକଟସ୍ଥ ପେଟ୍ରୋଲ ପମ୍ପ ସହ ସେୟାର ହୋଇପାରୁଛି। ଶ୍ରୀନିବାସ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଏସ୍‌ଏସ୍ ଇଲେକ୍ଟ୍ରୋନିକ୍ସ ଷ୍ଟାର୍ଟଅପ୍ ଦ୍ୱାରା ଟ୍ରାଫିକ ପୋଲିସ ସହାୟତାରେ ଏହି କ୍ୟୁଆର୍ କୋଡ୍ କରିପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୩ ଏପ୍ରିଲ ୧୯୭୬

- ପ୍ରଧାନମନ୍ତ୍ରୀ ଓ ବାଚସ୍ପତିଙ୍କ ନିର୍ବାଚନ ସଂକ୍ରାନ୍ତୀୟ ବିବଦମାନ ନିର୍ବାଚନ ବିଲ୍ ରାଜ୍ୟ ସଭାରେ ବିନା ଆଲୋଚନାରେ ଗୃହୀତ।
- ଆସାମରେ କଂଗ୍ରେସ ଦଳର ବିପର୍ଯ୍ୟୟ ପାଇଁ ନିଜକୁ ଦାୟୀ ମନେକରି ମୁଖ୍ୟମନ୍ତ୍ରୀ ଶରତ ଚନ୍ଦ୍ର ସିଂହଙ୍କ ଇସ୍ତଫା ପ୍ରଦାନ।

## ଚିରନ୍ତନୀ

ଚକିତ ହରିଣୀ-ନୟନ ଚାହିଁଛି
ମୋହରି ମିଳନ ଆଶେ,
କୁସୁମ କଳିକା ମଉନେ ରହିଛି
ମୋହରି ବିରହ ପ୍ରାସେ।
-(ବିଶ୍ୱର ଆହ୍ୱାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅପରାଧୀଙ୍କୁ ଦଣ୍ଡ ଦେବା ପୋଲିସର କାର୍ଯ୍ୟ ନୁହେଁ

ମହାଶୟ,

ମଦୁରାଇରେ ମହିଳା କନ୍‌ଷ୍ଟେବଲ ରେବତୀଙ୍କ ସାକ୍ଷ୍ୟ ପ୍ରଦାନରେ ଦୁଇ ଜଣଙ୍କ ହାଜତ ମୃତ୍ୟୁ ଘଟଣାରେ ନଅ ଜଣ ପୋଲିସଙ୍କୁ ମୃତ୍ୟୁ ଦଣ୍ଡାଦେଶ ପ୍ରଦାନ କରିଛି ମଦୁରାଇ ଜିଲା କୋର୍ଟ। ଶୃଙ୍ଖଳିତ ଆଇନ ସଂହିତାର ସମ୍ମାନ ଓ ତା'ର ରକ୍ଷଣାବେକ୍ଷଣରେ ପ୍ରକୃତ ଦଣ୍ଡବିଧି ପ୍ରଦାନ ବ୍ୟବସ୍ଥାର କାର୍ଯ୍ୟକାରିତା ହିଁ ଦେଶପ୍ରେମର ପରିଭାଷା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ନିଜକୁ ସର୍ବେସର୍ବା ଭାବୁଥିବା ପୋଲିସର କଠୋର ବ୍ୟବହାର ଯୋଗୁ ଥାନାରେ ହାଜତ ନିର୍ଯାତନା ଏବଂ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବା ଖବର ଦୃଷ୍ଟିଗୋଚର ହେବା ଅତ୍ୟନ୍ତ ଦୁଃଖଦପୂର୍ଣ୍ଣ। ମଦୁରାଇ ଜିଲା କୋର୍ଟ ନ୍ୟାୟାଧୀଶ ଦୁଇଜଣଙ୍କ ହାଜତ ମୃତ୍ୟୁର ବିଚାରକୁ ନେଇ କହିଛନ୍ତି, ଏହା ଅତି ଜଘନ୍ୟ ଓ ବିରଳ। ସମ୍ପୃକ୍ତ ନଅଜଣ ପୋଲିସ ଅଧିକାରୀଙ୍କୁ ଯେଉଁ ମୃତ୍ୟୁ ଦଣ୍ଡାଦେଶ ପ୍ରଦାନ କରିଛନ୍ତି, ତାହା ଆଇନକୁ ହାତକୁ ନେଉଥିବା ପୋଲିସଙ୍କ ପାଇଁ ଚେତାବନୀ। ପୋଲିସ ଜାଣିବା ଉଚିତ ଯେ ଅପରାଧୀଙ୍କୁ ଦଣ୍ଡଦେବା ସେମାନଙ୍କ କାର୍ଯ୍ୟ ନୁହେଁ, କିଏ ଦୋଷୀ ଓ କିଏ ନିର୍ଦ୍ଦୋଷ ତାହା ନ୍ୟାୟାଳୟ ନିର୍ଣ୍ଣୟ କରିବେ। ପୋଲିସ ଜାଣିବା ଉଚିତ, ସେମାନେ ଆଇନର ରକ୍ଷକ। କେହି ଆଇନ ଉର୍ଦ୍ଧ୍ୱରେ ନାହାନ୍ତି ବୋଲି ଚେତାଇ ଦେଇଛନ୍ତି ମଦୁରାଇ କୋର୍ଟ।

-ଅଶୋକ କୁମାର ଆଢ୍ୟ
ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଆଶା ଭୋସ୍‌ଲେ, ଭାରତୀୟ ସଙ୍ଗୀତ ଜଗତର ଅନ୍ୟତମ ଲୋକପ୍ରିୟ କଣ୍ଠଶିଳ୍ପୀ। ସଂଗୀତ ପ୍ରତି ସମର୍ପିତ ଏହି ଗାୟିକା ଭଜନ, ଗଜଲ, ଶାସ୍ତ୍ରୀୟ ସଙ୍ଗୀତ, ପପ୍ ମ୍ୟୁଜିକ୍ ଆଦିରେ ନିଜର ସ୍ୱକୀୟତା ପ୍ରତିପାଦନ କରିଛନ୍ତି। ଦୀର୍ଘ ୮୦ ବର୍ଷରୁ ଊର୍ଦ୍ଧ୍ୱ କାଳ ୨୦ଟି ଭାଷାରେ ୧୨,୦୦୦ରୁ ଊର୍ଦ୍ଧ୍ୱ ଗୀତ ଗାଇ ନିଜ କଣ୍ଠର ଯାଦୁରେ ଶ୍ରୋତାଙ୍କୁ ବାନ୍ଧି ରଖିଥିବା ଏହି ପ୍ରଖ୍ୟାତ ଗାୟିକାଙ୍କ ପରଲୋକ ହୋଇଯାଇଛି ସତ, କିନ୍ତୁ କାଳଜୟୀ ଅନେକ ଗୀତ ତାଙ୍କୁ ସବୁଦିନ ଶ୍ରୋତାଙ୍କ ପାଖରେ ସ୍ମରଣୀୟ କରି ରଖିବ।

# ଅପାସୋରା ଆଶା



ପରିବାର ସଦସ୍ୟଙ୍କ ସହ ଆଶା।

## ସଙ୍ଗୀତ ପରିବାରରେ ଜନ୍ମ

ମହାରାଷ୍ଟ୍ରର ସାନଗ୍ଲିସ୍ଥିତ ଗୋର୍‌ଠାରେ ଆଶା ଭୋସଲେ ୧୯୩୩ ସେପ୍ଟେମ୍ବର ୮ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ପଣ୍ଡିତ ଦିନାନାଥ ମଙ୍ଗେସକର ମରାଠୀ ସଙ୍ଗୀତ ଜଗତରେ ଜଣେ ବିଶିଷ୍ଟ ଗାୟକ ଏବଂ ଅଭିନେତା ଥିଲେ। ତାଙ୍କର ଚାରି ଜଣ ଝିଅ– ଲତା ମଙ୍ଗେସକର, ମୀନା ଖାଡିକର, ଆଶା ଭୋସଲେ ଏବଂ ଉଷା ମଙ୍ଗେସକର ଥିଲେ। ତେଣୁ ପିଲାଟି ଦିନରୁ ସେ ଗୀତର ପରିବେଶରେ ସମୟ କଟାଇଥିଲେ, ଯାହା ଭବିଷ୍ୟତରେ ତାଙ୍କୁ ଜଣେ ଗାୟିକା ହେବାକୁ ଯଥେଷ୍ଟ ପ୍ରେରଣା ଦେଇଥିଲା। ଜନ୍ମ ପରେ ତାଙ୍କର ନାମ ଥିଲା ଆଶା ମଙ୍ଗେସକର। କିନ୍ତୁ ବିବାହ ପରେ ସେ ତାଙ୍କର ସାଙ୍ଗିଆ ବଦଳାଇ ଦେଇ ଆଶା ଭୋସଲେ ନାମରେ ପରିଚିତ ହୋଇଥିଲେ।

## ସଂଘର୍ଷରୁ ଜୀବନ ଆରମ୍ଭ

ଆଶା ଥିଲେ ଦିନାନାଥ ମଙ୍ଗେସକରଙ୍କ ତୃତୀୟ କନ୍ୟା। ଦିନାନାଥଙ୍କର ମୃତ୍ୟୁ ବେଳକୁ ତାଙ୍କୁ ମାତ୍ର ୯ ବର୍ଷ ବୟସ ହୋଇଥିଲା। ଏହି ସମୟରେ ତାଙ୍କର ପରିବାର ପୁଣେରୁ କୋଲ୍ହାପୁରରୁ ଆସିଥିଲେ। ସେଠାରେ କିଛିଦିନ ରହିବା ପରେ ସେମାନେ ମୁମ୍ବାଇ ଆସିଥିଲେ। ତେଣୁ ଏଭଳି ଏକ ଘଡିସନ୍ଧି ସମୟରେ ଉଭୟ ଲତା ଏବଂ ଆଶା ପରିବାର ଚଳାଇବାକୁ ଗୀତ ଗାଇବାକୁ ପେସା ଭାବରେ ଗ୍ରହଣ କରିନେଇଥିଲେ। ତେଣୁ ପିଲାଟି ଦିନରୁ ଆଶାଙ୍କୁ ଏକ ସଂଘର୍ଷମୟ ଜୀବନ କଟାଇବାକୁ ପଡିଥିଲା। ପରିଶ୍ରମ କେବେ ବୃଥା ଯାଏନା। ଶେଷରେ ନିଜର ଉଦ୍ୟମ ବଳରେ ଆଶା ନିଜକୁ ଜଣେ ନାମୀ ଗାୟିକା ଭାବରେ କେବଳ ଆମ ଦେଶରେ ନୁହେଁ, ବିଦେଶରେ ମଧ୍ୟ ପରିଚିତ କରାଇବାରେ ସକ୍ଷମ ହୋଇଥିଲେ।

## ଚର୍ଚ୍ଚିତ ଚଳଚ୍ଚିତ୍ର ଗୀତ

- ଉଡେ ଜବ୍ ଜବ୍ ଜୁଲଫେ ତେରି (ନୟା ଦୌର)
- ଚୁରା ଲିୟା ହେ ତୁମନେ ଯୋ ଦିଲ କୋ (ୟାଦୋଁ କି ବାରାତ୍’)
- ପିୟା ତୁ ଅବ୍ ତୁ ଆଜା (କାରାୱାନ)
- ଦମ୍ ମାରୋ ଦମ୍ (ହରେ ରାମା ହରେ କ୍ରିଷ୍ଣା)
- ଓ ହସୀନା ଜୁଲଫୱାଲି (ତିସରି ମଞ୍ଜିଲ)
- ଏ ମେରା ଦିଲ୍ ୟାର କା ଦିୱାନା (ଡନ୍)
- ଇନ୍ ଆଖୋଁ କା ମସ୍ତି (ଉମରାଓ ଜାନ୍)
- ପରଦେ ମେଁ ରହନେ ଦୋ (ଶିକାର)
- ଅବ୍ ନା ଜାଓ ଛୋଡ୍ କର (ହମ୍ ଦୋନୋ)
- କହେଦୋ ତୁନେ ୟା ଚୁପ୍ ରହୁଁ (ଦିୱାର)
- ରଙ୍ଗିଲା ରେ (ରଙ୍ଗିଲା)
- ଧୂପ୍ ମେଁ ନିକଲା ନା କରୋ ରୂପ କି ରାନୀ (ଗିରଫ୍‌ତାର)
- ମାର୍ ଗୟି ମୁଝେ ତେରି ଜୁଦାଇ (ଜୁଦାଇ)
- ଲେ ଗୟି ଲେ ଗୟି (ଦିଲ୍ ତୋ ପାଗଲ ହେ)
- ଜରାସା ଝୁମ୍ ଲୁ ମେଁ (ଦିଲୱାଲେ ଦୁଲହନିୟାଁ ଲେ ଜାୟେଙ୍ଗେ)
- ଏକ ହସିନା ଥି ଏକ ଦିୱାନା ଥା (କର୍ଜ)
- ଜୱାନୀ ଜାନେମନ ହସୀନା ଦିଲରୁବା (ନମକ ହଲାଲ)



ଆର୍‌ଡି ବର୍ମନ(ବାମ) ଓ କିଶୋର କୁମାରଙ୍କ ସହ ଆଶା

## ମରାଠୀ ଫିଲ୍ମରେ ପ୍ରଥମ ସୁଯୋଗ

ସେତେବେଳେ ଆଶାଙ୍କୁ ହୋଇଥାଏ ମାତ୍ର ୧୦ ବର୍ଷ। କିନ୍ତୁ ଏହି ବୟସରେ ତାଙ୍କୁ ଗାୟିକା ହେବାର ସୁଯୋଗ ମିଳିଥିଲା। ୧୯୪୩ରେ ସେ ‘ମାଝା ବଲ’ ଶୀର୍ଷକ ଏକ ମରାଠୀ ଫିଲ୍ମ ପାଇଁ ଗୀତ ଗାଇଥିଲେ। ଆଉ ଗୀତଟି ଥିଲା –‘ଚଲା ଚଲା ନବ ବାଲା’। ପରବର୍ତ୍ତୀ ସମୟରେ ଅନେକ ମରାଠୀ ଚଳଚ୍ଚିତ୍ର ଲାଗି ସେ ଗୀତ ଗାଇ ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲେ।

## ୧୬ ବର୍ଷ ବୟସରେ ବିବାହ

ଆଶାଙ୍କୁ ୧୬ ବର୍ଷ ବୟସ ହୋଇଥିବାବେଳେ ଗଣପାତ୍ରୋ ଭୋସଲେଙ୍କ ସହ ଘରୁ ଲୁଚି ଚାଲିଯାଇଥିଲେ ଏବଂ ପରବର୍ତ୍ତୀ ସମୟରେ ବିବାହ (୧୯୪୯) କରିଥିଲେ। ଗଣପାତ୍ରୋ ତାଙ୍କଠାରୁ ବୟସରେ ୨୦ ବର୍ଷ ବଡ଼ ଥିଲେ। ଏହି ବୈବାହିକ ଜୀବନ ମାତ୍ର ୧୧ ବର୍ଷ ତିଷ୍ଠି ରହିଥିଲା। ଏପରିକି ୧୯୬୦ରେ ଗର୍ଭବତୀ ଥିବା ବେଳେ ତାଙ୍କୁ ଘରକୁ ଫେରିବାକୁ ପଡିଥିଲା। ୧୯୮୦ରେ ତାଙ୍କଠାରୁ ଛଅ ବର୍ଷ ସାନ ତଥା ସଙ୍ଗୀତ ନିର୍ଦ୍ଦେଶକ ଆର୍.ଡି.ବର୍ମନଙ୍କ ସହ ହାତକୁ ଦି’ ହାତ ହୋଇଥିଲେ। କିଛି ବର୍ଷ ପରେ ଦୁହେଁ ଅଲଗା ରହୁଥିଲେ ମଧ୍ୟ ଦୁହିଁଙ୍କ ମଧ୍ୟରେ ଡିଭୋର୍ସ ହୋଇ ନ ଥିଲା। ୧୯୯୪ରେ ଆର୍.ଡି. ବର୍ମନ ମୃତ୍ୟୁବରଣ କରିଥିଲେ। ଆଶାଙ୍କର ଦୁଇଟି ପୁଅ (ହେମନ୍ତ, ଆନନ୍ଦ) ଏବଂ ଗୋଟିଏ ଝିଅ (ବର୍ଷା) ଅଛନ୍ତି।



ଭଉଣୀ ଲତା ମଙ୍ଗେସକରଙ୍କ ସହ ଆଶା

## ସମ୍ମାନ-ପୁରସ୍କାର

ଆଶା ଭୋସଲେ ପ୍ରଥମ ଥର ପାଇଁ ୧୯୬୭ରେ ଫିଲ୍ମ ଫେୟାର ପୁରସ୍କାର ପାଇଥିଲେ ଆଉ ଫିଲ୍ମଟି ଥିଲା ‘ଦଶ ଲାଖ’। ଏହାବ୍ୟତୀତ ୧୯୬୯(ଶିକାର), ୧୯୭୨ (କାରାୱାନ), ୧୯୭୩ (ହରେ ରାମା ହରେ କ୍ରିଷ୍ଣା), ୧୯୭୪ (ନୈନା), ୧୯୭୫ (ପ୍ରାଣ ଯାଏ ବଚନ ନା ଯାଏ), ୧୯୭୯ (ଡନ୍) ପାଇଁ ଫିଲ୍ମ ଫେୟାର ଏବଂ ୧୯୯୬ରେ ‘ରଙ୍ଗିଲା’ ଲାଗି ସ୍ୱତନ୍ତ୍ର ଭାବରେ ଏହି ପୁରସ୍କାର ପାଇଥିଲେ। ‘ଉମରାଓ ଜାନ୍’ ଚଳଚ୍ଚିତ୍ର ପାଇଁ ଜାତୀୟ ପୁରସ୍କାର ସମେତ ସେ ଦୁଇ ଥର ଆଇଫା ପୁରସ୍କାର ମଧ୍ୟ ପାଇଛନ୍ତି। ୨୦୦୦ ମସିହାରେ ସେ ସମ୍ମାନଜନକ ଦାଦା ସାହେବ ଫାଲ୍‌କେ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ୨୦୦୮ରେ ପଦ୍ମଭୂଷଣ ସମ୍ମାନ ପାଇଥିଲେ। ୧୯୯୭ ଏବଂ ୨୦୦୬ରେ ଦୁଇ ଥର ଗ୍ରାମୀ ପୁରସ୍କାର ନୋମିନେଶନ ତାଲିକାରେ ସେ ସ୍ଥାନ ପାଇଥିଲେ।

## ଆଶାଙ୍କ କଣ୍ଠରେ ଓଡ଼ିଆ ଗୀତ...

ଓଡ଼ିଆ ଚଳଚ୍ଚିତ୍ର ଆରତି (୧୯୮୧)ରେ ସଂଯୋଜିତ ‘ଜହ୍ନ ଗୋ ତୁମେ ଝୁରନା’ ଗୀତଟି ବେଶ୍ ଶ୍ରୋତାଦୃତ ହୋଇଥିଲା। ବାସୁଦେବ ରଥଙ୍କ ସ୍ୱର ସଂଯୋଜିତ ଏହି ଗୀତଟି ପାଇଁ କଣ୍ଠଦାନ କରିଥିଲେ ଆଶା ଭୋସଲେ। ସେହିପରି ୧୯୭୫ ମସିହାରେ ‘ଝିମି ଝିମି ତା ମଜା ଡାକିଲେ ନ ଛାଡ଼ିବୁ’, ‘ମୁଁ ହଜିଛି ତୁମ ଆଖିର’ (ସନ୍ଧ୍ୟାତାରା) ଏବଂ ସ୍ୱରୂପ ନାୟକଙ୍କ ରଚିତ ଓ ଆର୍.ଡି. ବର୍ମନଙ୍କ ସ୍ୱର ସଂଯୋଜିତ ‘ତୋ ନାଁରେ ପିନ୍ଧିଲି ଶାଢ଼ି’ (ମା’) ଭଳି ଓଡ଼ିଆ ସିନେମା ଗୀତ ସେ ମଧ୍ୟ ଗାଇଛନ୍ତି। ୧୯୬୮ରେ ମୁକ୍ତିଲାଭ କରିଥିବା ‘ଅରୁନ୍ଧତୀ’ ଚଳଚ୍ଚିତ୍ର ପାଇଁ ଆଶା ଗାଇଥିଲେ ଗୁରୁକୃଷ୍ଣ ଗୋସ୍ୱାମୀଙ୍କ ରଚିତ ଓ ଶାନ୍ତନୁ ମହାପାତ୍ରଙ୍କ ସ୍ୱର ସଂଯୋଜିତ ଗୀତ ‘ରସିଆରେ, ଯା’ରେ ଯା’ କହିଯା’। ୧୯୮୪ରେ ପରଦାକୁ ଆସିଥିବା ଗୁରୁ ମହାନ୍ତି ଓ କମଳ ପଟ୍ଟନାୟକଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ପ୍ରସ୍ତୁତ ଓଡ଼ିଆ ଫିଲ୍ମ ‘ରାଧା’ର ‘ଏ ମନ ପିଆଲାରେ ଭରିଦିଅ ପୀରତି ମଦିରା’ ଗୀତଟିକୁ ମଧ୍ୟ ଆଶା ଗାଇଥିଲେ। ଅନ୍ୟପକ୍ଷରେ ଶଙ୍କର–ଏଶାନ୍–ଲୟଙ୍କ ସଙ୍ଗୀତ ସଂଯୋଜନାରେ ‘ବନ୍ଦେ ଉତ୍କଳ ଜନନୀ’ ଏବଂ ‘ଟୋପାଏ ସିନ୍ଦୂର ଦି ପଟ ଶଙ୍ଖା’ର ‘ମଇନା ମଇନା’ ଗୀତ ପାଇଁ ମଧ୍ୟ ଆଶା କଣ୍ଠଦାନ କରିଥିଲେ।

## ‘ଳ’ ପାଇଁ କାଳିଆ ହେଲା ମଣିମା

ଆଶା ଗାଇଥିବା ଓଡ଼ିଆ ଭଜନ ‘ମଣିମା’ ସମ୍ପର୍କରେ ଗୀତିକାର ବାପୁ ଗୋସ୍ୱାମୀ ଯାହା କହନ୍ତି...

୨୦୧୬ ମସିହାର ଶେଷ ଭାଗ। ତା’ ପର ବର୍ଷ ରଥଯାତ୍ରାକୁ ଲକ୍ଷ୍ୟ ରଖି ଲତା ମଙ୍ଗେସକର ଗାଇବା ଲାଗି ୭ଟି ଭଜନ ପ୍ରସ୍ତୁତ କରି ସଙ୍ଗୀତ ନିର୍ଦ୍ଦେଶକ ଦେବୀତୋଷ ଆଚାର୍ଯ୍ୟଙ୍କ ସହ ମୁମ୍ବାଇ ଯାଇଥିଲୁ। ସେଠାରେ ଲତାଙ୍କ ପି.ଏ.ଙ୍କୁ ଭେଟି ଏ ବିଷୟରେ ସବିଶେଷ କଥା ହେଲୁ। ମାତ୍ର ତାଙ୍କ ଡାକ୍ତର ଲତା ଗାଇବା ପାଇଁ ଏବେ ସମର୍ଥ ନୁହନ୍ତି ବୋଲି ରୋକ୍‌ଠୋକ୍ ଜଣାଇ ଦେଲେ। ତେଣୁ ଆମେ ନିରୁପାୟ ହୋଇ ଫେରିବା ପାଇଁ ଚିନ୍ତା କଲୁ। ସେଠାରୁ ବାହାରି ଆସିବା ବେଳକୁ ସେହି ପି.ଏ. କହିଲେ, ‘ଆପଣମାନେ ଆଶା ତାଇଙ୍କ ପାଇଁ ବି ଚେଷ୍ଟା କରିପାରିବେ। ଆମେ ସେଇଠି ପୁଣି ଚିନ୍ତା କଲୁ ଯେ ଲତା ନ ହେଲେ ଆଶା ଗାଇଲେ ବି ଚଳିଯିବ। ତେଣୁ ଆମେ ତାଙ୍କ କଥାରେ ରାଜି ହେବା ପରେ ସେ ଯୋଗାଯୋଗ କରାଇଦେଲେ। ଆମେ ଯାଇ ଆଶା ଭୋସଲେଙ୍କୁ ଭେଟିଲୁ। ତାଙ୍କୁ ଜଗନ୍ନାଥଙ୍କ ମୂର୍ତ୍ତି ଏବଂ ମହାପ୍ରସାଦ ଦେଲୁ। ଏସବୁ ପାଇ ସେ ଅତ୍ୟନ୍ତ ଆନନ୍ଦିତ ହେଲେ। ଏଥିସହ ଜଗନ୍ନାଥଙ୍କ ଭଜନ ଗାଇବା ପାଇଁ ସମ୍ମତି ପ୍ରଦାନ କରି କମ୍ପୋଜିଶନ କରି ପଠାଇବାକୁ କହିଲେ। ସେଇଠୁ ଆମେ ଭୁବନେଶ୍ୱର ଫେରି ଆସିଲୁ ଏବଂ କମ୍ପୋଜିଶନ ପ୍ରସ୍ତୁତ କରି ପୁଣି ମୁମ୍ବାଇ ଗଲୁ। ସେଠାରେ ଆଶା ଆମ କମ୍ପୋଜିଶନ ଶୁଣିବା ପରେ ଖୁସି ହେଲେ ଏବଂ ଭଜନ ଗାଇବାକୁ ହଁ ଭରିଲେ। ସେଠାରେ ମୁଁ ତାଙ୍କୁ କେତୋଟି ଶବ୍ଦର ଅର୍ଥ ବୁଝାଇଲି। କିନ୍ତୁ ତାଙ୍କର ‘ଳ’ ଅକ୍ଷରଟି ଉଚ୍ଚାରଣରେ ଅସୁବିଧା ହେବାରୁ ‘କାଳିଆ’ ଶବ୍ଦକୁ ବଦଳାଇ ‘ମଣିମା’ କରାଗଲା। ସେ ଗାଇଥିବା ଗୀତଟି ଥିଲା ‘ତୁମେ ଏକା ସାଆନ୍ତ ବୋଲି...ଦୁଃଖ ମୁଁ ଯାଇଛି ଭୁଲି ...ମଣିମା..’। ସେ ଗାଇବା ପରେ ସେଠାରେ ଉପସ୍ଥିତ ଥିବା ସଙ୍ଗୀତ ନିର୍ଦ୍ଦେଶକଙ୍କ ସମେତ ସମସ୍ତେ ଖୁସି ହୋଇଗଲୁ। ଗୀତଟି ଶୁଣିବା ପରେ ଆମେ ଲତା ଏବଂ ଆଶାଙ୍କ ସ୍ୱରରେ କିଛି ଫରକ ଜାଣିପାରି ନ ଥିଲୁ। ଏବେବି ସେ କଥା ମୋ ସ୍ମୃତିରେ ସଜଳ ହୋଇ ରହିଛି।



# ଧାର୍ଯ୍ୟ ମୂଲ୍ୟରେ ଟେଣ୍ଡର ପକାଇବାକୁ ସର୍ବସମ୍ମତି

## କୋରେଇ ଠିକାଦାର ସଂଘର ସାଧାରଣ ପରିଷଦ ବୈଠକ

ବ୍ୟାସନଗର,୧୨।୪(ପବିତ୍ର ରଞ୍ଜନ ମହାନ୍ତି):

କୋରେଇ ଠିକାଦାର ସଂଘର ୩ୟ ସାଧାରଣ ପରିଷଦ ବୈଠକ ବ୍ୟାସନଗର ସହରସ୍ଥିତ ଏକ ହୋଟେଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧାର୍ଯ୍ୟ ମୂଲ୍ୟରେ ଟେଣ୍ଡର ପକାଇବାକୁ ସର୍ବସମ୍ମତି ପ୍ରକାଶ ପାଇଛି। ସଂଘ ସଭାପତି ଅମର ପ୍ରତାପ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଯଜ୍ଞଦତ୍ତ ତ୍ରିପାଠୀ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରି ଉପସ୍ଥିତ ସଭ୍ୟଙ୍କ ମତ ଲୋଡ଼ିଥିଲେ। ଏହିବୈଠକ ଅବସରରେ ଗତ ମାସ ୨୯ ତାରିଖରେ ଅନୁଷ୍ଠିତ ସଂଘ କାର୍ଯ୍ୟକର୍ତ୍ତା ନିର୍ବାଚନରେ ମନୋନୀତ ସଭାପତି ସିଂହ, ସାଧାରଣ ସମ୍ପାଦକ ପ୍ରଳୟ ପଟ୍ଟନାୟକ, ସମ୍ପାଦକ ତ୍ରିପାଠୀ, ଉପସଭାପତି ସତ୍ୟପ୍ରକାଶ ମହାନ୍ତି, କୋଷାଧ୍ୟକ୍ଷ ନିରଞ୍ଜନ ନାୟକ, ବରିଷ୍ଠ ଉପଦେଷ୍ଟା ସୁରେଶ ରଥ, ଉଦୟଭାନୁ ପତି, ସରୋଜ ରାଉତ, ରାଜେଶ ସାହୁ ଓ ସାମାଜିକ ଗଣମାଧ୍ୟମ ସଂଯୋଜକଙ୍କୁ ସଂଘ ପକ୍ଷରୁ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।



କୋରେଇ ଠିକାଦାର ସଂଘର ସାଧାରଣ ପରିଷଦ ବୈଠକରେ ଯୋଗ ଦେଇଥିବା କର୍ମକର୍ତ୍ତା।

ଗତ କିଛି ମାସ ତଳେ ସରକାର ପୂର୍ବରୁ ପ୍ରଚଳିତ ୧୪.୯୯% ଲେସକୁ ପ୍ରତ୍ୟାହାର କରି ଅନଲିମିଟେଡ ଲେସ୍ କରିବା ଫଳରେ କାର୍ଯ୍ୟର ମାନ ନିମ୍ନହେବା ସହିତ ଠିକାଦାର କ୍ଷତିଗ୍ରସ୍ତ ହେବା ନେଇ ମତପ୍ରକାଶ ପାଇଛି। ଏଥିରେ ସୁଧାର ଆଣିବା ନିମନ୍ତେ ସଂଘ ମୁଖ୍ୟ ଭୂମିକା ତୁଲାଇବ ବୋଲି ସମସ୍ତ ମଞ୍ଚାସୀନ କାର୍ଯ୍ୟକର୍ତ୍ତା ମତ ପ୍ରକାଶ କରିଥିଲେ। ଫଳରେ ସଂଘର ପୂର୍ବବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ କୋରେଇ ନିର୍ବାଚନମଣ୍ଡଳୀ ଅଧୀନରେ ହେଉଥିବା ବା ଆଗକୁ ହେବାକୁ ଥିବା ସମସ୍ତ ଟେଣ୍ଡର କାର୍ଯ୍ୟକୁ ସରକାରୀ ସ୍ଥିରୀକୃତ ସିଡ୍ୟୁଲ ରେଟ(୦.୦୦%)ରେ ପକାଇବାକୁ ସଂଘ ପକ୍ଷରୁ ହୋଇଥିବା ନିଷ୍ପତ୍ତି ସମ୍ପର୍କରେ ଆଲୋଚନା ହୋଇଥିଲା। ତତ୍‌ସହିତ ଏସ୍‌ସି ଏବଂ ଏସ୍‌ଟି ଠିକାଦାର ଟେଣ୍ଡର ପକାଇବା ସମୟରେ ପ୍ରାଇସ ପ୍ରିଫରେନସ ନ ନେବାକୁ ମଧ୍ୟ ଅନୁରୋଧ କରାଯାଇଥିଲା। ଏହି ନିୟମ ବ୍ୟାସନଗର ପୌରପରିଷଦର ସମସ୍ତ ଟେଣ୍ଡର ପାଇଁ ଲାଗୁ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ଏଥିରୁ ବିଚ୍ୟୁତି ହେଲେ ସଂଘର ସଦସ୍ୟ ଏକ ହୋଇ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ମତ ପ୍ରକାଶ ପାଇଥିଲା। ଏହି ବୈଠକ ଅନ୍ତରାଳେ ବିଭିନ୍ନ ସଦସ୍ୟ ଏହି ନିୟମ ଏବଂ ଏହାର କାର୍ଯ୍ୟକାରିତା ନେଇ ନିଜର ସକରାତ୍ମକ ମତପ୍ରଦାନ କରିଥିଲେ।

ସଂଘ ପକ୍ଷରୁ କୋରେଇ ବିଧାୟକ ଆକାଶ ଦାସନାୟକଙ୍କୁ ସାକ୍ଷାତ କରି ସମ୍ମାନିତ କରାଯିବା ସହିତ ସଂଘର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଧାୟକ ଖୁସିବ୍ୟକ୍ତ କରିବା ସହିତ ସଂଘର ଏଭଳି କାର୍ଯ୍ୟଧାରାକୁ ଖୁବ ପ୍ରଶଂସା କରିଥିଲେ। ସେ ସଂଘ ସହିତ ରହିଥିବା ସୂଚନା ଦେଇଥିଲେ ବୋଲି କୁହାଯାଇଥିଲା। ବୈଠକରେ ସଂଘ ପକ୍ଷରୁ ପୀତାମ୍ବର ନନ୍ଦ, ଅକ୍ଷୟ ପାତ୍ର, ପ୍ରଦୀପ ମାଝି, ପ୍ରଦୀପ୍ତ ଜେନା, ଚନ୍ଦନ ଜେନା, ପ୍ରଦୀପ ନାୟକ, ଗୋକୁଳାନନ୍ଦ ସାହୁ, ପ୍ରଭାତ ଜେନା, ଧନେଶ୍ୱର ପରିଡ଼ା, ପ୍ରଶାନ୍ତ ପରିଡ଼ା ପ୍ରମୁଖ ଉପସ୍ଥିତଥିଲେ। ସଭ୍ୟ ମନୋଜ ରାଉତ ଧନ୍ୟବାଦ ଦେଇଥିଲେ।

# ଜମି ଅଧିଗ୍ରହଣ ପରେ ପୁଣି ଦଖଲ

ଯାଜପୁରଟାଉନ,୧୨।୪
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ମାନସାପୋଲଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ ନିମନ୍ତେ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ୪ ବର୍ଷ ପୂର୍ବେ ଜମି ଅଧିଗ୍ରହଣ କାର୍ଯ୍ୟ ସମାପ୍ତି ହୋଇଛି। ଜମି ମାଲିକଙ୍କୁ ଜମି ଅଧିଗ୍ରହଣ ପାଇଁ ଦେୟ ପ୍ରଦାନ କରାଯିବା ସହ ସେଠାରେ ଥିବା ଗୃହ ଗୁଡ଼ିକୁ ଉଚ୍ଛେଦ ମଧ୍ୟ କରାଯାଇଛି। ଏଥିରେ ଭବାନୀଗଞ୍ଜ ଛକକୁ ଏକ ଗୋଲେଇ ଛକ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ମାତ୍ର ପୂର୍ତ୍ତ ବିଭାଗ ଏହି କାର୍ଯ୍ୟରେ ବିଳମ୍ବ କରିବାରୁ ଯେଉଁ ବ୍ୟକ୍ତିଙ୍କର ଜାଗା ଯାଇଛି ସେମାନଙ୍କ ମଧ୍ୟରୁ କେତେଜଣ ସେହି ସ୍ଥାନକୁ ଦଖଲ କରି ପୁନର୍ବାର ଗୃହ ନିର୍ମାଣ କରୁଥିବା ଅଭିଯୋଗ ହୋଇଛି। ଏ ନେଇ ସ୍ଥାନୀୟ ଅଧିବାସୀ ଗତ ସୋମବାର ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ଅମ୍ବର କୁମାର କରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ କମଲ କୁମାର ସ୍ୱାଇଁଙ୍କୁ ପଚାରିବାରେ ସେ କହିଛନ୍ତି, ସରକାରୀ ଜାଗାକୁ ଦଖଲ କରିଥିବା ଏବଂ ବେଆଇନ ଭାବେ ଗୃହ ନିର୍ମାଣ କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# କାଳନ୍ଦୀଙ୍କୁ ମିଳୁନି ପକ୍କା ଘର



ଘର ଆଗରେ କାଳନ୍ଦୀ ନାୟକ।

ଯାଜପୁର,୧୨।୪
(ହର୍ଷବର୍ଦ୍ଧନ ବେହେରା):

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ବରଜପୁର ଗ୍ରାମର ବାସିନ୍ଦା କାଳନ୍ଦୀ ନାୟକ ଦୀର୍ଘଦିନ ଧରି ଏକ ଚାଳଘରେ ପରିବାର ସହିତ ଦୁର୍ଦ୍ଦଶାରେ ଜୀବନଯାପନ କରୁଛନ୍ତି। ସରକାରଙ୍କ ପକ୍ଷରୁ ଗରିବଙ୍କ ପାଇଁ ଆବାସ ଯୋଜନା ରହିଥିବା ସତ୍ତ୍ୱେ ସେ ଏପର୍ଯ୍ୟନ୍ତ କୌଣସି ସହାୟତା ପାଇପାରିନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। କାଳନ୍ଦୀ ପୂର୍ବରୁ ସରକାରୀ ଗୃହ ପାଇଁ ଆବେଦନ କରିଥିଲେ। କିନ୍ତୁ ବହୁ ଦିନ ବିତି ଯାଇଥିଲେ ମଧ୍ୟ ତାଙ୍କ ଆବେଦନ ଉପରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ପ୍ରଶାସନିକ ଅବହେଳା କିମ୍ବା ଯାଞ୍ଚ ପ୍ରକ୍ରିୟାର ବିଳମ୍ବ ତାଙ୍କ ପାଇଁ ବଡ଼ ସମସ୍ୟା ହୋଇଉଠିଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ବର୍ତ୍ତମାନ କାଳନ୍ଦୀ ମଜୁରୀଲାଗି ଯେତେକି ଆୟ କରୁଛନ୍ତି, ସେଥିରେ ତାଙ୍କ ପରିବାର ଚଳିବା କଷ୍ଟକର ହୋଇପଡୁଛି। ଆର୍ଥିକ ଅଭାବ ଓ ଅନାଟନ କାରଣରୁ ଘର ତିଆରି କରିବା ତାଙ୍କ ପକ୍ଷେ ସମ୍ଭବ ହୋଇ ପାରୁନାହିଁ। ବର୍ଷା ଆସିଲେ ତାଙ୍କର ଅସୁବିଧା ବଢ଼ିଯାଏ। ଯାହା ତାଙ୍କ ପରିବାର ପାଇଁ ଏକ ସମସ୍ୟା। କାଳନ୍ଦୀ କହିଛନ୍ତି, ସେ ଦିନ ମଜୁରିଆ। ପକ୍କା ଘର ପାଇଁ ଅନେକ ଥର ଆବେଦନ କରିଥିଲେ ବି କେହି ଶୁଣିନାହାନ୍ତି। ଫଳରେ ତାଙ୍କ ପରିବାର ଲୋକେ ଅସୁରକ୍ଷିତ ଭାବେ ଜୀବନ ଜିଉଁଛନ୍ତି।

# ଛାତ୍ରୀଛାତ୍ରଙ୍କୁ ବର୍ଣ୍ଣବୋଧ ବଣ୍ଟନ

କାଏମା,୧୨।୪(ଶିବପ୍ରସାଦ ମହାନ୍ତି):

କେନ୍ଦ୍ରାପଡ଼ା ପଞ୍ଚାମୁଣ୍ଡାଇର ଶ୍ରୀରାଧାକୃଷ୍ଣ ସାହିତ୍ୟ ସଂସଦ ଓ ମାତା ଇ-ପତ୍ରିକା ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ବର୍ଣ୍ଣବୋଧ ବହି ବଣ୍ଟନ କରାଯାଇଛି। ଧର୍ମଶାଳା ବ୍ଲକ ଅନ୍ତର୍ଗତ ପାଟପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ବଳଦେବ ଜୀଉ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠାନ ପକ୍ଷରୁ ଭାଷା ସାହିତ୍ୟର ପ୍ରଚାର ପ୍ରସାର, ସୁରକ୍ଷା ଓ ବିକାଶ ପାଇଁ ୧୦୦ରୁ ଊର୍ଦ୍ଧ୍ୱ ପିଲାଙ୍କୁ ବର୍ଣ୍ଣବୋଧ ବହି ଦିଆଯାଇଛି। ଅନୁଷ୍ଠାନ ସଭାପତି ଆଦିକନ୍ଦ ରାଉତ, ଉପସଭାପତି ଅରୁଣ କୁମାର ଦାସ, ପ୍ରତିଷ୍ଠାତା ତଥା ସମ୍ପାଦକ ଡ. ଆଶୁତୋଷ ଦେବୀପ୍ରସାଦ ରାଉତଙ୍କ ପରାମର୍ଶକ୍ରମେ ଏହି କାର୍ଯ୍ୟକ୍ରମର ଦାୟିତ୍ୱ ସମ୍ପାଦିକା ଜୟନ୍ତୀ ବେହେରାଙ୍କୁ ପ୍ରଦାନ କରାଯାଇଥିଲା। ବେହେରା ୨ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକଙ୍କ ସହଯୋଗରେ ବହି ବଣ୍ଟନ କରିଥିଲେ।



ପିଲାମାନଙ୍କୁ ବର୍ଣ୍ଣବୋଧ ବହି ବଣ୍ଟନ କରାଯାଉଛି।

# ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଶାଖା ଜିଲା ସମ୍ମିଳନୀ

ଧର୍ମଶାଳା,୧୨।୪(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଜାରକାସ୍ଥିତ ରେନେସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ରବିବାର ଯାଜପୁର ଜିଲା ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଶାଖା ତରଫରୁ ଏକ ଜିଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ନିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ରବୀନ୍ଦ୍ର କୁମାର ବିହାରୀ, ମୁଖ୍ୟବକ୍ତା ଭାବେ ମହେଶ୍ୱର ପାଢ଼ୀ ଯୋଗଦେଇଥିଲେ। ଜିଲା ସମ୍ପାଦକ ପ୍ରଶାନ୍ତ ସାହୁ ଅତିଥିଙ୍କୁ ସ୍ୱାଗତ ଜଣାଇବା ସହ ଲୋକ ସଂସଦର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ବିହାରୀ ବିବେକାନନ୍ଦଙ୍କ ନୀତିଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା




ସମ୍ମିଳନୀରେ ମଞ୍ଚାସୀନ ଅତିଥି।

ବିବେକାନନ୍ଦଙ୍କ ଜୀବନୀ ଯୁବସମାଜ ପାଇଁ ଦିଗ୍‌ଦର୍ଶନ ହେବ ବୋଲି ମତବ୍ୟକ୍ତ କରିଥିଲେ। ଏହାପରେ ସାଙ୍ଗଠନିକ ଆଲୋଚନା କରାଯାଇଥିଲା। ପ୍ରକ୍ତନ ସମ୍ପାଦକ ବିଷ୍ଣୁଚରଣ ସାହୁ ଓ ଯୁଗ୍ମ ସମ୍ପାଦକ ଲମ୍ବୋଦର ସାହୁ ବିଭିନ୍ନ ପ୍ରସ୍ତାବ ରଖିଥିଲେ। ଏହି ସମ୍ମିଳନୀରେ ସୁନନ୍ଦ ସାହୁ, ଶତ୍ରୁଘନ ସାହୁ, ଅରବିନ୍ଦ ପାଢ଼ୀ, ଅଧ୍ୟାପକ ବିଜୟ ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଜୀବନ ସଭ୍ୟ କେଦାରନାଥ କୁଣ୍ଡୁ ଧନ୍ୟବାଦ ଦେଇଥିଲେ।

# ପୈତୃକ ସମ୍ପତ୍ତିକୁ ନେଇ ଗଣ୍ଡଗୋଳ

ଚଣ୍ଡିଖୋଲ,୧୨।୪(ପ୍ରଦୀପ୍ତ କୁମାର ପୃଷ୍ଟି):

ବଡ଼ଚଣା ଥାନା ଅନ୍ତର୍ଗତ ବନ୍ଦାଳ ଗ୍ରାମରେ ପୈତୃକ ସମ୍ପତ୍ତିକୁ ନେଇ ଗୋଟିଏ ପରିବାରର ୩ ଭାଇଙ୍କ ମଧ୍ୟରେ ଲାଗି ରହିଥିବା ବିବାଦ ଭିନ୍ନ ମୋଡ଼ ନେଇଛି। ଏହି ବିବାଦକୁ କେନ୍ଦ୍ରକରି ଦୁଇ ସାନଭାଇ ମିଶି ବଡ଼ଭାଇ ଓ ତାଙ୍କ ପୁଅଙ୍କୁ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ବଡ଼ଭାଇ ପ୍ରତାପ ଚନ୍ଦ୍ର ମହାନ୍ତି ଓ ପୁଅ ଶୁଭମଙ୍କୁ ଦୁଇ ସାନଭାଇ ପ୍ରସନ୍ନ ଏବଂ ପ୍ରଶାନ୍ତ ମିଶି ଗତ ୧୦ ତାରିଖରେ ଏହି ଆକ୍ରମଣ କରିଛନ୍ତି। ଏନେଇ ଥାନାରେ ଲିଖିତ ଅଭିଯୋଗ ହେବାପରେ ପୋଲିସ ନଂ.୧୨୬/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ତଦନ୍ତ ପରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ଜଗଦୀଶ କର କହିଛନ୍ତି। ଆକ୍ରମଣର ଶିକାର ହୋଇଥିବା ବାପା ପ୍ରତାପ ସୁସ୍ଥ ହୋଇଥିବା ବେଳେ ତାଙ୍କ ପୁତ୍ର ଶୁଭମ ଏବେବି କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି।



ବ୍ୟାସନଗର ହନୁମାନ ଜୟନ୍ତୀ ଆୟୋଜନ କମିଟି ପକ୍ଷରୁ ଓଡ଼ିଆ ନବବର୍ଷ ଓ ହନୁମାନ ଜୟନ୍ତୀ ଅବସରରେ ବାହାରିଥିବା ଶୋଭାଯାତ୍ରା।

# ରାମ ନାମକୁ ମୂଳମନ୍ତ୍ର କରିବାକୁ ସାଧୁସନ୍ଥଙ୍କ ଆହ୍ୱାନ

ବ୍ୟାସନଗର,୧୨।୪(ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗର ହନୁମାନ ଜୟନ୍ତୀ ଆୟୋଜନ କମିଟି ପକ୍ଷରୁ ଓଡ଼ିଆ ନବବର୍ଷ ଓ ହନୁମାନ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। କମିଟି ପକ୍ଷରୁ ୧୦୮ ହନୁମାନ ଚାଳିଶା ପାଠ କରାଯାଇଥିଲା। ଅପରାହ୍ନ ୫ଟାରେ ହିନ୍ଦୁ ସମାଜକୁ ଜାଗ୍ରତ କରିବା ପାଇଁ ସ୍ଥାନୀୟ ପିକେ ରାଇସ ମିଲଠାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ରାମ ଭକ୍ତ ହନୁମାନଙ୍କ ବେଶରେ ସଜ୍ଜିତ ପିଲାଙ୍କୁ ରଥରେ ବସାଇ ସହର ପରିକ୍ରମା କରାଯାଇଥିଲା। ସମଗ୍ର ସହର ଗେରୁଆ ମୟ ହୋଇଥିଲା। ଶୋଭାଯାତ୍ରା ଗୋପବନ୍ଧୁ ଛକ ନିକଟ ରାଇସ ମିଲ୍‌ଠାରେ ପହଞ୍ଚିବା ପରେ ଏକ ଧର୍ମସଭା ଆୟୋଜନ କରାଯାଇଥିଲା। ଏହି ସଭାରେ ଶ୍ରୀରାମ ନାମକୁ ମୂଳମନ୍ତ୍ର କରିବା ପାଇଁ ଉପସ୍ଥିତ ସାଧୁସନ୍ଥ ଆହ୍ୱାନ ଦେଇଥିଲେ। ସଭାରେ ସଂଗଠନ ମନ୍ତ୍ରୀ ଅଖିଳ ଭାରତୀୟ ସନ୍ଥ ସମିତିର ପୂଜ୍ୟ ସନ୍ଥ ଦର୍ଶନ ବିଦ୍ୟାର୍ଥୀ ମହାରାଜ ଏବଂ ସିଦ୍ଧ ଗିରି ଆଶ୍ରମ ଛତିଆ ଟାଙ୍ଗୀର ମହନ୍ତ ବାବାଜୀ ବିଶ୍ୱ ନାଥ ଦାସ ଉପସ୍ଥିତ ରହି ମାର୍ଗ ଦର୍ଶନ କରାଇଥିଲେ। ପ୍ରତାପ ସ୍ୱାଇଁ, ସଞ୍ଜୀବ ନାୟକଙ୍କ ତତ୍ତ୍ୱାବଧାନରେ ଯାଜପୁରରୋଡ୍ ସୁନ୍ଦରକାଣ୍ଡ ମଣ୍ଡଳୀ, ବଜାରଙ୍ଗ ଦଳ, ବିଶ୍ୱ ହିନ୍ଦୁ ପରିଷଦର କାର୍ଯ୍ୟକର୍ତ୍ତା ଓ ସଦସ୍ୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କୋରେଇ ବିଧାୟକ ଆକାଶ ଦାସନାୟକ ସାମିଲ ହୋଇଥିଲେ।

# ବରିଷ୍ଠ ନାଗରିକ ମଞ୍ଚର ବନ୍ଧୁମିଳନ

ବଡ଼ଚଣା,୧୨।୪
(ଦିଲୀପ କୁମାର ମହାନ୍ତି):

ବଡ଼ଚଣା ବ୍ଲକ ଅନ୍ତର୍ଗତ ଶିକ୍ଷକ ଭବନ ପରିସରରେ ବଡ଼ଚଣା ବରିଷ୍ଠ ନାଗରିକ ମଞ୍ଚର ଏକ ବନ୍ଧୁମିଳନ ଓ ସରକାରୀ ପରିଚୟପତ୍ର ପ୍ରଦାନ ଉତ୍ସବ ରବିବାର ଅପରାହ୍ନ ୪ଟାରେ ପ୍ରଫେସର ବସନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ନିର୍ମଳଚନ୍ଦ୍ର ମିଶ୍ର, ଯାଜପୁର ରୋଡ ଏସଡିପିଓ ଶରତ ଚନ୍ଦ୍ର ପାତ୍ର, ଖବରଦାତା ନିର୍ମଳ ଚନ୍ଦ୍ର ସାମଲ, ବଡଚଣା ଥାନା ଅଧିକାରୀ ଜଗଦୀଶ ଚନ୍ଦ୍ର କର, ଅବସରପ୍ରାପ୍ତ ଅଧକ୍ଷ ଅଜୟ ଜେନା ପ୍ରମୁଖ ଯୋଗଦେଇଥିଲେ। ମଞ୍ଚ ପକ୍ଷରୁ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅଜୟ ଲେଙ୍କା ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ମଞ୍ଚ ସମ୍ପାଦକ ଅଜିତ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମହାବିନାୟକ ସଙ୍ଗୀତ ମହାବିଦ୍ୟାଳୟ ଛାତ୍ରୀଛାତ୍ରୀ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିଥିଲେ। ବରିଷ୍ଠ ନାଗରିକ ସମାଜ ପାଇଁ ବୋଝ ନୁହନ୍ତି, ତାଙ୍କ ସୁରକ୍ଷା ପାଇଁ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ଏସଡିପିଓ ପାତ୍ର ପ୍ରକାଶ କରିଥିଲେ। ଏହାପରେ ବରିଷ୍ଠ ନାଗରିକଙ୍କୁ ନୂତନ ପରିଚୟପତ୍ର ପ୍ରଦାନ କରିଥିଲେ। ସଭ୍ୟ ଧ୍ରୁବଚରଣ ପ୍ରଧାନ ଓ ଗାୟକ ସୌରଭ ରଜନୀ କାନ୍ତ ପୃଷ୍ଟି ତଥ୍ୟ ସମ୍ବଳିତ ବକ୍ତବ୍ୟ ପ୍ରଦାନ କରିଥିଲେ। ରବୀନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।




ବନ୍ଧୁମିଳନ ଓ ସରକାରୀ ପରିଚୟପତ୍ର ପ୍ରଦାନ ଉତ୍ସବରେ ଯୋଗ ଦେଇଥିବା ଅତିଥି।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

ଚଣ୍ଡିଖୋଲ,୧୨।୪(ପ୍ରଦୀପ୍ତ କୁମାର ପୃଷ୍ଟି):



ବଡ଼ଚଣା ବ୍ଲକ ସୁଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ନୂଆସୁଗୁଡ଼ା ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲୋକନାଥ ସେନାପତି(୮୪)ଙ୍କ ରବିବାର ପରଲୋକ ହୋଇଯାଇଛି। ସେ ଗତ କିଛି ଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। କଟକରୁ ତାଙ୍କ ମରଶରୀର ଆସି ବାସଭବନରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଖବର ପାଇ ସତ୍ୟପ୍ରିୟ ନାୟକ, ଚିତ୍ତରଞ୍ଜନ ସାହୁ, ରଞ୍ଜନ କୁମାର ଧଳ, ଗୁରୁଭାଇ ମଦନ ମୋହନ ବଳ, ପ୍ରଦୀପ୍ତ ଜେନା, ସନାତନ ଲେଙ୍କା ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ବିୟୋଗରେ ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲା, କଂଗ୍ରେସ ନେତା ଅଜୟ ସାମଲ, ଭକ୍ତଚରଣ ସାହୁ, ରାକେଶ ବାରିକ, ରବୀନ୍ଦ୍ର ନାରାୟଣ ସିଂହ ଓ ପ୍ରକାଶ କୁମାର ସାହୁ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ସାମଗ୍ରିକ ବିକାଶ କରୁଥିବା ବ୍ୟକ୍ତି ବନ୍ଦନୀୟ ବରପୁତ୍ର

## ଓଡ଼ିଆ ପକ୍ଷ ପାଳନ ଅବସରରେ ଆଲୋଚନାଚକ୍ର, କବିତା ପାଠୋତ୍ସବ

ଯାଜପୁର ସଦର,୧୨।୪
(ସମର ବିଜୟ ଶରଣ):

ଓଡ଼ିଆ ପକ୍ଷ ପାଳନ ଅବସରରେ ଯାଜପୁର ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ରବିବାର 'ବନ୍ଦନୀୟ ବରପୁତ୍ର' ଶୀର୍ଷକ ଏକ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶାର ତଥା ଯାଜପୁର ଜିଲାର ବରପୁତ୍ରଙ୍କ ଉପରେ ଆଲୋଚନାଚକ୍ର ଏବଂ କବିତା ପାଠ ଉତ୍ସବ ଆୟୋଜିତ ହୋଇଥିଲା। ଓଡ଼ିଶାର ବରପୁତ୍ରଙ୍କ ତ୍ୟାଗ ଓ ବଳିଦାନର ଗାଥାକୁ ମନେ ପକାଇବା ସହ ଆଗାମୀ ପିଢ଼ି ନିକଟରେ ଏହାକୁ ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟଥିଲା। ଆଲୋଚନାସଭାରେ ମୁଖ୍ୟ ଅତିଥିଭାବେ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲା ସଂସ୍କୃତି ଅଧିକାରୀ ସୋନାଲି




ଆଲୋଚନାଚକ୍ର, କବିତା ପାଠୋତ୍ସବରେ ଯୋଗ ଦେଇଥିବା ଅତିଥି।

ବେହେରା, ସାହିତ୍ୟିକ ରାଜକିଶୋର ପଣ୍ଡା, ବୈଜ୍ଞାନିକ ଡ. ରୂପଶ୍ରୀ ରାଗିଣୀ ଦାସ ପ୍ରମୁଖ ଯୋଗ ଦେଇଥିଲେ।

ମୁଖ୍ୟ ଅତିଥି କହିଥିଲେ, ଯେଉଁମାନେ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ସାମଗ୍ରିକ ବିକାଶ ପାଇଁ ନିଜ ଜୀବନକାଳ ମଧ୍ୟରେ କାର୍ଯ୍ୟ କରିଥାନ୍ତି ସେହିମାନେ ହିଁ ଏ ଜାତିର ପ୍ରକୃତ ବନ୍ଦନୀୟ ବରପୁତ୍ର। ଯାଜପୁରର ବହୁ ବରପୁତ୍ର ଆମକୁ ରାଜ୍ୟ ଓ ଦେଶରେ ଗର୍ବିତ କରିଛନ୍ତି। ବିଶେଷ କରି ଓଡ଼ିଶାରେ ଯେଉଁ ବରପୁତ୍ର ନିଜର ସ୍ୱତନ୍ତ୍ର ପରିଚୟ ଛାଡି ଯାଇଛନ୍ତି ସେମାନଙ୍କ ମଧ୍ୟରୁ ଯାଜପୁର ମାଟିର ଆଦିନେତା ବିଚିତ୍ରାନନ୍ଦ ଦାସ ଓ ଉତ୍କଳ ପ୍ରାଣ ବ୍ରଜ ସୁନ୍ଦର ଦାସ ଅନ୍ୟତମ। ମୁଖ୍ୟ ବକ୍ତା ଭାବେ ପ୍ରାଧ୍ୟାପକ କବି ଦାମୋଦର ବେହେରା ଯୋଗଦେଇ କହିଥିଲେ, ଲେଖକ ଦୁଃଖି ମଣିଷଟିଏ, ରାତି ପାହିଲେ ଦୁଃଖ ସାଉଣ୍ଟେ। ସେହି ଦୁଃଖକୁ କଲମ ମୁନରେ ଲେଖି ବସେ। ତାହାହିଁ ସାଧାରଣ ଜନତାଙ୍କ ସାହିତ୍ୟ ଭାବେ ଆଦର ଲାଭ କରେ। ଏହାପରେ ଅତିଥିମାନେ ଯାଜପୁର ଜିଲାର ସାହିତ୍ୟିକ, ସନ୍ଥ ମହାପୁରୁଷ, ଭାଷା ଆନ୍ଦୋଳନରେ ସାମିଲ ହୋଇଥିବା ବରପୁତ୍ରଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଆଲୋଚନାଚକ୍ର ପରେ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

ଦ୍ୱିତୀୟ ପର୍ଯ୍ୟାୟରେ ଆୟୋଜିତ କବିତା ପାଠ ଉତ୍ସବରେ 'ଗୋକର୍ଣ୍ଣିକା'ର ସମ୍ପାଦକ ରମାକାନ୍ତ ଜେନା ସଭାପତିତ୍ୱ କରିଥିବାବେଳେ ଜିଲା ଲେଖକ ସମ୍ମିଳନୀର ସଭାପତି ରୁଦ୍ରନାରାୟଣ ପୃଷ୍ଟି, ବିଦ୍ୟୁତ ପ୍ରଭା ଦାସ ଓ 'ଚିରନ୍ତନୀ'ର ସମ୍ପାଦିକା ସଂଯୁକ୍ତା ମହାପାତ୍ର ଅତିଥି ଭାବେ ଯୋଗଦେଇ କବିତା ପାଠ କରିଥିଲେ। ବାଇଧର ମାଝୀଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠ ଉତ୍ସବରେ ଜିଲାର ବିଭିନ୍ନ ପ୍ରାନ୍ତରୁ କବି ଆସି ବିଷୟ ଭିତ୍ତିକ ସ୍ୱରଚିତ କବିତା ପାଠ କରିଥିଲେ। ଅତିଥି କବିଙ୍କୁ ଉତ୍ତରୀୟ ଏବଂ ଯଯାତି ସ୍ମରଣିକା ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସଂସ୍କୃତି ବିଭାଗର ଜ୍ୟୋତିରଞ୍ଜନ କର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଧନ୍ୟବାଦ ଦେଇଥିଲେ।

# ନୃତ୍ୟ, ସଙ୍ଗୀତରେ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

**ଅଳକା ଆଶ୍ରମରେ ଓଡ଼ିଆ ପକ୍ଷ**

**ଭାଗୀରଥି ଦାସଙ୍କୁ ଦିଆଗଲା ଅଳକା ଆଶ୍ରମ ସାହିତ୍ୟ ସମ୍ମାନ**

ଜଗତ୍‌ସିଂହପୁର, ୧୨।୪ (ପ୍ରମୋଦ କୁମାର ନାୟକ)



କାର୍ଯ୍ୟକ୍ରମରେ ଉପସ୍ଥିତ କବି, କଳାକାର ଓ ପ୍ରଶାସନିକ ଅଧିକାରୀମାନେ।

ଓଡ଼ିଶା ସାହିତ୍ୟ ଏକାଡେମୀ ସହଯୋଗରେ ସ୍ଥାନୀୟ ଅଳକା ଆଶ୍ରମ ପରିସରରେ ଓଡ଼ିଆ ପକ୍ଷ ଦ୍ୱାଦଶ ଦିବସରେ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ଦିନିକିଆ କାର୍ଯ୍ୟକ୍ରମରେ କବିତାଞ୍ଜଳି, ଶବ୍ଦାଞ୍ଜଳି ଓ ନୃତ୍ୟାଞ୍ଜଳି ଭାବରେ ୩ଟି ସୋପାନରେ ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। କବୟିତ୍ରୀ ମହାସ୍ମିତା ଓଝାଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ ଏକାଧିକ କବି ସ୍ୱରଚିତ କବିତା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଦେବା ନିଆରା ପରିବେଶ ସୃଷ୍ଟି କରିଥିଲା। ସେହିପରି କୁଜଙ୍ଗର ପାଇକ ଆଖଡ଼ା, ରତୁପର୍ଣ୍ଣା କଳା ପରିଷଦ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ମାଧ୍ୟମରେ ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏହି ଅବସରରେ ବିଶିଷ୍ଟ ସାରସ୍ୱତ ସାଧକ ଭାଗୀରଥି ଦାସଙ୍କୁ ଅଳକା ଆଶ୍ରମ ସାହିତ୍ୟ ସମ୍ମାନ ସମେତ ଜିଲାର ବିଭିନ୍ନ ସାହିତ୍ୟ, ସାଂସ୍କୃତିକ ତଥା ସାମାଜିକ ଅନୁଷ୍ଠାନକୁ ସମ୍ମାନିତ କରାଯାଇଥିଲା। ଦେବେନ୍ଦ୍ର ନାଥ ରାଉତଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଔପନ୍ୟାସିକ ଦାସ ଉଦ୍‌ଘାଟକ ହୋଇଥିବା ବେଳେ ଅତିରିକ୍ତ ଜିଲାପାଳ ଜ୍ୟୋତି ଶଙ୍କର ରାୟ ମୁଖ୍ୟ ବକ୍ତା ଓ ଜଗତ୍‌ସିଂହପୁର ଏମ୍‌ପି ବିଭୁ ତରାଇ ଯୋଗଦେଇ ବରପୁତ୍ରମାନଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ୩ଟି ଅଧିବେଶନରେ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ, ସାରଳା ଗବେଷକ ରଞ୍ଜନ କୁମାର ପଣ୍ଡା, ଉଦୟବଟର ମୁଖ୍ୟ ବୈଷ୍ଣବ ଚରଣ ପଟ୍ଟନାୟକ, ମହେନ୍ଦ୍ର କୁମାର ଆଚାର୍ଯ୍ୟ, ବିନାୟକ ପଟ୍ଟନାୟକ, ବଂଶୀଧର ଆଚାର୍ଯ୍ୟ, ସତ୍ୟବ୍ରତ ମହାପାତ୍ର, ଅଳକା ଆଶ୍ରମର ସଭାପତି ଗୌରାଙ୍ଗ ଚରଣ ହୋତା, ନିବେଦିତା ମହାନ୍ତି, ସୁରେନ୍ଦ୍ର ନାଥ ତ୍ରିପାଠୀ, ଡ.ଜ୍ୟୋତିର୍ମୟୀ ମହାନ୍ତି, ଜୀବନାନନ୍ଦ ଅଧିକାରୀ, କ୍ୟାପଟେନ ସଞ୍ଜୀବ କୁମାର ମୁଦୁଲି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ବିଜୟ କୁମାର ରଥ, ଜ୍ୟୋତିରଞ୍ଜନ ପ୍ରଧାନ, ସୁରେଶ କୁମାର ପ୍ରଧାନ, ନଗେନ୍ଦ୍ର ନାଥ ସ୍ୱାଇଁ, ରାଜଶ୍ରୀ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

# ବରିଷ୍ଠ ନାଗରିକ ସମାଜ ଲାଗି ସମ୍ପଦ



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ସଂଘ ନେତୃମଣ୍ଡଳୀ ଓ ସଦସ୍ୟମାନେ।

ତିର୍ତ୍ତୋଲ, ୧୨।୪ (ଗୌରାଙ୍ଗ ଚରଣ ସ୍ୱାଇଁ)

ବରିଷ୍ଠ ନାଗରିକମାନେ ହେଲେ ସମାଜ ଲାଗି ସମ୍ପଦ, ସେମାନଙ୍କ ଉପଦେଶ ସମାଜ ପାଇଁ ଉପାଦେୟ ସାବ୍ୟସ୍ତ ହେବା ସହ ସେମାନେ ସବୁ ସମୟରେ ସମାଜର ମଙ୍ଗଳ କାମନା କରିଥାନ୍ତି। ତିର୍ତ୍ତୋଲ ଥାନା ପଣ୍ଡୁଆ ପଞ୍ଚାୟତ ବରିଷ୍ଠ ନାଗରିକ ଓ ଅବସର ସଂଘର ବାର୍ଷିକ ଉତ୍ସବରେ ଏହି ମତ ପ୍ରକାଶ ପାଇଛି। ପରୁଡି ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ଏହି ସଭାରେ ଅନୁଷ୍ଠାନର ସ୍ଥାୟୀ ସଭାପତି ତଥା ବାଲିଘର ଫାଉଣ୍ଡେଶନର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସ୍ୱାଇଁ ସଭାପତିତ୍ୱ କରିଥିଲେ। ଏହି ଆସରରେ ସମ୍ପାଦକ ସୁବୋଧ କୁମାର ନାୟକ, ଉପଦେଷ୍ଟା ଗୌରାଙ୍ଗ ଚରଣ ଦାସ, ମଣିଚରଣ ନାୟକ, ନିମାଇଁ ଚରଣ ସ୍ୱାଇଁ, ବିଷ୍ଣୁ ଚରଣ ବାରିକ, ବିକ୍ରମ କେଶରୀ ପରିଡ଼ା ପ୍ରମୁଖ ଯୋଗଦେଇ ଅନୁଷ୍ଠାନର କାର୍ଯ୍ୟକ୍ରମ ସମ୍ପର୍କରେ ନିଜର ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ସଂଘର ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ଓ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ପ୍ରତିନିଧି ଭାବେ ଯୋଗଦେବାକୁ ଯଥାକ୍ରମେ ଦୁଇ ଜଣ ଓ ତିନି ଜଣଙ୍କ ନାମ ଘୋଷଣା କରାଯାଇଥିଲା। ଆଗାମୀ ଦିନରେ ଚାରା ରୋପଣ ଓ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ସଂଘ ତରଫରୁ ନିୟମିତ କରାଯିବା ପାଇଁ ସ୍ଥିର ହୋଇଥିଲା। ପରବର୍ତ୍ତୀ ଅଧିବେଶନ ଜୁନ ୨୮ରେ ପଣ୍ଡୁଆ ପଞ୍ଚାୟତର ମିଠିଲୋ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ଶେଷରେ ବିଜୟ ଲେଙ୍କା ଧନ୍ୟବାଦ ଦେଇଥିଲେ।

# ସରିଲା ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ

ଜଗତ୍‌ସିଂହପୁର, ୧୨।୪ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ସହର ଉପକଣ୍ଠ କେନ୍ଦାଳସ୍ଥିତ ମା' ମରିଚେଇ ପୀଠରେ ୯ ଦିନ ବ୍ୟାପୀ ଚାଲିଥିବା ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଆଧ୍ୟାତ୍ମିକ ପରିବେଶରେ ଏହାର ପୂର୍ଣ୍ଣାହୁତି ହୋଇଯାଇଛି। ଗତ ୩ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ବକ୍ତା ଯଥା ବୀରେନ୍ଦ୍ର ପଣ୍ଡା, ମୃତ୍ୟୁଞ୍ଜୟ ଚୌଧୁରୀ, ଅନଙ୍ଗ ଦାସ, ପ୍ରହଲ୍ଲାଦ ଦାସ ଓ ସ୍ୱାମୀ ଅରୁପାନନ୍ଦ ସରସ୍ୱତୀ ପ୍ରମୁଖ ଯୋଗଦେଇ ରସାତ୍ମକ ପ୍ରବଚନ ଦେଇଥିଲେ। ପ୍ରତ୍ୟହ ସନ୍ଥ ଦୟାରାମ ଦାସ ମହାରାଜ ପୁରୀରୁ ଆସି ଗୋସ୍ୱାମୀ ତୁଳସୀ ଦାସଙ୍କ ରଚିତ ରାମ ଚରିତ ମାନସ ପାଠ କଲାବେଳେ ଭାବାବେଗ ପରିବେଶ ସୃଷ୍ଟି ହେଉଥିଲା। ସନ୍ଧ୍ୟାରେ ଯଜ୍ଞାଦି ଅନୁଷ୍ଠିତ ହେଉଥିଲା। କାର୍ଯ୍ୟକ୍ରମକୁ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଅଦ୍ୱୈତ ମହାପାତ୍ର, ଅକ୍ଷୟ କୁମାର ବେହେରା, ବସନ୍ତ କୁମାର ସାହୁ, ଶଙ୍କର ଚରଣ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ଆସାମ ମୁଖ୍ୟମନ୍ତ୍ରୀଙ୍କ ବୟାନକୁ ନେଇ କଂଗ୍ରେସର ବିକ୍ଷୋଭ


କଂଗ୍ରେସ କର୍ମୀମାନେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।

ଜଗତ୍‌ସିଂହପୁର, ୧୨।୪ (ପ୍ରମୋଦ କୁମାର ନାୟକ)

ଭାରତୀୟ ଜାତୀୟ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍ଗେଙ୍କ ବିରୋଧରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଦେଇଥିବା ଅପ୍ରୀତିକର ମନ୍ତବ୍ୟକୁ ନେଇ ଜିଲା କଂଗ୍ରେସ ପକ୍ଷରୁ ପ୍ରତିବାଦ କରାଯାଇଛି। ଜଗତ୍‌ସିଂହପୁର ଜିଲା କଂଗ୍ରେସ କମିଟି ତରଫରୁ ଜିଲା କଂଗ୍ରେସ ସଭାପତି ଦେବ ପ୍ରସାଦ ନାୟକଙ୍କ ନେତୃତ୍ୱରେ ସ୍ଥାନୀୟ ଟାଉନ ହଲ ନିକଟରେ ବିକ୍ଷୋଭ ପ୍ରଦର୍ଶନ ସହ ବିଶ୍ୱଶର୍ମାଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି ସମୟରେ ଉପସ୍ଥିତ କଂଗ୍ରେସ ନେତାମାନେ କହିଥିଲେ, ଦେଶର ସର୍ବ ପୁରାତନ ଦଳର ସଭାପତି ତଥା ଜଣେ ଲୋକପ୍ରିୟ ବରିଷ୍ଠ ଦଳିତ ନେତାଙ୍କ ପ୍ରତି ଜଣେ ମୁଖ୍ୟମନ୍ତ୍ରୀଙ୍କର ଏଭଳି ଅଶୋଭନୀୟ ମନ୍ତବ୍ୟ ଯନ୍ତ୍ରଣାଦାୟକ। ତେଣୁ ବିଶ୍ୱଶର୍ମା ତୁରନ୍ତ ଦେଶବାସୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରନ୍ତୁ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ କମିଟି ଉପସଭାପତି ବଲ୍ଲଭାନନ୍ଦ ସ୍ୱାଇଁ, ସାଧାରଣ ସମ୍ପାଦକ ବିଦ୍ୟାଧର ବାରିକ, ଶୁଭ ନାରାୟଣ ନାୟକ, ଧନଞ୍ଜୟ ସୂତାର, କୋଷାଧ୍ୟକ୍ଷ ବିଶ୍ୱଜିତ ପୋଥାଳ, ସମ୍ପାଦକ ଦିଲ୍ଲୀପ ମାହାର, ଜିତୁ ନାରାୟଣ ସାହୁ, ବୃନ୍ଦାବନ ପ୍ରଧାନ, ମୁଖପାତ୍ର ଅଭିଜିତ ସାହୁ, ଜଗତ୍‌ସିଂହପୁର ବ୍ଲକ କଂଗ୍ରେସ ସଭାପତି ଜ୍ଞାନରଞ୍ଜନ ପୃଷ୍ଟି, ଜଗତ୍‌ସିଂହପୁର ନଗର କଂଗ୍ରେସ ସଭାପତି ପ୍ରଶାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

ରଘୁନାଥପୁର, ୧୨।୪ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ଥାନା ଅନ୍ତର୍ଗତ କଟକ–ପାରାଦୀପ ରାସ୍ତାର ଜଗନ୍ନାଥପୁରଠାରେ ଏକ ଗାଡ଼ି ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ପଛରେ ବସିଥିବା ଅନ୍ୟ ଜଣେ ଯୁବକ ଗୁରୁତର ହୋଇଛି। ମୃତକ ଜଣକ ହେଲେ ସାଲେପୁର ଥାନା ଅନ୍ତର୍ଗତ ସାରଦା ଗ୍ରାମର ଦେବେନ୍ଦ୍ର ମହାନ୍ତିଙ୍କ ପୁଅ ଶୁଭ୍ରଜିତ ମହାନ୍ତି(୩୨) ଓ ଗୁରୁତର ଯୁବକ ହେଲେ ବିଶ୍ୱଜିତ ମିଶ୍ର। ତେବେ ଦୁର୍ଘଟଣା ଘଟାଇଥିବା ଗାଡ଼ିର ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କୌଣସି ପତ୍ତା ମିଳି ନ ଥିଲା । ଶନିବାର ରାତି ପ୍ରାୟ ୨ଟା ୩୦ରେ ଏକ ବାଇକରେ ଶୁଭ୍ରଜିତ୍ ଓ ବିଶ୍ୱଜିତ୍ କଟକ ଅଭିମୁଖେ ଯାଉଥିବା ସମୟରେ ରଘୁନାଥପୁର ଥାନା ଜଗନ୍ନାଥପୁର ବଜାର ନିକଟରେ ଏକ ଗାଡ଼ି ସେମାନଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଖବରପାଇ ରଘୁନାଥପୁର ଥାନା ଏସ୍‌ଆଇ ଯୋଗେଶ୍ୱର ବେହେରା ସେଠାରେ ପହଞ୍ଚି ଦୁଇ ଗୁରୁତରଙ୍କୁ ଉଦ୍ଧାର କରି ରଘୁନାଥପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଶୁଭ୍ରଜିତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବିଶ୍ୱଜିତ ମିଶ୍ରଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ଏହି ଘଟଣାରେ ରଘୁନାଥପୁର ଥାନା ପୋଲିସ ମାମଲା (ନଂ. ୭୫/୨୦୨୬) ରୁଜୁ କରି ଶୁଭ୍ରଜିତ୍‌ଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟ ପଠାଇଛି।

# ୪୦ ବର୍ଷ ପରେ ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ




ଜଗତ୍‌ସିଂହପୁର, ୧୨।୪ (ପ୍ରମୋଦ କୁମାର ନାୟକ)

**ବୀଣାପାଣି ଉଚ୍ଚ ବିଦ୍ୟାଳୟ**

ଦୀର୍ଘ ୪୦ ବର୍ଷ ପରେ ଜିଲାର ଅନ୍ୟତମ ପୁରାତନ ବୀଣାପାଣି ଉଚ୍ଚ ବିଦ୍ୟାଳୟ ପରିସରରେ ଏହି ଶିକ୍ଷାନୁଷ୍ଠାନର ପୁରାତନ ଛାତ୍ରୀଛାତ୍ର (୧୯୮୭ ବ୍ୟାଚ୍)ଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଏତେ ବର୍ଷ ପରେ ପରସ୍ପରକୁ ଦେଖି ବନ୍ଧୁମାନେ ଭାବପ୍ରବଣ ହୋଇ ଯାଇଥିଲେ। ଅନେକ ପୁରାତନ ଛାତ୍ରୀଛାତ୍ର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇ ସାରିଥିଲେ ସୁଦ୍ଧା ପୂଜ୍ୟପୂଜା ପରମ୍ପରାକୁ ଭୁଲି ନ ଥିଲେ। ପୁରାତନ ଛାତ୍ରୀଛାତ୍ରଙ୍କ ଏକତା ଓ ଗୁରୁ ଭକ୍ତି ଦେଖି ପୂର୍ବତନ ପ୍ରଧାନ ଶିକ୍ଷକ ଘନଘ୍ୟାମ କାନୁନ୍‌ଗୋ, ଗୋବିନ୍ଦଚନ୍ଦ୍ର ଜେନା, ପଦ୍ମଚରଣ ସାହୁ ଓ ପ୍ରଦୀପ୍ତ କୁମାର ରାଉତରାୟ ପ୍ରତ୍ୟେକଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷକମାନେ କହିଥିଲେ ଛାତ୍ରୀଛାତ୍ରମାନେ ମାତା, ପିତା, ଗୁରୁଜୀ ଓ ସମାଜର ମଙ୍ଗଳ ପାଇଁ ଆଗେଇ ଆସିଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ। ବନ୍ଧୁମିଳନକୁ ସଫଳ କରିବାରେ ପୁରାତନ ଛାତ୍ର ବିନୟଭୂଷଣ ସାମନ୍ତସିଂହାର, ସୂଜୟ କୁମାର ପତି, ବଳଦେବ ପଲାଉର ଓ ଲକ୍ଷ୍ମୀନାରାୟଣ କାନୁନ୍‌ଗୋ ପ୍ରମୁଖଙ୍କ ସକ୍ରିୟ ଭୂମିକା ଥିଲା ।

# ବେଆଇନ ବାଲି ଚାଲାଣ, ହାଇୱା ଜବତ

ଡେରାବିଶ, ୧୨।୪ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅଞ୍ଚଳରେ ଲୁଣା ନଦୀର କେବଳ ଅର୍ତ୍ତାମୂଳ ବାଲି ସଇରାତ ଖଣି ବିଭାଗ ପକ୍ଷରୁ ନିଲାମ କରାଯାଇଥିବା ବେଳେ ଅନ୍ୟ କୌଣସି ଘାଟ ଏଯାଏ ନିଲାମ ହୋଇନାହିଁ। ମାତ୍ର ଅର୍ତ୍ତାମୂଳ ଘାଟ ସମେତ ଅନ୍ୟ ବାଲି ଘାଟରୁ ମଧ୍ୟ ହାଇୱାଗୁଡିକ ବାଲି ଉଠାଇ ବେଆଇନ ଭାବେ ଚାଲାଣ କରୁଛନ୍ତି। ରାତିରେ ବାଲି ମାଫିଆମାନେ ଏହିସବୁ ଘାଟରୁ ବେଆଇନ ଭାବେ ବାଲି ଉଠାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର ସନ୍ଧ୍ୟାରେ ଡେରାବିଶ ତହସିଲ ପକ୍ଷରୁ ଚାନ୍ଦୋଳ ଖରିଦାସାହି ଛକ ନିକଟରେ ୬ ବାଲି ହାଇୱା ଉପରେ ଅଚାନକ ଚଢ଼ାଉ କରି ଜବତ କରିଥିଲେ। ଖବରପାଇ ଅନ୍ୟ ଗାଡିଗୁଡିକ ବିଭିନ୍ନ ବାଟଦେଇ ଖସିଯିବାକୁ ସକ୍ଷମ ହୋଇଥିଲେ। ୬ ହାଇୱା ମଧ୍ୟରୁ ଗୋଟିଏ କୌଣସି କାଗଜାତ ଦେଖାଇ ନ ପାରିବାରୁ ତାହାକୁ ଚାନ୍ଦୋଳ ଫାଣ୍ଡି ପୋଲିସକୁ ଜିମା ଦିଆଯାଇଥିଲା। ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକଙ୍କ ଉପସ୍ଥିତିରେ ପୋଲିସ ପ୍ରଶାସନ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ତେବେ ବେଆଇନ ବାଲି ଚାଲାଣ ଉପରେ ଅଙ୍କୁଶ ଲଗାଇବାକୁ ଆଗକୁ ଚଢ଼ାଉ ଜୋରଦାର କରାଯିବ। ବାଲି ଚାଲାଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ନାୟକ କହିଛନ୍ତି।

# ବେଳାଭୂମି ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ


ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ବିଧାୟକ ଓ ଅନ୍ୟ ଅତିଥିମାନେ।

ଏରସମା, ୧୨।୪ ( ଦୀପ୍ତି ଖଣ୍ଡୁଆଳ )

ଏରସମା ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତସ୍ଥିତ ଶିଆଳି ବେଳାଭୂମି ମହୋତ୍ସବ ପାଇଁ ରବିବାର ଏକ ପ୍ରସ୍ତୁତି ବୈଠକ ଦୋଳଗୋବିନ୍ଦ ଜୀଉ ୟୁଥ୍ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମନୋଜ ଶୁକ୍ଲାଙ୍କ ଆବାହକତ୍ୱରେ ଆୟୋଜିତ ଏହି ସଭାରେ ବାଲିକୁଦା–ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗଦେଇଥିଲେ। ଶିଆଳି ସମୁଦ୍ର ବେଳାଭୂମିର ସୁରକ୍ଷା ନିମନ୍ତେ ୯୦ କୋଟି ୧୮ ଲକ୍ଷ ବ୍ୟୟ ବରାଦ କରାଯିବା ପାଇଁ ପ୍ରସ୍ତାବ ଦିଆଯାଇଥିବା ବିଧାୟକ ସାରଦା ପ୍ରସନ୍ନ ଜେନା କହିଥିଲେ। ଜିଲା ପରିଷଦ ସଭ୍ୟ ପୀତବାସ ଗୋଛାୟତ, ରାନୀ ଟୁଡୁ, ସ୍ଥାନୀୟ ସରପଞ୍ଚ ପ୍ରତିଭାରାଣୀ ପାତ୍ର, ପୂର୍ବତନ ସରପଞ୍ଚ କେଶବ ପାତ୍ର, ପ୍ରକାଶ ବେହେରା, ଅନୁକୂଳ ସାମନ୍ତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୃନ୍ଦାବନ ମଣ୍ଡଳ ପ୍ରାରମ୍ଭିକ ସୂଚନା ଦେବା ପରେ ଆଲୋଚନା ଆରମ୍ଭ ହୋଇଥିଲା । ମେ' ମାସ ପ୍ରଥମ ସପ୍ତାହରେ ୩ ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମାନ୍ୟଗଣ୍ୟ ଅତିଥିଙ୍କୁ ଆମନ୍ତ୍ରଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

# ପିସିଏଲ୍ ଟୁର୍ନାମେଣ୍ଟ: ଡିକେଟି ଷ୍ଟାର୍ସ ଚାମ୍ପିୟନ

ପାରାଦୀପ, ୧୨।୪ (ଶରତ ରାଉତ)

ପିସିଏଲ୍ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ସଂସ୍କରଣର ରବିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିକେଟି ଷ୍ଟାର୍ସ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଏହି ମ୍ୟାଚ ଶ୍ରୀରାମ ସ୍ପୋର୍ଟିଂ ଓ ଡିକେଟି ଷ୍ଟାର୍ସ ମଧ୍ୟରେ ଖେଳାଯାଇଥିଲା। ଟସ୍ ଜିତି ଶ୍ରୀରାମ ସ୍ପୋର୍ଟିଂ ପ୍ରଥମ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଏହି ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୪୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଉକ୍ତ ତରାଇ ୩୮ ବଲ୍‌ରେ ୫୪ ରନ ସଂଗ୍ରହ କରିଥିଲେ। ଦ୍ୱିତୀୟ ଇନିଂସରେ ଡିକେଟି ଷ୍ଟାର୍ସ ୧୯.୩ ବଲ୍‌ରେ ୮ ଉଇକେଟ ବିନିମୟରେ ୧୪୭ ରନ ସଂଗ୍ରହ କରି ବିଜୟୀ ହୋଇଛି। ଏହି ଦଳର ରାକେଶ ଦାସ ୪ ଓଭର ବୋଲିଂ କରି ଗୋଟିଏ ମେଡେନ ଓଭର ଓ ୨୦ ରନ ଦେଇ ୩ ଉଇକେଟ ନେଇଥିଲେ। ଏଥିସହ ୧୭ ବଲ୍‌ରେ ୪୩ ରନ କରି ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଶ୍ରୀରାମ ସ୍ପୋର୍ଟିଂର ଆଲୋକ କୁମାର ବାରିକ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଏଥିସହ ଅମିତ୍ ସାହୁ ବେଷ୍ଟ ବ୍ୟାଟ୍ସମ୍ୟାନ, ସନ୍ଦୀପ ବେହେରା ବେଷ୍ଟ କିପର, ଆୟୁଷ ନାୟକ ବେଷ୍ଟ ଫିଲ୍ଡର, ଅଜିତ୍ ଦାସ ବେଷ୍ଟ କୋଚ, ରାକେଶ କୁମାର ବେହେରା ବେଷ୍ଟ କମେଣ୍ଟେଟର ଭାବେ ଚୟନ ହୋଇଛନ୍ତି। ଫାଇନାଲ ମ୍ୟାଚରେ ଅତିଥି ଭାବେ ଏମ୍‌ପି ବିଭୁ ପ୍ରସାଦ ତରାଇ, ପ୍ରମୋଦ କିଶୋର ଜେନା, ବସନ୍ତ କୁମାର ବିଶ୍ୱାଳ, ପିସିଏଲ୍ ସଭାପତି ରବୀନ୍ଦ୍ର ଦାସ, ଉପସଭାପତି ଅକ୍ଷୟ ସୂତାର ଓ ସୁବାସ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।


ଟ୍ରଫି ସହ ବିଜୟୀ ଟିମ୍‌ର ଖେଳାଳି।

# ଶୃଙ୍ଖଳା ପଡ଼ିଛି ଚନ୍ଦନପୋଖରୀ

**■ଦିନକ ପରେ ମା' ରାମଚଣ୍ଡୀଙ୍କ ଝାମୁଯାତ୍ରା**

**■ପାଦଧୂଆ ତୁଠରେ ପଙ୍କ, କାଦୁଅ ସରସର**

ମହାକାଳପଡ଼ା, ୧୨।୪ (ପ୍ରତାପ ଚନ୍ଦ୍ର ସ୍ୱାଇଁ)


ମା' ରାମଚଣ୍ଡୀଙ୍କ ମନ୍ଦିର ପରିସର ମଧ୍ୟରେ ଥିବା ଚନ୍ଦନପୋଖରୀରେ ଆଣ୍ଠୁଏ ପାଣି।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ରାମନଗରସ୍ଥିତ ପ୍ରସିଦ୍ଧ ଶକ୍ତିପୀଠ ମା' ରାମଚଣ୍ଡୀ ମନ୍ଦିରରେ ଦିନକ ପରେ ପଣା ସଂକ୍ରାନ୍ତି ଓ ଝାମୁଯାତ୍ରା ଅନୁଷ୍ଠିତ ହେବ। ଏହା ଏକ ସପ୍ତାହ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମା'ଙ୍କ ମନ୍ଦିର ପରିସରରେ ଚନ୍ଦନ ପୋଖରୀ ରହିଛି। ଏହା ଶୃଙ୍ଖଳା ପଡିଥିବାବେଳେ ଆଣ୍ଠୁଏ ପାଣି ରହିଛି। ଏଥିପାଇଁ ଶତାଧିକ ଶ୍ରଦ୍ଧାଳୁ, ବିଭିନ୍ନ ଦୋକାନ ବଜାର ବ୍ୟବସାୟୀମାନେ ହଇରାଣ ହରକତ ହେବାର ଆଶଙ୍କା ରହିଛି ବୋଲି କୁହାଯାଉଛି। ଅପରପକ୍ଷରେ ମନ୍ଦିର ପରିସରରେ ନବୀକରଣ କାର୍ଯ୍ୟ ଯୋଗୁ ଦୁଇଟି ପାଦଧୂଆ ତୁଠରେ ପଙ୍କ ଓ କାଦୁଅ ସରସର ହୋଇପଡିଛି। ଶ୍ରଦ୍ଧାଳୁମାନେ ମା'ଙ୍କ ଦର୍ଶନ କରିବା ପୂର୍ବରୁ ଏହି ଚନ୍ଦନ ପୋଖରୀରେ ପାଦ ଧୌତ କରିବେ। ହେଲେ ପଙ୍କ, କାଦୁଅ ଯୋଗୁ କିପରି ପାଦ ଧୌତ କରିବେ ବୋଲି ଶ୍ରଦ୍ଧାଳୁମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେହିପରି ମା'ଙ୍କ ମେଳାରେ ହଜାରରୁ ଅଧିକ ଛୋଟ ବଡ଼ ଦୋକାନ ବଜାର ପସରା ମେଲାଇବେ। ପୋଖରୀରେ ଜଳ ସମସ୍ୟା ଯୋଗୁ ବଡ଼ ଧରଣର ଅଘଟଣକୁ ଏଡ଼ାଇ ଦେଇହେବ ନାହିଁ ବୋଲି କୁହାଯାଉଛି। ୨୦୨୨ରେ ଏକ ଜଳଖିଆ ଦୋକାନରେ ଗ୍ୟାସ୍ ସିଲିଣ୍ଡର ଲିକ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିଲା। ପରେ ସମସ୍ତଙ୍କ ସହଯୋଗରେ ବଡ଼ ଧରଣର ଅଗ୍ନିକାଣ୍ଡରୁ ରକ୍ଷା ପାଇଥିଲା। ସେହିପରି ଜମ୍ବୁ ଦ୍ୱୀପ ମହୋତ୍ସବ ଓ ମା'ଙ୍କ ମନ୍ଦିର ପରିସର ମଧ୍ୟରେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ପରିଲକ୍ଷିତ ହେବା ଯୋଗୁ ଲୁଟେରାମାନଙ୍କ ପ୍ରାଦୁର୍ଭାବ ରହିବ। ସେଥିପାଇଁ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବାର ଆବଶ୍ୟକତା ରହିଛି। ପ୍ରତିବର୍ଷ ମହିଳାମାନଙ୍କଠାରୁ ମନିପର୍ସ, ସୁନାଗହଣା ଓ ଭ୍ୟାନିଟ ବ୍ୟାଗଗୁଡ଼ିକ ଲୁଟେରାମାନେ ଲୁଟ୍ କରିବା ବହୁ ନଜିର ରହିଛି। ସୁରକ୍ଷା ବ୍ୟବସ୍ଥା କଡାକଡି କରିବାକୁ ଜମ୍ବୁ ସାମୁଦ୍ରିକ ଥାନା ପକ୍ଷରୁ ୨ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହେବାର ଯୋଜନା ରହିଛି ବୋଲି ସୂଚନା ମିଳିଛି। ଏ ସଂକ୍ରାନ୍ତରେ ମହାକାଳପଡ଼ା ତହସିଲଦାର ତଥା ମନ୍ଦିର ସୋଲ ଟ୍ରଷ୍ଟ ରବିନାରାୟଣ ଆଚାର୍ଯ୍ୟଙ୍କୁ ପଚାରିବାରେ ମା'ଙ୍କ ମେଳା ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ସମସ୍ତଙ୍କ ସହଯୋଗ ରହିଛି। କୌଣସି ସମସ୍ୟା ନଜରକୁ ଆସିଲେ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

**ସଂକ୍ଷେପରେ**

## ହାତୀ ଆକ୍ରମଣରେ ଯୁବକ ଗୁରୁତର

ତୁମୁଡିବନ୍ଧ,୧୨।୪(ଦୀପକ କୁମାର ପରାସେଠ)

ବାଲିଗୁଡ଼ା ବନଖଣ୍ଡ ଅନ୍ତର୍ଗତ ବେଲଘର ବନାଞ୍ଚଳର ଝିରିପାଣି ସେକ୍ସନରେ ଶନିବାର ହାତୀ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ମେରଡିକୁପା ଗ୍ରାମର ତରୁଣ ପାତ୍ର (୩୭)। ତରୁଣ ସନ୍ଧ୍ୟାରେ ଶ୍ୱଶୁର ଘରକୁ ବାଇକ୍‌ରେ ଯାଉଥିବା ବେଳେ କିଡୀଙ୍ଗା ଗ୍ରାମ ନିକଟରେ ଏକ ପୋଲ ପାଖରେ ଏକ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ତରୁଣ ଜୀବନ ବଞ୍ଚାଇବା ପାଇଁ ପୋଲ ତଳେ ଲୁଚି ଯାଇଥିଲେ। କିଛି ସମୟ ପରେ ସ୍ତ୍ରୀଙ୍କୁ ଫୋନ୍ ଯୋଗେ ଘଟଣା ସମ୍ପର୍କରେ ଜଣାଇଥିଲେ। ପରେ ଗ୍ରାମବାସୀ ସେଠାରେ ପହଞ୍ଚିଥିଲେ। ସେମାନଙ୍କୁ ଦେଖି ହାତୀଟି ଜଙ୍ଗଲକୁ ଚାଲିଯାଇଥିଲା। ତରୁଣଙ୍କୁ ଉଦ୍ଧାର କରି ପରିବାର ଲୋକେ ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ହାତୀଙ୍କ ଗତିବିଧିକୁ ନେଇ ବନ ବିଭାଗ ଦୃଷ୍ଟି ଦେଉ ନ ଥିବା ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି।

## ଚର୍ଚ୍ଚ ଗୃହରୁ ଚୋରି

ଦାରିଙ୍ଗବାଡ଼ି,୧୨।୪ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ଥାନା ସିଆଙ୍ଗବାଲି ଚର୍ଚ୍ଚରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗୃହର ମୁଖ୍ୟ କବାଟକୁ ତାଡ଼ି ସାଉଣ୍ଡ ସିଷ୍ଟମର ବହୁ ଯନ୍ତ୍ରପାତି ଚୋରି ହୋଇଥିବା ଚର୍ଚ୍ଚ କମିଟିର ସମ୍ପାଦକ ଅଶୋକ ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଏହି ଚର୍ଚ୍ଚ ଗାଁ ଭିତରେ ରହିଥିବା ବେଳେ ଚୋରି ହୋଇଥିବା ଘଟଣା ଗ୍ରାମବାସୀ ଶନିବାର ବିଳମ୍ବିତ ରାତିରେ ଜାଣିବାକୁ ପାଇଥିଲେ। ଗ୍ରାମବାସୀ ଉପାସନା କରିବାକୁ ଚର୍ଚ୍ଚକୁ ଯାଇଥିବା ବେଳେ ଚର୍ଚ୍ଚର ଲୁହା କବାଟକୁ କେହି ଦୁର୍ବୃତ୍ତ ତାଡ଼ି ଦେବା ସହ ସେଥିରେ ଥିବା ସାଉଣ୍ଡ ସିଷ୍ଟମକୁ ନେଇଯାଇଥିବା ଜାଣିବାକୁ ପାଇଥିଲେ। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୭୦ ହଜାର ହେବ ବୋଲି କୁହାଯାଇଛି। ଶୀଘ୍ର ଦୁର୍ବୃତ୍ତଙ୍କୁ ଧରିବାକୁ ଗ୍ରାମବାସୀ ଦାବି କରିବା ସହ ଚୋରି ପରେ ଚର୍ଚ୍ଚରେ ଉପାସନା କରିବା ବହୁ ସମସ୍ୟା ହେଉଛି ବୋଲି ପୋଲିସକୁ ଜଣାଇଛନ୍ତ। ଅଭିଯୋଗ ପାଇ ଦାରିଙ୍ଗବାଡ଼ି ଆଇଆଇସି ସଂଗ୍ରାମ କେଶରୀ ଜେନା ଘଟଣାର ତଦନ୍ତ କରି ପଦକ୍ଷେପ ନେବେ ବୋଲି ଗ୍ରାମବାସୀଙ୍କୁ କହିଛନ୍ତି।

## ସ୍କୁଟିରୁ ଖସି ଗ୍ରାମରକ୍ଷୀ ମୃତ

ଦିଗପହଣ୍ଡି,୧୨।୪(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ବଡ଼ଡୁମୁଳା ଗାଁର ଗ୍ରାମରକ୍ଷୀ ଭାବେ କାର୍ଯ୍ୟ କରୁଥିବା ରଙ୍କ ନାଇକ(୭୦)ଙ୍କ ରବିବାର ସ୍କୁଟିରୁ ଖସି ମୃତ୍ୟୁ ଘଟିଛି। ସକାଳ ପ୍ରାୟ ୮ଟାରେ ରଙ୍କ ତାଙ୍କ ସମ୍ପର୍କୀୟଙ୍କ ସ୍କୁଟି ପଛରେ ବସି କୌଣସି କାମରେ ଯାଉଥିଲେ। ଗାଁ ପୋଖରୀ ସମ୍ମୁଖ ରାସ୍ତାରେ ସ୍କୁଟି ପଛ ଚକା ପଙ୍କଚର ହୋଇଯିବାରୁ ସ୍କୁଟିଚାଳକ ନିୟନ୍ତ୍ରଣ ହରାଇ ପଡ଼ିଯାଇଥିଲେ। ରଙ୍କ ଗାଡିରୁ ଖସିପଡି ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କ ଚେତା ନ ଫେରିବାରୁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରଙ୍କଙ୍କ ମୃତ୍ୟୁ ଘଟିଛି। ଏନେଇ ଏତଲା ହେବାପରେ ପୋଲିସ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ରଙ୍କ ଗ୍ରାମରକ୍ଷୀ ଭାବେ କାର୍ଯ୍ୟକରୁଥିଲେ ମଧ ଗାଁର ବିଭିନ୍ନ ସମସ୍ୟା, ଯାନି ଯାତ୍ରାରେ ତାଙ୍କୁ ଲୋଡା ଯାଉଥିଲା।

# ବରପୁତ୍ରଙ୍କ ସ୍ୱପ୍ନ ସାକାର କରିବା ସମସ୍ତଙ୍କ ଉତ୍ତରଦାୟିତ୍ୱ

ଛତ୍ରପୁର,୧୨।୪(ଦିଲୀପ ସାମଲ)



ଓଡ଼ିଆ ପକ୍ଷ ପାଳନ ଅବସରରେ ଗଞ୍ଜାମ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଜିଲା ପରିଷଦର ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ବନ୍ଦନୀୟ ବରପୁତ୍ର କାର୍ଯକ୍ରମ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ସାହିତ୍ୟ ସଂସଦର ସଭାପତି ବ୍ରଜ ମୋହନ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଭି. କୀର୍ତ୍ତିଭାସନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ଗଠନ ଓ ଏହାର ଉନ୍ନତି ପାଇଁ କାର୍ଯ୍ୟ କରିଥିବା ବରପୁତ୍ରମାନଙ୍କ ତ୍ୟାଗ ଓ ବଳିଦାନକୁ ମନେ ପକାଇଥିଲେ। ସେହି ବରପୁତ୍ରମାନେ ଓଡିଶାକୁ ସ୍ୱତନ୍ତ୍ର ପରିଚୟ ଦେବା ପାଇଁ ଯେଉଁ ସ୍ୱପ୍ନ ଦେଖିଥିଲେ ତାକୁ ସାକାର କରିବା ଆମ ସମସ୍ତଙ୍କର ଉତ୍ତରଦାୟିତ୍ୱ ବୋଲି ଜିଲାପାଳ କହିଛନ୍ତି। ଏଥିସହ ବରପୁତ୍ରମାନଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋଚନାଚକ୍ର ଆୟୋଜନ କରି ସେମାନଙ୍କ ମହାନତା ଓ ମହାମାର୍ଗ ସମ୍ପର୍କରେ ଯୁବପିଢ଼ିଙ୍କୁ ଅବଗତ କରାଇବା ପାଇଁ ଜିଲାର ସାରସ୍ୱତ ସାଧକମାନଙ୍କୁ ଅନୁରୋଧ କରିଛନ୍ତି । ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଅତିରିକ୍ତ ଜିଲାପାଳ ସୁନୀଲ କୁମାର କେରକେଟା, ଜିଲା ସଂସ୍କୃତି ଅଧିକାରୀ ଅଦିତି ଆଚାର୍ଯ୍ୟ , ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ, ଛତ୍ରପୁର ସାହିତ୍ୟ ସଂସଦର ସଭାପତି ବ୍ରଜ ମୋହନ ଆଚାର୍ଯ୍ୟ ଏବଂ ଜିଲ୍ଲାର ବିଭିନ୍ନ ସ୍ଥାନରୁ ବହୁ ସାହିତ୍ୟିକ, କବି ଓ କବିୟତ୍ରୀ ମାନେ ଯୋଗ ଦେଇ ଓଡ଼ିଶାର ବରପୁତ୍ର ମାନଙ୍କ ସ୍ମୃତିଚାରଣ କରିଥିଲେ। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟ ସାଧନା ଓ କୃତିତ୍ୱ ବିଷୟରେ ଡ଼. ଅନନ୍ତ ରାମ କର କୌଣ୍ଡିନ୍ୟ, କବିସୂର୍ଯ୍ୟ ବଳଦେବ ରଥଙ୍କ କବିତା ଓ ଭକ୍ତିମୟ ରଚନା ବିଷୟରେ ହରେକୃଷ୍ଣ ପଣ୍ଡା ତାଙ୍କ ମତାମତ ରଖିଥିଲେ। ସେହିପରି ମହାରାଜ ହରିହର ମର୍ଦ୍ଦରାଜଙ୍କ ଶାସନ ଓ ଅବଦାନ ଉପରେ ଡ଼. ପ୍ରକାଶ ପାଣିଗ୍ରାହୀ ଏବଂ ମହାରାଜ କୃଷ୍ଣଚନ୍ଦ୍ର ଗଜପତିଙ୍କ ଐତିହାସିକ ଭୂମିକା ଉପରେ ଡ଼. ଅଜୟ କୁମାର ତ୍ରିପାଠୀ ଆଲୋକପାତ କରିଥିଲେ।ସଂଗ୍ରାମୀ ଚକରା ବିଷୋୟୀ/ଦୋହରା ବିଷୋୟୀଙ୍କ ବୀରତା ଓ ଦେଶପ୍ରେମ ଉପରେ ଡ଼. ପ୍ରଦୀପ ପଟ୍ଟନାୟକ ଓ ଜ୍ୟୋର୍ତିବିଦ ବାଇକୋଳି ମହାପାତ୍ରଙ୍କ ଜ୍ଞାନ ଓ ଅବଦାନ ବିଷୟରେ ଡ଼. ଦ୍ୱାରିକାନାଥ ମହାରଣା, ଗଞ୍ଜାମ ଇତିହାସ ଉପରେ ଅଶୋକ ଚୌଧୁରୀ ନିଜର ଅଭିମତ ବ୍ୟକ୍ତ କରିବା ସହିତ ଏ ସମସ୍ତ ବିଷୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବହୁ କବି ଓ କବିୟତ୍ରୀମାନଙ୍କ ଦ୍ୱାରା କବିତା ପାଠ କରାଯାଇଥିଲା।

# ଗଜପତି ଜିଲା ମୁଖ୍ୟ ଚିକିତ୍ସାଳୟ ଏସି ଅଚଳ, ବିଧାୟକ କ୍ଷୁବ୍ଧ

ପାରଳାଖେମୁଣ୍ଡି,୧୨।୪(ଗିରିଧାରୀ ପରିଛା)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଲାଗିଥିବା ଏସିଗୁଡିକ ଖରାଦିନେ କାମ ଦେଉନି। ଏପଟେ ଦିନକୁ ଦିନ ସହରରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଏଭଳି ସ୍ଥିତିରେ ମେଡିକାଲକୁ ଆସୁଥିବା ରୋଗୀ କଲବଲ ହେଉଛନ୍ତି। ଶନିବାର ରାତି ପ୍ରାୟ ୧୦ଟାରେ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଅଚାନକ ମେଡିକାଲ ଗସ୍ତ କରିଥିଲେ । ସେ ମୁଖ୍ୟ ଚିକିତ୍ସାଳୟର ଜରୁରୀ କାଳୀନ ଚିକିତ୍ସା କକ୍ଷକୁ ଯାଇ ଡାକ୍ତର ଓ ମେଡିକାଲ ପରିଚାଳିକାଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଏସିଗୁଡିକ ଚାଲୁ ରହିଛି କି ନାହିଁ ତଦାରଖ କରିଥିଲେ। ରୋଗୀଙ୍କ ରହଣୀ ଲାଗି ଥିବା କକ୍ଷଗୁଡିକରେ ଏସି ଲାଗିଥିଲେ ମଧ କାର୍ଯ୍ୟକ୍ଷମ ହେଉ ନ ଥିବା ଦେଖି କ୍ଷୁବ୍ଧ ହୋଇଥିଲେ। ରୋଗୀ ଓ ସେମାନଙ୍କ ସମ୍ପର୍କିୟଙ୍କ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହ ଏସି ରକ୍ଷଣାବେକ୍ଷଣ କରୁଥିବା ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଅଭିଷେକ ସେଠୀଙ୍କୁ ଶୀଘ୍ର ସମସ୍ୟା ସମାଧାନ କରିବାକୁ ଫୋନରେ କହିଥିଲେ । ତେବେ ସେଠୀ ତୁରନ୍ତ ଏସିଗୁଡିକର ମରାମତି କରାଯାଇ କାର୍ଯ୍ୟକ୍ଷମ କରାଯିବ ବୋଲି କହିଥିବା ବିଧାୟକ କହିଛନ୍ତି।

# ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ଚୟନ



ଧରାକୋଟ,୧୨।୪(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଆନୁକୂଲ୍ୟରେ ଧରାକୋଟ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ବୈଠକ ନିକଟସ୍ଥ ବାଲୁଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗଞ୍ଜାମ ଜିଲା ସଭାପତି ସାରଥୀ ପାତ୍ର ସଭାପତିତ୍ୱ କରିଥିଲେ। ଜିଲା ସଂଯୋଜକ ଦେବବ୍ରତ ପଟ୍ଟନାୟକ, ହିଞ୍ଜିଳିକାଟୁ ବ୍ଲକ ସଭାପତି ଉଲ୍ଲାସ ବେହେରା ଓ ଆସିକା ବ୍ଲକ ସମ୍ପାଦକ ଅର୍ଜ୍ଜୁନ ନାହାକ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ବ୍ଲକର ଓପିଏସ, ଏନପିଏସ, ଏକ୍ସ କ୍ୟାଡର, ସ୍କେମାଟିକ ସଂଘର କର୍ମକର୍ତ୍ତାଙ୍କ ସମେତ ସମସ୍ତ ପ୍ରଧାନ ଶିକ୍ଷକ ଓ ଶିକ୍ଷୟତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ । ଏହି ଅବସରରେ ସମସ୍ତଙ୍କ ସର୍ବସମ୍ମତିକ୍ରମେ ଧରାକୋଟ ବ୍ଲକ ସଭାପତି ଭାବେ ଅରୁଣ କୁମାର ପଟ୍ଟନାୟକ, ଉପସଭାପତି ଭାବେ ଭାସ୍କର ବାଡତ୍ୟା ଓ ସଓ୍ୱାରାଣୀ ବେହେରା, ସାଧାରଣ ସମ୍ପାଦକ ଭାବେ ପ୍ରଶାନ୍ତ କୁମାର ପାଣିଗ୍ରାହୀ, ସହ ସମ୍ପାଦକ ଭାବେ ବସନ୍ତ କୁମାର ବିଷୋୟୀ, ଦମୟନ୍ତୀ ଦାସ, ବାଇନାଥ ସାହୁ, ଜିଲା ସଦସ୍ୟ ଭାବେ ସନ୍ତୋଷ କୁମାର ପଟ୍ଟନାୟକ, ଅମୂଲ୍ୟ ଚନ୍ଦ୍ର ମିଶ୍ର, ସୁରେଶ ଚନ୍ଦ୍ର ପାଣିଗ୍ରାହୀ, କୋଷାଧ୍ୟକ୍ଷ ଭାବେ କାଳୁ ଚରଣ ଗୌଡ଼ ଏବଂ ସଂଯୋଜକ ଭାବେ ରବିନ୍ଦ୍ର ନାଥ ପୋଲାଇ ମନୋନୀତ ହୋଇଥିଲେ। ପୂର୍ବତନ ସଭାପତି ଶୁକ୍ରୁ ବେହେରା ଓ ସମ୍ପାଦକ ସନ୍ତୋଷ କୁମାର ପଟ୍ଟନାୟକ ସଭା ଆୟୋଜକ ଥିଲେ।

# ଷତିପୂରଣ ଦାବିରେ ରାସ୍ତା ଅବରୋଧ



ଦାରିଙ୍ଗବାଡି, ୧୨।୪ (ଅରୁଣ ସାହୁ)

ବୋଲେରୋ ଧକ୍କାରେ ବାଇକ ଚାଳକଙ୍କ ମୃତ୍ୟୁ ଘଟଣାକୁ ନେଇ ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ଉତ୍ତେଜନା ଦେଖାଯାଇଛି। କ୍ଷତିପୂରଣ ବାବଦକୁ ୫୦ ଲକ୍ଷ ଟଙ୍କା ଦାବି ସହ ଗାଡ଼ି ଚାଳକଙ୍କୁ ଗିରଫ ଦାବି କରି ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯୁବକଙ୍କ ପରିବାର ଓ ଅଞ୍ଚଳର ଶତାଧିକ ମହିଳା ପୁରୁଷ ଦାରିଙ୍ଗବାଡ଼ି ଚାରି ଛକୁ ଅବରୋଧ କରି ଧାରଣା ଦେଇଥିଲେ। ଫଳରେ ଦାରିଙ୍ଗବାଡ଼ି ଠାରୁ ବ୍ରହ୍ମପୁର, ଫୁଲବାଣୀ, ଗଜପତି ଆଦି ଅଞ୍ଚଳକୁ ଗାଡ଼ି ଚଳାଚଳରେ ବାଧା ସୃଷ୍ଟି ହୋଇଥିଲା। ସକାଳ ୬ରୁ ଏହି ଆନ୍ଦୋଳନ ଚାଲିଥିବା ବେଳେ ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ପରେ ଅପରାହ୍ନ ସାଢେ ୧ଟାରେ ଉତ୍ୟକ୍ତ ଲୋକେ ଧାରଣାରୁ ହଟିବା ସହ ଥାନାରେ ମୃତ ବାଇକ ଚାଳକଙ୍କ ପତ୍ନୀ ଚୁମୁକି ଜେନା ଅଭିଯୋଗ କରିଥିଲେ। ଏନେଇ କେଶ୍ ନଂ. ୯୦/୨୬ରେ ପୋଲିସ ତଦନ୍ତ ଚଳାଇବା ସହ ମୃତଦେହକୁ ବ୍ୟବଚ୍ଛେଦ କରାଇଛି। ସୂଚନା ଯୋଗ୍ୟ ଯେ, ଶନିବାର ଅପରାହ୍ନରେ ଦାରିଙ୍ଗବାଡ଼ିରୁ ଏକ ବୋଲେରୋ (ଓଡି ୦୫ ଏଏଲ ୭୯୪୯) ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ବିପରିତ ଦିଗରୁ ଉକ୍ତ ଥାନା କୁମ୍ଭାରବାଡ଼ି ଅଞ୍ଚଳରୁ ଏକ ବାଇକ (କେଏ ୪୧ ଇୟୁ ୬୮୮୧)ରେ ଉକ୍ତ ଗ୍ରାମର ଯୁବକ ଶାଶ୍ୱତ ନାୟକ ଦାରିଙ୍ଗବାଡି ଅଭିମୁଖେ ଯାଉଥିଲେ। ଏହି ସମୟରେ ପଞ୍ଚୁପଲି ନିକଟରେ ଏକ ବୁଲାଣିରେ ବୋଲେରୋଟି ବାଇକକୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ହିଁ ଶାଶ୍ୱତଙ୍କ ମୃତ୍ୟୁ ଘଟିଥିଲା। ଘଟଣାକୁ ନେଇ ଉତ୍ତେଜନା ଲାଗି ରହିଥିବା ବେଳେ ରବିବାର ସକାଳେ ରାସ୍ତାରୋକ ହୋଇଥିଲା। ଆଇଆଇସି ସଂଗ୍ରାମ କେଶରୀ ଜେନା, ସବଇନ୍ସପେକ୍ଟର ଲକ୍ଷ୍ମୀ ମାଝୀ, ବାସନ୍ତୀ ବେହେରା ପ୍ରମୁଖ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ।

**ବୋଲେରୋ ଧକ୍କାରେ ବାଇକ ଚାଳକଙ୍କ ମୃତ୍ୟୁ ଘଟଣା**

## ଜଳଛତ୍ର ଖୋଲିବାର ବିଳମ୍ବ

ଟିକିଟି,୧୨।୪(ପ୍ରକାଶ ଚନ୍ଦ୍ର ସାହୁ)

ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଓ ଅଂଶଘାତ ମୁକାବିଲା ପାଇଁ ପ୍ରତ୍ୟେକ ଛକ ଓ ଜନଗହଳି ସ୍ଥାନଗୁଡିକରେ ଜଳଛତ୍ର ଖୋଲିବା ନିମନ୍ତେ ସରକାରଙ୍କ ନିର୍ଦ୍ଦେଶନାମା ରହିଛି। ପ୍ରଶାସନ ପକ୍ଷରୁ ଏହାକୁ କଡାକଡି ପାଳନ କରିବାକୁ ପଦକ୍ଷେପ ନିଆଯାଉଛି। ହେଲେ ଟିକିଟି ବ୍ଲକର ୧୭ ପଞ୍ଚାୟତରେ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ଚଳିତବର୍ଷ ମାର୍ଚ୍ଚ ଆରମ୍ଭରୁ ଖରା ପ୍ରକୋପ ବଢ଼ିଚାଲିଛି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ଏପ୍ରିଲ ୧ରୁ ଜୁନ ୧୫ ତାରିଖ ପର୍ଯ୍ୟନ୍ତ ଜନଗହଳି ସ୍ଥାନ, ବିଶ୍ରାମାଗାର, ବସଷ୍ଟାଣ୍ଡ, ମେଡିକାଲ ଆଦି ନିକଟରେ ଜଳଛତ୍ର ଖୋଲାଯିବା କଥା। କିନ୍ତୁ ଟିକିଟି ବ୍ଲକର କାଁ ଭାଁ କେତୋଟି ପଞ୍ଚାୟତରେ ଜଳଛତ୍ର ଖୋଲା ଯାଇଥିବା ବେଳେ ଜନଗହଳି ଛକଗୁଡିକରେ ଜଳଛତ୍ର ଖୋଲା ହୋଇନାହିଁ । ପ୍ରଶାସନର ଅବହେଳାରୁ ଜଳଛତ୍ର ଖୋଲିବାର ବିଳମ୍ବ ହେଉଛି । ଯାହାଫଳରେ ଯାତ୍ରୀ, ଗ୍ରାମବାସୀ ପାଣି ନ ପାଇଁ ତହଳବିକଳ ହେଉଛନ୍ତି। ବ୍ଲକର ୧୭ ପଞ୍ଚାୟତର ବିଭିନ୍ନ ଗ୍ରାମରେ କୂଅ, ନଳକୂପ ଶୁଖିଗଲାଣି। ପାଣି ପାଇଁ ଗ୍ରାମବାସୀ ନାହିଁ ନଥିବା ର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ନେଇ ବିଡ଼ିଓ ବିବେକାନନ୍ଦ ମିଶ୍ରଙ୍କ ସହ ଯୋଗାଯୋଗ କରିବାରକୁ ସେ କହିଛନ୍ତି, ସରକାରଙ୍କ ନିର୍ଦ୍ଦେଶନାମାକୁ ପ୍ରତ୍ୟେକ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଜରିଆରେ ଜନ ପ୍ରତିନିଧିମାନଙ୍କୁ ଜଣାଇବା ପାଇଁ କୁହାଯାଇଛି। ପ୍ରତ୍ୟେକ ପଞ୍ଚାୟତରେ ଜଳଛତ୍ର ଖୋଲା ଯାଇଛି । ଆଗକୁ ଜନଗହଳି ସ୍ଥାନ ମେଡିକାଲ, ବସଷ୍ଟାଣ୍ଡ ଆଦିରେ ଖୋଲାଯିବ ବୋଲି କହିଛନ୍ତି ।

# ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ, ଶିଶୁ କଲ୍ୟାଣ ସମିତି ସଭ୍ୟାଙ୍କୁ ସମ୍ବର୍ଦ୍ଧନା



ଉପସ୍ଥିତ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଏବଂ ଶିଶୁ କଲ୍ୟାଣ ସମିତି ସଭ୍ୟା

ଜି.ଉଦୟଗିରି,୧୨।୪(ଚିନ୍ମୟ କୁମାର ସେଠୀ)

ରାଜ୍ୟ ସରକାର ନୂତନ ଭାବେ କନ୍ଧମାଳ ଜିଲା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭାବେ ମାନଗୋବିନ୍ଦ ପ୍ରଧାନଙ୍କୁ ନିଯୁକ୍ତ କରିଥିବା ବେଳେ ଶିଶୁ କଲ୍ୟାଣ ସମିତି ସଭ୍ୟା ଭାବେ ସୁସ୍ମିତା ଜେନାଙ୍କୁ ଗୁରୁଦାୟିତ୍ୱ ଦେଇଛନ୍ତି। ଏହାକୁ ନେଇ ଦଳୀୟ କର୍ମକର୍ତ୍ତା ଓ ସ୍ଥାନୀୟ ଅଞ୍ଚଳବାସୀ ଖୁସୀ ବ୍ୟକ୍ତ କରିବା ସହ ନବ ନିଯୁକ୍ତ ଅଧ୍ୟକ୍ଷ ଏବଂ ସଭ୍ୟାଙ୍କୁ ଶୁଭେଚ୍ଛାର ଶୁଅ ଛୁଟୁଛି। ସେହିଭଳି ଶନିବାର ସକାଳେ ସ୍ଥାନୀୟ ଆଦିବାସୀ ସାଂସ୍କୃତିକ ଭବନ ଠାରେ ଜି.ଉଦୟଗିରି ପ୍ରେସ୍ କ୍ଲବ ସଭାପତି ରାମକୃଷ୍ଣ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଏଥିରେ ପ୍ରେସ କ୍ଲବର ଖବରଦାତା ପତିତପାବନ ସାହୁ, ସମ୍ପାଦକ ଅନିଲ ଦଳବେହେରା, କୋଷାଧ୍ୟକ୍ଷ ସଞ୍ଜୟ ମହାନ୍ତି, ଅରୁଣ କୁମାର ଷଡ଼ଙ୍ଗୀ, ବଙ୍କକୃଷ୍ଣ ଦାଶ, ଗଗନ ପ୍ରଧାନ, ଚିନ୍ମୟ ସେଠୀ ପ୍ରମୁଖ ଉପସ୍ଥିତ ରହିଥିଲେ। କନ୍ଧମାଳ ଜିଲାର ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାରୀ ଯୋଜନାରୁ କେହି ବଞ୍ଚିତ ରହିବେ ନାହିଁ ବୋଲି ଅଧ୍ୟକ୍ଷ ମାନଗୋବିନ୍ଦ କରିଛନ୍ତି। କନ୍ଧମାଳ ଜିଲାର ଶିଶୁଙ୍କ ବୃହତ ସୁରକ୍ଷାକୁ ପ୍ରାଥମିକତା ମୋର ମୁଖ୍ୟ କର୍ତ୍ତବ୍ୟ ରହିବ ବୋଲି ଶିଶୁ କଲ୍ୟାଣ ସମିତି ସଭ୍ୟା ସୁସ୍ମିତା ଜେନା କହିଛନ୍ତି ।

# କବିସୂର୍ଯ୍ୟ ସ୍ମୃତି ପରିଷଦ ପକ୍ଷରୁ ଆଲୋଚନା ସଭା

ଦିଗପହଣ୍ଡି,୧୨।୪(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଏନଏସି ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରେ ରବିବାର ଦିଗପହଣ୍ଡିସ୍ଥିତ କବିସୂର୍ଯ୍ୟ ସ୍ମୃତି ପରିଷଦ ପକ୍ଷରୁ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ପରିଷଦ ସମ୍ପାଦକ କୁରେଶୁ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଅନୁଷ୍ଠାନର ସଭାପତି ଅଶେଷ ନାଥ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଆସନ୍ତା ଏପ୍ରିଲ ୨୦ ତାରିଖ ଅକ୍ଷୟ ତୃତୀୟା ତିଥିରେ ସ୍ମୃତି କମିଟି ପକ୍ଷରୁ କବିସୂର୍ଯ୍ୟଙ୍କ ଜନ୍ମପୀଠ ଦିଗପହଣ୍ଡି ବ୍ଲକ ଖମାରିଗାଁ ପଞ୍ଚାୟତ ବିଜୟନଗର ଗଡଠାରେ କବିସୂର୍ଯ୍ୟଙ୍କ ଶ୍ରାଦ୍ଧୋତ୍ସବ ପାଳନ କରାଯିବା ନିମନ୍ତେ ସଭାରେ ସର୍ବସମ୍ମତ ନିଷ୍ପତ୍ତି କରାଯାଇଥିଲା। ସେହିପରି ଖେମୁଣ୍ଡି ଉନ୍ନୟନ ମଞ୍ଚ ପକ୍ଷରୁ ଆଲୋଚନା କରାଯାଇ ଦିଗପହଣ୍ଡି, କୁକୁଡ଼ାଖଣ୍ଡି ଓ ସାନଖେମୁଣ୍ଡି ଅଞ୍ଚଳର ବହୁବିଧ ବିକାଶ ନିମନ୍ତେ ବିଭିନ୍ନ ଦାବି ଆଲୋଚନା କରାଯାଇ ପ୍ରସ୍ତାବ ଗୃହୀତ କରାଯାଇଥିଲା। ଏନଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା,ଦକ୍ଷିଣ ଓଡ଼ିଶା ବିକାଶ ସମିତିର ସଭାପତି ଡ଼. ବାଳକୃଷ୍ଣ ପଣ୍ଡା, କବି ବୃନ୍ଦାବନ ପଣ୍ଡା, ଜିଲା ପରିଷଦ ସଦସ୍ୟ ରାଧାକାନ୍ତ ମହାକୁଡ଼,ବିଚିତ୍ର ବର୍ଣ୍ଣାଳି ନାଟ୍ୟ ସଂସଦ ସମ୍ପାଦକ ଆଲୋକ ବିଷୋୟୀ,ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ଜଗବନ୍ଧୁ ମିଶ୍ର ପ୍ରମୁଖଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ସଭାରେ ଉପସ୍ଥିତ ବିଶିଷ୍ଟ ନେତୃବୃନ୍ଦ।

# ୧୪ ବର୍ଷ ପରେ ବ୍ରାହ୍ମଣୀଗାଁ, କୁମ୍ଭାରୀଗାଁରେ ଦଣ୍ଡନାଚ

ବ୍ରାହ୍ମଣୀଗାଁ,୧୨।୪(ମନୋରଞ୍ଜନ ରଣା)

କନ୍ଧମାଳ ଜିଲା ବ୍ରାହ୍ମଣୀଗାଁ ଠାରେ ଦୀର୍ଘ ବର୍ଷର ବ୍ୟବଧାନ ପରେ ଦଣ୍ଡନାଚ ଅନୁଷ୍ଠିତ ହୋଇଛି। ଏହି ଦଣ୍ଡୁଆମାନେ ଗଞ୍ଜାମ ଜିଲାର ମେରିକୋଟ ଅଞ୍ଚଳରୁ ଆସି ଶନିବାର ବ୍ରାହ୍ମଣୀଗାଁରେ ପହଞ୍ଚି ପ୍ରଥମେ ନଗର ପରିକ୍ରମା କରିଥିଲେ। ପରେ ସେମାନେ ସ୍ଥାନୀୟ ଓଡ଼ିଆ ସାହିରେ ଅଗ୍ନୀଦଣ୍ଡ ଓ ବାଲିଦଣ୍ଡ କରିଥିଲେ। ରାତି ଉଜାଗର ସମୟରେ ଭକ୍ତଙ୍କ ମନୋରଞ୍ଜନ ପାଇଁ ମହାଭାରତର ଅର୍ଜ୍ଜୁନ ରଥରେ ଶ୍ରୀକୃଷ୍ଣ ସାରଥୀ ନାଟକ ମଞ୍ଚସ୍ଥ ହୋଇଥିଲା। ଗ୍ରାମବାସୀମାନେ ପୂଜାର୍ଚ୍ଚନା ଓ ବନ୍ଦାପନା କରି ଦଣ୍ଡୁଆମାନଙ୍କୁ ସ୍ୱାଗତ କରିଥିବା ବେଳେ ନାଚ ଦେଖିବାକୁ ଦର୍ଶକଙ୍କ ଭିଡ଼ ଜମିଥିଲା। ବ୍ରାହ୍ମଣୀଗାଁ ପରେ ରବିବାର କୁମ୍ଭାରୀଗାଁ ମଧ୍ୟ ସେହିଭଳି କାର୍ଯ୍ୟକ୍ରମ ହୋଇଥିବା ଜଣାପଡ଼ିଛି। ଉଭୟ ଗ୍ରାମର ଗ୍ରାମ୍ୟ ପରିଚାଳନା କମିଟି କର୍ମକର୍ତ୍ତା ମାନେ ସୂଚାରୁ ରୂପେ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ମରଣଯନ୍ତା ପାଲଟିଛି ବଲସକୁମ୍ପା-ଘୋଡ଼ାପଥର ରାସ୍ତା

**ପ୍ରଶାସନିକ ଅବହେଳାକୁ ନେଇ ଜନଅସନ୍ତୋଷ**

ଖଜୁରିପଡ଼ା, ୧୨।୪ (ବିଦୁର ବେହେରା)



ଖଜୁରିପଡ଼ା ବ୍ଲକ୍‌ର ଘୋଡ଼ାପଥର ଠାରୁ ବଲସକୁମ୍ପା ପ୍ରାୟ ୮ କିଲୋମିଟର ରାସ୍ତା ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ମରାମତି ଅଭାବରୁ ଏହି ରାସ୍ତାଟି ସାଧାରଣ ଜନତାଙ୍କ ପାଇଁ ମରଣଯନ୍ତା ପାଲଟିଛି। ଦୀର୍ଘ ଦିନ ଧରି ରାସ୍ତାର ପିଚୁ ଛାଡ଼ି ଯାଇ ଗୋଡ଼ି ପଡ଼ିଥିବାରୁ ବାଇକ ଓ ଅନ୍ୟାନ୍ୟ ଯାନବାହନ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଭଞ୍ଜରମୁଣ୍ଡା, ପୁରୁଣାପାଣି, କାବର, ବିଦୁଖୋଲ, ଆଡ଼ାସିପଡ଼ା ଓ ଘୋଡ଼ାପଥର ଭଳି ଅନେକ ଗ୍ରାମର ହଜାର ହଜାର ଜନସାଧାରଣ ଏହି ରାସ୍ତା ଉପରେ ନିର୍ଭର କରୁଥିବା ବେଳେ ଯାତାୟାତରେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏନେଇ ସ୍ଥାନୀୟ ସରପଞ୍ଚ ବ୍ରଜମୋହନ କହଁର ଏବଂ ସମାଜିକ କର୍ମୀ ବିଦୁର ବେହେରା ଉଦ୍‌ବେଗ ପ୍ରକାଶ କରିଛନ୍ତି। ସରପଞ୍ଚ କହିଛନ୍ତି, ରାସ୍ତା ଅବସ୍ଥା ଅତି ସଂଘାତିକ ହୋଇଥିଲେ ସୁଦ୍ଧା ଆର୍‌ଡି ବିଭାଗ ଏଥିପ୍ରତି ସୃଷ୍ଟି ଦେଉନାହିଁ। ତୁରନ୍ତ ଏହି ରାସ୍ତା ମରାମତି କରିବା ପାଇଁ ଦାବି କରାଯାଇଛି। ଏ ସମ୍ପର୍କରେ ଆର୍.ଡି ବିଭାଗୀୟ ଯନ୍ତ୍ରୀ ଦୁର୍ଗା ପ୍ରସାଦ ସିଂହ କହିଛନ୍ତି, ରାସ୍ତାର ସମସ୍ୟା ବାବଦରେ ବିଭାଗ ଅବଗତ ଅଛି। ଅଳ୍ପ ଦିନ ମଧ୍ୟରେ ପିଚୁ ପକାଯାଇ ମରାମତି କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ମା'ବାପାଙ୍କୁ ଖୋଜୁଛନ୍ତି ୨ ଶିଶୁପୁତ୍ର

**ସ୍ତ୍ରୀଙ୍କୁ ହତ୍ୟା ପରେ ସ୍ୱାମୀଙ୍କ ଆତ୍ମହତ୍ୟା ଘଟଣା**

ବେଲଗୁଣ୍ଠା,୧୨।୪(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ଥାନା ତନରଡା ପଞ୍ଚାୟତ ଅନ୍ତର୍ଗତ ସରନୁଆଁପଲ୍ଲୀ ଗ୍ରାମରେ ଗତ ୬ ତାରିଖ ରାତିରେ ଘରୋଇ କଳିରୁ ଚିତ୍ରସେନ ନାଇକ ତାଙ୍କ ସ୍ତ୍ରୀ ନନ୍ଦିନୀଙ୍କୁ ପନିକିରେ ହାଣି ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଥିଲେ। ବର୍ତ୍ତମାନ ସେମାନଙ୍କ ଦୁଇ ନୀରିହ ଶିଶୁପୁତ୍ର ବେସାହାରା ହୋଇପଡିଛନ୍ତି। ୪ ବର୍ଷୀୟ ଆଦି ଓ ୩ ବର୍ଷୀୟ ଆୟୁଷଙ୍କ ଭବିଷ୍ୟତ ଅନ୍ଧାର ମଧ୍ୟକୁ ଠେଲି ହୋଇଯାଇଛି। ମା' ବାପା ଆରପାରିକୁ ଯିବାର ୬ ଦିନ ବିତି ଯାଇଥିଲେ ମଧ ଦୁଇ ପିଲା କିଛି ଜାଣିନାହାନ୍ତି। ମା' ବାପାଙ୍କୁ ଖୋଜିଲେ ମିଛ କହି ତାଙ୍କୁ ଭୁଲାଇ ଦିଆଯାଉଛି। ମା' ବାପାଙ୍କ କଥା ପଚାରି ସେମାନେ କାନ୍ଦୁଛନ୍ତି। ପିଲା ଦୁହିଁଙ୍କୁ ଦାଦା ସମ୍ପର୍କୀୟଙ୍କ ଘର ବୁଲାଉଛନ୍ତି। ପିଲା ଦୁହିଁଙ୍କୁ ସତ କିଏ ଓ କେମିତି କହିବ ଏ ଚିନ୍ତା ଘରିଛି ସମ୍ପର୍କୀୟଙ୍କୁ। ଏମାନଙ୍କ ଭବିଷ୍ୟତକୁ ନେଇ ମଧ ଚିନ୍ତା ବଢିଛି। ସୂଚନାଯୋଗ୍ୟ, ସରନୁଆଁ ପଲ୍ଲୀ ଗାଁର ଚିତ୍ରସେନ ନାଇକ ୭ ବର୍ଷ ପୂର୍ବେ ନିକଟ ଗାଁର ଏକ ଉଚ୍ଚ ଜାତିର ଝିଅ ପୂଜା ଦାସଙ୍କୁ ପ୍ରେମ ବିବାହ କରିଥିଲେ। ୨ ବର୍ଷ ସେମାନେ ଭଲରେ ଜୀବନ କାଟିଥିଲେ। ପରେ ସ୍ୱାମୀଙ୍କ ରୋଜଗାର ନ ଥିବାରୁ ଅଭାବ ଅନଟନ ପାଇଁ ଦୁହିଁଙ୍କ ମଧ୍ୟରେ ସବୁବେଳେ କଳି ଲାଗୁଥିଲା। ପରିବାରର ଅଭାବକୁ ନଜରରେ ରଖି ଦୁଇ ପିଲାଙ୍କୁ ନେଇ ପୂଜା ଭୁବନେଶ୍ୱରରେ ରହୁଥିଲେ। ବ୍ୟାଙ୍କ ଖାତା ଖୋଲିବାକୁ ଦୁଇ ପିଲାଙ୍କୁ ଭୁବନେଶ୍ୱରରେ ଛାଡି ଗାଁ କୁ ଆସିଥିବା ବେଳେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଗତ ୬ ତାରିଖିରେ ଗଣ୍ଡଗୋଳ ହୋଇଥିଲା। ବିଳମ୍ବିତ ରାତିରେ ହିତାହିତ ଜ୍ଞାନ ହରାଇ ଚିତ୍ରସେନ ସ୍ତ୍ରୀଙ୍କୁ ହତ୍ୟା କରି ନିଜେ ଆତ୍ମହତ୍ୟା କରିଥିଲେ। ଏବେ ଅନାଥ ଦୁଇ ପିଲାଙ୍କ ପାଇଁ ସରକାର କିମ୍ବା କୌଣସି ବଦାନ୍ୟ ବ୍ୟକ୍ତି ସହାୟତାର ହାତ ବଢ଼ାଇଲେ ସେମାନଙ୍କ ଜୀବନ ବଞ୍ଚିପାରିବ ବୋଲି ତାଙ୍କ ଦାଦା ଓ ସାହି ବାସିନ୍ଦା ଅନୁରୋଧ କରିଛନ୍ତି।

# କଟକ ଜିଲା ଅଧୀନରେ ଯାଜପୁରର ୧୨ ରାସ୍ତା

## ହୀରକ ତ୍ରିଭୁଜ ରାସ୍ତା କାର୍ଯ୍ୟରେ ବ୍ୟାପକ ହରିଲୁଟ



ଯାଜପୁର,୧୨।୪(ହର୍ଷବର୍ଦ୍ଧନ ବେହେରା):

ପଡ଼ୋଶୀ କଟକ ଜିଲାର ଚାରବାଟିଆ ରାସ୍ତା ଓ କୋଠାବାଡ଼ି(ଆରଆଣ୍ଡବି) ତଥା ପୂର୍ତ୍ତ ବିଭାଗ ଡିଭିଜନ ଅଧୀନରେ ଯାଜପୁର ଜିଲାର ଅନେକ ବ୍ୟସ୍ତବହୁଳ ରାସ୍ତା ନିର୍ମାଣ ଓ ମରାମତି ଦାୟିତ୍ୱ ରହିଛି। ସେଥିମଧ୍ୟରୁ ଜିଲାର ବଡ଼ଚଣା ଓ ବରୀ ବ୍ଲକର ୧୨ ଗୁରୁତ୍ୱପୂର୍ଣ୍ଣ ରାସ୍ତା ଅର୍ନ୍ତଭୁକ୍ତ। ଏହିସବୁ ରାସ୍ତା ଉପରେ ଜିଲା ପ୍ରଶାସନର ସେତେଟା କର୍ତ୍ତୃତ୍ୱ ରହୁ ନ ଥିବାରୁ ମନମୁଖୀ ନିର୍ମାଣ ସହ ବ୍ୟାପକ ହରିଲୁଟ ଯୋଗୁ ଅଧିକାଂଶ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଏଥିମଧ୍ୟରୁ ବିଶ୍ୱ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦାବି ରଖୁଥିବା ଲଳିତଗିରି-ଉଦୟଗିରି-ରତ୍ନଗିରି(ହୀରକ ତ୍ରିଭୁଜ) ରାସ୍ତାକୁ ଉଦାହରଣ ଭାବେ ନିଆଯାଇପାରେ। ଏହି ରାସ୍ତା ପ୍ରଶସ୍ତୀକରଣ, ମରାମତି ଆଦି କାର୍ଯ୍ୟ ପାଇଁ ବାର୍ଷିକ ବିପୁଳ କୋଟି ଟଙ୍କା ଅନୁଦାନ ମଞ୍ଜୁର ହେଉଥିଲେ ହେଁ ଏବେ ବି ଶୋଚନୀୟ ଅବସ୍ଥାରେ ପଡ଼ି ରହିଛି। ସଂପୃକ୍ତ ଠିକାଦାର ଏବଂ ଯନ୍ତ୍ରୀଙ୍କ ଅସାଧୁ ମେଣ୍ଟ ଯୋଗୁ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଛି। ଠିକାଦାର ରାସ୍ତା ସମ୍ପୂର୍ଣ୍ଣ ନ କରି ଅନୁଦାନର ସିଂହଭାଗ ଅର୍ଥ ହଡ଼ପ କରି ଫେରାର ହୋଇଯାଇଥିବା ଅଭିଯୋଗ ହେଉଛି।

ଚାରବାଟିଆ ପୂର୍ତ୍ତ ବିଭାଗ ଡିଭିଜନ ଅଧୀନରେ ଯାଜପୁର ଜିଲାରେ ଥିବା ବଡ଼ଚଣା-ଦର୍ପଣୀ, କୃଷ୍ଣଦାସପୁର-ରତ୍ନଗିରି, ବଡ଼ଚଣା-ବାଲିଚନ୍ଦ୍ରପୁର, ଛତିଆ-ଚମ୍ପାପୁର-କଳକଳା, ବୈରୀ-ଚଣ୍ଡିଖୋଲ, ଜନକ-ହଳଧରପୁର, ବାଲିଚନ୍ଦ୍ରପୁର-ଦେକୁଡ଼ି, ବନ୍ଦାଲୋ-ଏଣ୍ଡରପଡା ଓ ଦର୍ପଣୀ-ସିହା ରାସ୍ତା ଏବଂ ବରୀ ବ୍ଲକ ରତ୍ନଗିରି-କମ୍ପଗଡ ଓ ଦରଘା ବ୍ରାହ୍ମଣୀବ୍ରିଜଠାରୁ ହଳଦିବସନ୍ତ ରାସ୍ତା ରହିଛି। ଏହିସବୁ ରାସ୍ତାଗୁଡ଼ିକର ମରାମତି ଓ ନିର୍ମାଣ ପାଇଁ ବିପୁଳ ଅର୍ଥ ଖର୍ଚ୍ଚ କରାଯାଉଛି। ହେଲେ ରାସ୍ତାଗୁଡ଼ିକରେ କେବଳ ଠିକାଦାରୀ ରାଜନୀତି ସଂପୃକ୍ତି ଥିବାରୁ ମାନ ଉପରେ ସଦାସର୍ବଦା ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ବନ୍ଦାଲୋ-ଏଣ୍ଡରପଦା ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁସାରେ, ବଡ଼ଚଣା ନିର୍ବାଚନମଣ୍ଡଳୀର ବନ୍ଦାଲୋଠାରୁ କପାଷ୍ଟିକିରି ରେଳଫାଟକ ରାସ୍ତା ଉପରେ ଯାଜପୁର ଜିଲାର ୬ ପଞ୍ଚାୟତ ଏବଂ ଢେଙ୍କାନାଳ ଜିଲାର ୪ ପଞ୍ଚାୟତର ପ୍ରାୟ ୫୦ ହଜାର ଲୋକ ନିର୍ଭର କରିଥାନ୍ତି। ଦୀର୍ଘଦିନ ହେଲା ଏହି ରାସ୍ତା ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ି ରହିଥିବାବେଳେ ଏବେ ୧୨ କୋଟି ଟଙ୍କାର ବ୍ୟୟ ଅଟକଳରେ ରାସ୍ତା କାର୍ଯ୍ୟ ପୁଣି ଚାଲିଥିବା ଜଣପଡିଛି। କିନ୍ତୁ ଯାଜପୁର ଜିଲା ପ୍ରଶାସନର ଏହି ରାସ୍ତା ଉପରେ କୌଣସି କର୍ତ୍ତୃତ୍ୱ ରହୁ ନ ଥିବାରୁ ତାହା ଅତି ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ଏହି ରାସ୍ତା କାର୍ଯ୍ୟ ଚାରବାଟିଆ ପୂର୍ତ୍ତ ବିଭାଗ ଡିଭିଜନ ଅଧୀନରେ କରାଯାଉଛି। ଯଦ୍ୱାରା ଯାଜପୁର ଜିଲାପାଳ ସିଧାସଳଖ ରାସ୍ତାର ଉନ୍ନତ ମାନ ନିର୍ମାଣ ଉପରେ କୌଣସି ଦାୟିତ୍ୱ ନେଇ ପାରୁନାହାନ୍ତି ବୋଲି ଚର୍ଚ୍ଚା ହେଉଛି।

ସେହିପରି ପର୍ଯ୍ୟଟନସ୍ଥଳୀ ତଥା ବୌଦ୍ଧ କୀର୍ତ୍ତିରାଜୀରେ ବିମଣ୍ଡିତ ଲଳିତଗିରି-ଉଦୟଗିରି-ରତ୍ନଗିରି ରାସ୍ତା ସଙ୍କୀର୍ଣ୍ଣ ଅବସ୍ଥାରେ ରହିଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ସଚିବ ବଲଓ୍ୱନ୍ତ ସିଂ ନିକଟରେ ଦେଇଥିବା ରିପୋର୍ଟରେ ମଧ ଏହା ସ୍ପଷ୍ଟ ହୋଇଛି। ଏହି ବ୍ୟବସ୍ତବହୁଳ ରାସ୍ତାକୁ ୪ଥାକିଆ ଭାବେ ନିର୍ମାଣ କରିବାକୁ ସେ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ପ୍ରସ୍ତାବ ଦେଇଛନ୍ତି। ତେବେ ପୂର୍ବରୁ ଏହି ରାସ୍ତା ପ୍ରଶସ୍ତୀକରଣ ପାଇଁ ଚାରବାଟିଆ ପୂର୍ତ୍ତ ବିଭାଗ ପକ୍ଷରୁ ୧୧ କୋଟି ୫୧ ଲକ୍ଷ ୪୮ ହଜାର ଟଙ୍କା ଅଟକଳ ହୋଇଥିଲା। ହେଲେ ଦାୟିତ୍ୱରେ ଥିବା ଠିକାସଂସ୍ଥା ମନମାନି ଓ ଅବହେଳା ଯୋଗୁ ଏହି ରାସ୍ତା ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ୨୦୧୯ରେ ଢେଙ୍କାନାଳ ଅଧୀକ୍ଷଣ ଯନ୍ତ୍ରୀ ପରିଦର୍ଶନରେ ଆସି ନିମ୍ନମାନର କାର୍ଯ୍ୟ ହୋଇଥିବା ଦର୍ଶାଇ ପରିଶୋଧନ(ରେକ୍ଟିଫିକେସନ) କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଉକ୍ତ ନିର୍ଦ୍ଦେଶର କିଛି କାର୍ଯ୍ୟକାରୀ ହେଲାନାହିଁ। କିଛି ମାତ୍ରାରେ କାର୍ଯ୍ୟସାରି ଦେଇ ଅନୁଦାନର ସିଂହଭାଗ ଅର୍ଥ ବାଟମାରଣା କରି ନେଲେ ବୋଲି ଅଞ୍ଚଳବାସୀ କହିଛନ୍ତି। ସେହିପରି ୨୦୨୨-୨୩ରେ କୃଷ୍ଣଦାସପୁରଠାରୁ ରତ୍ନଗିରି ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତୀକରଣ ପାଇଁ ପ୍ରାୟ ୨୪ କୋଟି ଟଙ୍କା ଅନୁଦାନ ଆସିଥିଲା। କିନ୍ତୁ ତରବରିଆ ଭାବେ କେତେକ ତାଳିପକା ମରାମତି କରି ବାକି ଅର୍ଥ ଚଳୁ କରିନେଲେ ବୋଲି ଅଭିଯୋଗ ହେଉଛି। ଏହିସବୁ ଅନିୟମିତତାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବାସ୍ତବତା ଲୋକଲୋଚନକୁ ଆସି ପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏଭଳି ଭାବେ ଏହି ପର୍ଯ୍ୟଟନସ୍ଥଳୀର ବିକାଶ ଉପରେ ଯେତେ ବି ଅନୁଦାନ ଆସିଛି ତାହାର ବ୍ୟାପକ ଭାବେ ଅନିୟମିତତା କରାଯାଇଛି ବୋଲି ଏବେ ଚର୍ଚ୍ଚା ଜୋର ଧରିଛି। ଏ ସଂକ୍ରାନ୍ତରେ ଚାରବାଟିଆ ପୂର୍ତ୍ତ ବିଭାଗ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଶ୍ୱେତା ସୂଚରିତା ଦାସଙ୍କୁ ପଚାରିବାରେ ସେ କହିଛନ୍ତି, ଗତ ୪ ମାସ ହେଲା ଏଠାରେ ଯୋଗ ଦେଇଛନ୍ତି। ହୀରକ ତ୍ରିଭୁଜକୁ ୪ ଥାକିଆ ରାସ୍ତା ନିର୍ମାଣ କରିବାକୁ ରିପୋର୍ଟ ଦିଆଯାଇଛି। କିନ୍ତୁ ଏହା ପୂର୍ବରୁ ଉକ୍ତ ରାସ୍ତାର ପ୍ରଶସ୍ତୀକରଣ ପାଇଁ କେଉଁ ଯୋଜନାରେ କେତେ ଅର୍ଥ ଖର୍ଚ୍ଚ ହୋଇଛି ତାହା ଅଫିସରେ କାଗଜପତ୍ର ଦେଖିଲେ କହିହେବ।

# କାର୍ ଧକ୍କାରେ ଜଳଖିଆ ଦୋକାନୀଙ୍କ ମୃତ୍ୟୁ, ସରପଞ୍ଚ ଗୁରୁତର

## କାର୍ ଜବତ, ଚାଳକ ଗିରଫ





ଜବତ କାର୍ ଓ ଗିରଫ କାର୍ ଚାଳକ।

ଦଶରଥପୁର,୧୨।୪
(ସୁଶାନ୍ତ କୁମାର ବେହୁରିଆ):

ଯାଜପୁର-ମଙ୍ଗଳପୁର ୨୦ନଂ. ଜାତୀୟ ରାଜପଥର ଦଶରଥପୁର ବ୍ଲକ୍ କାର୍ଯ୍ୟାଳୟ ନିକଟରେ ରବିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ କାର୍ ଧକ୍କାରେ ଜଣେ ଜଳଖିଆ ଦୋକାନୀଙ୍କ ମୃତ୍ୟୁ ହୋଇଥିବାବେଳେ ଉକ୍ତ ବ୍ଲକ ଅଧୀନ ଗୋପାଳପୁର ପଞ୍ଚାୟତର ସରପଞ୍ଚ ସେକ୍ ନାଦର ଗୁରୁତର ହୋଇଛନ୍ତି। ମୃତ ଜଳଖିଆ ଦୋକାନୀ ଦଶରଥପୁର ଗ୍ରାମର ରଘୁନାଥ ନାୟକ(୫୧)ବୋଲି ଜଣାପଡିଛି। ଦଶରଥପୁର ପୋଲିସ ଦୁର୍ଘଟଣା ଘଟାଇଥିବା କାର୍‌କୁ ଜବତ କରିବା ସହିତ ସ୍ଥାନୀୟ ଅଞ୍ଚଳର କାର୍ ଚାଳକ ଦିଲୀପ ବେହେରାଙ୍କୁ ଗିରଫ କରି ତଦନ୍ତ ଆରମ୍ଭ କରିଛି।

ସକାଳ ପ୍ରାୟ ୯ଟାରେ ଦଶରଥପୁର ତହସିଲ କାର୍ଯ୍ୟାଳୟ ନିକଟରେ ଜଳଖିଆ ଦୋକାନ କରିଥିବା ରଘୁନାଥ ଦୋକାନରୁ ସାଇକେଲ ଚଳାଇ ଘରକୁ ଆସୁଥିଲେ। ଏହି ସମୟରେ ମଙ୍ଗଳପୁର ପାର୍ଶ୍ୱରୁ ଝୁମ୍ପୁରୀ ବଜାର ରାସ୍ତାରେ ଆସୁଥିବା କାର୍ (ଓଆର-୦୫-ଏଫ-୭୬୮୭) ରଘୁନାଥଙ୍କୁ ସମ୍ମୁଖ ପଟୁ ଧକ୍କା ଦେଇଥିଲା। ଏହାପରେ ଝୁମ୍ପୁରୀ ବଜାର ପଟୁ ବାଇକରେ ଆସୁଥିବା ସରପଞ୍ଚଙ୍କ ବାଇକକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଜଳଖିଆ ଦୋକାନୀ ଏବଂ ସରପଞ୍ଚ ଗୁରୁତର ହୋଇଥିଲେ। ରଘୁନାଥଙ୍କ ମୁଣ୍ଡ ଓ ନାକରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସରପଞ୍ଚ ଲହୁଲୁହାଣ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ରାସ୍ତାରେ ଜଳଖିଆ ଦୋକାନୀ ରଘୁନାଥଙ୍କ ମୃତ୍ୟୁ ହୋଇଯାଇଥିଲା। ସରପଞ୍ଚଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଡାକ୍ତର କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ଦୁର୍ଘଟଣା ଖବର ପାଇ ଦଶରଥପୁର ପୋଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା କାରକୁ ଜବତ କରିବା ସହିତ କାର ଚାଳକଙ୍କୁ ଗିରଫ କରିଥଲା। ରଘୁନାଥଙ୍କ ଭାଇ ଅଚ୍ୟୁତାନନ୍ଦ ଥାନାରେ କାର ଚାଳକଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କ ଅଭିଯୋଗ ଆଧାରରେ ନଂ.୯୧/୨୬ରେ ମାମଲା ରୁଜୁ କରିଛି।

# ବିଭିନ୍ନ କ୍ଷେତ୍ରରେ ଅନିୟମିତତା ଅଭିଯୋଗ

ଚଣ୍ଡିଖୋଲ,୧୨।୪(ପ୍ରଦୀପ୍ତ କୁମାର ପୃଷ୍ଟି):

ବଡ଼ଚଣା ବ୍ଲକ୍ ଅଞ୍ଚଳରେ ବିଭିନ୍ନ କ୍ଷେତ୍ରରେ ଅନିୟମିତତା ହେଉଥିବା ବଡ଼ଚଣା ବିଜେଡିର ଏକ ପ୍ରତିନିଧି ଦଳ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଉନ୍ନୟନମୂଳକ କାର୍ଯ୍ୟ, ଅନ୍ତ୍ୟୋଦୟ ଗୃହ ନିର୍ମାଣ ଯୋଜନା, ଆବାସ ଯୋଜନାରେ ଅନିୟମିତତା କରାଯାଉଛି। ଏତତ୍‌ବ୍ୟତୀତ ଅବିବାହିତ ଯୁବକଙ୍କୁ ମଧ ଯୋଗ୍ୟ ହିତାଧିକାରୀ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି। ସେହିପରି ବିଧାୟକ ଓ ଏମ୍‌ପି ପାଣ୍ଠି ବିନିଯୋଗ, ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଖୋଲାଖୋଲି ଭାବେ ସରକାରୀ ନିୟମର ଉଲ୍ଲଙ୍ଘନ ହେଉଥିବାଭଳି ବିଭିନ୍ନ ପ୍ରସଙ୍ଗରେ ସେମାନେ ଅଭିଯୋଗ କରିବା ସହ ଏଥିରେ ସୁଧାର ଆଣିବା ପାଇଁ ବିଡିଓଙ୍କ ସହିତ ଆଲୋଚନା କରିଛନ୍ତି। ଯଦି ଏଥିରେ ସୁଧାର ନ ଆସେ ତେବେ ଆଇନଗତ ପଦକ୍ଷପ ନିଆଯିବ ବୋଲି ପ୍ରତିନିଧି ଦଳ ମତବ୍ୟକ୍ତ କରିଛନ୍ତି। ବିଜେଡି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ସଭାପତି ତାପସ ଚନ୍ଦ୍ର ରାୟ, ଜିଲା ସମ୍ପାଦକ ଦିଲୀପ ସାମଲ, ନିରଞ୍ଜନ ବିଶ୍ୱାଳ, ଯାଦବ ସଂଘ ସଭାପତି ଧୂଳେଶ୍ୱର ଦାସ, ସମିତିସଭ୍ୟ ଜଗନ୍ନାଥ ମୁଦୁଲି, ଦେବେନ୍ଦ୍ର ଜେନା, ପ୍ରଦୀପ୍ତ ମହାନ୍ତି, ସଞ୍ଜୀବ ସାମଲ ପ୍ରମୁଖ ବିଡିଓଙ୍କୁ ଭେଟି ଉପରୋକ୍ତ ଅଭିଯୋଗ କରିଛନ୍ତି।



ବିଡିଓଙ୍କୁ ଭେଟି ଆଲୋଚନା କରୁଛନ୍ତି ବିଜେଡି ପ୍ରତିନିଧି ଦଳ।

# ସାମିଲ ହେଲେ ବହୁ ବିଜେଡି, କଂଗ୍ରେସ କର୍ମୀ



ଭାଜପାରେ ମିଶିଥିବା କର୍ମକର୍ତ୍ତାଙ୍କୁ ନେତାମାନେ ସ୍ୱାଗତ କରୁଛନ୍ତି।

## ଦଶରଥପୁର ଭାଜପାର ମହାମିଶ୍ରଣ ପର୍ବ

ଦଶରଥପୁର,୧୨।୪
(ସୁଶାନ୍ତ କୁମାର ବେହୁରିଆ):

ଦଶରଥପୁର ବ୍ଲକ ଭାଜପା ପକ୍ଷରୁ ଅହିୟାସ ସ୍ଥିତ କାଳୀପଡ଼ିଆରେ ଏକ ମହାମିଶ୍ରଣ ପର୍ବ ରବିବାର ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲା ଭାଜପା ସଭାପତି ଗୌତମ ରାୟଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ଅନୁଷ୍ଠିତ ଏହି ମହାମିଶ୍ରଣ ପର୍ବରେ ଭାଜପା ଓ ଡବଲ ଇଞ୍ଜିନ ସରକାରଙ୍କ ଉପରେ ଆସ୍ଥା ପ୍ରକଟ କରି ଦଳ ଛାଡ଼ିଥିବା ବିଜେଡି ସମର୍ଥିତ କସପା ସରପଞ୍ଚ ଦୀପ୍ତିବାଳା ନାୟକ, ପୂର୍ବତନ ସରପଞ୍ଚ ପ୍ରଭାତ ନାୟକ, ଯୁବନେତା ଜୟନ୍ତ ନାୟକ, ଜୟନ୍ତରା ପଞ୍ଚାୟତର ପ୍ରାକ୍ତନ ସମିତିସଭ୍ୟ ତୁଷାରକାନ୍ତ ନାୟକ, ସାମାଜିକ କର୍ମୀ ତାରାକାନ୍ତ ସାମଲ, ଗୋଲେଖ ସାମଲ, ସୌଭାଗ୍ୟ ଯେନା ଓ ପରମେଶ୍ୱର ରାଉତଙ୍କ ସମେତ ତରପଦା, କସପା, ମଲ୍ଲିକାପୁର ଏବଂ ଦୁଦୁରାଅନ୍ତା ଆଦି ପଞ୍ଚାୟତର ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ଦଳ ପରିତ୍ୟାଗ କରି ଭାଜପାରେ ସାମିଲ ହୋଇଛନ୍ତି।

ଜିଲା ଭାଜପା ସଭାନେତ୍ରୀ ଦେବଯାନୀ ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇ ଦଳରେ ସାମିଲ ହୋଇଥିବା କର୍ମୀଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ଏହି ମହାମିଶ୍ରଣ ଦ୍ୱାରା ଦଶରଥପୁର ବ୍ଲକରେ ଭାଜପା ଅଧିକ ସଶକ୍ତ ହେବ ବୋଲି ପୂର୍ବତନ ଜିଲା ସଭାପତି ରାୟ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ପରିଷଦ ସଭ୍ୟ ବିନୋଦ ବିହାରୀ ଯେନା, ଜିଲା ଉପ ସଭାପତି ମନ୍ମଥ ବରାଳ, ମଣ୍ଡଳ ସଭାପତି ସୁନୀଲ ରାଉତ, ବରିଷ୍ଠ ନେତା ରମେଶ ସାମଲ, ସୁବାସ ଚନ୍ଦ୍ର ମହାନ୍ତି, ଲକ୍ଷ୍ମୀଧର ସାହୁ, ରଞ୍ଜନ ପଣ୍ଡା, ଯୁବନେତା ସୁଦୀପ୍ତ ପଣ୍ଡା, ଶ୍ରୀନିବାସ ପରିଡ଼ା, ସବ୍ୟସାଚୀ ଦାସ, ଇନ୍ଦ୍ରଜିତ ଦାସଙ୍କ ସମେତ ବହୁ ସଂଖ୍ୟାରେ ଆଗଧାଡ଼ିର ଭାଜପା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# କ୍ୟାରିୟର କାଉନ୍‌ସେଲିଂ, ପ୍ଲେସ୍‌ମେଣ୍ଟ କାର୍ଯ୍ୟକ୍ରମ

ଝୁମ୍ପୁରୀ,୧୨।୪(ସରୋଜ ନାୟକ):

ଉଚ୍ଚ ଶିକ୍ଷା ବିଭାଗ ଆୟୋଜନରେ ଦଶରଥପୁର ବ୍ଲକ ଅଧୀନ ରାମବାଗ ରିଜିଓନାଲ କଲେଜରେ କ୍ୟାରିୟର କାଉନ୍‌ସେଲିଂ ଓ ପ୍ଲେସ୍‌ମେଣ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁକ୍ତ ୩ ଶେଷ ବର୍ଷର ଛାତ୍ରୀଛାତ୍ରଙ୍କ ନିମନ୍ତେ ସ୍ନାତକ ପରବର୍ତ୍ତୀ ଭବିଷ୍ୟତ କାର୍ଯ୍ୟପନ୍ଥା ଓ କର୍ମସଂସ୍ଥାନ ଅନ୍ୱେଷଣ ନିମନ୍ତେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଡିଗ୍ରୀ କଲେଜର ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତ ଓ ଯୁକ୍ତ ୨ କଲେଜ ଅଧ୍ୟକ୍ଷ ପରମେଶ୍ୱର ନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ପିନାକଲ୍ ହ୍ୟୁମାନ୍ ରିସୋର୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଅଧିକାରୀ ଚନ୍ଦ୍ରଶେଖର ନାୟକ, ସମ୍ବିଦ୍ ସେଠୀ କାଉନ୍‌ସେଲର ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କ୍ୟାରିୟର ଗଠନ ଓ ନିଯୁକ୍ତି ସୁଯୋଗର ଉପଲବ୍ଧତା ନେଇ ବିଭିନ୍ନ ବିଷୟ ଉପରେ ମାର୍ଗଦର୍ଶନ କରାଇଥିଲେ। ବାଣିଜ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ଶଶଧର ଦାସ କାର୍ଯ୍ୟ ସମ୍ବନ୍ଧରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ। ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ ଶିକ୍ଷାବିଭାଗର କର୍ମଚାରୀ ସହଯୋଗ କରିଥିଲେ।



ରାମବାଗ ରିଜିଓନାଲ କଲେଜରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

# ନଡ଼ିଆ ଗଛରୁ ପଡ଼ି ଯୁବକ ମୃତ

ରାଜନଗର, ୧୨।୪
(ଭାସ୍କର ରାଉତରାୟ)

ରାଜନଗର ଥାନା ଡେରା ଗାଁର ଜଣେ ଯୁବକଙ୍କ ନଡ଼ିଆ ଗଛରୁ ଖସିପଡି ମୃତ୍ୟୁ ହୋଇଛି। ସେ ହେଲେ ଶିଶିର କୁମାର ମହାନ୍ତି (୩୮)। ଅପରାହ୍ନ ୩ଟାରେ ନିଜ ବାଡିରେ ଥିବା ନଡ଼ିଆ ଗଛରେ ଶିଶିର ଚଢିଥିଲେ। ନଡିଆ ତୋଳୁଥିବା ସମୟରେ ଅସାବଧାନତାବଶତଃ ତଳକୁ ଖସି ପଡିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶିଶିରଙ୍କ ମୃତ୍ୟୁ ଖବର ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

# ବାଇକ୍ ଚୋରି ଅଭିଯୋଗ

ପାଣିକୋଇଲି,୧୨।୪
(ବିକାଶ ଚନ୍ଦ୍ର ମଲ୍ଲିକ):

ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ଗ୍ରାମର ପ୍ରଫୁଲ୍ଲ ବିଶ୍ୱାଳଙ୍କ ଘର ହତା ବାଡ଼ିରେ ଥିବା ତାଙ୍କ ବାଇକକୁ କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା ନଂ.୧୨୨/୨୬ ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରଫୁଲ୍ଲ ବାଇକ ରଖି ରାତିରେ ଶୋଇଥିଲେ। ସକାଳୁ ଉଠିଦେଖିବା ବେଳେକୁ ବାଇକ (ଓଡି୦୪କେ ୭୨୦୩) ନ ଥିଲା।

# ପ୍ଲାଷ୍ଟିକ ମୁକ୍ତ ସଚେତନତା ଶୋଭାଯାତ୍ରା



ଉତ୍କଳମଣି ସେବା ସଙ୍ଗଠନ ପକ୍ଷରୁ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

ଜେନାପୁର,୧୨।୪(ଅଶୋକ ଦାସ):

ଧର୍ମଶାଳା ବ୍ଲକ ଅଧୀନ ଜେନାପୁର ଉତ୍କଳମଣି ସେବା ସଙ୍ଗଠନ ପକ୍ଷରୁ ଏକ ପ୍ଲାଷ୍ଟିକ ମୁକ୍ତ ସଚେତନତା ଶୋଭାଯାତ୍ରା ରବିବାର ହୋଇଯାଇଛି। ଜେନାପୁର ପଞ୍ଚାୟତର ବ୍ରାହ୍ମଣୀ ନଦୀକୂଳ ବାଲିଯାତ୍ରା ପଡ଼ିଆସ୍ଥିତ ଗୋପବନ୍ଧୁ ସ୍ମୃତିପୀଠରୁ ଶୋଭାଯାତ୍ରା ବାହାରି ଐତିହ୍ୟ ସମ୍ପନ୍ନ ବୃନ୍ଦାଦେଇପୁରସ୍ଥିତ ଗଡ଼ଜାତ ସ୍ମାରକୀ ବାଜୀ ରାଉତଙ୍କ ପୀଠ ପର୍ଯ୍ୟନ୍ତ ଯାଇଥିଲା। ସଙ୍ଗଠନ ସଭାପତି ଲୋକନାଥ ପୁରୀଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ଏହି ଶୋଭାଯାତ୍ରାରେ ସମ୍ମାନିତ ଅତିଥିଭାବେ ଡା. ପ୍ରମୋଦ କୁମାର ପାତ୍ର, ସାମାଜିକ କର୍ମୀ ଅଜୟ ଦାସ, ପ୍ରଫୁଲ୍ଲ ଦାସ, ପ୍ରମିଳା ଭଞ୍ଜ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ସ୍ୱାଇଁ ଯୋଗଦେଇ ପ୍ଲାଷ୍ଟିକ ବ୍ୟବହାର କଲେ ନିଜର କ୍ଷତି ହେବା ସହିତ ସମାଜର ବହୁ କ୍ଷତି ହୋଇଥାଏ ବୋଲି କହିଥିଲେ। ଏଥିସହିତ ପଲିଥିନ ବ୍ୟବହାର ଦ୍ୱାରା ପରିବେଶ ଉପରେ ଏହା ଘୋର ପ୍ରଭାବ ପକାଇଥାଏ ବୋଲି କହି ସଚେତନ କରାଇଥିଲେ। ଶୋଭାଯାତ୍ରାରେ ବିଦ୍ୟାଳୟର ଛାତ୍ରୀଛାତ୍ର, ମହିଳା ବୁଦ୍ଧିଜୀବୀ, ଯୁବଗୋଷ୍ଠୀ ଓ ସାମାଜିକ କର୍ମୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଅଂଶଗ୍ରହଣ କରି ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ଉତ୍କଳମଣି ସେବା ସଙ୍ଗଠନର ଉପଦେଷ୍ଟା ମଣ୍ଡଳୀ, କର୍ମକର୍ତ୍ତା ଏବଂ ସଭ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଲୋପ ପାଉଛି ତାଳଗଛ, ବୃଦ୍ଧି ପାଉଛି ବଜ୍ରପାତ

ବଡ଼ଚଣା,୧୨।୪(ଦିଲୀପ କୁମାର ମହାନ୍ତି):

ବଡ଼ଚଣା ବ୍ଲକ୍ ଅଞ୍ଚଳରେ ଲୋପ ପାଉଛି ତାଳଗଛ। ଗାଁଗହଳିରେ ଆଉଦେଖିବାକୁ ମିଳୁନି ତାଳବଣ। ବହୁତାଳ ଗଛ ନଷ୍ଟ ହୋଇଗଲାଣି। ନୂଆ ଗଛ ଆଉ ହେଉନାହିଁ। ତାଳଗଛ ଥିବା ଜାଗାରେ କୋଠାଘର ଗଢ଼ିଉଠିଲାଣି। ଫଳରେ ଏହାର ପ୍ରଭାବ ପଡୁଛି ପରିବେଶ ଉପରେ। ତାଳଗଛ ବେଶ ପରିବେଶ ଉପଯୋଗୀ। ବଜ୍ରପାତକୁ ନିୟନ୍ତ୍ରଣ କରିବାରେ ଏହାର ବିଶେଷ ଭୂମିକା ରହିଛି। ଏଥିପାଇଁ ରାଜ୍ୟ ସରକାର ମଧ ଗତ କେତେବର୍ଷ ହେବ ତାଳଗଛ ରୋପଣଉପରେ ଗୁରୁତ୍ୱ ଦେଉଛନ୍ତି। ପୂର୍ବରୁ ବ୍ୟବହୃତ ହେଉ ନ ଥିବା ବିସ୍ତୀର୍ଣ୍ଣ ପଡ଼ିଆ ଜମିରେ ତାଳଗଛ ଲଗାଯାଉଥିଲା। ଚାଷୀ ବଜ୍ରପାତରୁ ରକ୍ଷା ପାଇବା ଓ ଛାୟା ନିମନ୍ତେ ବିଲହିଡ଼ ଏବଂ ବନ୍ଧରେ ତାଳ ଗଛ ଲଗାଉଥିଲେ। ସେହିପରି ତାଳସଜ ଖାଇବାକୁ ଅତି ସ୍ୱାଦିଷ୍ଟ। ଖରାଦିନେ ଏହା ଶରୀରରେ ଜଳୀୟଅଂଶକୁ ବଜାୟ ରଖିବାରେ ବେଶ ଉପଯୋଗୀ।



ତାଳଗଛ ନଷ୍ଟ ହୋଇଯାଇଛି।

ସେହିପରି ତାଳ ପୋଡ଼ପିଠା, ତାଳଗୁଡ଼ର ଚାହିଦା ରହିଛି। ତାଳପତ୍ର ବା ବରଡ଼ାରେ ପଖିଆ ଚାଷୀଙ୍କ ସାଥୀ ଭାବେଜଣା। ତାଳବରଡ଼ାରେ ଚାଳିଆ ଛପର, ବିଞ୍ଚଣା, ଚଟେଇ, ପଟି ଆସନ, ବିଭିନ୍ନ ଖେଳଣା, ଘରକରଣା ସାମଗ୍ରୀ, ତାଳଫୋଟକା ବାଣ ତିଆରି କରାଯାଏ। ଏହାର ବାହୁଙ୍ଗାରୁ ନହି, ତାଳଗଣ୍ଡିରେ ତାଲୁଆ, ଛୋଟଛୋଟ ଡଙ୍ଗା, କାଠରେ ଘରର ରୁଅ, ଦାଣ୍ଡିଆ, ଶେଣୀ କରାଯାଏ। ଅବଶ୍ୟ ବର୍ତ୍ତମାନ ସମୟରେ ଏସବୁର ଆବଶ୍ୟକତା ପ୍ରାୟତଃ ଆଉନାହିଁ। ମାତ୍ର କୁମାର ପୂର୍ଣ୍ଣିମାରେ ତାଳଗଜା ଭୋଗ ଲାଗିବା ପରମ୍ପରା ଏବେ ବି ରହିଛି। ତାଳଗଛ ଲୋପ ପାଉଥିବାରୁ ଏବେ ବଜ୍ରପାତ ହୋଇ ଅନେକ ଜୀବନ ଯାଉଛି। ଏହିକ୍ରମରେ ବଡ଼ଚଣା ବ୍ଲକ୍ ଅଞ୍ଚଳର ପୂର୍ବତନ ସରପଞ୍ଚ ଚାଟାଲିନ ସ୍ୱାଇଁ ନିଜ ଗ୍ରାମରେ ତାଳଗଛ ଲଗାଇବା ସହ ବିଭିନ୍ନ ସଭାସମିତିରେ ତାଳଗଛ ଲଗାଇବାକୁ ପରାମର୍ଶ ଦେଉଛନ୍ତି। ତାଳଗଛ ଲଗାଇଲେ ବଜ୍ରପାତ ଜନିତ ମୃତ୍ୟୁକୁ ରୋକିହେବ ବୋଲି ସେ କହିଛନ୍ତି।

# ଚୂନବନ୍ଧ ଗ୍ରାମବାସୀଙ୍କ ପାଇଁ ସାତସପନ ବସୁଧା ଯୋଜନା

■ ନଳକୂଅ ପାଣି ପିଇ ରୋଗାକ୍ରାନ୍ତ ହେଉଛନ୍ତି ଲୋକେ
■ ବିଡିଓ, ଜିଲାପାଳଙ୍କ ନିକଟରେ ଅଭିଯୋଗ କଲେ ବି ସୁଫଳ ମିଳୁନି

ଆଳି, ୧୨ା୪(ବନମାଳୀ ସେନାପତି)

ଘରେ ଘରେ ପାଣି ଯୋଗାଇ ଦେବା ନିମନ୍ତେ ବସୁଧା ଯୋଜନାରେ ପାଇପ ବିଛା ହୋଇଛି। କିନ୍ତୁ ପାଇପରେ ପାଣି ଟୋପେ ମିଳୁନି। ପାଇପରେ ପାଣି ଆସୁ ନ ଥିବାରୁ ଏକମାତ୍ର ଜଳଉସ ହେଉଛି ନଳକୂଅ। ଯେଉଁ ନଳକୂଅରୁ ଏବେ କେତେବେଳେ କଳାପାଣି ତ ଆଉ କେଉଁ ସମୟରେ ହଳଦିଆ ଲୁହାଗୁଣ୍ଡ ମିଶା ପାଣି ବାହାରୁଛି । ନଳକୂଅ ପାଣିରେ ଲୁହାଗୁଣ୍ଡ ବାହାରୁଥିବାରୁ ସେହି ପାଣି ପିଇ ଗ୍ରାମବାସୀ ଏବେ ରୋଗାକ୍ରାନ୍ତ। କାହାର ଗ୍ୟାସ ସମସ୍ୟା ତ ଆଉ କାହାର ଆଣ୍ଠୁଗଣ୍ଠି ବେମାର। ଏମିତି ଅନେକ ପ୍ରକାର ପେଟରୋଗରେ ଗ୍ରାମବାସୀ ଆକ୍ରାନ୍ତ ହେଉଥିବା ବେଳେ ପ୍ରଶାସନର କିନ୍ତୁ ଚିନ୍ତାନାହିଁ। ପ୍ରଶାସନ ନିକଟରେ ଗୁହାରି କରି ନୟାନ୍ତ ହୋଇପଡିଛନ୍ତି ଆଳି ବ୍ଲକ ବାଳକାଟି ପଞ୍ଚାୟତ ଚୂନବନ୍ଧ ଗ୍ରାମବାସୀ।



ପାଣି ପାଇଁ ନଳକୂଅ ନିକଟରେ ଭିଡ଼ ଜମିଛି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ବାଳକାଟି ପଞ୍ଚାୟତର ବାଳକାଟି, ରାଣୀପୋଖରୀ, ନାଗପଡ଼ା, ସାନଆଙ୍କୋ, ବଡ଼ଆଙ୍କୋ ଗ୍ରାମବାସୀଙ୍କୁ ବସୁଧା ଯୋଜନାରେ ପାଇପ ପାଣି ସେମାନଙ୍କ ଘରେ ଘରେ ଯୋଗାଇ ଦିଆଗଲା। ମାତ୍ର ଚୂନବନ୍ଧ ଗ୍ରାମବାସୀ ଏହି ଯୋଜନାରୁ ବଞ୍ଚିତ ହୋଇ ରହିଛନ୍ତି। ପାଇପ ଯୋଗେ ପାଣି ଦେବା ନିମନ୍ତେ ଦୁଆର ମୁହଁରେ ପାଇପ ପଡିଛି କିନ୍ତୁ ପାଣି ଆସୁନାହିଁ। ଯାହାଫଳରେ ଗ୍ରାମରେ ଥିବା ଏକମାତ୍ର ନଳକୂଅ ଏବେ ୩୦ ପରିବାରର ଭରସା ପାଲଟିଛି। ଗ୍ରୀଷ୍ମ ପ୍ରବାହ ଯୋଗୁ ଗାଁରେ ଥିବା ପୋଖରୀ, ଗାଡ଼ିଆ ଶୁଖି ଯାଇଥିବାରୁ ରୋଷେଇଠାରୁ ଶୌଚ ପର୍ଯ୍ୟନ୍ତ ସବୁକିଛି ଏହି ନଳକୂଅ ପାଣି ଉପରେ ନିର୍ଭର କରିବାକୁ ପଡୁଛି। ପାଣି ଖରାପ ସତ୍ତ୍ୱେ ଏକମାତ୍ର ନଳକୂଅ ଥିବାରୁ ପାଣି ନେବା ନିମନ୍ତେ ମହିଳାମାନେ ସକାଳୁ ଗରା ବାଲଟି ଧରି ଲାଇନ ଦେବାକୁ ପଡୁଛି। ଏହି ନଳକୂଅରୁ ପାଣି ନେଇ ବ୍ୟବହାର କରିବା ପରେ ଅନେକ ପ୍ରକାର ପେଟରୋଗରେ ଗ୍ରାମବାସୀ

ନଳକୂଅରୁ ବାହାରିଥିବା ଗୋଳିଆ ପାଣି।

ପୀଡିତ ଥିବା ନେଇ ଅଭିଯୋଗ କରିଛନ୍ତି। ଏପରିକି ପେଟ ରୋଗରେ ପୀଡିତ ହୋଇ ଗ୍ରାମର ୨ ଜଣଙ୍କର ମୃତ୍ୟୁ ମଧ୍ୟ ହୋଇଛି। ପେଟରୋଗରେ ପୀଡିତ ହୋଇ ଡାକ୍ତର ପାଖକୁ ଗଲେ ଡାକ୍ତର ପାଣି ବଦଳାଇବାକୁ କହିବା ସହ ସିଝା ପାଣି ପିଇବାକୁ କହୁଛନ୍ତି। କିଛି ଲୋକ ପାଣିକୁ ସିଝାଇ ପିଉଥିବା ବେଳେ ଅନେକ ସେହି ପାଣିକୁ ପିଇ ପେଟରୋଗରେ ପୀଡିତ ହେଉଥିବା ନେଇ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ତୁରନ୍ତ ପାଇପ ଯୋଗେ ପାଣି ଯୋଗାଇ ଦେବା ନିମନ୍ତେ ଗ୍ରାମବାସୀ ପଞ୍ଚାୟତର ସରପଞ୍ଚ, ଆଳି ବିଡିଓ ଓ କେନ୍ଦ୍ରାପଡା ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କେହି ସେମାନଙ୍କ ଅଭିଯୋଗକୁ କର୍ଣ୍ଣପାତ କରୁନାହାନ୍ତି ବୋଲି କହିଛନ୍ତି। ବ୍ଲକ ପ୍ରଶାସନ ଓ ଜିଲା ପ୍ରଶାସନ ସ୍ଥାଣୁ ପାଲଟି ଯାଇଥିବା ସାଧାରଣ ଲୋକେ ଅଭିଯୋଗ କରିଛନ୍ତି। ଗ୍ରୀଷ୍ମ ପ୍ରବାହ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ପ୍ରଶାସନ ଜାଣିଶୁଣି କ'ଣ ପାଇଁ ଚୂନବନ୍ଧ ଗ୍ରାମବାସୀଙ୍କୁ ପାଇପ ପାଣି ଦେବା କ୍ଷେତ୍ରରେ ହଇରାଣ କରୁଛନ୍ତି ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତୁରନ୍ତ ଗ୍ରାମବାସୀଙ୍କୁ ପାଇପ ପାଣି ଯୋଗାଇ ଦେବା ନିମନ୍ତେ ଗ୍ରାମର ଭିକାରୀ ମଳିକ, ମଞ୍ଜୁଲତା ଓଝା, ପୁଷ୍ପଲତା ବେହେରା, ଲିଲି ନାୟକ, ଜୟନ୍ତୀ ଦାସ, ଭାରତୀ ଦାସ, ସୁକାନ୍ତି ବେହେରା, ପ୍ରଭାତୀ ବେହେରା, ଚାନ୍ଦିରୀ ମଳିକ, ପ୍ରତିମା ବେହେରାଙ୍କ ସହ ଗ୍ରାମବାସୀ ଦାବି କରିଛନ୍ତି। ପ୍ରଶାସନ ପକ୍ଷରୁ ଯଦି କୌଣସି ପଦକ୍ଷେପ ନିଆ ନ ଯାଏ ତେବେ ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଯୁବ, ମହିଳା କ୍ରିକେଟ ଖେଳାଳିଙ୍କ ପ୍ରସ୍ତୁତି ଜୋର୍‌ଦାର



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

କେନ୍ଦ୍ରାପଡା, ୧୨ା୪ (ଜଗନ୍ନାଥ ଧଳ)

ଆସନ୍ତା ୧୬ ତାରିଖରେ ରାଜ୍ୟସ୍ତରୀୟ ମହିଳା କ୍ରିକେଟ ପ୍ରତିଯୋଗିତା ହେବ। ସେହିପରି ଆସନ୍ତା ୧୮ରେ ୧୬ ବର୍ଷରୁ କମ ବୟସ୍କଙ୍କ କ୍ରିକେଟ ପ୍ରତିଯୋଗିତା ହେବ। କେନ୍ଦ୍ରାପଡ଼ା ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ ଏଥିପାଇଁ ପ୍ରସ୍ତୁତିକୁ ଜୋରଦାର କରିଛି। ଜିଲାର ଏହି ଖେଳାଳିଙ୍କ ପ୍ରସ୍ତୁତିର ସମୀକ୍ଷା ପାଇଁ ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନା ରବିବାର ସହରର ସାରଙ୍ଗସ୍ଥିତ ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ପହଞ୍ଚି ଥିଲେ। ଷ୍ଟାଡିୟମର ଭିତ୍ତିଭୂମି ତନଖି ସହ ଖେଳ ଉପକରଣ, ପିଚ ସମ୍ପର୍କରେ ଅବଗତ ହୋଇଥିଲେ। ଏଥିସହ ଖେଳାଳିଙ୍କ ବାସସ୍ଥାନ ନିରୀକ୍ଷଣ କରିଥିଲେ। ଏ ସମ୍ପର୍କରେ ଆସୋସିଏଶନ ସମ୍ପାଦକ ଶୁଭାଶିଷ ସେନାପତି କହିଛନ୍ତି, ଷ୍ଟାଡିୟମର ଭିତ୍ତିଭୂମି, ଖେଳ ସାମଗ୍ରୀ, ଖେଳାଳିଙ୍କ ସୁରକ୍ଷା ଓ ସୁବିଧାକୁ ଗୁରୁତ୍ୱ ଦିଆଯାଇଛି। ଏଥିସହ ତାଲିମ ବ୍ୟବସ୍ଥାକୁ ଅତ୍ୟାଧୁନିକ କରାଯାଇଛି। ଚଳିତବର୍ଷ ଜିଲାସ୍ତରର ଖେଳାଳିଙ୍କ ଟିମ ରାଜ୍ୟସ୍ତରରେ ନିଜର ଉନ୍ନତମାନର ଖେଳ ପ୍ରଦର୍ଶନ କରିବେ ବୋଲି ଆଶା ରହିଛି। ଏହି ଅବସରରେ ଷ୍ଟାଡିୟମକୁ ଗୋବରୀ କେନାଲ ବନ୍ଧରୁ ଏକ ରାସ୍ତା ଫିଟାଇ ଯାତାୟାତ ବ୍ୟବସ୍ଥାକୁ ସୁଗମ ପାଇଁ ଅତିରିକ୍ତ ଜିଲାପାଳ ଜେନାଙ୍କ ଆସୋସିଏଶନ ପକ୍ଷରୁ ନିବେଦନ କରାଯାଇଥିଲା। ଏହି ସମୀକ୍ଷା ବୈଠକରେ ଜିଲା କ୍ରୀଡା ଅଧିକାରୀ ଲୋକନାଥ ମିଶ୍ର, ଆସୋସିଏଶନ କର୍ମକର୍ତ୍ତା ମହମ୍ମଦ ନଇମ, ନିରଞ୍ଜନ କର, ବରଦାକାନ୍ତ ବରାଳ, ରଶ୍ମିରଞ୍ଜନ ସିଂହ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ପାଟକୁରା ନିର୍ବାଚନମଣ୍ଡଳୀ ରାଜନୀତି ସରଗରମ

## ଗରଦପୁରରେ ବିଜେଡି ନେତା, କର୍ମୀଙ୍କ ଇସ୍ତଫା, ଡେରାବିଶକୁ ବିଧାୟକଙ୍କ ଗସ୍ତ

ଡେରାବିଶ,୧୨ା୪ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ପାଟକୁରା ନିର୍ବାଚନମଣ୍ଡଳୀର ଦିନକରେ ଗରଦପୁର ବ୍ଲକର ପଞ୍ଚାୟତସ୍ତରୀୟ ବିଜେଡି ନେତା କର୍ମୀମାନେ ବିଜେଡିରୁ ସମୂହ ଦେଇଥିବା ବେଳେ ଡେରାବିଶ ବ୍ଲକ ଅଞ୍ଚଳକୁ ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ରବିବାର ଗସ୍ତକୁ ନେଇ ରାଜନୀତି ସରଗରମ ହୋଇଛି। ସନ୍ଧ୍ୟାରେ ବ୍ଲକ ଅଧୀନ ନହଙ୍ଗ ପଞ୍ଚାୟତ ପଲ୍ଲୀରଘୁନାଥପୁରଠାରେ ଅନୁଷ୍ଠିତ ଯଜ୍ଞାନୁଷ୍ଠାନରେ ଯୋଗଦେବାକୁ ବିଧାୟକ ଆସିଥିଲେ। ତେବେ ଏହି ପଞ୍ଚାୟତର ସନ୍ତପୁରାରୁ ଶତାଧିକ ବିଜେଡି କର୍ମୀ ବିଧାୟକଙ୍କୁ ସମ୍ବର୍ଦ୍ଧନା ଦେବା ସହ ବିଶାଳ ବାଇକ୍ ଶୋଭାଯାତ୍ରାରେ ଯଜ୍ଞାନୁଷ୍ଠାନ ସ୍ଥଳକୁ ପାଛୋଟି ନେଇଥିଲେ।

ବିଧାୟକ ମହାପାତ୍ରଙ୍କ ଦଳରୁ ନିଲମ୍ବନ ପରେ ପାଟକୁରାରେ ରାଜନୈତିକ ସରଗରମ ଦୀର୍ଘ ୩ମାସ ହେବ ଅନୁଭୂତ ହୋଇଛି। ଜାନୁଆରୀ ୧୫ ରେ ଦଳ ବିରୋଧୀ କାର୍ଯ୍ୟ ପାଇଁ ଦଳୀୟ ସୁପ୍ରିମୋ ନବୀନ ପଟ୍ଟନାୟକ ଅରବିନ୍ଦଙ୍କୁ ନିଲମ୍ବନ କରିଥିଲେ। ଏହାର ପ୍ରତିବାଦରେ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଡେରାବିଶ, ଗରଦପୁର ଓ ମାର୍ଶାଘାଇ ବ୍ଲକର ୫୧ ପଞ୍ଚାୟତରୁ ଦଳୀୟ କର୍ମୀମାନେ ପାଟକୁରାରୁ ଭୁବନେଶ୍ୱର ଯାଏ ପ୍ରତିବାଦର ସ୍ୱର ଉଠାଇଥିଲେ। କାହିଁକି ନିଲମ୍ବନ କରାଗଲା କାରଣ ଦର୍ଶାଇବା ସହ ତୁରନ୍ତ ନିଲମ୍ବନ ପ୍ରତ୍ୟାହାର ପାଇଁ ବିଧାୟକଙ୍କ ସମର୍ଥକମାନେ ଦାବି କରି ଆସୁଛନ୍ତି। ପୂର୍ବାହ୍ନରେ ଗରଦପୁର ବ୍ଲକ ଅଧୀନ ୧୮ ପଞ୍ଚାୟତର ବହୁସଂଖ୍ୟାରେ ଜନପ୍ରତିନିଧି ଓ କର୍ମୀ ସାମୂହିକ ଭାବେ ବିଜେଡିରୁ ଇସ୍ତଫା ଦଳୀୟ ସୁପ୍ରିମୋ ନବୀନଙ୍କୁ ପ୍ରଦାନ କରିଛନ୍ତି। ବିଧାୟକଙ୍କ ଗସ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ସରୋଜକାନ୍ତ ନାୟକ, ମହେନ୍ଦ୍ର କୁମାର ସିଂହ, ମନୋରଞ୍ଜନ ଉପାଧ୍ୟାୟ, ସମିତିସଭ୍ୟ ନିରଞ୍ଜନ କର ଓ କୃଷ୍ଣଚନ୍ଦ୍ର ସାହୁ, ସରପଞ୍ଚ ସୁଧୀର କୁମାର ଖଟୁଆ, କାଶୀନାଥ କାଣ୍ଡି, ସତ୍ୟରଞ୍ଜନ ସାମଲ, ସରଳରେଖା ସାହୁ ପ୍ରମୁଖ ଶତାଧିକ ଦଳୀୟ କର୍ମୀ ସାମିଲ ହୋଇଥିଲେ।



ଡେରାବିଶ ବ୍ଲକରେ ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ସ୍ୱାଗତ କରାଯାଉଛି।

# କ୍ରୀଡ଼ା ମାଧ୍ୟମରେ ଶାରୀରିକ, ମାନସିକ ବିକାଶ ହେବ



ପ୍ରତିଯୋଗିତାରେ ଅତିଥିଙ୍କ ଗହଣରେ ଖେଳାଳି।

କେନ୍ଦ୍ରାପଡ଼ା, ୧୨ା୪ (ଜଗନ୍ନାଥ ଧଳ)

## ମୁଖ୍ୟମନ୍ତ୍ରୀ ଟ୍ରଫି ପାଇଁ କବାଡ଼ି, ଭଲିବଲ ପ୍ରତିଯୋଗିତା

କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡିଆରେ ମୁଖ୍ୟମନ୍ତ୍ରୀ ଟ୍ରଫି ପାଇଁ କବାଡି ଓ ଭଲିବଲର ଦୁଇଦିନିଆ ପ୍ରତିଯୋଗିତା ଜିଲା ପ୍ରଶାସନ ପକ୍ଷରୁ ରବିବାର ଆରମ୍ଭ ହୋଇଛି। ଏହାକୁ ଜିଲାପାଳ ରଘୁରାମ ଆର. ଆୟାର ଉଦ୍‌ଘାଟନ କରିଛନ୍ତି। ଏଥିରେ ୧୪ ବର୍ଷରୁ କମ ବୟସ୍କ ଖେଳାଳି ଭାଗ ନେଇଛନ୍ତି। ଜିଲାସ୍ତରର ବିଭିନ୍ନ କ୍ଲବ ଓ ଶିକ୍ଷାନୁଷ୍ଠାନ ଭାଗ ନେଇଥିବା ବେଳେ କୃତୀ ପ୍ରତିଭା ରାଜ୍ୟସ୍ତରରେ ଭାଗ ନେବେ। ଜିଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ପ୍ରତିଯୋଗିତା ଆରମ୍ଭରେ ଏକ ସଭା ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଜିଲାପାଳ ଆୟାର, ସମ୍ମାନିତ ଅତିଥି ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନା, ଜିଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, କ୍ରୀଡ଼ା ଶିକ୍ଷକ ଜ୍ୟୋତିର୍ମୟ ଦାସ ପ୍ରମୁଖ ଯୋଗଦେଇ ଯୁବ ପ୍ରତିଭାଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ା ମାଧ୍ୟମରେ କୌଶଳ, ଶାରୀରିକ ଓ ମାନସିକ ବିକାଶ ହୋଇପାରିବ ବୋଲି ଅତିଥିମାନେ ଗୁରୁତ୍ୱ ଦେଇଥିଲେ।

# ସୁବାସଙ୍କ ସାମ୍ବାଦିକତା ପ୍ରେରଣାଦାୟୀ

ରାଜକନିକା, ୧୨ା୪(ସଞ୍ଜୟ କୁମାର ଦାଶ)

ଖବରଦାତା ସୁବାସ ଚନ୍ଦ୍ର ବାରିକଙ୍କ ସାମ୍ବାଦିକତା ବେଶ୍ ପ୍ରେରଣାଦାୟୀ ବୋଲି ରବିବାର ତାଙ୍କ ଏକାଦଶାହ ସ୍ମୃତିଚାରଣ ସଭାରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। କନିକା ପ୍ରେସ୍ କ୍ଲବର ସଦସ୍ୟ ସୁକାନ୍ତ ଦାଶଙ୍କ ସଂଯୋଜନା ଓ ଉପଦେଷ୍ଟା ନଳିନୀକାନ୍ତ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସୁବାସଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ରାଜକନିକା ବ୍ଲକ ଅଧ୍ୟକ୍ଷା ମିନତି ରାଉତ, ମାନସ ପଣ୍ଡା, ରମାକାନ୍ତ ମଲ୍ଲିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସେହିପରି କନିକା ପ୍ରେସ୍ କ୍ଲବର ସଞ୍ଜୟ କୁମାର ଦାଶ, ପ୍ରବୀଣ ବଳ, ଅଜୟ ରାଉତ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସୁବାସଙ୍କ ଜନ୍ମସ୍ଥାନ ମୁରାଦପୁରରେ ଆୟୋଜିତ ସ୍ମୃତିସଭାରେ 'ସୁବାସିତ ସୁବାସ' ସ୍ମରଣିକା ଉନ୍ମୋଚନ ସହ ଚାରା ରୋପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜ୍ୱାଇଁ ସୋନାଚାନ୍ଦ ପ୍ରଧାନ, ଝିଅ ଶୁଭଚିନ୍ତିକା, କ୍ଷୀରାବ୍ଧି ତନୟା, ପୁଅ ସ୍ୱୟଂ ସମ୍ପୂର୍ଣ୍ଣଙ୍କ ସହ ପରିବାର, ଗ୍ରାମବାସୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଶିକ୍ଷା-ସେବାର ପ୍ରେରଣାଦାୟୀ ବ୍ୟକ୍ତିତ୍ୱ ଥିଲେ ଚନ୍ଦ୍ରମଣି ସାର

ମାର୍ଶାଘାଇ, ୧୨ା୪ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ )

ଶିକ୍ଷା-ସେବାର ପ୍ରତିଭୂ ଥିଲେ ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଚନ୍ଦ୍ରମଣି ସାହୁ। ଚନ୍ଦ୍ରମଣି ସାରଙ୍କ ଦ୍ୱାଦଶାହରେ ମାର୍ଶାଘାଇଠାରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତିଚାରଣ ସଭାରେ ପ୍ରଥମେ ଅତିଥିମାନେ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରି ନୀରବ ପ୍ରାର୍ଥନା କରିଥିଲେ। ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଯୁବନେତା ସଞ୍ଜୟ ଲେଙ୍କା, ସରପଞ୍ଚ ମଧୁସ୍ମିତା ଦାସ, ସମିତିସଭ୍ୟା ଭାରତୀ କାନୁନଗୋ, ଶିକ୍ଷାବିତ୍ ନଗେନ୍ଦ୍ରନାଥ ବରାଳ ପ୍ରମୁଖ ଯୋଗଦେଇ ସାହୁଙ୍କ ବହୁମୁଖୀ ବ୍ୟକ୍ତିତ୍ୱ ଉପରେ ଗୁରୁତ୍ୱାରୋପ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରିଶେଷରେ ବଡପୁଅ ପ୍ରସନ୍ନ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ସାହିତ୍ୟ ଆଲୋଚନାଚକ୍ର, କବିତା ପାଠୋତ୍ସବ

ରାଜକନିକା, ୧୨ା୪(ସଞ୍ଜୟ କୁମାର ଦାଶ)

ସରସ୍ୱତୀ ଦାମୋଦର ସାହିତ୍ୟ ସଂସଦ ପକ୍ଷରୁ ଉତ୍କଳର ବରପୁତ୍ର କବିରତ୍ନ ସରସ୍ୱତୀ ଦାମୋଦର ମିଶ୍ରଙ୍କ ୧୫୪ତମ ଜୟନ୍ତୀ ଅବସରରେ ସାହିତ୍ୟ ଆଲୋଚନା ଚକ୍ର ଓ କବିତା ପାଠୋତ୍ସବ ରବିବାର ସ୍ଥାନୀୟ କାଳିକାପୁରସ୍ଥିତ ଜରିସାହି ନୋଡ଼ାଲ ଉ.ପ୍ରା. ବିଦ୍ୟାଳୟର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଚିଦମ୍ବର ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଥମ ଅଧିବେଶନ ଆରମ୍ଭ ପୂର୍ବରୁ ବିଶିଷ୍ଟ କବି ବ୍ରଜକିଶୋର ଦାଶ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଗୌରବର ସମ୍ପାଦକ ସଙ୍କର୍ଷଣ ଦାଶ, ମୁଖ୍ୟବକ୍ତା ଭାବେ ପରାଗର ସମ୍ପାଦକ ବନମାଳୀ ସେନାପତି ଯୋଗଦେଇଥିଲେ। ସେହିପରି ଅନୁଷ୍ଠାନର ସ୍ଥାୟୀ ସଭାପତି ପ୍ୟାରୀ ମୋହନ ସ୍ୱାଇଁଙ୍କ ସଭାପତିତ୍ୱରେ ଦ୍ୱିତୀୟ ଅଧିବେଶନରେ ଆଲୋଚକ ଭାବେ ବରିଷ୍ଠ ଲେଖିକା ଡ. ପ୍ରତିମାରାଣୀ ମିଶ୍ର ଷଡଙ୍ଗୀ, ଉତ୍କଳିକାର ସମ୍ପାଦକ ଡ. ବିଜୟ ଚନ୍ଦ୍ର ମହାରଣା, କାଞ୍ଚନମାଳିର ସମ୍ପାଦକ ହରମୋହନ କୁଅଁର ଯୋଗଦେଇ ସରସ୍ୱତୀ ଦାମୋଦରଙ୍କ ରଚନାରେ ସାମାଜିକ ଦର୍ଶନ ଉପରେ ଆଲୋଚନା କରିଥିଲେ। ଇତ୍ୟବସରରେ



ଆଲୋଚନାଚକ୍ରରେ ମଞ୍ଚାସୀନ ସାହିତ୍ୟିକମାନେ।

୩୦ କବି ସ୍ୱରଚିତ କବିତା ପାଠ କରିଥିଲେ। ସଂସଦର ମୁଖପତ୍ର 'ସାଧବ ପୁଅ' ସହିତ କବିରତ୍ନଙ୍କ ରଚିତ ସଙ୍ଗୀତ ସୁଧାକର, ନୀତିପେଟିକା ଓ ମଣି ଚଉତିଶା ଖଗେଶ୍ୱର ପଢ଼ିହାରୀଙ୍କ ସମ୍ପାଦିତ ହେ ଅମୃତସ୍ୟପୁତ୍ର, ତନ୍ମୟ ମିଶ୍ରଙ୍କ ରଚିତ ଗୀତଗାଇବା ମନ ମୋହିବା ଆଦି ଲୋକାର୍ପଣ କରାଯାଇଥିଲା। କବିରତ୍ନ ଦାମୋଦରଙ୍କର ତୈଳଚିତ୍ର ଉନ୍ମୋଚିତ ହେବା ସହିତ ଏଥିରେ ସଂସ୍କୃତ ମେଧା ପରୀକ୍ଷାରେ ଉତ୍ତୀର୍ଣ୍ଣ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ ସହିତ ସାହିତ୍ୟିକ ତ୍ରିଲୋଚନ ମଥାନଙ୍କୁ ପଣ୍ଡିତ ପୀତାମ୍ବର ମିଶ୍ର ସ୍ମୃତି ପ୍ରତିଭା ସମ୍ମାନ, କବି ବାସନ୍ତୀ ଦାସଙ୍କୁ ପୂର୍ଣ୍ଣିମା ଦେବୀ ସ୍ମୃତି ପ୍ରତିଭା ସମ୍ମାନ, କଳାକାର ପ୍ରଶାନ୍ତ ରାଉତଙ୍କୁ ସରସ୍ୱତୀ ଦାମୋଦର ସ୍ମୃତି ପ୍ରତିଭା ସମ୍ମାନ, ଡ. ପ୍ରତିମାରାଣୀ ମିଶ୍ରଙ୍କୁ ଚାରୁଲତା ଦେବୀ ସ୍ମୃତି ପ୍ରତିଭା ସମ୍ମାନ, ଡ. ବିଜୟ ଚନ୍ଦ୍ର ମହାରଣାଙ୍କୁ କବି ଦିଗମ୍ବର ମିଶ୍ର ସ୍ମୃତି ପ୍ରତିଭା ସମ୍ମାନ, କବି ହରମୋହନ କୁଅଁରଙ୍କୁ ମୃତ୍ୟୁଞ୍ଜୟ କବିରତ୍ନ ସ୍ମୃତି ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଦାମୋଦରଙ୍କ ସ୍ମୃତି କବିତା ନିମନ୍ତେ କବି ଅରବିନ୍ଦ ସ୍ୱାଇଁ, କବି ସୁବାସ ଚନ୍ଦ୍ର ସାହାଣୀ, କବି ଭାସ୍କର ଚନ୍ଦ୍ର ଦାସ ତଥା କବି ମନୋଜ ଭଳଙ୍କୁ ସରସ୍ୱତୀ ଦାମୋଦର ସ୍ମୃତି କବିତା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସୁଶ୍ରୀ ବିନିତା ବେହେରା ଓ ସୁଶ୍ରୀ ବିଜୟାଲକ୍ଷ୍ମୀ ପଣ୍ଡାଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଶଣ ହେବା ସହ ସମ୍ପାଦକ ଖଗେଶ୍ୱର ପଢ଼ିହାରୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ତନ୍ମୟ ମିଶ୍ର ଅତିଥି ପରିଚୟ ଓ ପ୍ରସନ୍ନ ଧଳ ଧନ୍ୟବାଦ ଦେଇଥିବା ବେଳେ, ବେଦଦ୍ୟୁତି ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମିଳିପାରେ ରାଜ ସିଂହାସନ ଆଉ ଫେରିବନି ଛାତ୍ର ଜୀବନ

ପଟ୍ଟାମୁଣ୍ଡାଇ, ୧୨ା୪ (କଳ୍ପତରୁ ନାୟକ)

## ଖଡ଼ିଅଣ୍ଟା ହାଇସ୍କୁଲରେ ଗୁରୁ ପୂଜନ, ବନ୍ଧୁମିଳନ

ମିଳି ପାରେ ରାଜ ସିଂହାସନ ଆଉ ଫେରି ପାଇବନି ଛାତ୍ର ଜୀବନ। ଏଭଳି ଉକ୍ତି ଦେଇ ପଟ୍ଟାମୁଣ୍ଡାଇ ବ୍ଲକ ଖଡ଼ିଅଣ୍ଟା ହାଇସ୍କୁଲର ୨୦୦୭ ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ର ରବିବାର ଗୁରୁପୂଜନ ଓ ବନ୍ଧୁମିଳନ ଉତ୍ସବ ପାଳନ କରିଛନ୍ତି। ସେମାନେ ୧୯ବର୍ଷ ପରେ ନିଜ ବିଦ୍ୟାଳୟରେ ଏକାଠି ହୋଇ ଏହି ଉତ୍ସବ ଆୟୋଜନ କରିଥିଲେ। ପୁରାତନ ଛାତ୍ରୀଛାତ୍ର ବିଦ୍ୟାଳୟରେ ପାଦ ଦେଉ ଦେଉ ଆଖିର ଅମାନିଆ ଲୁହକୁ ଆଉ ଅଟକାଇ ପାରି ନ ଥିଲେ। ଯେଉଁ ଶ୍ରେଣୀ ଗୃହରେ ସେମାନେ ବସି ପାଠ ପଢୁଥିଲେ ସେହିଭଳି ଅତୀତର ସ୍ମୃତିକୁ ମନେ ପକାଇ ଗୁରୁମାନଙ୍କ ଆଗରେ ବସାଇ ତାଙ୍କ ପାଦପୂଜା କରିଥିଲେ। ଏହି ଗୁରୁପୂଜନ ଉତ୍ସବରେ ଛାତ୍ରୀଛାତ୍ରମାନେ ଗୁରୁ ପୂର୍ବତନ ଶିକ୍ଷକ ପଣ୍ଡିତ ତୈଲୋକ୍ୟ ମିଶ୍ର, ସର୍ବେଶ୍ୱର ଜେନା, ଅଭୟ ଜେନା, ଗୋଲେଖ ଜେନା, ବିଦ୍ୟାଧର ମହାନ୍ତି, ପୀତାମ୍ବର ପ୍ରଧାନ, ମଧୁସୂଦନ ଦାଶ, ରବୀନ୍ଦ୍ର ଦାସ ପ୍ରମୁଖଙ୍କୁ ପାଦ ଧୋଇ ଦେଇ ସିନ୍ଦୁର, ଚନ୍ଦନ ଲଗାଇବା ସହିତ ଉତ୍ତରୀୟ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଆଶିଷ ଦାସ, ଶିକ୍ଷୟିତ୍ରୀ ସସ୍ମିତା ସାହୁ, ରିତେଶ ଦାସ ଓ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ସୁଚିତ୍ରା ସାହାଣୀ, ଉତ୍କଳିକା ନାୟକ, କଳ୍ପନା ମଲ୍ଲି, ସସ୍ମିତା ବାରିକ, ସୌମ୍ୟରଞ୍ଜନ ମହାନ୍ତି, ଚିରଞ୍ଜିବି ସାମଲ, ସଂଗ୍ରାମ ପରିଡାଙ୍କ ସମେତ ୭୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ସ୍କୁଲ ଜୀବନର ସ୍ମୃତି ଚାରଣ କରିଥିଲେ। ଏଥିସହ ସାମାଜିକ ପରିଚୟ ଓ ପ୍ରତିଷ୍ଠା ଦେଇଥିବା ଏହି ମହାନ ଶିକ୍ଷାନୁଷ୍ଠାନ ବିକାଶ ପାଇଁ ଉପସ୍ଥିତ ସମସ୍ତ ଛାତ୍ରୀଛାତ୍ର ଶପଥ ନେଇଥିଲେ। ପୁରାତନ ଛାତ୍ର ପ୍ରଶାନ୍ତ ନାୟକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପୁରାତନ ଛାତ୍ରୀ ସ୍ୱାଗତିକା ଦାଶ ସ୍ୱାଗତ ଭାଷଣ ଓ ଶୁଚିସ୍ମିତା ସାହାଣୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ସସ୍ମିତା ସାହୁ ଧନ୍ୟବାଦ ଦେଇଥିଲେ।



ଉତ୍ସବରେ ଯୋଗଦେଇଥିବା ଅତିଥି।

# ପଟ୍ଟାମୁଣ୍ଡାଇ କଲେଜ ୧୯୯୩ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ



ପଟ୍ଟାମୁଣ୍ଡାଇ, ୧୨ା୪ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ କଲେଜ ୧୯୯୩ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ତଥା ଅଧ୍ୟାପକ ନୃସିଂହ ଚରଣ ସ୍ୱାଇଁଙ୍କ ପୌରୋହିତ୍ୟରେ କଲେଜ ପ୍ରେକ୍ଷାଳୟରେ ଅନୁଷ୍ଠିତ ବନ୍ଧୁମିଳନ ଉତ୍ସବରେ ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ର, ମୁଖ୍ୟ ଅତିଥି ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଡ ରମେଶ କୁମାର ସାହୁ, କଲେଜ ଆଲୁମୋନି ଆସୋସିଏଶନ୍ ସଭାପତି ରଶ୍ମି ରଞ୍ଜନ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବକୁ ପ୍ରୋତ୍ସାହିତ କରିଥିଲେ। ଉତ୍ସବରେ ଜୋତିର୍ମୟ ତ୍ରିପାଠୀ, ଶୁଭଦୀପ ଗୁପ୍ତା, ବସନ୍ତ ନାୟକ, ପ୍ରସନଜିତ ସାମନ୍ତରାୟ, ପ୍ରଶାନ୍ତ ମହାପାତ୍ର, ତପନ ପାତ୍ର, ଅନ୍ତର୍ଯ୍ୟାମୀ ବେଜ, ମୃତ୍ୟୁଞ୍ଜୟ ପଣ୍ଡା, ତୁଳସୀ ଚୌଧୁରୀ, ବସନ୍ତ ମଞ୍ଜରୀ ଦାସ, ଅନିତା ମହାନ୍ତି ପ୍ରମୁଖ ଛାତ୍ରୀଛାତ୍ର ଯୋଗଦେଇ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିବା ସହିତ ପାଠପଢା ସମୟର ସ୍ମୃତି ମନେ ପକାଇଥିଲେ। ଉପେନ୍ଦ୍ର କୁମାର ନାୟକ ଧନ୍ୟବାଦ ଦେଇଥିଲେ। ଅପରାହ୍ନରେ ପ୍ରଫୁଲ୍ଲ ଦାଶ ଓ ନିମାଇଁ ଦାଶଙ୍କ ସଂଯୋଜନାରେ ନାଚ ଓ ଗୀତ ପରିବେଷଣ କରାଯାଇଥିଲା।

# ନାବାଳିକାଙ୍କୁ ଅପହରଣ ଅଭିଯୋଗ

ରାଜନଗର,୧୨ା୪ (ଭାସ୍କର ରାଉତରାୟ)

ରାଜନଗର ଥାନା ଅଞ୍ଚଳର ଜଣେ ୧୬ ବର୍ଷିଆ ନାବାଳିକାଙ୍କୁ ଅପହରଣ କରାଯାଇଥିବା ରବିବାର ଅଭିଯୋଗ ହୋଇଛି। ଶନିବାର ସନ୍ଧ୍ୟା ୬ଟାରେ ନାବାଳିକା ଗାଁ ମନ୍ଦିରକୁ ପୂଜା କରିବାକୁ ଯାଇଥିଲେ। ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ଝିଅକୁ ପାଇ ନ ଥିଲେ। ଜଣେ ଯୁବକ ନାବାଳିକାଙ୍କୁ ବାଇକ୍ ଯୋଗେ ଅପହରଣ କରିନେଇଥିବା ତାଙ୍କ ବାପା ଅଭିଯୋଗ କରିଛନ୍ତି।

# ଓଡ଼ିଆ ଅସ୍ମିତାର ଉତ୍‌ଥାନ ପାଇଁ ବରପୁତ୍ରଙ୍କ ଉଦ୍ୟମ ଚିରସ୍ମରଣୀୟ

କେନ୍ଦ୍ରାପଡ଼ା, ୧୨ା୪ (ଜଗନ୍ନାଥ ଧଳ)

ଓଡ଼ିଆ ଶବ୍ଦ କେବଳ ଭାଷା ମଧ୍ୟରେ ସୀମିତ ନୁହେଁ। ଓଡ଼ିଆ ଅସ୍ମିତାର ଉତ୍‌ଥାନ ପାଇଁ ବହୁ ବରପୁତ୍ରଙ୍କ ଉଦ୍ୟମ ଓ ଅବଦାନ ଚିରସ୍ମରଣୀୟ। ପ୍ରାକ୍ ସ୍ୱାଧୀନତା କାଳ ଓ ୧୯୩୬ରେ ଓଡ଼ିଶା ରାଜ୍ୟ ଗଠନ ପାଇଁ ସେମାନଙ୍କ ଅଦ୍ୟମ ଉତ୍ସାହ ଓ ଆଗ୍ରହ ସହ ପରିଶ୍ରମକୁ ଏବେ ମନେ ପକାଇବା ପାଇଁ ସମୟ ଆସିଛି। ସୁବାସ ଚନ୍ଦ୍ର ବୋଷ, ବୀର ସୁରେନ୍ଦ୍ର ସାଏ, ବକ୍ସିଜଗବନ୍ଧୁ, ଜୟୀ ରାଜଗୁରୁ, ଲକ୍ଷ୍ମଣ ନାୟକଙ୍କ ପରି ବରପୁତ୍ର ଏହି ଓଡ଼ିଶାର ଭୂମିପୁତ୍ର। ସେହିପରି ରାଜ୍ୟ ରାଜନୀତିରେ ଧୂରୀଣ ବ୍ୟକ୍ତିତ୍ୱ ମଧୁସୂଦନ ଦାସ, ଗୋପବନ୍ଧୁ ଦାସ, ରମାଦେବୀ ଚୌଧୁରୀ, ସାହିତ୍ୟ କ୍ଷେତ୍ରରେ ଫକୀରମୋହନ ସେନାପତି, ଭୀମ ଭୋଇ, ଇତିହାସ ପୃଷ୍ଠାରେ ଲିପିବଦ୍ଧ ଖାରବେଳ, କପିଳେନ୍ଦ୍ର ଦେବ, ଆଦିବାସୀ ନେତା ଚକରା ବିଶୋଇ, ରିଣ୍ଡୋ ମାଝୀ ଆଦି ଆମର ଚିର ନମସ୍ୟ। ତାଙ୍କର ଅବଦାନ ଅତୁଳନୀୟ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାୟୋଜିତ ଓଡ଼ିଆ ପକ୍ଷର ବନ୍ଦନୀୟ ବରପୁତ୍ର ଦିବସରେ ଅତିଥିମାନେ ରବିବାର ମତ ରଖିଛନ୍ତି। ଏହି ଦିବସ ପାଳନ ପାଇଁ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ସହର ନିକଟ ଉଦୟନଗରସ୍ଥ ସଂସ୍କୃତି ଭବନଠାରେ ପୂର୍ବାହ୍ନରେ ସଭା ଆୟୋଜିତ ହୋଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଫକୀର ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନା ଯୋଗ ଦେଇଥିଲେ। ଡ. ବାସୁଦେବ ଦାସ, ଗବେଷକ ନିରଞ୍ଜନ ମେକାପ, ସାହିତ୍ୟିକ ଶୁଭ୍ରାଂଶୁ କୁମାର ଦାସ, କବି ସଞ୍ଜୟ କୁମାର ମଲ୍ଲିକ, ଶିକ୍ଷାବିତ୍ ସ୍ୱପ୍ନାଂଶୁ କୁମାର ଦାସ ସମ୍ମାନୀୟ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଓଡ଼ିଆ ସଂସ୍କୃତି, ଐତିହ୍ୟ ଓ ବରପୁତ୍ରଙ୍କ ଅବଦାନ ସମ୍ପର୍କରେ ମତ ରଖିଥିଲେ। ସଭା ପରେ ନିକୁଞ୍ଜ ବିହାରୀ ପୃଷ୍ଟି ଓ ସଞ୍ଜୟ କୁମାର ମଥାନଙ୍କ ସଂଯୋଜନାରେ ୫୦ରୁ ଉର୍ଦ୍ଧ୍ୱ କବି, କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂହ ପରିଚାଳନା କରିଥିଲେ।

# ଓଡ଼ଗାଁରେ ବ୍ୟାପୁଛି ହାଡ଼ଫୁଟି

## ଦେଶୀ ଚିକିତ୍ସା, ଗୁଣିଗାରେଡ଼ି ଉପରେ ଭରସା କରୁଛନ୍ତି ଲୋକେ

ଓଡଗାଁ, ୧୨।୪(ନାରାୟଣ ପାଣିଗ୍ରାହୀ)



ଏବେବି ଅନେକ ଲୋକ ଅନ୍ଧ ବିଶ୍ୱାସରେ ପଡି ଗୁଣିଗାରେ ଉପରେ ଭରସା କରୁଛନ୍ତି। ଦେହଖରାପ ହେଉ କିମ୍ବା ଝାଡାବାନ୍ତି ଓ ହାଡଫୁଟି ହେଲେ ଲୋକମାନେ ଝଡଫୁଙ୍କା କରିବା ସହିତ ଦେଶୀଚିକିତ୍ସା କରୁଛନ୍ତି। ଓଡ଼ଗାଁ ହାଡ଼ଫୁଟି ଏବେ ଲୋକମାନଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି।

ସୁଚନା ଅନୁଯାୟୀ, ଓଡ଼ଗାଁ ବ୍ଲକ କୁରାଳ, ସୁନାମୁହିଁ, ଗିରି ଓ ପାଣ୍ଡେରିପଡ଼ା ପଞ୍ଚାୟତର ଅନେକ ଗାଁରେ ଏହା ବ୍ୟାପୀବାରେ ଲାଗିଛି। ବିଶେଷ କରି ଛୋଟଛୁଆଙ୍କଠାରୁ ଆରମ୍ଭକରି ଯୁବକମାନଙ୍କ ଦେହରେ ଏହି ହାଡଫୁଟି ଲକ୍ଷଣ ଦେଖାଦେଇଛି। ଫଳରେ ଲୋକେ ଆତଙ୍କିତ ହୋଇ ପଡିଛନ୍ତି। ହାଡଫୁଟି ହେବାଦ୍ୱାରା ଗୋଡ ବିନ୍ଧା ଛିଟିକା ହୋଇ ଦୁର୍ବଳ ଲାଗୁଛି। ଦିନେ କି ଦୁଇଦିନ ନୁହଁ, ଏହି ରୋଗ ୧୫ଦିନ ଧରି ଅଧିକ କଷ୍ଟ ଦେଉଥିବାବେଳେ ଛୁଆ ଦେହରୁ ରୋଗ ଭଲ କରିବାକୁ ପରିବାର ଲୋକେ ଦେହରେ ଠାକୁର ଥିବା କହି ଅନ୍ଧ ବିଶ୍ୱାସରେ ପଡୁଛନ୍ତି। ଏହି ରୋଗ କିପରି ଯିବ ସେଥିପାଇଁ ଠାକୁରଙ୍କ ପାଖରେ ବିଭିନ୍ନ ମାନସିକ ମଧ୍ୟ କରୁଛନ୍ତି। ଆଉ କିଏ କିଏ କୁକୁଡା ବଳି ଦେବାକୁ ମଧ୍ୟ ମାନସିକ କରୁଛନ୍ତି। ଏହି ଦେଶୀ ଚିକିତ୍ସା ଦ୍ୱାରା ପରିବାର ଲୋକେ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି, ତାହା ନୁହଁ ରୋଗ ଭଲ ହେବାର ନା ଧରୁନି। ଏପଟେ ରୋଗ ନିରାକରଣ ପାଇଁ ବିଶେଷଜ୍ଞ ପରାମର୍ଶ ଅତ୍ୟନ୍ତ ଜରୁରୀ ବୋଲି କୁହାଯାଉଛି। ଏହି ପଞ୍ଚାୟତରେ ଦଳ ପହଞ୍ଚି ହାଡ଼ଫୁଟିର ନିରାକରଣ ପାଇଁ ସଚେତନ କରିବା ସହିତ ଔଷଧ ପ୍ରଦାନ କରିବା ଜରୁରୀ ହୋଇପଡୁଛି। ଏବେବି ଅନେକ ଲୋକ ଝଡାଫୁଙ୍କା ଉପରେ ବିଶ୍ୱାସ କରୁଥିବା ବେଳେ ରୋଗର ନିରାକରଣ ପାଇଁ ସରକାର ପ୍ରତିଘରେ ଟୀକାକରଣ ଯୋଜନା କାର୍ଯ୍ୟକାରୀ କରିଥିଲେ ମଧ୍ୟ ତାହା ସଫଳ ହୋଇନଥିବା ଏଥିରୁ ସ୍ପଷ୍ଟ ବାରି ହୋଇପଡୁଛି।

# ମହାବୀର ସେବା ସଂଗଠନ ଗଠିତ



ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା ।

ଭାପୁର, ୧୨।୪(ପ୍ରଭାତ ବରାଡ)

ନୟାଗଡ଼ ଜିଲା ଭାପୁର ବ୍ଲକରେ ଗରିବ ଅସହାୟ ଜନସାଧାରଣଙ୍କୁ ସାହାଯ୍ୟ ସହଯୋଗ କରିବା ପାଇଁ କେତେକ ସାମାଜିକ କର୍ମୀଙ୍କୁ ନେଇ ରବିବାର ମଧ୍ୟାହ୍ନରେ ସଂଘ ଗଠନ କରାଯାଇଥିଲା। ଭାପୁର ବାଇପାସ୍ ନିକଟସ୍ଥ ହନୁମାନ ମନ୍ଦିର ପରିସରରେ ଏହି ସେବାସଂଘର ସଂଗଠନ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାପୁର ବ୍ଲକର ୩୦ରୁ ଉର୍ଦ୍ଧ୍ୱ ସାମାଜିକ କର୍ମୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସମସ୍ତଙ୍କ ସମ୍ମତିକ୍ରମେ ଯୁବ ଆଇନଜୀବୀ ପ୍ରଦୀପ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳନା ହୋଇଥିଲା। ଗରିବ ଅସହାୟ ଜନସାଧାରଣଙ୍କୁ ସାହାଯ୍ୟ ସହଯୋଗ କରିବା, ରକ୍ତଦାନ ଶିବିର, ବିଭିନ୍ନ ସାମାଜିକ ମଙ୍ଗଳ କାର୍ଯ୍ୟ କରିବା ନେଇ ବ୍ଲକସ୍ତରୀୟ ସଂଗଠନର ଆବଶ୍ୟକତା ଲକ୍ଷ୍ୟ କରି ଭାପୁର ବ୍ଲକରେ ଏକ ସଂଘ ଗଠନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ନୂତନ ସଂଘର ନାମକରଣ "ମହାବୀର ସେବା ସଂଗଠନ"ରଖିବା ପାଇଁ ନିଷ୍ପତ୍ତି ହୋଇଥିଲା।

ବୈଠକରେ ସଂଗଠନ ସଭାପତି ସଂଗ୍ରାମ ନାଥ ଶର୍ମା ମନୋନୀତ ହୋଇଥିବା ବେଳେ ଆଗାମୀ ବୈଠକରେ ଅନ୍ୟ କର୍ମକର୍ତ୍ତା ଚୟନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଉକ୍ତ ବୈଠକରେ ଭାପୁର, ଚକ୍ରଧର ପ୍ରସାଦ, ନିମାଣୀ ଓ ଗୋଲାପୋଖରୀ ପଞ୍ଚାୟତର ସାମାଜିକ କର୍ମୀ ଯୋଗଦେଇଥିବା ବେଳେ ଆଗାମୀ ବୈଠକରେ ଭାପୁର ବ୍ଲକର ୨୦ ପଞ୍ଚାୟତ ଯୁବକମାନଙ୍କୁ ସାମିଲ କରାଯିବ ବୋଲି ଆଲୋଚନା ହୋଇଥିଲା। ରାଜନୀତିଠାରୁ ଉର୍ଦ୍ଧ୍ୱରେ ରହି ଗୋସେବା, ଗରିବ ଅସହାୟଲୋକଙ୍କୁ ସାହାଯ୍ୟ ସହଯୋଗ କରିବା, ରୋଗୀଙ୍କୁ ମେଡ଼ିକାଲ ନେଇ ଚିକିତ୍ସା କରିବା, ରକ୍ତଦାନ ଶିବିର ଆୟୋଜନ କରିବା ଆଦି ସେବା ମନୋବୃତ୍ତି ନେଇ କାର୍ଯ୍ୟ କରିବା ପାଇଁ ଆଲୋଚନା ହୋଇଥିଲା। ବୈଠକରେ ବରିଷ୍ଠ ଖବରଦାତା ଶୁଭେନ୍ଦ୍ର କୁମାର ପଟ୍ଟନାୟକ, ସଂଗ୍ରାମ କେଶରୀ ପଟ୍ଟନାୟକ ଓ ଯୁବ ଖବରଦାତା ବିଶ୍ୱଜିତ ବାରିକ ଉପଦେଷ୍ଟା ଭାବେ ଯୁବକମାନଙ୍କୁ ଉତ୍ସାହିତ କରିବା ସହିତ ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ମତ ରଖିଥିଲେ। ଉକ୍ତ ବୈଠକ ମଞ୍ଚ ପରିଚାଳନା କରିଥିଲେ ସେବା ସଂଗଠନର ସଦସ୍ୟ କାଳନ୍ଦୀ ଚରଣ ସେଠୀ। ବୈଠକରେ ଖବରଦାତାମାନଙ୍କୁ ସେବା ସଂଗଠନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବାହାଡ଼ାଖୋଲା ଅଞ୍ଚଳରେ ବାଲି ଚୋରାଚାଲଣ



ଟ୍ରାକ୍ଟର ଯୋଗେ ବାଲି ବୁହା ହେଉଛି ।

ନୂଆଗାଁ, ୧୨।୪(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଓଡ଼ଗାଁ ଥାନା ବାହାଡାଖୋଲା ଅଞ୍ଚଳରେ ବାଲି ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି। ପଥର ଓ ବାଲି ଆଦି ଖଣିଜ ଦ୍ରବ୍ୟର ଚୋରା ଚାଲାଣ ରୋକିବା ପାଇଁ ସରକାର ଚେଷ୍ଟା ଜାରି ରଖିଛନ୍ତି। ଏପରି କି ଖଣିଜ ଦ୍ରବ୍ୟର ଚୋରା ଚାଲାଣ ହେଉଥିଲେ ସମ୍ପୃକ୍ତ ଗାଡି ଜବତ କରିବା ସହ ଫାଇନ ଆଦାୟ ବ୍ୟବସ୍ଥା କରାଯାଇଛି । ପୂର୍ବରୁ ଏହି ଦାୟିତ୍ୱ ରାଜସ୍ୱ ବିଭାଗ ହାତରେ ଥିବା ବେଳେ ବର୍ତ୍ତମାନ ତାହା ଖଣି ବିଭାଗକୁ ପ୍ରଦାନ କରାଯାଇଛି। ଖଣି ବିଭାଗ କର୍ମଚାରୀ ସବୁ ସ୍ଥାନକୁ ଯାଇ ତଦନ୍ତ କରିବା ଓ ଚୋରା ଚାଲାଣ ରୋକିବା ସମ୍ଭବ ନ ହେବାରୁ ଖଣି ବିଭାଗ ସ୍ଥାନୀୟ ପୋଲିସକୁ ଦାୟିତ୍ୱ ଦେଇଛି । ଏତେ ସବୁ ବ୍ୟବସ୍ଥା ପରେ ମଧ୍ୟ ବାହାଡାଖୋଲା ଅଞ୍ଚଳରେ ବାଲି ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି। ବିଭିନ୍ନ ଟ୍ରାକ୍ଟର ଯୋଗେ ସ୍ଥାନୀୟ ନଦୀ ନାଳରୁ ବାଲି ବୁହା ଯାଉଥିବା ଦେଖିବାକୁ ମିଳୁଛି। ଖଣିଜ ଦ୍ରବ୍ୟ ଚୋରା ଚାଲାଣ ହେବା ଦ୍ୱାରା ପରିବେଶ ଉପରେ ପ୍ରଭାବ ପଡିବା ସହ ସରକାର ରାଜସ୍ୱ ହରାଉଛନ୍ତି। ଏ ସମ୍ପର୍କରେ ବାହାଡାଖୋଲା ଫାଣ୍ଡି ଅଧିକାରୀ ଦେବରାଜ ମଲିକଙ୍କୁ ପଚାରିବାରେ ବାଲି ଚୋରା ଚାଲାଣ ହେଉଥିବା ମୋ ଦୃଷ୍ଟିକୁ ଆସି ନାହିଁ । ତେବେ ଅଭିଯୋଗ ବାବଦରେ ମୁଁ ନିଶ୍ଚିତ ତଦନ୍ତ କରିବି ବୋଲି ସେ କହିଛନ୍ତି ।

# ସିଧାମୂଳା ନୀଳକଣ୍ଠେଶ୍ୱର ମହାଦେବଙ୍କ ୫୬ ପାଟଦଣ୍ଡ

ଖଣ୍ଡପଡା, ୧୨।୪(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ସିଧାମୂଳା ନୀଳକଣ୍ଠେଶ୍ୱର ମହାଦେବ ଜୀଉ କାମନା ଠାକୁରଙ୍କ କୋଠିର ୫୬ ପାଟଦଣ୍ଡ ମହୋତ୍ସବ ପାରମ୍ପରିକ ରୀତି ତଥା ମହାସମାରୋହରେ ରବିବାର ପାଳିତ ହୋଇଯାଇଛି। ସିଧାମୂଳା ପଞ୍ଚାୟତ ଅଧୀନ ୭ଟି ମୌଜାର ଶତାଧିକ ମାନସିକ ବ୍ରତଧାରୀ ଦଣ୍ଡୁଆମାନେ ଅପରାହ୍ନ ପ୍ରାୟ ୩.୩୦ରେ ନିକଟସ୍ଥ ମହାନଦୀରେ ସ୍ନାନ ପୂଜା ସମ୍ପନ୍ନ କରି ଠାକୁରଙ୍କୁ ଗ୍ରାମ ବିଜେ କରାଇ ପ୍ରତି ଦ୍ୱାରରେ ଠାକୁର ପୂଜା ପାଇଥିଲେ। ଗ୍ରାମବାସୀ ଦାଣ୍ଡ ରାସ୍ତା ପରିଷ୍କାର କରି ଗୋବରରେ ଲିପାପୋଛା କରିଥିଲେ। ଏହାଛଡା ଦଣ୍ଡଠାକୁର ଯିବା ରାସ୍ତାରେ ପ୍ରତି ସାହିମାନଙ୍କରେ ପାହୁଡ(ସମସ୍ତ ରାସ୍ତାରେ ନୂତନ ବସ୍ତ୍ର ବିଛାଇବା)ବିଛାଯାଇଥିଲା। ଠାକୁର ଏବଂ ଦଣ୍ଡୁଆମାନେ ଏହି ନୂତନ ବସ୍ତ୍ର ଉପରେ ଯାତ୍ରା କରି ଗ୍ରାମ ପରିକ୍ରମା କରିଥିଲେ । ଏହି ଆଧ୍ୟାତ୍ମିକ ପରମ୍ପରା ଦର୍ଶନ ପାଇଁ ସିଧାମୂଳା ପଞ୍ଚାୟତ ଅନ୍ତର୍ଗତ ସିଧାମୂଳା, ବଳରାମପ୍ରସାଦ, ରାଜକିଆରୀ, ଦୁଆରଗାଁ, ହଟିଆପଲ୍ଲୀ ଓ କନାସିଂ ଆଦି ଗ୍ରାମରୁ ହଜାର ହଜାର ଶ୍ରଦ୍ଧାଳୁ ସମାଗମ ହୋଇଥିଲେ। ପ୍ରତି ଦ୍ୱାରରେ ଦୀପ, କଳସ ଓ କଦଳୀ ଗଛ ବସାଇବା ସହ ଠାକୁରଙ୍କୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା । ଏହା ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଦଣ୍ଡୁଆମାନଙ୍କ 'କଳା ରୁଦ୍ରମଣି ଭଜେ, କାଶୀ ବିଶ୍ୱନାଥ, କୈଳାସ କନ୍ଦରୁ ଯୋଗନିଦ୍ରା ଭାଙ୍ଗିବାକୁ ଆଜ୍ଞା ହେଉ ହେ ମଣିମା ଡାକରେ ତଥା ଉପସ୍ଥିତ ହଜାର ହଜାର ଶ୍ରଦ୍ଧାଳୁମାନଙ୍କ ହରିବୋଲ ହୁଳହୁଳି ଶବ୍ଦ ପରିବେଶକୁ ଅଧିକ ମନୋଜ୍ଞ ଓ ସରସ ସୁନ୍ଦର କରିଥିଲା ।



ଦଣ୍ଡ ପ୍ରଦର୍ଶନ କରାଯାଉଛି।

# ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ କର୍ମଶାଳା

ଖଣ୍ଡପଡ଼ା, ୧୨।୪(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଶୁଭମଣ୍ଡପ ପରିସରରେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବନ୍ଦେ ମାତରଂ ଗାନ କରାଯାଇଥିଲା। ଭାଜପାର ନୟାଗଡ଼ ଜିଲା ସାଧାରଣ ସମ୍ପାଦକ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଧାୟକ ଇଂ.ଦୁଷ୍ମନ୍ତ କୁମାର ସ୍ୱାଇଁ, ବରିଷ୍ଠ ନେତା ସନ୍ତୋଷ କୁମାର ପ୍ରଧାନ, ମଣ୍ଡଳ ପ୍ରତିନିଧି ବିଜୟ ପ୍ରଧାନ,ନୟାଗଡ଼ ଜିଲା ଭାଜପା ଉପ ସଭାପତି ପ୍ରହଲାଦ ବରାଡଙ୍କ ସମେତ ଖଣ୍ଡପଡ଼ା ମଣ୍ଡଳ ସଭାପତି ଦିଗମ୍ବର ମିଶ୍ର ଓ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ଶିବିର ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟରେ କ୍ଷମତାସୀନ ଭାଜପା ସରକାରଙ୍କ ସ୍ପଷ୍ଟ ଆଭିମୁଖ୍ୟ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ବରିଷ୍ଠ ନେତାମାନେ ମତ ରଖିଥିଲେ।

ସେହିପରି ତୃଣମୂଳସ୍ତରରୁ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସମଗ୍ର ରାଜ୍ୟରେ ଏବେ ଜନଗଣନା ଓ ଗୃହ ଗଣନା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାରୁ କାର୍ଯ୍ୟକ୍ରମର ସଫଳ ରୁପାୟନ ନେଇ ପ୍ରଶାସନିକ ଅଧିକାରୀମାନଙ୍କୁ ସମସ୍ତେ ସହଯୋଗ କରିବାକୁ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଥିବା ଦଳ କର୍ମକର୍ତ୍ତା,ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି ଓ ସଂଗଠକମାନଙ୍କୁ ପରାମର୍ଶ ଦିଆଯାଇଥିଲା। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବ୍ଲକ ଅଧୀନ ୨୨ ପଞ୍ଚାୟତରୁ ଦଳୀୟ କର୍ମୀ ଓ ଶୁଭେଚ୍ଛୁମାନେ ଯୋଗ ଦେଇଥିଲେ।

# ସୁନାମୁହିଁରେ ପଞ୍ଚଦଣ୍ଡ ମହାମିଳନ



ପଞ୍ଚଦଣ୍ଡ ମହାମିଳନ ।

ଓଡ଼ଗାଁ, ୧୨।୪(ନାରାୟଣ ପାଣିଗ୍ରାହୀ)

ଓଡ଼ଗାଁ ବ୍ଲକ ଅନ୍ତର୍ଗତ ସୁନାମୁହିଁରେ ରବିବାର ପଞ୍ଚଦଣ୍ଡ ମହାମିଳନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହାଟ ଆମ୍ୱପୁଆ (ଗଞ୍ଜାମ),ଲେମ୍ଭେଇ ପୂର୍ବପାର୍ଟି (ଗଞ୍ଜାମ),ଚଢ଼େୟାପଲ୍ଲୀ (ଗଞ୍ଜାମ), କୋମଣ୍ଡ ଓ ଆୟୋଜକ ସୁନାମୁହିଁ ଆଦି ୫ଟି ଗ୍ରାମର ଦଣ୍ଡଯାତ୍ରା ଦଳର ମହାକାଳୀ ଓ ମହାଦେବ ମିଳିତ ହୋଇଥିଲେ। ଏହି ମହାମିଳନ କାଳରେ ଝୁଣାର ମହକରେ ମିଳନ ସ୍ଥଳ ମହକିତ ହୋଇଥିବାବେଳେ ଢୋଲ ଓ ଝାଞ୍ଜ ନାଦରେ ପ୍ରକମ୍ପିତ ହୋଇଥିଲା। ଏହି ଦଣ୍ଡମେଳନ ଦେଖିବା ଲାଗି ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପଞ୍ଚ ଦଣ୍ଡଯାତ୍ରା ଦଳର ସାମୂହିକ ଗ୍ରାମ୍ୟ ପରିକ୍ରମା କାଳରେ ପ୍ରତ୍ୟେକ ଘର ସମ୍ମୁଖରେ ପୂର୍ଣ୍ଣକୁମ୍ଭ ଦୃଶ୍ୟମାନ ହେବା ସହ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏଥିସହ ପଞ୍ଚ ଦଣ୍ଡଦଳର ଧୂଳିଦଣ୍ଡ,ପାଣିଦଣ୍ଡ,ଅଗ୍ନିଦଣ୍ଡ ଓ ସନ୍ଧ୍ୟା ଆଳତି ଆଦି କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସୁନାମୁହିଁ ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ପଞ୍ଚଦଣ୍ଡ ମହାମିଳନ କାର୍ଯ୍ୟକ୍ରମ ପରିଚାଳନାରେ କମିଟି ସଭାପତି ବିଜୟ କୁମାର ଡାକୁଆ, ସମ୍ପାଦକ ଜଗମୋହନ ଚୌଧୁରୀ, ପୂର୍ବତନ ସରପଞ୍ଚ ମାନସ ରଞ୍ଜନ ସାହୁ, ସରପଞ୍ଚ ରୀନା ନାୟକ, ଯୁବ ସଂଗଠକ ଦୃତିକୃଷ୍ଣ ନାୟକ, ବିଶ୍ୱ ରଞ୍ଜନ ତ୍ରିପାଠୀ, ରଞ୍ଜିତ ପ୍ରଧାନ, ସୁଶାନ୍ତ ସାହୁ, ଧୋବା ମାର୍ଥା, ଖଦାଳ ବେହେରା,ହରିବନ୍ଧୁ ମାଝୀ ଓ ଭୁବନେଶ୍ୱର ସାହୁଙ୍କ ସମେତ ସମସ୍ତ ଗ୍ରାମବାସୀ ସକ୍ରିୟ ସହଯୋଗ କରୁଥିବା ଦେଖିବାକୁ ମିଳିଥିଲା। ସୁନାମୁହିଁ ପଞ୍ଚାୟତ ହାଇସ୍କୁଲ ପକ୍ଷରୁ ସ୍କାଉଟ୍ ଗାଇଡ୍ ଛାତ୍ରୀଛାତ୍ରୀଙ୍କ ଦ୍ୱାରା ଜଳଛତ୍ର ବ୍ୟବସ୍ଥା କରାଯାଇଥିଲା। ପ୍ରଚଣ୍ଡ ରୌଦ୍ରତାପ ସତ୍ତ୍ୱେ ଏହି ପଞ୍ଚଦଣ୍ଡ ମହାମିଳନରେ ୩୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ୫ଟି ଯାକ ଦଳ ପକ୍ଷରୁ ସାମାଜିକ ନାଟକ ମଞ୍ଚସ୍ଥ ହୋଇଥିବା ଜଣାଯାଇଛି।

# ହଟ୍ଟକେଶ୍ୱର ଦେବପୀଠରେ ୧୦୮ ଯୋଡ଼ା ପାଟଦଣ୍ଡ ନେଇ ପ୍ରସ୍ତୁତି

ଖଣ୍ଡପଡା, ୧୨।୪ (ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ରୟତି ଢୋଲମରା ଗ୍ରାମର ଆରାଧ୍ୟ ଦେବ ବାବା ଶ୍ରୀ ଶ୍ରୀ ହଟ୍ଟକେଶ୍ୱର ମହାଦେବଙ୍କ କାମନା ଗୋସାଇଁ ରୁଦ୍ରକାଳୀଙ୍କ ପୀଠରେ ସୋମବାର ଅପରାହ୍ନ ୪ଟାରେ ୧୦୮ ଯୋଡା ପାଟଦଣ୍ଡ ପାଳିତ ହେବାର କାର୍ଯ୍ୟକ୍ରମ ରହିଛି । ଏ ନେଇ ଏକ ପ୍ରସ୍ତୁତି ବୈଠକ ଦଣ୍ଡ ଅନୁଷ୍ଠାନ ମୁଖ୍ୟ ପାଟଭୋଗତା ଶ୍ରୀନିବାସ ସ୍ୱାଇଁଙ୍କ ଉପସ୍ଥିତରେ ଅନୁଷ୍ଠିତ ହୋଇଯାଇଛି । ଏହି ପାରମ୍ପରିକ କାର୍ଯ୍ୟକୁ କିପରି ଶୃଙ୍ଖଳିତ ଭାବରେ ପାଳନ କରାଯିବ ସେ ସମ୍ପର୍କରେ ମାନସିକଧାରୀ ଦଣ୍ଡୁଆମାନଙ୍କ ସହ ଆଲୋଚନା କରାଯାଇଥିଲା ।

ସୂଚନା ଅନୁଯାୟୀ, ସ୍ଥାନୀୟ ସରପଞ୍ଚ ମୁକୁତା ପରିଡ଼ା ଓ ତାଙ୍କ ପୁତ୍ର ବିପିନ ବିହାରୀ ପରିଡ଼ାଙ୍କ ସହଯୋଗ କ୍ରମେ ମାନସିକ କାମନା ପୁରଣାର୍ଥେ ଉକ୍ତ ଉତ୍ସବଟିକୁ ଶୃଙ୍ଖଳିତ ଭାବରେ ପାଳନ କରାଯିବାକୁ ସହମତି ପ୍ରକାଶ କରିଥିବାରୁ ସମସ୍ତେ ସାଧୁବାଦ ପ୍ରଦାନ କରିଥିଲେ । ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସୋମବାର ଅପରାହ୍ନରେ ମାନସିକଧାରୀ ଦଣ୍ଡୁଆମାନେ ପୁଷ୍କରିଣୀରେ ସ୍ନାନ କରିବା ପରେ ଦଣ୍ଡ ଠାକୁରଙ୍କୁ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ କାମନା ଗୋସାଇଁ ମନ୍ଦିର ଓ ବାବା ହଟ୍ଟକେଶ୍ୱର ମନ୍ଦିର ବେଢ଼ା ପରିକ୍ରମା କରି ପାରମ୍ପରିକ ପ୍ରଥାନୁସାରେ ଗ୍ରାମ ପରିକ୍ରମା କରିବେ ବୋଲି ସୂଚନା ମିଳିଛି । ପ୍ରଭୁଙ୍କ ୧୦୮ ଯୋଡା ଦଣ୍ଡ ପର୍ବରେ ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁ ସାମିଲ ହୋଇ ସୃଷ୍ଟି ହେଉଥିବା ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପ୍ରଭୁଙ୍କ ବିଭୁକୃପା ଲାଭ କରିବା ପାଇଁ ସମସ୍ତଙ୍କୁ ଗ୍ରାମବାସୀଙ୍କ ତରଫରୁ ଅନୁରୋଧ କରାଯାଇଛି। ବିଳମ୍ବିତ ରାତ୍ରିରେ ଦଣ୍ଡ ଠାକୁର କୋଠାକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ସୂଚନା ମିଳିଛି। ଏଥିନିମନ୍ତେ ସରପଞ୍ଚ ମହୋଦୟା ସମସ୍ତ ପ୍ରକାର ସାହାଯ୍ୟ, ସହଯୋଗ ଯୋଗାଇ ଦେବା ସହିତ ଗ୍ରାମବାସୀଙ୍କ ସମ୍ପୂର୍ଣ୍ଣ ସହଯୋଗ ରହିଥିବା ଜଣାଯାଇଛି।

# ଗୋକୁଳାନନ୍ଦ ଜୀଉ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ଖଣ୍ଡପଡା, ୧୨।୪(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ସିଧାମୂଳା ପଞ୍ଚାୟତସ୍ଥିତ ଗୋକୁଳାନନ୍ଦ ଜୀଉ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଣେଶ ନାଥ ରାଉତ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବରେ ଶିକ୍ଷାବିତ୍ ତଥା ସାମାଜିକ କର୍ମୀ ଗଙ୍ଗାଧର ଷଡଙ୍ଗୀ, ସମ୍ମାନିତ ଅତିଥି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିରଞ୍ଜନ ପଣ୍ଡା, ସରପଞ୍ଚ ଗୀତାଞ୍ଜଳି ଜେନା, ଆଞ୍ଚଳିକ ସାଧନ କର୍ମୀ ଗଙ୍ଗାଧର ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ମା' ବାଟମଙ୍ଗଳା ମନ୍ଦିରର ରତ୍ନମୁଦ ଉତ୍ସବ

ନୟାଗଡ଼, ୧୨।୪(ଲୋକନାଥ ମିଶ୍ର)

ନୟାଗଡ଼ ସହରର ବାରମାସୀ ଦଣ୍ଡା ମ୍ୟୁନିସିପାଲିଟିର ୧୧ ନମ୍ବର ୱାର୍ଡରେ ଅବସ୍ଥିତ ମା' ବାଟମଙ୍ଗଳାଙ୍କ ନୂତନ ମନ୍ଦିରର ରତ୍ନମୁଦ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସକାଳ ୯ ଘଟିକାରେ ପଣ୍ଡିତମାନଙ୍କ ଦ୍ୱାରା ପୂଜା ପାଠ ଓ ହୋମଯଜ୍ଞ ଓ ନାମ କୀର୍ତ୍ତନ ଧ୍ୱନିରେ ପରିବେଶ ଭକ୍ତିମୟ ହୋଇଯାଇଥିଲା। ହୋମଯଜ୍ଞରେ କର୍ତ୍ତା ଭାବେ ଗୋପୀନାଥ ମହାନ୍ତି ଓ ନରସିଂହ ପୃଷ୍ଟି ବସିଥିଲେ। ୱାର୍ଡ କାଉନସିଲର ଅକ୍ଷୟ କୁମାର ବିଶ୍ୱାଳ ଓ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ରଣପୁରର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ ଓ ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, ଜିଲା ଓକିଲ ସଂଘ ସମ୍ପାଦକ ସ୍ୱଦେଶ ମିଶ୍ର, ସାମାଜିକକର୍ମୀ ଶ୍ରୀକାନ୍ତ ଖଟେଇ ଓ ଲକ୍ଷ୍ମୀପ୍ରିୟା ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।



ମା' ବାଟମଙ୍ଗଳାଙ୍କ ରତ୍ନମୁଦ ଉତ୍ସବରେ ପୂଜାର୍ଚ୍ଚନା କରାଯାଉଛି।

# ଉଦ୍‌ଘାଟନ ପୂର୍ବରୁ ଖସିଗଲାଣି ନୂତନ ଗୃହ ସିଲିଂ

ଦଶପଲ୍ଲା, ୧୨।୪(ପ୍ରକାଶ କୁମାର ପାଣି)

ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟନ ପୂର୍ବରୁ ଏହାର ସିଲିଂ ଅଧାରୁ ଖସି ନଷ୍ଟ ହୋଇଯାଇଥିବା ଜଣାଯାଇଛି। ଡାକ୍ତରଖାନା ପରିସରରେ ନୂତନ ଭାବେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ତିଆରି ହୋଇଛି ମାତୃ ଓ ଶିଶୁ ସେବା ଚିକିତ୍ସାଳୟ, ହେଲେ ବିଡମ୍ବନାର ବିଷୟ ସମସ୍ତ କାର୍ଯ୍ୟ ସମାପ୍ତ ହେଲାପରେ ମଧ୍ୟ ହସ୍ତାନ୍ତର ହୋଇନାହିଁ। ନବନିର୍ମିତ ଗୃହର ସମ୍ମୁଖ ଭାଗରେ ଲାଗିଥିବା ସୌନ୍ଦର୍ଯ୍ୟ ବୃଦ୍ଧି କରୁଥିବା ସିଲିଂ ଅଧାରୁ ଅଧିକ ଖସିପଡିବା ସହିତ ଲାଇଟ ଗୁଡ଼ିକ ନଷ୍ଟ ହୋଇଗଲାଣି। ନୂତନ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ କାହିଁକି କାର୍ଯ୍ୟକାରୀ ହୋଇପାରୁ ନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

ଭାପୁର, ୧୨।୪ (ପ୍ରଭାତ ବରାଡ)

ଭାପୁର ବ୍ଲକ ଅନ୍ତର୍ଗତ ବିଜିପୁର ପଞ୍ଚାୟତ ଅଧୀନ ବିଜିପୁର ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଲେଖ ମହାରଣା(୮୭)ଙ୍କର ଶନିବାର ଭୋର୍ ୩ଟାରେ ପରଲୋକ ଘଟିଛି। ସ୍ୱର୍ଗତ ନାୟକ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇ ଘରେ ରହି ଚିକିତ୍ସିତ ହେଉଥିଲେ। ଭାପୁର ବ୍ଲକ ଅଞ୍ଚଳର ବିଭିନ୍ନ ସ୍କୁଲରେ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରି ସେ ସୁନାମ ଅର୍ଜନ କରିଥିଲେ।

# ରଘୁନାଥ ଆଥ୍‌ଲେଟିକ ଆସୋସିଏଶନ ଫାଇନାଲରେ

## ଓଡ଼ଗାଁ ଅଣ୍ଡର ୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସ

ଓଡ଼ଗାଁ, ୧୨।୪(ନାରାୟଣ ପାଣିଗ୍ରାହୀ)

ନୟାଗଡ଼ ଜିଲା ଓଡ଼ଗାଁ ରଘୁନାଥ ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ତଥା ଓଡ଼ଗାଁ ଅଞ୍ଚଳରେ ଖେଳ ମଣିଷ ଭାବରେ ସୁପରିଚିତ ଦିବାକର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଥମ ଥର ପାଇଁ ଆୟୋଜିତ ଅଣ୍ଡର ୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ରବିବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚ ରଘୁନାଥ ଆଥ୍‌ଲେଟିକ ଆସୋସିଏଶନ ଓଡ଼ଗାଁ ଓ ବାଙ୍କତରା ମଧ୍ୟରେ ହୋଇଥିଲା। ଓଡ଼ଗାଁ ଆଥଲେଟିକ୍ ଆସୋସିଏଶନ ପ୍ରଥମେ ଟସ୍ ଜିତି ବୋଲିଂ କରିବା ପାଇଁ ନିଷ୍ପତ୍ତି ନେଇ ବାଙ୍କତରା ଦଳକୁ ବ୍ୟାଟିଂ କରିବାର ସୁଯୋଗ ଦେଇଥିଲା। ବାଙ୍କତରା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୮ ଉଇକେଟ ବିନିମୟରେ ୯୨ ରନ ସଂଗ୍ରହ କରିଥିଲା ବେଳେ ଏହାର ଜବାବରେ ରଘୁନାଥ ଆଥ୍‌ଲେଟିକ୍ ଆସୋସିଏଶନ ମାତ୍ର ୧୦ ଓଭରରେ ୮ ଉଇକେଟ ବିନିମୟରେ ୯୫ ରନ ସଂଗ୍ରହ କରି ବିଜୟୀ ହେବା ସହିତ ପ୍ରଥମ ଦଳ ଭାବେ ଫାଇନାଲ ମ୍ୟାଚ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଛି । ମ୍ୟାଚରେ ଆରିୟାନ ୩ ଓଭରରେ ୨୪ ରନ ସଂଗ୍ରହ କରିବା ସହିତ ୫ ଉଇକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସୋମବାର ଘୁଣ୍ଟାସାହି ସହିତ ମଶାବାରୀ ଦଳ ମଧ୍ୟରେ ଖେଳ ହେବ ବୋଲି ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ମ୍ୟାଚକୁ ତୁଷାର, ରାଜଶେଖର, ତୋଫାନ, ବିକାଶ, ଲିଟି, ସାଇ, ସୌମ୍ୟରଞ୍ଜନ, ରାମେଶ୍ୱର, ସୁନୀଲ ଓ ଚନ୍ଦନ ପରିଚାଳନା କରିଥିବା ଜଣାପଡିଛି।



ଅତିଥିଙ୍କ ସହ ଉଭୟ ଦଳର ଖେଳାଳି ।

# ଓଡ଼ିଆ ପକ୍ଷରେ କବିତା ପାଠ, ଆଲୋଚନାଚକ୍ର

ନୟାଗଡ଼, ୧୨।୪(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ସମ୍ମିଳନୀ କକ୍ଷରେ ଓଡ଼ିଆ ପକ୍ଷ ଅବସରରେ ରବିବାର ଆଲୋଚନାଚକ୍ର ଓ କବିତା ପାଠ କାର୍ଯ୍ୟକ୍ରମ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂସ୍କୃତି ଅଧିକାରୀ ସୁମିତ୍ରା ଭୂୟାଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ଜିଲାପାଳ ମଧୁମିତା ରଥ, ଅତିରିକ୍ତ ଜିଲାପାଳ ରୋଜିନା ଦାଶ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ଅଣଆଲୋଚିତ ବରପୁତ୍ରଙ୍କ ବିଷୟରେ ଆଲୋଚନା କରିବା ଆବଶ୍ୟକ ବୋଲି କହିଥିଲେ। ନୟାଗଡ଼ ମାଟିର ସୁଯୋଗ୍ୟ ସନ୍ତାନମାନେ ଏହି ମାଟିକୁ ସାରା ବିଶ୍ୱରେ ପରିଚିତ କରାଇଛନ୍ତି ବୋଲି କହିଥିଲେ। ଜିଲାପାଳ ତାଙ୍କ ବକ୍ତବ୍ୟରେ ଓଡ଼ିଆ ପକ୍ଷ ପାଳନ ସମ୍ପର୍କରେ ସରକାରଙ୍କ ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବରପୁତ୍ର, ସ୍ୱାଧୀନତା ସଂଗ୍ରାମୀ, କବି ଓ ଲେଖକଙ୍କ ଉତ୍କଳ ପ୍ରଦେଶ ଗଠନରେ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଅତିରିକ୍ତ ଜିଲାପାଳ ତାଙ୍କ ବକ୍ତବ୍ୟରେ, ଓଡ଼ିଆ ପକ୍ଷ ଅବସରରେ ଆଜି ବରପୁତ୍ରଙ୍କ ଉପରେ ଆଲୋଚନା ଓ କବିତା ପାଠ କାର୍ଯ୍ୟକ୍ରମ ସଫଳତା ସହିତ ଆୟୋଜନ କରାଯାଇଥିବା କହିଥିଲେ। ପ୍ରତ୍ୟେକ କବି ଓ ଲେଖକଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ଆୟୋଜନ ହୋଇଥିବା କହିଥିଲେ। କାର୍ଯ୍ୟକ୍ରମରେ ନିର୍ମଳ ଚନ୍ଦ୍ର ଶୁରଦେଓ, ପ୍ରଧାନୀ ବୃନ୍ଦାବନ ମହାପାତ୍ର, ଜୟେନ୍ଦ୍ର ବେହେରା ଓ ଉଷାରାଣୀ ମିଶ୍ର କବିତା ପାଠ କରିଥିଲେ। ବିଭିନ୍ନ ସାହିତ୍ୟ ସଂଗଠନ ମୁଖ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସ୍କୃତି ବିଭାଗ କର୍ମଚାରୀ ଆକାଶ ଦାଶ, ସୂଚନା ଓ ଲୋକସମ୍ପର୍କ ବିଭାଗ କର୍ମଚାରୀ ସିଦ୍ଧାର୍ଥ ଦେଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କବି ଗୋପୀନାଥ ସେଠୀ ଓ ନୀଳିମା ନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରୁଥିଲେ। ଅନ୍ୟପକ୍ଷେ ଓଡ଼ିଆ ନାଟ୍ୟ ଜଗତର ବିଶିଷ୍ଟ ପ୍ରତିଭା, ନାଟ୍ୟକାର, ନିର୍ଦ୍ଦେଶକ ତଥା ରାସ ଓ ଲୀଳା ନାଟକର ଅନନ୍ୟ ସ୍ରଷ୍ଟା ଗୋବିନ୍ଦ ଚନ୍ଦ୍ର ଶୁରଦେଓ ଜୟନ୍ତୀ ଅନୁରୂପ ଭାବେ ପାଳିତ ହୋଇ ଯାଇଛି।



କାର୍ଯ୍ୟକ୍ରମରେ ଜିଲାପାଳ ମଧୁମିତା ରଥ ଓ ଅନ୍ୟମାନେ ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଜୟନ୍ତ



@ କରୁଣା



@ ଚିକୁନ



@ ମୁକେଶ



@ ପ୍ରଦୀପ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବବିଙ୍କ ଘରେ ଜିଲା ବିଜେଡି ନେତାଙ୍କ ମେଳି

- ଜିଲାର ବିଭିନ୍ନ ସମସ୍ୟାକୁ ନେଇ ଆନ୍ଦୋଳନ ନିଷ୍ପତ୍ତି
- ଡାନି ଅନୁପସ୍ଥିତ

**ଯାଜପୁର,୧୨।୪(ହର୍ଷବର୍ଦ୍ଧନ ବେହେରା):** ଯାଜପୁର ସହରର କାଳୀମେଘାସ୍ଥିତ ପ୍ରଣବପ୍ରକାଶ ଦାସ(ବବି)ଙ୍କ ଘରେ ରବିବାର ଅପରାହ୍ନରେ ଜିଲା ବିଜେଡି ନେତାଙ୍କ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକ ରାତି ପ୍ରାୟ ୮ଟା୩୦ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ଜିଲାର ୭ ବିଧାନସଭା ନିର୍ବାଚନମଣ୍ଡଳୀ ବିଜେଡି ନେତା ମେଳି ହୋଇଥିଲେ। ଏହି ଅକସ୍ମାତ ମେଳିକୁ ନେଇ ଜିଲା ସାରା ବିଭିନ୍ନ ଚର୍ଚ୍ଚା ଜୋର ଧରିଛି। ବୈଠକରେ ପୂର୍ବତନ ଏମ୍‌ପି ଶର୍ମିଷ୍ଠା ସେଠୀ, ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ ଓ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ(ଜିତୁ), ଯାଜପୁର ପୂର୍ବତନ ବିଧାୟକ ବବି, ଜିଲା ବିଜେଡି ସଭାପତି ସରୋଜ ମହାପାତ୍ର ଓ ବଡଚଣା ନେତା ରାଜନାରାୟଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୁକିନ୍ଦାର ପୂର୍ବତନ ବିଧାୟକ ପ୍ରୀତିରଞ୍ଜନ ଘଡ଼େଇ(ଡାନି) ଅନୁପସ୍ଥିତ ଥିଲେ।

ରାଜ୍ୟ ଭାଜପା ସଭାପତି ଥିବା ମନମୋହନ ସାମଲଙ୍କ ନିଜ ଭଣଜା ହେଉଛନ୍ତି ଡାନି। ସେହି ଦୃଷ୍ଟିରୁ ଜିଲା ବିଜେଡିର ଉକ୍ତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ସେ ଯୋଗ ଦେଲେ ନାହିଁ ବୋଲି ଚର୍ଚ୍ଚା ହେଉଛି। ଅନ୍ୟ କେତେକାଂଶରେ ବବିଙ୍କ ଉପରେ ଡାନି ଗତ ସାଧାରଣ ନିର୍ବାଚନ ସମୟରୁ ଅସନ୍ତୋଷ ଥିବା କୁହାଯାଉଛି। ଏହାର କାରଣ ହେଲା କୋରେଇ ନିର୍ବାଚନମଣ୍ଡଳୀରେ ସେ ଦିନେ ବିଧାୟକ ରହିଥିଲେ। ଏହାପରେ ଏହି ନିର୍ବାଚନମଣ୍ଡଳୀରେ ତାଙ୍କ ସ୍ତ୍ରୀଙ୍କୁ ବିଧାୟକ ପ୍ରାର୍ଥୀ କରିବାକୁ ଚାହୁଁଥିଲେ। କିନ୍ତୁ ସେତେବେଳେ ବହୁ କ୍ଷମତାର ଅଧିକାରୀ ଥିବା ବବି ତାଙ୍କ ମା'ଙ୍କୁ କୋରେଇରେ ପ୍ରାର୍ଥୀ କରାଇଥିଲେ। ତେଣୁ ବବିଙ୍କ ଘରେ ବୈଠକ ହୋଇଥିବାରୁ ସେ ଜାଣିଶୁଣି ଯୋଗ ଦେଲେ ନାହିଁ ବୋଲି ସାଧାରଣରେ ସନ୍ଦେହ କରାଯାଇଛି।

ଉକ୍ତ ବୈଠକରେ ଆସନ୍ତା ୨୮ ଓ ୨୯ ତାରିଖରେ ହେଉଥିବା ଜିଲାସ୍ତରୀୟ କାର୍ଯ୍ୟକାରୀ କମିଟି ଗଠନ ପାଇଁ ପ୍ରସ୍ତୁତି ବୋଲି ସୂଚନା ମିଳିଛି। ଏହାବାଦ ଜିଲାରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ, ଖଣି ଲୁଟ, ଚାଷୀଙ୍କ ବହୁବିଧ ସମସ୍ୟା, ପାଣି ପାଇଁ ଲୋକେ ହାହାକାର ଆଦି ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହିସବୁ ସମସ୍ୟା ସଂକ୍ରାନ୍ତରେ ବିଜେଡି ପକ୍ଷରୁ ଏକ ପ୍ରତିନିଧି ଦଳ ନିକଟରେ ଏସପିଙ୍କୁ ଭେଟି ଆଲୋଚନା କରିଥିଲେ। ତେବେ ଉକ୍ତ ଆଲୋଚନା ଏବଂ ଦାବି ଉପରେ ଜିଲା ପ୍ରଶାସନ ଯଦି କୌଣସି ପଦକ୍ଷେପ ଗ୍ରହଣ ନ କରେ ତେବେ ଆଗାମୀ ଦିନରେ ବିଜେଡି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଅନ୍ୟପକ୍ଷରେ ବବିଙ୍କ ଯାଜପୁର ବାହାବଳପୁରରେ ହୋଇଥିବା ଘରର ପଥର ପୁରୀ ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପରେ ବ୍ୟବହୃତ ଖଣ୍ଡୋଲାଇଟ୍ ପଥରରୁ ନିର୍ମାଣ ହୋଇଛି ବୋଲି ଅଭିଯୋଗ ଉପରେ କୌଣସି ଆଲୋଚନା ହୋଇ ନ ଥିଲା ବୋଲି ସୂଚନା ମିଳିଛି। ଏ ସମ୍ପର୍କରେ ବବିଙ୍କ ଦାଦା ପୂର୍ବରୁ ଗଣମାଧ୍ୟମରେ ସୂଚନା ଦେଇ ସାରିଛନ୍ତି ବୋଲି ବୈଠକରେ ଉପସ୍ଥିତ ଜଣେ ବିଜେଡି ନେତା କହିଛନ୍ତି। ଡାନିଙ୍କ ଅନୁପସ୍ଥିତ ନେଇ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।



ବବିଙ୍କ ଘରେ ଏକାଠି ହୋଇଥିବା ବିଜେଡି ନେତ୍ରୀନେତା।

# ନିଳାଦେଈପୁରରେ ୨ ବଖରା ଜଳିଗଲା

**ଧର୍ମଶାଳା,୧୨।୪(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ତହସିଲ ଶ୍ରୀନଗର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧୀନ ନିଳାଦେଈପୁର ଗ୍ରାମରେ ରବିବାର ଅପରାହ୍ନ ୪ଟାରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଚିନ୍ମୟାନନ୍ଦ ଦାଶଙ୍କ ପରିବାରର ୨ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି। ବିଦ୍ୟୁତ୍ ସର୍ଟସର୍କିଟ୍ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିଲା। ଖବରପାଇ ଚଣ୍ଡିଖୋଲ ଦମକଳ ବାହିନୀ ଆସି ନିଆଁକୁ ଆୟତ କରିଥିଲେ। ସ୍ଥାନୀୟ ସରପଞ୍ଚ ସ୍ନେହାଞ୍ଜଳି ଗନ୍ତାୟତ ଅଗ୍ନିବିପନ୍ନ ପରିବାର ପାଖରେ ପହଞ୍ଚି ସମବେଦନା ଜଣାଇଥିଲେ। ସୋମବାର ରାଜସ୍ୱ ନିରୀକ୍ଷକ ତଦନ୍ତ କରିବେ। ଅଗ୍ନିବିପନ୍ନ ପରିବାର ଦିନମଜୁରିଆ ହୋଇଥିବାରୁ ତାଙ୍କୁ ଆର୍ଥିକ ସହାୟତା ସହ ଆବାସ ଯୋଗାଇ ଦେବାକୁ ସରପଞ୍ଚ ଓ ଗ୍ରାମବାସୀ ଜିଲା ପ୍ରଶାସନ ନିକଟରେ ଅନୁରୋଧ କରିଛନ୍ତି।



# ଝାଡ଼ାବାନ୍ତିରେ ଆଉ ଜଣଙ୍କ ମୃତ୍ୟୁ

**ଧର୍ମଶାଳା/ଜେନାପୁର,୧୨।୪ (ବଟକୃଷ୍ଣ ପରିଡ଼ା/ଅଶୋକ ଦାସ):** ଧର୍ମଶାଳା ବ୍ଲକ ଅଞ୍ଚଳରେ ପୁଣି ଝାଡ଼ାବାନ୍ତିରେ ଆଉ ଜଣେ ଯୁବକଙ୍କ ରବିବାର ମୃତ୍ୟୁ ହୋଇଛି। ସେ ହେଲେ ଏହି ବ୍ଲକ ରାଇଛନ୍ଦା ପଞ୍ଚାୟତ ବାରକଣା ଗ୍ରାମର ବିପିନ ସାହୁ(୩୬)। ଦୁଇ ଦିନ ହେବ ସେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ କବାଟବନ୍ଧ ମେଡିକାଲରେ ଭର୍ତ୍ତି ହୋଇଥିଲେ। ସେଠାରୁ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ଶନିବାର ରାତିରେ ପୁଣି ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ରବିବାର ସକାଳୁ ପରିବାର ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗତ ୭ତାରିଖରେ ଏହି ବ୍ଲକ ଅନ୍ତର୍ଗତ ପଡ଼ୋଶୀ ଅଞ୍ଜିରା ପଞ୍ଚାୟତ ବାଉଁଶଡୋଳ ଗ୍ରାମର ଯୁବକ ବାଦଲ ମଳିକ ଝାଡବାନ୍ତିରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ। ଏବେ ବି ଧର୍ମଶାଳା ଡାକ୍ତରଖାନାରେ ୭ରୁ ଅଧିକ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି। ଧର୍ମଶାଳା ଅଞ୍ଚଳରେ ଦିନକୁ ଦିନ ଝାଡ଼ାବାନ୍ତି ବଢ଼ି ଚାଲିଥିବାରୁ ଏହା ସ୍ୱାସ୍ଥ୍ୟ ବିଭାଗ ପାଇଁ ଚିନ୍ତାର କାରଣ ପାଲଟିଛି।

**୭ରୁ ଅଧିକ ଆକ୍ରାନ୍ତ ଚିକିତ୍ସାଧୀନ**

# ଘରେ ପଶି ଆକ୍ରମଣ, ଘର ପୋଡ଼ି ଅଭିଯୋଗରେ ୨ ଗିରଫ

**ମାର୍ଶାଘାଇ,୧୨।୪ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ )** ମାର୍ଶାଘାଇ ଥାନା ଟିକରପଙ୍ଗା (ନାରାୟଣପୁର) ଗ୍ରାମରେ ଗତ ୫ ତାରିଖରେ ୨ ଗୋଷ୍ଠୀ ଗଣ୍ଡଗୋଳ ଓ ଘରପୋଡି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମନୋଜ ମଲ୍ଲିକ ଓରଫ କାହ୍ନା (୨୨) ଓ ଦୀପକ ନାୟକ ଓରଫ ଟୁକୁନା (୪୦)। ପୋଲିସ ସୂଚନା ଅନୁଯାୟୀ, ଟିକରପଙ୍ଗା ଗ୍ରାମରେ ଚାଲିଥିବା ହନୁମାନ ଯଜ୍ଞରେ ୨ ଗୋଷ୍ଠୀଙ୍କ ମଧ୍ୟରେ ଏକ ସାମାନ୍ୟ ଘଟଣାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଗୋଟିଏ ଗୋଷ୍ଠୀର କେତେଜଣ ଲୋକ ଅଭିଯୋଗକାରିଣୀ ଲକ୍ଷ୍ମୀପ୍ରିୟା ମଲ୍ଲିକଙ୍କ ଘରେ ପଶି ତାଙ୍କ ସ୍ୱାମୀ ସନାତନ ଓ ପୁଅ ରାଜାଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ଘରେ ନିଆଁ ଲଗାଇ ଦେଇଥିଲେ। ପୋଲିସ ଘଟଣାର ତଦନ୍ତ କରି ୨ଜଣଙ୍କୁ ଗିରଫ କରିଥିଲା।

# ହିନ୍ଦୁଙ୍କୁ ଜାଗ୍ରତ, ଭାଇଚାରା ସୃଷ୍ଟି ଲକ୍ଷ୍ୟ

**ବଡ଼ଚଣା,୧୨।୪(ଦିଲୀପ କୁମାର ମହାନ୍ତି):** ବଡ଼ଚଣା ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ପକ୍ଷରୁ ପ୍ରଭୁ ଶ୍ରୀରାମ ଉତ୍ସବ ଓ ହନୁମାନ ଜୟନ୍ତୀ ସପ୍ତାହ ପାଳନ ଅବସରରେ ରବିବାର ଏକ ବିଶାଳ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବଡ଼ଚଣା ବିଶ୍ୱ ହିନ୍ଦୁ ପରିଷଦ ସଭାପତି ହେମେଶ ଜେନାଙ୍କ ସଭାପତିତ୍ୱ ଓ ଜିଲା ବଜରଙ୍ଗ ଦଳ ସଂଯୋଜକ ବସନ୍ତ ମଲିକଙ୍କ ସଞ୍ଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶ୍ୱ ହିନ୍ଦୁ ପରିଷଦ ଓଡ଼ିଶା ପୂର୍ବ ପ୍ରାନ୍ତ ମିଳନ କେନ୍ଦ୍ର ପ୍ରମୁଖ ବିପନ ବିହାରୀ ପଣ୍ଡା ଯୋଗ ଦେଇଥିଲେ। ମୁଖ୍ୟବକ୍ତାଭାବେ ପ୍ରବଚକ ପଣ୍ଡିତ ସଂଗ୍ରାମ କେଶରୀ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଚକାପାଦ କନ୍ୟା ଆଶ୍ରମ ମହାବିଦ୍ୟାଳୟ ପରିଚାଳକ ଅକ୍ଷୟ ବଳ, କେନ୍ଦ୍ରାପଡ଼ା ବିଭାଗ ସଂଯୋଜକ ଚନ୍ଦ୍ରକାନ୍ତ କର, ଯାଜପୁର ଜିଲା ସଭାପତି ସମୀର ନାୟକ, ସମ୍ପାଦକ ରାଜକିଶୋର ମଲ୍ଲିକ ଓ କ୍ରୀତି ରଞ୍ଜନ ରାଉତ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

ବଡ଼ଚଣା ମାଝୀ ଗୌରୀ ମନ୍ଦିର ନିକଟରୁ ଶୋଭାଯାତ୍ରା ବାହାରି ଚଣ୍ଡିଖୋଲ ଛକ ପରିଭ୍ରମଣ କରିଥିଲା। ଏହାପରେ ବିଜୁ କଲ୍ୟାଣ ମଣ୍ଡପରେ ଏକ ସଭା କରାଯାଇଥିଲା। ହିନ୍ଦୁଙ୍କୁ ଜାଗ୍ରତ କରିବା ଓ ପରସ୍ପର ମଧ୍ୟରେ ଭାଇଚାରା ସୃଷ୍ଟି କରିବା ଏ ସଭାର ଲକ୍ଷ୍ୟ ବୋଲି ସଭାପତି ଜେନା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂଘ ଚାଳକ ବଟକୃଷ୍ଣ ଜେନା, ପ୍ରଖଣ୍ଡ ଚାଳକ ଅକ୍ଷୟ ଗୋଛାୟତ, ବିଶ୍ୱ ହିନ୍ଦୁ ପରିଷଦ ବରିଷ୍ଠ ସଭ୍ୟ ଅଗଣି ମିଶ୍ର, ରାମଚନ୍ଦ୍ର ମହାନ୍ତି, ଆରତ ସାହୁ, ଦେବାଶିଷ ଦାସ, ଦୀପ୍ତସେ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ବରିଷ୍ଠ ନାଗରିକ ମଞ୍ଚ ସଭାପତି, ସମ୍ପାଦକ, କର୍ମକର୍ତ୍ତା, ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନ ସଭାପତି, ସମ୍ପାଦକ ଓ କର୍ମକର୍ତ୍ତା, ପ୍ରୟାସ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ଭାରତ ଭୂଷଣ ପଣ୍ଡା, କଟକ ହିନ୍ଦୁ ସେନା ସଭ୍ୟ ଦିଲୀପ ସାମଲ, ସାମାଜିକ କର୍ମୀ କାମିନୀ ନାୟକ, ପ୍ରୀତମ ନାୟକ, ସୌମ୍ୟରଞ୍ଜନ ବିଶ୍ୱାଳ ଓ ଦିଲୀପ ସାହୁ ପ୍ରମୁଖଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା।




ବଡ଼ଚଣା ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ପକ୍ଷରୁ ଶ୍ରୀରାମ ଉତ୍ସବ ଓ ହନୁମାନ ଜୟନ୍ତୀ ସପ୍ତାହ ପାଳନ ଅବସରରେ ଅନୁଷ୍ଠିତ ସଭାରେ ଉପସ୍ଥିତ ଅତିଥି।



**ନଡ଼ିଆ ଗଛରୁ ପଡ଼ି ଯୁବକ ମୃତ**

ରାଜନଗର, ୧୨।୪(ଭାସ୍କର ରାଉତରାୟ): ରାଜନଗର ଥାନା ଡେରା ଗାଁର ଜଣେ ଯୁବକଙ୍କ ନଡିଆ ଗଛରୁ ଖସିପଡି ମୃତ୍ୟୁ ହୋଇଛି। ସେ ହେଲେ ଶିଶିର କୁମାର ମହାନ୍ତି (୩୮)। ଅପରାହ୍ନ ୩ଟାରେ ନିଜ ବାଡିରେ ଥିବା ନଡ଼ିଆ ଗଛରେ ଶିଶିର ଚଢ଼ିଥିଲେ। ନଡିଆ ତୋଳୁଥିବା ସମୟରେ ଅସାବଧାନତାବଶତଃ ତଳକୁ ଖସି ପଡିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶିଶିରଙ୍କ ମୃତ୍ୟୁ ଖବର ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

**ସେଲ୍ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଜୟନ୍ତ



@ କରୁଣା



@ ଚିକୁନ



@ ମୁକେଶ



@ ପ୍ରଦୀପ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବ୍ଲକ୍ ଅଧ୍ୟକ୍ଷଙ୍କ ସମେତ ୧୧ ସରପଞ୍ଚ, ୯ ସମିତିସଭ୍ୟଙ୍କ ବିଜେଡିରୁ ଇସ୍ତଫା

## ଗରଦପୁର ବ୍ଲକ୍

### ବିଧାୟକଙ୍କୁ ନିଲମ୍ବନର ପ୍ରତିବାଦ

ପାଟକୁରା, ୧୨।୪(ରବୀନ୍ଦ୍ର ନାଥ ବାରିକ)

କେନ୍ଦ୍ରାପଡ଼ା ଜିଲା ପାଟକୁରା ନିର୍ବାଚନମଣ୍ଡଳୀରେ ବିଜେଡିକୁ ଶକ୍ତ ଝଟକା ଲାଗିଛି। ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳ ବିରୋଧୀ କାର୍ଯ୍ୟ ପାଇଁ ନିଲମ୍ବନ କରିବା ପରେ ରବିବାର ଗରଦପୁର ବ୍ଲକ ଅଧ୍ୟକ୍ଷଙ୍କ ସମେତ ୧୧ ସରପଞ୍ଚ, ୯ ସମିତିସଭ୍ୟ, ୧୮ଜଣ ବିଜେଡି ପଞ୍ଚାୟତ ସଭାପତିଙ୍କ ସହ କର୍ମୀମାନେ ବିଜେଡିରୁ ସମୂହ ଇସ୍ତଫା ଦେଇଛନ୍ତି।

ରାଜ୍ୟରେ ରାଜନୈତିକ ଗୁରୁତ୍ୱ ବହନ କରୁଥିବା ପାଟକୁରା ନିର୍ବାଚନମଣ୍ଡଳୀର ବିଧାୟକ ମହାପାତ୍ରଙ୍କୁ ବିଜେଡି ସୁପ୍ରିମୋ ପଟ୍ଟନାୟକ ଜାନୁଆରୀ ୧୫ରେ ନିଲମ୍ବନ କରିବା ପରେ କର୍ମୀ ମହଲ ଓ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ପ୍ରତିବାଦରେ ପାଟକୁରାରୁ ଭୁବନେଶ୍ୱର ଶଙ୍ଖ ଭବନ ଯାଏ ବହୁସଂଖ୍ୟାରେ ଦଳୀୟ କର୍ମୀ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିବାକୁ ବିଧାୟକଙ୍କ ସମର୍ଥନରେ ଦଳୀୟ ନେତୃମଣ୍ଡଳୀଙ୍କୁ ଆପତ୍ତି ଜଣାଇଥିଲେ। ଇତିମଧ୍ୟରେ ୩ ମାସ ବିତିଯାଇଥିଲେ ସୁଦ୍ଧା ଦଳୀୟ ନେତୃମଣ୍ଡଳୀ କୌଣସି ପଦକ୍ଷେପ ନେଲେନାହିଁ। ଏପରି କି ବିଧାୟକଙ୍କୁ ସମର୍ଥନ କରୁଥିବା ବ୍ଲକ ଅଧ୍ୟକ୍ଷ ଅଭୟ କୁମାର ମହାରାଜଙ୍କୁ ମଧ୍ୟ ସେହି ସମୟରେ ବିଜେଡିରୁ ନିଲମ୍ବନ କରାଯାଇଥିଲା। ଫଳରେ ଦଳୀୟ ମହଲରେ ଉଷ୍ମତା ଅଧିକ ବୃଦ୍ଧି ପାଇଥିଲା। ରବିବାର ବ୍ଲକ ଅଧ୍ୟକ୍ଷ ମହାରାଜଙ୍କ ନେତୃତ୍ୱରେ କଳାବୁଦାର ଏକ ମଣ୍ଡପରେ ଖବରଦାତା ସମ୍ମିଳନୀର ଆୟୋଜନ ହୋଇଥିଲା। ସେଠାରେ ବିଭିନ୍ନ ପଞ୍ଚାୟତର ପ୍ରତିନିଧିମାନେ ବିଜେଡି ସୁପ୍ରିମୋ ପଟ୍ଟନାୟକଙ୍କ ସାଙ୍ଗଠନିକ କାର୍ଯ୍ୟ ଧାରାକୁ ନାପସନ୍ଦ କରିଥିଲେ। ପାଟକୁରାର ବିକାଶ ପାଇଁ ସେମାନେ ବିଧାୟକ ମହାପାତ୍ରଙ୍କ ପଛରେ ଦୃଢ଼ ଭାବରେ ଠିଆ ହୋଇ ତାଙ୍କୁ ନୈତିକ ସମର୍ଥନ ଦେବେ ବୋଲି ମତବ୍ୟକ୍ତ କରିଥିଲେ। ନିଜନିଜର ଇସ୍ତଫା ପତ୍ର ବିଜେଡି ସୁପ୍ରିମୋ ପଟ୍ଟନାୟକଙ୍କ ନିକଟକୁ ପଠାଇଥିଲେ। ସେମାନେ ହେଲେ ତେଣ୍ତାକୁଡା ପଞ୍ଚାୟତର ସମିତିସଭ୍ୟ ତଥା ଆମ୍ବା ଅଧ୍ୟକ୍ଷ ବାସୁଦେବ ବେହେରା, ପଳସୁଧା ପଞ୍ଚାୟତର ସରପଞ୍ଚ ଶ୍ରୀରାଧା ବନଜା ବାସିନୀ ଜେନା, ସମିତିସଭ୍ୟା ନର୍ଗିସ ବେଗମ,ବନ୍ତଲା ସରପଞ୍ଚ ରଞ୍ଜନ କୁମାର ନାୟକ, ସମିତି ସଭ୍ୟ ବ୍ରଜକିଶୋର ସାହୁ, ତଳକୁସୁମା ସରପଞ୍ଚ ପ୍ରଭାତ ନଳିନୀ ଜେନା, ସମିତିସଭ୍ୟ ପ୍ରଭାସ ରଞ୍ଜନ ସାହୁ, ଗରଦପୁର ସରପଞ୍ଚ ଅନିତା ମହାଲି, ପାଖଡ଼ ସରପଞ୍ଚ ବନିତା ସ୍ୱାଇଁ, ପାଟକୁରା ସରପଞ୍ଚ ଗୀତାଞ୍ଜଳି ମହାନ୍ତି, ବେଡାରୀ ସରପଞ୍ଚ କୁଞ୍ଜଲତା ମିଶ୍ର, ସମିତି ସଭ୍ୟ ଦିଲୀପ କୁମାର ସାହୁ, ପଦ୍ମପୁରର ଅନସୂୟା ବେହେରା, ସମିତି ସଭ୍ୟ ତଥା ଅଧ୍ୟକ୍ଷ ଅଭୟ କୁମାର ମହାରାଜ, ମଧୁଶାସନର ସମିତି ସଭ୍ୟ ମନୋଜ ମଲ୍ଲିକ, ବଡ଼ବେତରାର ସରପଞ୍ଚ ସଂଯୁକ୍ତା ମହାପାତ୍ର, ସମିତିସଭ୍ୟା ଲକ୍ଷ୍ମୀ ଦାସ, ସାନଅଢ଼ଙ୍ଗା ସମିତି ସଭ୍ୟା ସୌଦାମିନୀ ଆଚାର୍ଯ୍ୟ, ତିକନପୁରର ସରପଞ୍ଚ ଅମିୟ ନାୟକ ଓ ନଡ଼ିଆ ବରେଇର ସରପଞ୍ଚ ସନ୍ତୋଷ କୁମାର ମାହାଳି। ଏତଦବ୍ୟତୀତ ୧୮ ପଞ୍ଚାୟତର ବିଜେଡି ସଭାପତି ମଧ୍ୟ ଇସ୍ତଫା ପ୍ରଦାନ କରିଛନ୍ତି। ପଞ୍ଚାୟତ ପ୍ରତିନିଧିମାନଙ୍କ ସହିତ ଗରଦପୁର ବ୍ଲକ ଅଞ୍ଚଳରେ ଥିବା ଅନେକ ଛାମୁଆ ବିଜେଡି କର୍ମୀମାନେ ମଧ୍ୟ ବିଧାୟକଙ୍କୁ ସମର୍ଥନ ଜଣାଇ ଇସ୍ତଫା ଦେଇଛନ୍ତି। ଏ ସଂକ୍ରାନ୍ତରେ କେନ୍ଦ୍ରାପଡ଼ା ଜିଲ୍ଲା ଯୁବବିଜେଡି ସଭାପତି ରାଜେଶ ଦାଶଙ୍କୁ ପଚାରିବାରେ ବିଜେଡି ହେଉଛି ଏକ ମହାଦ୍ରୁମ। ଗୋଟିଏ ପତ୍ର ଖସିଗଲେ ଦ୍ରୁମର କିଛି କ୍ଷତି ହେବନି। ସେମାନଙ୍କ ଇସ୍ତଫାର ପ୍ରଭାବ ଦଳ ଉପରେ କିଛି ପଡିବ ନାହିଁ ବୋଲି ସେ କହିଛନ୍ତି।



ଖବରଦାତା ସମ୍ମିଳନୀରେ ବ୍ଲକ ଅଧ୍ୟକ୍ଷ ଅଭୟ କୁମାର ମହାରାଜଙ୍କ ସମେତ ପଞ୍ଚାୟତସ୍ତରୀୟ ବିଜେଡି ନେତୃମଣ୍ଡଳୀ।

# କାମ କରିବାକୁ ଯାଇ ବିଶ୍ୱନାଥ ନିଖୋଜ

ରାଜନଗର, ୧୨।୪
(ଭାସ୍କର ରାଉତରାୟ)

ରାଜନଗର ଥାନା ଅନ୍ତର୍ଗତ ଭିତରଗଡ ପଞ୍ଚାୟତ ଲକ୍ଷ୍ମୀନାରାୟଣପୁର ଗାଁର ସସ୍ମିତା ସାହୁଙ୍କ ଅଭିଯୋଗ ମୁତାବକ ସ୍ୱାମୀ ବିଶ୍ୱନାଥ ନିରୀହ ଅଟନ୍ତି। ବନ୍ଧୁ ଘରକୁ ଆସିଥିବା ବେଳେ କାହାକୁ ନ ଜଣାଇ ଏହି ଥାନା ଅନ୍ତର୍ଗତ ସିରିଗଡ ଗାଁର ନଳକୂପ ଠିକାଦାର ଲକ୍ଷ୍ମୀଧର ବିଶ୍ୱାଳ ତାଙ୍କୁ କାମ କରିବାକୁ ଭଦ୍ରକ ଅଞ୍ଚଳକୁ ନେଇ ଯାଇଥିଲେ। ଖବର ପାଇ ଠିକାଦାରଙ୍କ ନମ୍ବର ଆଣି ଫୋନ କରିବାରୁ ସେ ନଳକୂପ କାମ କରୁଛି, ତାଙ୍କୁ ଆଣି ଘରେ ଛାଡିବେ ବୋଲି କହିଥିଲେ। ଜାଗର ଦିନ ଫୋନ କରି ପରଦିନ ସକାଳ ୧୦ଟାରେ ବିଶ୍ୱନାଥଙ୍କୁ ଘରେ ପହଞ୍ଚାଇବେ ବୋଲି କହିଥିଲେ। ମାତ୍ର ଆଜିଯାଏ ବିଶ୍ୱନାଥଙ୍କ ଖୋଜ ଖବର ମିଳୁନି। ଠିକାଦାର କେଉଁଠି ଲୁଚାଇ ରଖି କାମ କରାଇବା ସହ ଆମକୁ ମଜୁରି ଟଙ୍କା ଦେଉନି କି ତାଙ୍କୁ ଘରେ ପହଞ୍ଚାଉ ନାହାନ୍ତି। ଏପରିକି ୨ ମାସ ହେଲା ସ୍ୱାମୀ ସହିତ ଆମର କଥାବାର୍ତ୍ତା କରାଇ ଦେଉନାହାନ୍ତି। ଠିକାଦାର ଏବେ ଫୋନ ମଧ୍ୟ ଉଠାଉ ନାହାନ୍ତି ବୋଲି ସସ୍ମିତା ଅଭିଯୋଗ କରିଛନ୍ତି। ତିନି ମାସର ପୁଅକୁ ଧରି ବାରମ୍ବାର ଥାନାକୁ ଦୌଡୁଥିଲେ ମଧ୍ୟ ପୋଲିସ କିଛି ବୁଝୁ ନ ଥିବା ନେଇ ସସ୍ମିତା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଠିକାଦାର ଲକ୍ଷ୍ମୀଧରଙ୍କୁ ପଚାରିବାରେ କାମ ନିକଟକୁ ଯାଉଥିବା ବେଳେ ହଂସିଣା ପୋଲ ପାଖରେ ବିଶ୍ୱନାଥ ଦେଖା ହୋଇ ଭଦ୍ରକ ଜିଲା ବାସୁଦେବପୁର ଅଞ୍ଚଳକୁ କାମକୁ ଯାଇଥିଲେ। କାମ ସାରିବା ପରେ ତାଙ୍କ ସ୍ତ୍ରୀଙ୍କୁ ଫୋନ କରି ସକାଳ ୧୦ଟାରେ ବିଶ୍ୱନାଥଙ୍କୁ ଘରେ ପହଞ୍ଚାଇବି ବୋଲି କହିଥିଲି। ମାତ୍ର ସେହିଦିନ ରାତିରେ ବିଶ୍ୱନାଥ ଶୋଇଥିବା ଅବସ୍ଥାରେ କେଉଁଆଡେ ପଳାଇ ଯାଇଛି। ଆମେ ବିଭିନ୍ନ ସ୍ଥାନରେ ଖୋଜାଖୋଜି ପରେ ମଧ୍ୟ ପାଉନାହୁଁ। ଏକଥା ମୁଁ ଥାନାରେ କହିଛି ବୋଲି କହିଛନ୍ତି। ଏ ସମ୍ପର୍କରେ ଆଇଆଇସି ନରେଶ କୁମାର ସାହୁଙ୍କୁ ପଚାରିବାରୁ ଥାନାରେ ନିଖୋଜ ମାମଲା ରୁଜୁ ହୋଇଛି ବୋଲି ସେ କହିଛନ୍ତି।

# ଘରେ ପଶି ଆକ୍ରମଣ, ଘରପୋଡ଼ି ଅଭିଯୋଗରେ ୨ ଗିରଫ

ମାର୍ଶାଘାଇ,୧୨।୪
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ଥାନା ଅନ୍ତର୍ଗତ ଟିକରପଙ୍ଗା (ନାରାୟଣପୁର) ଗ୍ରାମରେ ଗତ ୫ ତାରିଖରେ ୨ ଗୋଷ୍ଠୀ ଗଣ୍ଡଗୋଳ ଓ ଘରପୋଡି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମନୋଜ ମଲ୍ଲିକ ଓରଫ କାହ୍ନା (୨୨) ଓ ଦୀପକ ନାୟକ ଓରଫ ଟୁକୁନା (୪୦)। ପୋଲିସ ସୂଚନା ଅନୁଯାୟୀ, ଟିକରପଙ୍ଗା ଗ୍ରାମରେ ଚାଲିଥିବା ହନୁମାନ ଯଜ୍ଞରେ ୨ ଗୋଷ୍ଠୀଙ୍କ ମଧ୍ୟରେ ଏକ ସାମାନ୍ୟ ଘଟଣାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଗୋଟିଏ ଗୋଷ୍ଠୀର କେତେଜଣ ଲୋକ ଅଭିଯୋଗକାରିଣୀ ଲକ୍ଷ୍ମୀପ୍ରିୟା ମଲ୍ଲିକଙ୍କ ଘରେ ପଶି ତାଙ୍କ ସ୍ୱାମୀ ସନାତନ ଓ ପୁଅ ରାଜାଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ଘରେ ନିଆଁ ଲଗାଇ ଦେଇଥିଲେ। ପୋଲିସ ଘଟଣାର ତଦନ୍ତ କରି ୨ଜଣଙ୍କୁ ଗିରଫ କରିଥିଲା। ପୋଲିସ ନଂ. ୧୪୧/୨୬ରେ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରିଥିବା ଆଇଆଇସି ତପନ ନାୟକ ସୂଚନା ଦେଇଛନ୍ତି।



କୋର୍ଟଚାଲାଣ ହୋଇଥିବା ୨ ଅଭିଯୁକ୍ତ।

# ବିଜୁବାବୁଙ୍କ ତିରୋଧାନ ଦିବସ ପାଳନ ପାଇଁ ବିଜେଡିର ପ୍ରସ୍ତୁତି

ପାଟକୁରା, ୧୨।୪(ରବୀନ୍ଦ୍ର ନାଥ ବାରିକ)

ପ୍ରବାଦ ପୁରୁଷ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଆସନ୍ତା ୧୭ ତାରିଖରେ ତିରୋଧାନ ଦିବସ ଉପଲକ୍ଷେ ଗରଦପୁର ବ୍ଲକ ଚଅଁପୁରଠାରେ ବିଶାଳ ସମାବେଶ ପାଇଁ ପ୍ରସ୍ତୁତି ବୈଠକ ବଙ୍ଗାଳପୁର ପଞ୍ଚାୟତ ଲାଣ୍ଡିବଟ ମହାପୁରୁଷଙ୍କ ପୀଠରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକ ଜିଲା ବିଜେଡି ଯୁବ ସଭାପତି ରାଜେଶ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ଶିବ ପ୍ରସାଦ ଭୋଳ, ଡେରାବିଶ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ବିଜେଡି ନେତା ଭଗବାନ ଜେନା, ସମିତି ସଭ୍ୟ ଦିଲୀପ ପଣ୍ଡା, ପୂର୍ବତନ ସମିତି ସଭ୍ୟ ଅଟଳ ବିହାରୀ ଜେନା, ପୂର୍ବତନ ସମିତି ସଭ୍ୟ ଭଜହରି ସେନାପତି, ପୂର୍ବତନ ସମିତି ସଭ୍ୟ ପ୍ରହଲ୍ଲାଦ ସାହୁ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ମହାପାତ୍ର, ସରପଞ୍ଚ ରାଜେନ୍ଦ୍ର ମଲ୍ଲିକ, ପୂର୍ବତନ ସରପଞ୍ଚ ଅରୁଣ ନାୟକ, ଜିଲା ପରିଷଦ ସଭ୍ୟା ଏଲିଜା ସ୍ୱାଇଁ, ଜିଲା ପରିଷଦ ସଭ୍ୟ ସତ୍ୟାନନ୍ଦ ରାଉତ, ଲିଙ୍ଗରାଜ ନାୟକଙ୍କ ସମେତ ମାର୍ଶାଘାଇ, ଗରଦପୁର ଓ ଡେରାବିଶ ବ୍ଲକର ବିଜେଡି କର୍ମୀ ଯୋଗଦେଇଥିଲେ।



ଜିଲାଯୁବ ବିଜେଡି ସଭାପତି ରାଜେଶ ଦାସଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ।

# ପାରାଦୀପ, କପିଳଯୋରରେ ମାଛ ମଡ଼କ

## ପଚା ମାଛ ଗନ୍ଧ ଯୋଗୁ ସହର ପୂତିଗନ୍ଧମୟ ପରିବେଶ



ପାରାଦୀପ,୧୨।୪(ଶରତ ରାଉତ)

ବନ୍ଦର ସହର ପାରାଦୀପ ମଧ୍ୟସ୍ଥଳରେ ଥିବା କପିଳଯୋରରେ ରବିବାର ମାଛ ମଡ଼କ ହୋଇଛି। ସହରର ବଡ଼ପଡ଼ିଆ ପରିବା ମାର୍କେଟଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ନଦୀରେ ବିପୁଳ ପରିମାଣର ମାଛ ମରି ଭାସୁଥିବା ଦେଖିବାକୁ ମିଳିଛି। ମାଛ ମରିବା ଯୋଗୁ ସମ୍ପୃକ୍ତ ଅଞ୍ଚଳରେ ପୂତି ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ମୃତ ମାଛ ମଧ୍ୟରେ ଚାଇନା କଉ, ମାଗୁର, ଶେଉଳ ଆଦି ଅଛନ୍ତି। ଉକ୍ତ ନଦୀରେ କଳିକତି ଦଳ ଭର୍ତ୍ତି ହୋଇ ରହିଛି। ଯେଉଁ କେତେକ ସ୍ଥାନରେ ଖାଲି ଅଛି ସେଠାରେ ମଧ୍ୟ ମାଛ ଦେଖିବାକୁ ମିଳିଛି। ଦଳ ତଳେ ଅଧିକ ମାଛ ରହିଛି ବୋଲି ସ୍ଥାନୀୟ ବାସିନ୍ଦା ଶିବ ବିଶ୍ୱାଳ କୁହନ୍ତି। ଘଟଣା ସମ୍ପର୍କରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ପୁଷ୍କରଚନ୍ଦ୍ର ବେହେରାଙ୍କୁ ପଚାରିଲେ କୁହନ୍ତି, ଉକ୍ତ ନଦୀରେ ସହରର ଆବର୍ଜନା ଭର୍ତ୍ତି ହୋଇରହିଛି। ତାହା ପାଣିରେ ପଚି ଥିଲା । ବର୍ଷା ଖରା ଯୋଗୁ ଅମ୍ଳଜାନ ହ୍ରାସ ପାଇବାରୁ ଏବେ ମାଛ ମରିଛନ୍ତି। ତଥାପି ଆମେ ମଲା ମାଛ ଓ ପାଣି ନମୁନା ସଂଗ୍ରହ କରି ପରୀକ୍ଷା କରିବୁ। ସୂଚନାଯୋଗ୍ୟ, ଗତ ୨୦୨୪ ଜୁଲାଇରେ ଏହି ଯୋରରେ ସମାନ ଭାବେ ପ୍ରଚୁର ମାଛ ମରିଥିଲେ। ସେତେବେଳେ ମଧ୍ୟ ସମାନ କାରଣ ଦର୍ଶାଯାଇଥିଲା। ସହର ସମ୍ପ୍ରସାରଣ ଯୋଗୁ ଯୋର ସଙ୍କୁଚିତ ହେବା, ସେଥିରେ ଆବର୍ଜନା ପଡ଼ିବା ସହ କଳିକତି ଦଳ ଭର୍ତ୍ତି ହୋଇଯାଇଛି। ଏପରିକି ଏକ ରାଷ୍ଟ୍ରାୟତ୍ତ କମ୍ପାନୀ ନିର୍ମାଣ କାର୍ଯ୍ୟ ପାଇଁ ଯୋରକୁ ଅସ୍ଥାୟୀ ବନ୍ଧ ଦ୍ୱାରା ଅବରୋଧ କରାଯାଇଛି। ମାଉସୀ ମା'ମନ୍ଦିର ପାଖ, ସ୍ମୃତି ଉଦ୍ୟାନ ପାଖରେ ମଲା ମାଛ ଆସ୍ତରଣ ଦୂରକୁ ପାଣି ଫେଣ ଭଳି ଦେଖାଯାଉଛି। ସେହି ମଲା ମାଛ ଗନ୍ଧ ଅଧିକ ରହିଛି। ବାରମ୍ବାର ଏଭଳି ଘଟୁଥିବା ସତ୍ତ୍ୱେ ଏହାର ସ୍ଥାୟୀ ପ୍ରତିକାର କରାଯାଉନାହିଁ।



ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଜୟନ୍ତ


@ କରୁଣା


@ ଚିକୁନ


@ ମୁକେଶ


@ ପ୍ରଦୀପ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଲାଇସେନ୍ସ ୧୫, ଜିଲାରେ ୧୪୦ରୁ ଊର୍ଦ୍ଧ୍ୱ ପାଥୋଲୋଜି

ନୟାଗଡ଼,୧୨।୪(ଲୋକନାଥ ମିଶ୍ର)

■ଧରପଗଡ଼ ନ ଥିବାରୁ ଅବାଧରେ ଚାଲିଛି କାରବାର

■ସରକାର କ୍ଷତି ସହୁଛନ୍ତି, ରୋଗୀ ମରୁଛନ୍ତି

ନୟାଗଡ଼ ଜିଲାରେ ବେଆଇନ ଭାବେ ଛତୁଫୁଟିଲା ଭଳି ଗଳିକନ୍ଦିରେ ପାଥୋଲୋଜି କାମ କରୁଛି। ଜିଲାରେ ମାତ୍ର ୧୫ ପାଥୋଲୋଜି ଲାଇସେନ୍ସ ପାଇଥିବା ବେଳେ ୧୪୦ରୁ ଊର୍ଦ୍ଧ୍ୱ ବେଆଇନ ଭାବେ ଚାଲିଛି। ବର୍ଷତମାମ ବେଆଇନଭାବେ ଚାଲିଥିବା ଏହି ପାଥୋଲୋଜିଗୁଡିକର ତଦନ୍ତ ହେଉ ନାହିଁ। ଏଭଳିସ୍ଥଳେ ସରକାର ରାଜସ୍ୱ ହରାଉଛନ୍ତି। ଆଉ ରୋଗୀ ମରୁଥିଲେ କିମ୍ବା କିଲିବିଲ୍ ହୋଇ ଖର୍ଚ୍ଚାନ୍ତ ହେଉଥିଲେ ମଧ ପ୍ରତିକାର ନାହିଁ। ହେଲେ ସବୁ ଘଟଣା ଲୋକଲୋଚନକୁ ଆସିପାରୁନି। ଏ ଦିଗରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆ ନ ଗଲେ ଅଘଟଣକୁ ରୋକି ହେବ ନାହିଁ। ପ୍ରାପ୍ତ ଅଭିଯୋଗ ଅନୁସାରେ ୧୦ରୁ ୨୦ ହଜାର ଟଙ୍କା ଖର୍ଚ୍ଚ କଲେ ବିଭିନ୍ନ ଅନାମଧେୟ ସଂସ୍ଥାରୁ ଟେକ୍‌ନିସିଆନ ସାର୍ଟିଫିକେଟ୍ ହାସଲ କରାଯାଇ ପାରୁଛି। ସାର୍ଟିଫିକେଟ ହାସଲ ପରେ କ୍ୟାବିନ ଖଣ୍ଡେ ପକାଇ ପାଥୋଲୋଜି ପରୀକ୍ଷାଗାର ଫଳକ ଲଗାଇ ରକ୍ତ, ମଳ ଓ ମୂତ୍ର ଆଦି ପରୀକ୍ଷା କରାଚାଲିଛି। ବ୍ୟବହାରିକ ଓ ବୃତ୍ତିଗତ ଜ୍ଞାନ ଅଭାବରୁ ରୋଗୀମାନେ ଆର୍ଥିକ ଦୃଷ୍ଟିରୁ ଶୋଷିତ ହୋଇ ଚାଲୁଛନ୍ତି। ଅନ୍ୟପକ୍ଷେ ତ୍ରୁଟିପୂର୍ଣ୍ଣ ପରୀକ୍ଷଣ ଯୋଗୁ ବ୍ଲଡ ଗ୍ରୁପ୍ ଚିହ୍ନଟ ବେଳେ ଜଣେ ବ୍ୟକ୍ତିର ବ୍ଲଡ ଗ୍ରୁପ୍ ମଧ ଭିନ୍ନ ହୋଇଯାଉଛି। ପୁଣି ବିଭିନ୍ନ ପରୀକ୍ଷା ରିପୋର୍ଟରେ ତ୍ରୁଟି ରହୁଛି। ଫଳରେ କେତେକ କ୍ଷେତ୍ରରେ ରୋଗୀ ଗୁରୁତର ଓ ପ୍ରାଣ ହରାଉଛନ୍ତି। ଏଭଳି ଘଟଣା ବିଭିନ୍ନ ସମୟରେ ଘଟି ଚାଲିଥିଲେ ମଧ ଅଭିଯୋଗକୁ ଆର୍ଥିକ ଲୋଭ ଓ ରାଜନୈତିକ ଚାପ ପକାଇ ଚାପି ଦିଆ ଯାଉଥିବାର ଅଭିଯୋଗ ରହିଛି।

ଏ ନେଇ ନୟାଗଡ଼ର ବିଭୂତି ପଟ୍ଟନାୟକ କୁହନ୍ତି, କେଉଁ ପାଥୋଲାଜି ବେଆଇନ ଓ କିଏ ପଞ୍ଜୀକୃତ ରୋଗୀ ଜାଣିବେ କିପରି। କିଏ ଅସଲି କିଏ ନକଲି ରୋଗୀ ଜାଣି ନ ପାରି ଟଙ୍କା ଖର୍ଚ୍ଚକରି ବିପଦକୁ ଆମନ୍ତ୍ରଣ କରୁଛନ୍ତି। ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଏ ଦିଗରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ଦରକାର। ନଚେତ ରୋଗୀଙ୍କ ଜୀବନ ସହ ଖେଳ ଚାଲିଥିବ ବୋଲି କହିଛନ୍ତି। ଗଣିଆର ସୁଦାମ ସ୍ୱାଇଁ, ନୂଆଗାଁର ଭକ୍ତବଲ୍ଲଭ, ଦଶପଲ୍ଲାର ବିକ୍ରମ ନାୟକ, ପପିନା ସାହୁ, ରଣପୁରର ଗୀତାଞ୍ଜଳି ସ୍ୱାଇଁ କୁହନ୍ତି, ରୋଗୀ କିପରି ଜାଣି ପାରିବ ପାଥୋଲୋଜି ପରୀକ୍ଷାଗାର ଅସଲି କି ନକଲି। ସ୍ୱାସ୍ଥ୍ୟ ବିଭାଗ ଜାଣି ଚୁପ୍ ରହୁଥିବା ବେଳେ ଆମ ପରୀକ୍ଷାଗାର ଲାଇସେନ୍ସପ୍ରାପ୍ତ କହି ଲୋକଙ୍କୁ ଭଣ୍ଡାଇ ଚାଲିଛନ୍ତି। ଏଣୁ ରୋଗୀଙ୍କ ଜୀବନ ସହ ଖେଳୁଥିବା ପାଥୋଲୋଜି ପରୀକ୍ଷାଗାରର ମାଲିକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ତୁରନ୍ତ ନିଆଯିବା ଦରକାର ବୋଲି କହିଛନ୍ତି।

## ନିୟମ କୋମାରେ

ପାଥୋଲୋଜି ପରୀକ୍ଷାଗାର ଖୋଲିବା ପାଇଁ ସରକାରଙ୍କ ସ୍ୱତନ୍ତ୍ର ନିୟମ ରହିଛି। ନିୟମ ଅନୁସାରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ)ଙ୍କ ନିକଟରେ ନିର୍ଦ୍ଧାରିତ ଅର୍ଥଜମା କରି ପଞ୍ଜୀକୃତ କରାଯାଇ ପାରିବ। ହେଲେ ବିନା ପଞ୍ଜୀକରଣରେ ପାଥୋଲୋଜି ପରୀକ୍ଷାଗାର ଚାଲିଥିବାରୁ ସରକାରଙ୍କ ନିମୟକୁ ଅଣଦେଖା ଚାଲିଛି। ୧୫ଟି ଲାଇସେନ୍ସ ପାଥୋଲୋଜି ପରୀକ୍ଷାଗାର ମଧ୍ୟରୁ କେବଳ ୧୩ଟି ନୟାଗଡ଼ ଜିଲା ସଦର ମହକୁମାରେ ରହିଛି। ଅବଶିଷ୍ଟ ଦୁଇଟି ଚାନ୍ଦପୁର ଓ ଖଣ୍ଡପଡାରେ ରହିଛି। କିନ୍ତୁ ଜିଲାର ନୟାଗଡ଼, ରଣପୁର, ଭାପୁର, ଖଣ୍ଡପଡା, ଓଡଗାଁ, ନୂଆଗାଁ, ଗଣିଆ ଓ ଦଶପଲ୍ଲା ବ୍ଲକ ସମେତ ୫ ସହରାଞ୍ଚଳରେ ନିୟମ ଶୀତଳଭଣ୍ଡାରରେ ଫୋପାଡି ମାଳମାଳ ପାଥୋଲୋଜି ପରୀକ୍ଷାଗାର ଖୋଲାଯାଇଛି। ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପୁଷ୍ପା ନୀଳିମା ଲାକ୍ରା କୁହନ୍ତି, ବେନିୟମ ପାଥୋଲୋଜିକୁ ଧରପଗଡ ପାଇଁ ଆମେ ତଦନ୍ତ ଆରମ୍ଭ କରିବାକୁ ଯାଉଛୁ। ଯେଉଁମାନେ ପଞ୍ଜୀକରଣ ନ କରି ପାଥୋଲୋଜି କରିଛନ୍ତି ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଗ୍ୟାସ୍ ଟାଙ୍କିରୁ ନିଆଁ ଲାଗି ୬ ଆହତ

ନୟାଗଡ଼,୧୨।୪(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ରୋଷେଇ ବେଳେ ଗ୍ୟାସ ଟାଙ୍କିରୁ ନିଆଁ ଲାଗି ରଣପୁର ସହର ଦାଣ୍ଡସାହିର ସନ୍ତୋଷ ପ୍ରହରାଜଙ୍କ ପରିବାରର ୫ଜଣ ଓ ଘରେ କାମ କରୁଥିବା ଯୁବକ ଆହତ ହୋଇଛନ୍ତି। ସେମାନେ ହେଲେ ସନ୍ତୋଷଙ୍କ ପୁଅ ଲଳିତ(୩୬), ବୋହୂ ବିଜୟଲକ୍ଷ୍ମୀ(୩୦), ଲଳିତଙ୍କ ଶାଶୁ ଗୀତାଞ୍ଜଳି(୭୦), ଶାଳୀ ନିତାଶ୍ରୀ(୧୭), ବାପା ସନ୍ତୋଷ(୬୪), ଘରେ କାମ କରୁଥିବା ଯୁବକ ଅଇଁଠା ବାରିକ(୪୦) ପ୍ରମୁଖ ପୋଡି ଯାଇଥିଲେ। ଆହତମାନଙ୍କୁ ପ୍ରଥମେ ରଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ସୁବିଧା ନ ଥିବାରୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁସାରେ ଦାଣ୍ଡସାହିର ସନ୍ତୋଷଙ୍କ ବୋହୂ ବିଜୟଲକ୍ଷ୍ମୀ ରବିବାର ରାତି ପ୍ରାୟ ୮ଟାରେ ରୋଷେଇ କରୁଥିବା ବେଳେ ୫ କେଜିଆ ସିଲିଣ୍ଡରରୁ ଗ୍ୟାସ୍ ଶେଷ ହୋଇ ଆସିଥିଲା। ଏ ସମୟରେ ପୁଅ ଲଳିତ ଆସି ନିକଟରେ ଅନ୍ୟ ଏକ ଗ୍ୟାସ୍ ସିଲଣ୍ଡରର ଚୁଲାରେ ପାଇପ୍ ସଂଯୋଗ କରୁଥିବା ବେଳେ ହଠାତ ନିଆଁ ଜଳି ଉଠିଥିଲା।

# ଆଧ୍ୟାତ୍ମିକ ପରିବେଶରେ ଦଣ୍ଡ ବନ୍ଦାଣ

ଖଣ୍ଡପଡ଼ା,୧୨।୪
(ଅଜୟ କୁମାର ମହାରଣା)

ସମ୍ପ୍ରତି ଦଣ୍ଡ ଉପାସନା ନିମିତ୍ତ ଖଣ୍ଡପଡ଼ା ବ୍ଲକ ଅଧୀନ ବିଭିନ୍ନ ଗ୍ରାମାଞ୍ଚଳ ତଥା ସହରାଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ପରିଲକ୍ଷିତ ହେଉଛି। କଣ୍ଟିଲୋ ନରେନ୍ଦ୍ରପୁର ପାଟଣା ଠାରେ ପ୍ରତିଷ୍ଠିତ କପିଳେଶ୍ୱର ମହାଦେବ ଓ କୃଷ୍ଣେଶ୍ୱରପାଟଣା ସାହିରେ ଅବସ୍ଥିତ କୃଷ୍ଣେଶ୍ୱର ମହାଦେବ. ହରିସୁବୁଦ୍ଧି ପାଟଣା ସମେତ ଆଖପାଖ ଅଞ୍ଚଳରେ ଥିବା ଶୈବପୀଠମାନଙ୍କରେ ଦଣ୍ଡ ଉପାସନା କରିଥିବା ଦଣ୍ଡୁଆମାନଙ୍କର ଭିଡ଼ ଲାଗି ରହିଛି । ଅପରାହ୍ନରେ ମନ୍ଦିର ପରିସରରେ ଧୂଳି ଦଣ୍ଡ ଖେଳିବା ପରେ ସ୍ନାନ କରିବା ପାଇଁ ନଦୀ କିମ୍ବା ପୋଖରୀକୁ ଯାଇଥାନ୍ତି । ଦଣ୍ଡ ଠାକୁରଙ୍କ ସ୍ନାନପରେ ପାଟ ଦଣ୍ଡୁଆ ଠାକୁରଙ୍କୁ ହାତରେ ଧରିଥିଲା ବେଳେ ଅନ୍ୟ ଦଣ୍ଡୁଆ ମାନେ କୋଠିର ପରମ୍ପରା ଅନୁଯାୟୀ ଏକାଧିକ ଅଗ୍ନି ଦଣ୍ଡ ଧରି ଗ୍ରାମ ପରିକ୍ରମା କରନ୍ତି। ଗ୍ରାମ ବିଜେ ସମୟରେ ଦଣ୍ଡ ବନ୍ଦାଣ ପାଇଁ ମାନସିକ କରିଥିବା ଭକ୍ତମାନଙ୍କ ଦ୍ୱାରା ଦଣ୍ଡ ପୂଜା ଓ ମହିଳାମାନଙ୍କ ଦ୍ୱାରା ଦଣ୍ଡ ବନ୍ଦାପନା ପରିବେଶକୁ ଅଧିକ ଆକର୍ଷିତ କରିଥାଏ। ଦଣ୍ଡୁଆମାନଙ୍କ 'କାଶୀ ବିଶ୍ୱନାଥ' କପିଳାସ କନ୍ଦରରୁ ଯୋଗ ନିଦ୍ରା ଭାଙ୍ଗିବା ହେଉ ମଣିମା, ଧ୍ୱନୀ ସହ ପରିବାର ଓ ବିଶ୍ୱର ମଙ୍ଗଳ ହେଉ ମଣିମା' କାମନା କରି ଆଶୀର୍ବାଦ ପ୍ରଦାନ କରିଥାନ୍ତି ।


ଶ୍ରଦ୍ଧାଳୁମାନେ ଦଣ୍ଡପୂଜା କରୁଛନ୍ତି ।

# ଗିରି ହନୁମାନ ପୀଠରେ ପଞ୍ଚକୁଣ୍ଡୀୟ ମହାଯଜ୍ଞ ଆରମ୍ଭ

ଖଣ୍ଡପଡା,୧୨।୪
(ଅଜୟ କୁମାର ମହାରଣା)

ଖଣ୍ଡପଡା ସହରର ଗିରିହନୁମାନ ପୀଠରେ ରବିବାରଠାରୁ ୩ଦିନ ବ୍ୟାପୀ ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଛି। ରବିବାର ଅଧିବାସ ଅବସରରେ ନିକଟସ୍ଥ ନଦୀରୁ ଅପରାହ୍ନ ପ୍ରାୟ ୪ଟାରେ ଜଳ ସଂଗ୍ରହ କରାଯାଇ ଏକ କଳସ ଶୋଭାଯାତ୍ରାରେ ଶତାଧିକ ମହିଳା ପୁରୁଷ ସହର ପରିକ୍ରମା କରି ଯଜ୍ଞବେଦୀରେ କଳସ ସ୍ଥାପନ କରିଥିଲେ । ପରେ ଅଧିବାସ କର୍ମ ଆରମ୍ଭ ହୋଇଥିଲା । ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବ୍ରାହ୍ମଣ ସମାଜ ବରିଷ୍ଠ କର୍ମକର୍ତ୍ତାମାନେ ସମସ୍ତ ଦାୟିତ୍ୱ ତୁଲାଇଥିଲେ ।

# ମୁଦୁରାଙ୍ଗ-କୋଶଲାଙ୍ଗ ଆର୍‌ଡି ରାସ୍ତା, କାମ ଅଧାପନ୍ତରିଆ

ନୂଆଗାଁ, ୧୨।୪(ଧନେଶ୍ୱର ସାହୁ)

## ଜିଲାପାଳଙ୍କ ନିର୍ଦ୍ଦେଶର ଫଳ ଶୂନ

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଖୋର୍ଦ୍ଧା–ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥ ମୁଦୁରାଙ୍ଗଠାରୁ କୋଶଲାଙ୍ଗ ଆର୍‌ଡି ରାସ୍ତା ନିର୍ମାଣରେ ଶିଥିଳତା ଓ ଅନିୟମିତତା ହେଉଥିବା ନେଇ ଜିଲାପାଳଙ୍କ ମିଳିତ ଅଭିଯୋଗ ଜନ ଶୁଣାଣି ଶିବିରରେ ଅଭିଯୋଗ ହୋଇଥିଲା। ତେବେ ତୁରନ୍ତ ରାସ୍ତା କାମ ଶେଷ କରିବା ପାଇଁ ଜିଲାପାଳ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ନିର୍ଦ୍ଦେଶ ଦେବାର ୨ ମାସ ବିତିଯାଇଥିଲେ ମଧ ଅଦ୍ୟାବଧି କୌଣସି କାମ ହୋଇ ନାହିଁ।

ଖୋର୍ଦ୍ଧା–ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥ ମୁଦୁରାଙ୍ଗଠାରୁ କୋଶଲାଙ୍ଗ ୫.୯ କି.ମି. ରାସ୍ତା କାମ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ୩୬୦.୨୩ ଲକ୍ଷ ଅନୁଦାନ ମଞ୍ଜୁର ସହ ଟେଣ୍ଡର ମାଧ୍ୟମରେ ଠିକାସଂସ୍ଥାକୁ କାମ ଦାୟିତ୍ୱ ଦିଆଯାଇଛି। ଆର୍‌ଡି ବିଭାଗ ତତ୍ତ୍ୱାବଧାନରେ ଉକ୍ତ କାମକୁ ୨୦୨୩ ମାର୍ଚ୍ଚ ୭ ସୁଦ୍ଧା ଶେଷ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଅବଧି ଶେଷ ହେବାର ୩ ବର୍ଷ ବିତି ଯାଇଥିଲେ ମଧ୍ୟ ଅଦ୍ୟାବଧି କାମ ଶେଷ ହୋଇପାରିଲା ନାହିଁ। ଯାତାୟାତ ପାଇଁ ଲୋକମାନେ ନାହିଁ ନ ଥିବା ଅସୁବିଧା ଭୋଗୁଥିବା ବେଳେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁ କାମ ଶିଥିଳ ଗତିରେ କରାଯାଉଥିଲା। ଏପରିକି କାମ ହେବା ସମୟରେ ଯନ୍ତ୍ରୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଠିକାଦାର ନିମ୍ନମାନର କାମ କରୁଥିବା ବେଳେ ସ୍ଥାନୀୟ ଲୋକଙ୍କ ହାବୁଡରେ ପଡିଥିଲେ। ନିମ୍ନମାନର କାମକୁ ଦେଖିବାକୁ ଆର୍‌ଡି ବିଭାଗ ଯନ୍ତ୍ରୀ ହିତାଞ୍ଜଳି ପଣ୍ଡାଙ୍କୁ ଡାକିବାରେ ସେ ଘଟଣାସ୍ଥଳରେ ପହଞ୍ଚି ସତ୍ୟାସତ୍ୟ ଦେଖି ଠିକ୍ ଭାବେ କାମ କରିବାକୁ ଠିକାଦାରଙ୍କୁ ତାଗିଦ୍ କରିଥିଲେ। କିନ୍ତୁ ଠିକାଦାର କଥା ନ ଶୁଣି ପୂର୍ବ ପରି ନିଜ ଇଚ୍ଛା ମୁତାବକ କାର୍ଯ୍ୟ କଲେ। ଫଳରେ ଠିକ୍ ଭାବେ ରାସ୍ତା ନିର୍ମାଣ ହୋଇପାରିଲା ନାହିଁ। ବର୍ତ୍ତମାନ ସୁଦ୍ଧା ଉକ୍ତ ରାସ୍ତା ଅଧାପନ୍ତରିଆ ଭାବେ ପଡି ରହିଛି। ଫଳରେ ଲୋକମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି।

ଏ ବାବଦରେ ଚଳିତ ବର୍ଷ ଫେବୃଆରୀ ୯ରେ ନୂଆଗାଁ ବ୍ଲକରେ ଅନୁଷ୍ଠିତ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ସ୍ଥାନୀୟ ଉଦୟପୁର ସରପଞ୍ଚଙ୍କ ସମେତ ଲୋକମାନେ ପହଞ୍ଚି ଅଭିଯୋଗ କରିଥିଲେ। ଅଭିଯୋଗ ପାଇବାରେ ଜିଲାପାଳ ମଧୁମିତା ରଥ ଆର୍‌ଡି ଯନ୍ତ୍ରୀ ମୋନାଲିସା ବଳଙ୍କୁ ଡାକି ଘଟଣା ବିଷୟରେ ବୁଝିବା ସହ ତୁରନ୍ତ କାମ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଜିଲାପାଳ ନିର୍ଦ୍ଦେଶ ଦେବାର ୨ ମାସ ବିତି ଯାଇଥିଲେ ମଧ କୌଣସି କାମ ହୋଇ ନାହିଁ। ଏ ସମ୍ପର୍କରେ ଯନ୍ତ୍ରୀ ବଳଙ୍କୁ ପଚାରିବାରେ ନ୍ୟାଶନାଲ ଟିମ୍ ତଦନ୍ତ କରିବା ପରେ କାମ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି।


ଅଧାପନ୍ତରିଆ ରାସ୍ତା ।




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରାଜ୍ୟ ଓପନ ଚେସ୍: କୌସ୍ତୁଭ ଚାମ୍ପିୟନ



କୌସ୍ତୁଭ ଦାଶଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

**ଭୁବନେଶ୍ୱର, ୧୨।୪ (ବିଜୟ ରଣା)**

ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ତତ୍ତ୍ୱାବଧାନରେ ଅରାତି ୬୪ ସ୍କୋୟାର ଫାଉଣ୍ଡେଶନ ତରଫରୁ କେସୁରାସ୍ଥିତ ରୟାଲ ପବ୍ଲିକ ସ୍କୁଲ ପରିସରରେ ରାଜ୍ୟ ଓପନ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ୭ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଭୁବନେଶ୍ୱରର କୌସ୍ତୁଭ ଦାଶ ୬.୫ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିୟନ ହୋଇଥିବା ବେଳେ ପୁରୀର ରାଜେଶ ନାୟକ (୬.୦) ରନରଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱରର ରାଜେନ୍ଦ୍ର କୁମାର ସାହୁ, ଓମ୍ ଆଦିତ୍ୟ ଖାଡ଼ଙ୍ଗା, ତନ୍ମୟ ତ୍ରିପାଠୀ ଓ ସ୍ୱପ୍ନିଲ ପ୍ରିୟଦର୍ଶୀ ପ୍ରତ୍ୟେକ ୫.୫ ପଏଣ୍ଟ ସହ ତୃତୀୟରୁ ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି। କେନ୍ଦ୍ରାପଡ଼ାର ଲଭ୍ୟଜ୍ୟୋତି ରାଉତରାୟ ଓ ଜଟଣୀର ସ୍ଥିତପ୍ରଜ୍ଞ ସାହୁ ୭ମ ଓ ୮ମ ସ୍ଥାନ ହାସଲ କରିଛନ୍ତି। ରଞ୍ଜିତା ଭଟ୍ଟାଚାର୍ଜୀ ଶ୍ରେଷ୍ଠ ମହିଳା ଖେଳାଳି ଏବଂ ନଟବର ଦାସ ଶ୍ରେଷ୍ଠ ଭେଟେରାନ ଖେଳାଳି ବିବେଚିତ ହୋଇଛନ୍ତି। ବାଳିକା ବିଭାଗରେ ଦେବସ୍ମିତା ପାଣିଗ୍ରାହୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ୧୫ବର୍ଷରୁ କମ୍ ବିଭାଗରେ ସ୍ୱସ୍ତିକ ତ୍ରିପାଠୀ, ୧୩ ବର୍ଷରୁ କମ୍ ବିଭାଗରେ ଧୃତିମାନ ଦେ, ୧୧ ବର୍ଷରୁ କମ୍ ବିଭାଗରେ ସିଦ୍ଧାର୍ଥ ମଲ୍ଲିକ, ୯ ବର୍ଷରୁ କମ୍ ବିଭାଗରେ ଅର୍ପଣ ସାହୁ ଏବଂ ୭ ବର୍ଷରୁ କମ୍ ବିଭାଗରେ ଅବନୀତ ସାହୁ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ଅରାତି-୬୪ ସ୍କୋୟାର ଫାଉଣ୍ଡେଶନର ନିର୍ଦ୍ଦେଶକ ସ୍ମୃତିରଞ୍ଜନ ଦାସ, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ, ଉପଦେଷ୍ଟା ଅସିତ ମୁଖାର୍ଜୀ, ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ସାଉଥ ଏସିଆନ ଜୁ ଜିତସୁ: ଅନୁପମାଙ୍କୁ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୧୨।୪ (ଅନାଦି କର)**

ଶ୍ରୀଲଙ୍କାର ଦିଗାନାଠାରେ ଚାଲିଥିବା ଏସିଆନ ଜୁ ଜିତସୁ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଭାରତକୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ଅନୁପମା ସ୍ୱାଇଁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ୫୨ କେଜି ସିନିୟର ମହିଳା ଫାଇଟିଙ୍ଗ ସିଷ୍ଟମ ବିଭାଗରେ ଏହି ସଫଳତା ପାଇଛନ୍ତି। ସେହିପରି ଅମରେଶ୍ୱର ସ୍ୱାଇଁ ୫୬ କେଜି ଓ ସ୍ୱରାଜ ଜାନି ୬୯ କେଜି ପୁରୁଷ ଫାଇଟିଙ୍ଗ ସିଷ୍ଟମ ବିଭାଗରେ ରୌପ୍ୟ ପଦକ ଅର୍ଜନ କରିଛନ୍ତି। ରବିବାର ଟୁର୍ନାମେଣ୍ଟର ଦ୍ୱିତୀୟ ଦିନରେ ଓଡ଼ିଶାକୁ ୧ ସ୍ୱର୍ଣ୍ଣ ଓ ୨ ରୌପ୍ୟ ମିଳିଛି। ଫଳରେ ଓଡ଼ିଶାର ମୋଟ ପଦକ ସଂଖ୍ୟା ୭ରେ ପହଞ୍ଚିଛି। ଏଥିରେ ୪ ସ୍ୱର୍ଣ୍ଣ ଓ ୩ ରୌପ୍ୟ ପଦକ ରହିଛି। କୃତୀ ପ୍ରତିଯୋଗୀଙ୍କୁ ଓଡ଼ିଶା ରାଜ୍ୟ ଜୁ-ଜିତସୁ ସଂଘ ଓ ଉତ୍କଳ କରାଟେ ସ୍କୁଲର କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।


ସ୍ୱର୍ଣ୍ଣ ପଦକ ବିଜୟୀ ଅନୁପମା ସ୍ୱାଇଁ (ବାମ) ଓ ଅନ୍ୟମାନେ।

# ଗମ୍ଭୀରଙ୍କୁ ୭, ଅଂଶୁଲଙ୍କୁ ୫ ଉଇକେଟ

**କଟକ, ୧୨।୪ (କୁମାରଶ୍ରୀ)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ୧୬ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଜାରି ରହିଛି। ସନସାଇନ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ସମ୍ବଲପୁର-ଏ ୭୯ରନରେ ମୟୂରଭଞ୍ଜକୁ ପରାସ୍ତ କରିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ସମ୍ବଲପୁର-ଏ ୨୧୬ରନରେ ଅଲଆଉଟ ହୋଇଥିଲା। ଲିଙ୍ଗରାଜ ଘୋଷ ୬୨ରନ ଏବଂ ସ୍ୱରାଜ କର ଅପରାଜିତ ୫୭ରନ କରିଥିଲେ। ମୟୂରଭଞ୍ଜର ଗମ୍ଭୀର ପିଙ୍ଗୁଆ ୭ଟି ଉଇକେଟ ଦଖଲ କରିଥିଲେ। ଜବାବରେ ମୟୂରଭଞ୍ଜ ୧୩୭ରନରେ ଅଲଆଉଟ ହୋଇଥିଲା। ୩ ଉଇକେଟ ଅକ୍ତିଆର କରିଥିବା ବିଜୟୀ ଦଳର ରେଶବ ଶର୍ମା ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ନିମପୁର ଗ୍ରାଉଣ୍ଡରେ ଯାଜପୁର ୧୨୯ରନରେ ମାଲକାନଗିରିକୁ ହରାଇଥିଲା। ଯାଜପୁର ପକ୍ଷରୁ ଧାର୍ଯ୍ୟ




୨୨୯ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ମାଲକାନଗିରିର ଇନିଂସ ୯୯ରନରେ ସୀମିତ ରହିଥିଲା। ବିଜୟୀ ଯାଜପୁର ପକ୍ଷରୁ ଅଂଶୁଲ ବାରିକ ୫ଟି ଉଇକେଟ ଅକ୍ତିଆର କରି ପ୍ଲେୟାର ଅଫ ଦି ମ୍ୟାଚ୍ ସାବ୍ୟସ୍ତ ହୋଇଥିଲେ। ଅନ୍ୟ ମ୍ୟାଚ୍ ଗୁଡିକରେ ଗଞ୍ଜାମ ୨ ଉଇକେଟରେ ସୁନ୍ଦରଗଡକୁ, ବାଲେଶ୍ୱର ୬ ଉଇକେଟରେ ଅନୁଗୋଳକୁ, କଟକ-ଏ ୨ରନରେ ନବରଙ୍ଗପୁରକୁ, କୋରାପୁଟ ୧୦ ଉଇକେଟରେ ବୌଦ୍ଧକୁ ହରାଇଛି।

## ଜାତୀୟ ମାରାଥନ

# ବରୱାଲ ୪୮ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଲେ

**ରୋଟରଡାମ୍, ୧୨।୪ (ପି.ଟି.)**

ସାୱନ ବରୱାଲ ଏଠାରେ ରବିବାର ଅନୁଷ୍ଠିତ ଏନ୍‌ଏନ୍ ମାରାଥନରେ ଭାରତୀୟ ଆଥଲେଟ୍‌ରେ ସବୁଠାରୁ ଲମ୍ବା ସମୟ ଧରି ରହିଥିବା ୪୮ବର୍ଷର ପୁରୁଣା ଜାତୀୟ ରେକର୍ଡ ଭଙ୍ଗ କରି ଇତିହାସ ସୃଷ୍ଟି କରିଛନ୍ତି। ବରୱାଲ ୨ ଘଣ୍ଟା ୧୧ ମିନିଟ ଓ ୫୮ ସେକେଣ୍ଡ ଟାଇମିଂରେ ତାଙ୍କ ରେସ୍ ଶେଷ କରି ୨୦ତମ ସ୍ଥାନରେ ରହିଥିଲେ। ଏହାଦ୍ୱାରା ସେ ୧୯୭୮ରେ ଶିବନାଥ ସିଂଙ୍କ ନାମରେ ୨:୧୨:୦୦ ଟାଇମିଂରେ ରହିଥିବା ରେକର୍ଡକୁ ଭଙ୍ଗ କରିଦେଇଛନ୍ତି।

# ପାରାମାଉଣ୍ଟ ଚାମ୍ପିୟନ

**ଭୁବନେଶ୍ୱର, ୧୨।୪ (ତପନ ସ୍ୱାଇଁ)**

## ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ ଉଦ୍‌ଯାପିତ

ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ହାଇ-ଟେକ୍ ମେଡିକାଲ କଲେଜ ପଡ଼ିଆରେ ପଣ୍ଡିତ ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ କ୍ଲବ ଦି ରେଡ୍ ଷ୍ଟାରକୁ ୪ ଉଇକେଟରେ ହରାଇ ପାରାମାଉଣ୍ଟ ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ଟସ୍ ଜିତି ବ୍ୟାଟିଂ କରିଥିବା ରେଡ୍ ଷ୍ଟାର ନିର୍ଦ୍ଧାରିତ ୩୦ ଓଭରରେ ୫ ଉଇକେଟ ହରାଇ ୧୬୮ ରନ କରିଥିଲା। ଦଳ ପକ୍ଷରୁ ପ୍ରାନ୍ତିକ ନାୟକ ସର୍ବାଧିକ ୮୭ ଓ ଶ୍ରେୟାଂଶ ବିଧାର ୩୫ ରନ କରିଥିଲେ। ବିପକ୍ଷ ଦଳର ଶୁଭମ୍ ପରିଡ଼ା ୩ଟି ଓ ବିଜୟ ସିଂ ୨ଟି ଉଇକେଟ ନେଇଥିଲେ। ଜବାବରେ ପାରାମାଉଣ୍ଟ ୨୯.୨ ଓଭରରେ ୬ ଉଇକେଟ ହରାଇ ୧୭୧ ରନ ସଂଗ୍ରହ କରି ନେଇଥିଲା। କ୍ରିଷ୍ଣା ସାସମଲ ୫୨ ଏବଂ ପ୍ରତୀକ୍ଷିତ ପ୍ରଧାନ ଓ ସ୍ୱାଗତ ମିଶ୍ର ୩୭* ରନ ଲେଖାଏ ସ୍କୋର କରିଥିଲେ। ରେଡ୍ ଷ୍ଟାର ପକ୍ଷରୁ କ୍ଷୀରୋଦ ଭଞ୍ଜ ୨ଟି ଉଇକେଟ ନେଇଥିଲେ। ଶୁଭମ୍ ପରିଡ଼ା ପ୍ଲେୟର ଅଫ୍ ଦି ଫାଇନାଲ ପୁରସ୍କାର ପାଇଥିଲେ। ତୁଫେଲ ଅହମଦ ଶ୍ରେଷ୍ଠ ଫିଲ୍ଡର, ସମରଜିତ ସାହୁ ଶ୍ରେଷ୍ଠ ଉଇକେଟ କିପର, ଶୁଭମ୍ ପରିଡ଼ା ଶ୍ରେଷ୍ଠ ବୋଲର, ସ୍ୱାଗତ ମିଶ୍ର ଶ୍ରେଷ୍ଠ ବ୍ୟାଟର ଏବଂ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ପାଇଥିଲେ। ଆର୍‌ଏସ୍‌ଏସ୍ ପୂର୍ବାଞ୍ଚଳ ମୁଖ୍ୟ ଗୋପାଳ ପ୍ରସାଦ ମହାପାତ୍ର, ତପନ କୁମାର ପାଢ଼ୀ ଓ ହାଇ-ଟେକ୍ ମେଡିକାଲ କଲେଜ କ୍ରୀଡ଼ା ଅଧିକାରୀ ସୁରେଶ ନାୟକ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ଆସୋସିଏଶନ ସମ୍ପାଦକ ଶରତ ଚନ୍ଦ୍ର ସାହୁ, ଉପସଭାପତି ବଲ୍ଲଭ ଚନ୍ଦ୍ର ସାହୁ, ସହଯୋଗୀ ସମ୍ପାଦକ ଦୀପ୍ତି ରଞ୍ଜନ ପଣ୍ଡା ଏବଂ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ପାରାମାଉଣ୍ଟ ଦଳ।

# ନୀତୀଶ ରାଣାଙ୍କୁ ମ୍ୟାଚ୍ ଫି'ର ୨୫% ଜରିମାନା

**ଚେନ୍ନାଇ, ୧୨।୪ (ପି.ଟି.):** ଦିଲ୍ଲୀ କ୍ୟାପିଟାଲ୍ସ ବ୍ୟାଟର ନୀତୀଶ ରାଣାଙ୍କୁ ତାଙ୍କ ମ୍ୟାଚ୍ ଫି'ର ୨୫ ପ୍ରତିଶତ ଜରିମାନା କରାଯାଇଛି। ଏଠାରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ବିପକ୍ଷ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ମ୍ୟାଚ୍ ବେଳେ ଚତୁର୍ଥ ଅମ୍ପାୟରଙ୍କ ସହିତ ତାଙ୍କର ଯୁକ୍ତିତର୍କ ହୋଇଥିଲା। ୧୯ତମ ଓଭରରେ ଏହି ଘଟଣା ଘଟିଥିଲା। ଚେନ୍ନାଇର ଆର୍ଦ୍ରତା ପରିବେଶରୁ ପ୍ରବଳ ଝାଳ ବୋହି ଟ୍ରିଷ୍ଟାନ ଷ୍ଟବ୍ସଙ୍କ ଗ୍ଲୋଭ୍ସ ଓଦା ହୋଇଯାଇଥିଲା। ଏହାକୁ ବଦଳ ପାଇଁ ସେ କରିଥିବା ଅନୁରୋଧକୁ ଅମ୍ପାୟର ଅଗ୍ରାହ୍ୟ କରିଥିଲେ। ସେ ଆଉଟ ହୋଇଯିବା ପରେ ରାଣା ବିରକ୍ତି ପ୍ରକାଶ କରିବା ସହ ଚତୁର୍ଥ ଅମ୍ପାୟରଙ୍କ ସହିତ ଯୁକ୍ତିତର୍କ କରିଥିଲେ। ତାଙ୍କୁ ଏକ ଡିମେରିଟ୍ ପଏଣ୍ଟ ଦିଆଯାଇଛି। ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ସ୍ଲୋ-ଓଭର ରେଟ୍ ପାଇଁ ସିଏସ୍‌କେ ଅଧିନାୟକ ଋତୁରାଜ ଗାଏକ୍ୱାଡଙ୍କୁ ୧୨ ଲକ୍ଷ ଜରିମାନା ହୋଇଛି।

# ଅଡୁଆରେ ଆର୍‌ଆର୍ ମ୍ୟାନେଜର

**ନୂଆଦିଲ୍ଲୀ, ୧୨।୪ (ପି.ଟି.)**

ରାଜସ୍ଥାନ ରୟାଲ୍ସର ଦୀର୍ଘ ଦିନର ଟିମ୍ ମ୍ୟାନେଜର ରୋମି ଭିଣ୍ଡର ଗତ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ବିପକ୍ଷ ମ୍ୟାଚ୍ ବେଳେ ଡଗଆଉଟ୍‌ରେ ଫୋନ ବ୍ୟବହାର କରୁଥିବା ଟିଭି କ୍ୟାମେରାରେ ନଜର ଆସିଥିଲେ।

## ଡଗ୍‌ଆଉଟ୍‌ରେ ଫୋନ ବ୍ୟବହାର ଘଟଣା

ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏହାକୁ ନେଇ ବଡ଼ ବିବାଦ ସୃଷ୍ଟି ହୋଇଛି। ବିସିସିଆଇ ପକ୍ଷରୁ ଏ ଘଟଣାର ତଦନ୍ତ ପ୍ରକ୍ରିୟା ଆରମ୍ଭ କରାଯାଇଥିବା ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି।

ଖେଳାଳି ଓ ମ୍ୟାଚ୍ ଅଫିସିଆଲ ଅଞ୍ଚଳ (ପିଏମ୍‌ଓଏ) ଲାଗି ଉଦ୍ଦିଷ୍ଟ ନିୟମ ମୁତାବକ, ଟିମ ମ୍ୟାନେଜର ଭଳି କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କୁ ଫୋନ ରଖିବାକୁ ଅନୁମତି ଦିଆଯାଏ। ଭିଣ୍ଡର ରାଜସ୍ଥାନ ମ୍ୟାନେଜର ହୋଇଥିବାରୁ ତାଙ୍କ ପାଖରେ ଫୋନ ଥିଲା। କିନ୍ତୁ ଆମକୁ ଦେଖିବାକୁ ପଡ଼ିବ ଯେ, କେଉଁ ଅଞ୍ଚଳରୁ ଫୋନ ଭିତରକୁ ନିଆଯାଇଛି ଏବଂ ସେଥିଲାଗି କୌଣସି ଅନୁମତି ନିଆଯାଇଥିଲା କି ନାହିଁ। ତା' ପରେ ହିଁ ସେ କୌଣସି ନିୟମ ଭଙ୍ଗ କରିଛନ୍ତି କି ନାହିଁ, ତାହା ଜଣାପଡ଼ିବ। ଆଣ୍ଟି କରପ୍‌ଶନ ବିଭାଗ ତା'ର ତଦନ୍ତ ପ୍ରକ୍ରିୟା ଶେଷ କରି ରିପୋର୍ଟ ପ୍ରଦାନ କରିବ ବୋଲି ସାଇକିଆ କହିଛନ୍ତି। ଆଇପିଏଲ ନିୟମ ମୁତାବକ, ବିସିସିଆଇ ଆଣ୍ଟି-କରପ୍‌ଶନ ଓ ସିକ୍ୟୁରିଟି ୟୁନିଟ୍ ଦ୍ୱାରା ନିଯୁକ୍ତ ଦୁଇ ବିସିସିଆଇ ଆଣ୍ଟି-କରପ୍‌ଶନ ମ୍ୟାନେଜର୍ସ ପିଏମ୍‌ଓଏର ପରିଚାଳନା ଲାଗି ଦାୟୀ।

# କ୍ରିପା ଜିତିଲେ ପ୍ୟାରିସ ମାରାଥନ

**ପ୍ୟାରିସ, ୧୨।୪ (ଏପି.)**

ଇଟାଲୀର ୟେମେନ୍‌ବର୍ହାନ କ୍ରିପା ରବିବାର ଅନୁଷ୍ଠିତ ପ୍ୟାରିସ ମାରାଥନ ରେସ୍ ଜିତିଛନ୍ତି। ଏଥିରେ ଅଂଶଗ୍ରହଣ କରିଥିବା ପ୍ରାୟ ୬୦,୦୦୦ ଧାବକଙ୍କ ମଧ୍ୟରେ ସେ ଦ୍ରୁତତମ ବିବେଚିତ ହୋଇଛନ୍ତି। ମହିଳା ରେସ୍‌ରେ ଇଥିଓପିଆର ଶୁରି ଡିମାଇଜ୍ ମହିଳା ରେସ୍‌ରେ ଅନୁଆ ରେକର୍ଡ ସହ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଫ୍ରାନ୍ସ ରାଜଧାନୀରେ ଅନୁଷ୍ଠିତ ୪୨.୧୯୫ କିଲୋମିଟର (୨୬.୨ ମାଇଲ) ବିଶିଷ୍ଟ ଦୂରତାକୁ ଡିମାଇଜ ୨ ଘଣ୍ଟା, ୧୮ ମିନିଟ ଓ ୩୪ ସେକେଣ୍ଡରେ ଶେଷ କରିଥିଲେ। ପ୍ୟାରିସରେ ଏହା ପୂର୍ବରୁ ରେକର୍ଡ ରହିଥିବା ଦ୍ରୁତତମ ମହିଳା ଟାଇମିଂଠାରୁ ୧ ମିନିଟ ଆଗୁଆ ଫିନିଶ ଲାଇନ୍ ଅତିକ୍ରମ କରିଥିଲେ ଡିମାଇଜ୍। ସେ ନିଜ ଦେଶର ମିସ୍‌ଗାନେ ଆଲେମାୟେହୁ ଏବଂ କେନିଆର ମାଗ୍‌ଡେଲିନ୍ ମାସାଇଙ୍କଠାରୁ ଆଗରେ ରହି ରେସ୍ ଶେଷ କରିଥିଲେ।

# ମହମ୍ମଡାନ ସ୍ପୋର୍ଟିଂକୁ ହରାଇଲା ଇଣ୍ଟରକାଶୀ

**କୋଲକାତା, ୧୨।୪ (ପି.ଟି.):** ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ର ରବିବାର ଖେଳାଯାଇଥିବା ଏକ ମ୍ୟାଚରେ ଇଣ୍ଟର କାଶୀ ୧-୦ ଗୋଲ୍‌ରେ ମହମ୍ମଡ଼ାନ ସ୍ପୋର୍ଟିଂ କ୍ଲବକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧ ଖେଳର ୧୫ତମ ମିନିଟରେ ମହମ୍ମଦ ଅସିଫଙ୍କ ଗୋଲ୍ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ଦଳର ଏହା ହେଉଛି କ୍ରମାଗତ ଦ୍ୱିତୀୟ ବିଜୟ। ଇଣ୍ଟର କାଶି ବର୍ତ୍ତମାନ ୮ଟି ମ୍ୟାଚରୁ ୧୧ ପଏଣ୍ଟ ସହ ଷ୍ଟାଣ୍ଡିଂରେ ୮ମ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ମହମ୍ମଡ଼ାନ ୭ଟି ମ୍ୟାଚରୁ ଗୋଟିଏ ହେଲେ ପଏଣ୍ଟ ଅର୍ଜନ କରିନପାରି ଅନ୍ତିମ ସ୍ଥାନରେ ରହିଛି।


## Classified Everyday
0674-2580101, 9692975378


REAL ESTATE

SALE

Prime location 3BHK fully furnished premium flat 1550sqft. including garage, 3rd Floor in powerful address Bjb Nagar "Surya Apartment" for sell Dr. Sanjay-7077144498. D-250

Three storied building and 2178sqft gharabari land situated opposite Hyundai Showroom, Uttara, Bhubaneswar. Call- 8917520527. D-91




Newly open SPA health benefits relax refresh good therapist. 8658466886. D-76959

All types hair cutting, body massage by smart lady, one hour 700/-. Room services available. Contact: 7788888200. D-76307

Newly open Jyoti spa positively health benefits (Expert therapist). 8458067955. D-76960

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ୧୫ତମ ଶ୍ରାଦ୍ଧବାର୍ଷିକୀ



ଂଗୌରାଙ୍ଗ ଚରଣ ଦାସ
କୁଞ୍ଜକୁଟୀର, ନିଆଳ, ଆଳି, କେନ୍ଦ୍ରାପଡ଼ା
ଆବିର୍ଭାବ: ୧୪।୦୯।୧୯୪୧
ତିରୋଧାନ: ୨୮।୦୪।୨୦୧୧
ଏହା ମଧ୍ୟରେ ୧୫ ବର୍ଷ ଅତିକ୍ରାନ୍ତ। ଆପଣଙ୍କୁ ଆମେ ଭୁଲିପାରୁନୁ। ଆପଣ ଆମର ସଦା ସ୍ମରଣୀୟ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ଇଂ ଦେବାଶିଷ ଦାସ, ଡାକ୍ତର ଅବକାଶ ଯାଦବ, ବନ୍ଧୁ, ପରିବାରବର୍ଗ ତଥା ଗୌରାଙ୍ଗ-କୁଞ୍ଜ ଚାରିଟେବୁଲ ଟ୍ରଷ୍ଟ ଓ ଗୌରାଙ୍ଗ ଦାସ ସ୍ମୃତି କମିଟି।
ଧ-୯୮

### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଂରମାକାନ୍ତ ଦାଶ
ଆବିର୍ଭାବ: ୨୩।୦୨।୧୯୪୦
ତିରୋଧାନ: ୦୨।୦୪।୨୦୨୬
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥
ନନା, କେଉଁଠି ତୁମେ..? ଆକାଶ ଘଟର ଶାନ୍ତ ଜଳରେ ତୁମ ଛବି ରହିଛି ଲୁଚି.. ଅବା ଘଟ ପ୍ରଦୀପର ନିରବ ଅଗ୍ନିଶିଖାରେ ତୁମ ଆତ୍ମା ଜ୍ୱଳି ଉଠିଛି... ଗାଁ ପୋଖରୀ ହୁଡ଼ା ପାଖରେ ସେଇ ମାଟିଘରର ନିରବତାରେ... ନା ତୁମେ ଆଜି ସର୍ବତ୍ର ବ୍ୟାପ୍ତ ପଞ୍ଚମହାଭୂତର ଅଦୃଶ ସ୍ପନ୍ଦନରେ...
ଧ-୯୯


# ଆରିତ ଭାରତର ସର୍ବ କନିଷ୍ଠ ଆଇଏମ୍

**ନୂଆଦିଲ୍ଲୀ, ୧୨।୪ (ପି.ଟି.)**

ଦିଲ୍ଲୀର ୧୦ ବର୍ଷୀୟ ଆରିତ କପିଲ ଭାରତର ସର୍ବକନିଷ୍ଠ ଖେଳାଳି ହିସାବରେ ଏକ ଇଣ୍ଟରନ୍ୟାଶନାଲ ମାଷ୍ଟର (ଆଇଏମ୍)ନର୍ମ ହାସଲ କରିଛନ୍ତି। ସ୍ପେନର ମେନୋର୍କାଠାରେ ଅନୁଷ୍ଠିତ ଇଣ୍ଟରନ୍ୟାଶନାଲ ଟୁର୍ନାମେଣ୍ଟର ଫାଇନାଲ ରାଉଣ୍ଡରେ ଅଷ୍ଟ୍ରେଲିଆର ସାମୁଏଲ୍ ଆସାକାଙ୍କ ସହିତ ଡ୍ର' ରଖିବା ପରେ ସେ ଏହି କୀର୍ତ୍ତିମାନ ଅର୍ଜନ କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ସେ ବିଶ୍ୱର ୨୦ ବର୍ଷରୁ କମ୍ ଚାମ୍ପିୟନ କାଜାଖସ୍ତାନ ଗ୍ରାଣ୍ଡମାଷ୍ଟର ନୋଜରବେକ୍ କେଜିବେକ୍‌ଙ୍କୁ ପରାଜିତ କରିବା ସହ ଟୁର୍ନାମେଣ୍ଟରେ ଆରିତଙ୍କ ଆରମ୍ଭ ଉତ୍ସାହଜନକ ଥିଲା।




ସେ ମାତ୍ର ୧୦ ବର୍ଷ ୭ ମାସ ବୟସରେ ସର୍ବକନିଷ୍ଠ ଭାରତୀୟ ଚେସ୍ ଖେଳାଳି ଭାବେ ଆଇଏମ୍ ନର୍ମ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ଡି. ଗୁକେଶ, ଅର୍ଜୁନ ଓ ଆର. ପ୍ରଜ୍ଞାନନ୍ଦଙ୍କ ଭଳି ଖେଳାଳିଙ୍କ ପଦାଙ୍କ ଅନୁସରଣ କରି ସେ ବିଶ୍ୱରେ ଭାରତର ପୂର୍ବବର୍ତ୍ତୀ ବଡ଼ ଚେସ୍ ଖେଳାଳି ହୋଇ ଉଭା ହେବେ ବୋଲି ଆଶା କରାଯାଉଛି। ଗତବର୍ଷ ୧୧ବର୍ଷରୁ କମ୍ ଜାତୀୟ ଚାମ୍ପିୟନଶିପ୍ ବିଜୟ ହାସଲ କରିବା ଆରିତ୍‌ଙ୍କ ପାଇଁ ଟର୍ନିଂ ପଏଣ୍ଟ ଥିଲା। ବର୍ତ୍ତମାନ ସେ ୨୦୧୫ରେ ଜନ୍ମଗ୍ରହଣ କରିଥିବା ଖେଳାଳିମାନଙ୍କ ମଧ୍ୟରେ ବିଶ୍ୱର ଦୁଇ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି। 'ମେସି ଅଫ୍ ଚେସ୍' ନାମରେ ପରିଚିତ ୧୨ ବର୍ଷୀୟ ଅନ୍ତର୍ଜାତୀୟ ମାଷ୍ଟର ବିଶ୍ୱ ଚେସ୍ ମହଲରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# କରାଟେ ଗ୍ରେଡିଂରେ ୨୮୬ କୃତକାର୍ଯ୍ୟ

**ଭୁବନେଶ୍ୱର, ୧୨।୪ (ଅନାଦି କର)**

ଉତ୍କଳ କରାଟେ ସ୍କୁଲର ମୁଖ୍ୟ ଶାଖାଠାରେ ରବିବାର ସୁକୋକାଇ କରାଟେର ଗ୍ରେଡିଂ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ସୁକୋକାଇ କରାଟେ ୟୁନିଅନର ମୁଖ୍ୟ ଡ. ହରିପ୍ରସାଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସିନିୟର ପ୍ରଶିକ୍ଷକ ସେନସେଇ ଖାରବେଳ ମଲ୍ଲିକ, ଦୀପକ ସାମନ୍ତରା, ସନ୍ତୋଷ ମହାରଣା, ସପନ ମିଶ୍ର, ଶୁଭେନ୍ଦୁ ଲେଙ୍କା, ଦୀପକ ଯାଦବ, ଆଶିଷ ରାଉତ, ରାହୁଲ ପ୍ରଧାନ ଓ ଗୋପାଳ ରାଓ ପ୍ରମୁଖ ପରୀକ୍ଷା ପରିଚାଳନା କରିଥିଲେ। ପରୀକ୍ଷାରେ ୟେଲୋ ବେଲ୍ଟରେ ୪୯, ଅରେଞ୍ଜ ବେଲ୍ଟରେ ୪୭, ଗ୍ରୀନ ବେଲ୍ଟରେ ୫୩, ବ୍ଲୁ ବେଲ୍ଟରେ ୪୭, ବ୍ରାଉନ ବେଲ୍ଟରେ ୯୦ ଜଣଙ୍କୁ ମିଶାଇ ମୋଟ ଉପରେ ୨୮୬ ଜଣ ଗ୍ରେଡିଂ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି।



କରାଟେ ବେଲ୍ଟ ଗ୍ରେଡିଂରେ ଅଂଶଗ୍ରହଣ କରିଥିବା କରାଟେକାମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

# ବିଶୋଧିତ ପାନୀୟ ଜଳ



ଡା. ଜୀବନ କୃଷ୍ଣ ମିଶ୍ର

"ପ୍ରଦୂଷିତ ପାଣିରେ କ୍ଷତିକାରକ ପଦାର୍ଥମାନ ଭାସମାନ ଓ ଦ୍ରବୀଭୂତ ଅବସ୍ଥାରେ ମହଜୁଦ ଥାଏ। ଭାସୁଥିବା ଅନିର୍ମଳ ପାଣିକୁ ଛାଣିଦେଲେ ଜଳ କିଛି ପରିମାଣରେ ନିର୍ମଳ ହୋଇଥାଏ। ତା'ପରେ ଉକ୍ତ ପାଣିକୁ ୧୦୦୦ ଡିଗ୍ରୀ ତାପମାତ୍ରାରେ ଫୁଟାଇ ଦେଲେ ୧୫ରୁ ୨୦ ମିନିଟ୍ ମଧ୍ୟରେ ଜୀବାଣୁ ସମୂହ ନଷ୍ଟ ହୋଇଯାଆନ୍ତି ଓ ତାହା ପାନୀୟ ଉପଯୋଗୀ ହୋଇଥାଏ। ଏତଦ୍‌ବ୍ୟତୀତ ଫିଲ୍‌ଟର ପେପର ମାଧ୍ୟମରେ ମଧ୍ୟ ଜଳକୁ ବିଶୋଧନ କରାଯାଏ। ଏହି ପ୍ରକ୍ରିୟାକୁ ଫିଲଟ୍ରେସନ୍ କୁହାଯାଏ।"



ବିଶାଳ ଭୂପୃଷ୍ଠକୁ ସୁବିସ୍ତୃତ ଜଳରାଶି ଚାରିପଟୁ ସଜାଗ ପୋଲିସ ବାହିନୀ ସଦୃଶ ଘେରିରହିଛି। ମହାସାଗର, ସାଗର ଓ ନଦୀଜଳ ଦ୍ୱାରା ଜାଗତିକ ସଭ୍ୟତା ଉନ୍ନତିର ସୋପାନରେ ଆଗେଇ ଚାଲିଛି। ନଦୀଜଳର ସୁମଧୁର ବାରିଧାରା, କେନାଲ ପାଣିର ଉପଯୁକ୍ତ ବିନିଯୋଗ ଏବଂ ସମୟୋପଯୋଗୀ ମୌସୁମୀ ବର୍ଷାର ସ୍ପର୍ଶ ଚାଷ, ଅମଳ ଓ କୃଷି କ୍ଷେତ୍ରରେ ଯଥେଷ୍ଟ ଉତ୍କର୍ଷ ସାଧନ କରିପାରିଛି। ମହୋଦଧିର ଅବବାହିକାରେ କ୍ଷେପଣାସ୍ତ୍ର ପ୍ରେରଣ, ଗମନାଗମନ ଓ ପରିଚାଳନାର ସୁଯୋଗ ମଧ୍ୟ ବେଶ୍ ବୃଦ୍ଧି ପାଇଛି। ବିଶେଷ ଭାବରେ ଦେବଭୂମି ଭାରତବର୍ଷ ବସୁନ୍ଧରା ମାତାଙ୍କ ଅବଦାନରେ ପରିପୁଷ୍ଟ ହୋଇ ବିଶ୍ୱ ଦରବାରରେ ସମ୍ମାନିତ ହୋଇପାରିଛି। ଘୋର ଦୁଃଖ ଓ ପରିତାପର ବିଷୟ ଯେ, ଉପମହାଦେଶ 'ଭାରତ' ଆଜି ଜନସଂଖ୍ୟା ବିସ୍ଫୋରଣରେ ଆଉଟୁପାଉଟୁ ହୋଇ ଚିନ୍ତାଶୀଳ ହୋଇପଡ଼ିଛି। ପୃଥିବୀର ସର୍ବବୃହତ୍ ଦେଶ ଭାବେ ଏହା ପରିଗଣିତ ହେବା ସହିତ ସବୁଜ ଗୃହର କ୍ରମବର୍ଦ୍ଧିଷ୍ଣୁ ନକାରାତ୍ମକ ପ୍ରଭାବ ଓ ଉତ୍ତପ୍ତୀକରଣ ପ୍ରକ୍ରିୟାରେ ବୁଢ଼ିଆଣୀ ଜାଲରେ ଛନ୍ଦି ହୋଇ ଯାଇଛି। ବିପୁଳ ଜନସଂଖ୍ୟା ସହିତ ମାତ୍ରାଧିକ ଯାନବାହନର ବ୍ୟବହାର, ନଦୀମାତୃକା ଦେଶର ସ୍ୱଚ୍ଛ ଓ ନିର୍ମଳ ଜଳ ସମୂହକୁ ଧୀରେ ଧୀରେ ପ୍ରଦୂଷିତ କରିବାରେ ଲାଗିଛି। ସମସ୍ୟା ଏପରି ହେଲାଣି ଯେ, ପାନୀୟଜଳ କିଣିବା ପାଇଁ ବ୍ୟକ୍ତିବିଶେଷ ବାଧ୍ୟ ହେଉଛନ୍ତି। ଘରେ ଘରେ ଜଳ ବିଶୋଧନର ସାମଗ୍ରୀ ଖଞ୍ଜିବା ପାଇଁ ଲୋକେ ସଜାଗ ରହୁଛନ୍ତି। ଏଣୁ ପାନୀୟଜଳ ବିଶୋଧନ ପାଇଁ ଆମେ ସାମୂହିକ ଭାବେ ସର୍ବାଦୌ ସଚେତନ ରହିବା ସମୀଚୀନ ମନେହୁଏ।

ପ୍ରଦୂଷିତ ପାଣିରେ କ୍ଷତିକାରକ ପଦାର୍ଥମାନ ଭାସମାନ ଓ ଦ୍ରବୀଭୂତ ଅବସ୍ଥାରେ ମହଜୁଦ ଥାଏ। ଭାସୁଥିବା ଅନିର୍ମଳ ପାଣିକୁ ଛାଣିଦେଲେ ଜଳ କିଛି ପରିମାଣରେ ନିର୍ମଳ ହୋଇଥାଏ। ତା'ପରେ ଉକ୍ତ ପାଣିକୁ ୧୦୦୦ ଡିଗ୍ରୀ ତାପମାତ୍ରାରେ ଫୁଟାଇଦେଲେ, ୧୫ରୁ ୨୦ ମିନିଟ୍ ମଧ୍ୟରେ ଜୀବାଣୁ ସମୂହ ନଷ୍ଟ ହୋଇଯାଆନ୍ତି ଓ ତାହା ପାନୀୟ ଉପଯୋଗୀ ହୋଇଥାଏ। ଏତଦ୍‌ବ୍ୟତୀତ ଫିଲ୍‌ଟର ପେପର ମାଧ୍ୟମରେ ମଧ୍ୟ ଜଳକୁ ବିଶୋଧନ କରାଯାଏ। ଏହି ପ୍ରକ୍ରିୟାକୁ ଫିଲ୍‌ଟ୍ରେସନ କୁହାଯାଏ। ଯଦି ପାଣିରେ ଅତ୍ୟଧିକ ମାତ୍ରାରେ କାଦୁଅ ଓ କଳଙ୍କି ମାଟି ପରି ପ୍ରଦୂଷଣ ଥାଏ, ତାହାହେଲେ ଉକ୍ତ ପାଣିକୁ ସଂଗ୍ରହ କରି ତାକୁ ସ୍ୱଚ୍ଛପାତ୍ରରେ ଅନ୍ତତଃ ଅଧଘଣ୍ଟାଏ ରଖିଦେଲେ ଅଦରକାରୀ ଓ ଅଶୁଦ୍ଧ ପଦାର୍ଥଗୁଡ଼ିକ ନିମ୍ନଗାମୀ ହୋଇ ତଳେ ରହି ଯାଇଥାଏ। ଏହା ଏକ ସୁବିଧାଜନକ ମାଧ୍ୟମ, ଏହାକୁ ଇଂଲିଶ୍‌ରେ 'ସେଡିମେଣ୍ଟେଶନ' କୁହାଯାଏ। ଉପରିସ୍ଥ ଶୁଦ୍ଧ ଜଳକୁ ଆଉ ଏକ ପାତ୍ରକୁ ଢାଳିଦେଲେ ଏହା ପାନୀୟ ଉପଯୋଗୀ ହୋଇଥାଏ; ଏତାଦୃଶ କାର୍ଯ୍ୟକ୍ରମକୁ ଇଂଲିଶ୍‌ରେ 'ଡିକାଣ୍ଟେଶନ' କୁହାଯାଏ। କିଛି କିଛି ସ୍ଥାନ ବିଶେଷରେ ମଧ୍ୟ ଜଳରେ କ୍ଲୋରିନ ଟାବ୍‌ଲେଟ ପକାଇ ବା କ୍ଲୋରିନ୍ ଗ୍ୟାସ ଚାଳନା କରି ଜଳକୁ ବିଶୋଧନ କରାଯାଏ। 'କ୍ୟାଲସିୟମ ଅକ୍ସିକ୍ଲୋରାଇଡ୍‌ରେ ଯେଉଁ 'ନାସେଣ୍ଟ ଅକ୍ସିଜେନ' ଦ୍ରବୀଭୂତ ଅବସ୍ଥାରେ ଥାଏ, ତାହା ସକ୍ରିୟ ହୋଇ ଜଳକୁ ବିଶୋଧିତ କରିଥାଏ। ଏହି ପଦ୍ଧତିକୁ 'କ୍ଲୋରିନେସନ' କୁହାଯାଏ।

ଓଜନିଆ ଦ୍ରବୀଭୂତ ଧାତବ ଦ୍ରବ୍ୟର କ୍ଷତିକାରକ ପରିଣାମ ବିଷୟରେ କିଛି ସୂଚନା ଦେବା ଠିକ୍ ହେବ। ଏତାଦୃଶ ବସ୍ତୁ ବିଶେଷଗୁଡ଼ିକର ଡେନ୍‌ସିଟି, ସ୍ପେସିଫିକ ଗ୍ରାଭିଟି ଓ ଆଟୋମିକ୍ ୱେଟ ସାଧାରଣତଃ ଅଧିକ ହୋଇଥାଏ। ଏହି ଦ୍ରବୀଭୂତ ପଦାର୍ଥଗୁଡ଼ିକ ଖୋଲା ଆଖିରେ ଦୃଶ୍ୟମାନ ହେବା ଅସମ୍ଭବ। ଏହାକୁ ପରଖିବା ପାଇଁ ଅଣୁବୀକ୍ଷଣ ଯନ୍ତ୍ରର ଆବଶ୍ୟକତା ହୋଇଥାଏ। କିଛି ହେଭି ମେଟାଲ୍‌ସ ଯଥା କୋବାଲ୍ଟ, କପର୍, ଜିଙ୍କ ଓ ମାଙ୍ଗାନିଜ ପ୍ରଭୃତି ଯଦି ପାଣିରେ ଆବଶ୍ୟକ ମୁତାବକ ରହିଥାଏ, ତାହା ସ୍ୱାସ୍ଥ୍ୟ ପକ୍ଷରେ ହିତକାରକ; ଆଉ କିଛି ଦ୍ରବୀଭୂତ ଓଜନିଆ ଧାତବ ପଦାର୍ଥ ଯଥା ମର୍କ୍ୟୁରି, ଲେଡ୍, କାଡାସିୟମ୍, ଆର୍ସେନିକ, ନିକେଲ, କ୍ରୋମିୟମ୍ ଯଦି ମାତ୍ରାଧିକ ପରିମାଣରେ ପାନୀୟ ଜଳରେ ମହଜୁଦ ଥାଏ, ତେବେ ଫଳାଫଳ ବେଶ୍ ଦୁର୍ବିଷହ ହୋଇଥାଏ। ମାନସିକ ପ୍ରକ୍ରିୟା ଦୁର୍ବଳ ହୁଏ ଏବଂ କେନ୍ଦ୍ରୀୟ ସ୍ନାୟୁଶକ୍ତି ନିଷ୍କ୍ରିୟ ହୋଇପଡ଼େ। ଫଳରେ ଫୁସ୍‌ଫୁସ୍, ଯକୃତ ଓ ବୃକକ୍ ମଧ୍ୟ ବାଧାପ୍ରାପ୍ତ ହୋଇଥାଏ। ଅନ୍ୟପକ୍ଷରେ ଏହି ଦ୍ରବୀଭୂତ ବିଷାକ୍ତ ପଦାର୍ଥଗୁଡ଼ିକ କର୍କଟ ରୋଗ ସୃଷ୍ଟି କରିବାରେ ମଧ୍ୟ ସୁଯୋଗ ଦେଇଥାଏ। ବିଶେଷଭାବରେ ଶିଶୁ ଓ କିଶୋରମାନେ ଏହି ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାର ଶିକାର ହୋଇଥାଆନ୍ତି। ସମୀକ୍ଷା ଓ ଗବେଷଣାରୁ ଜଣାଯାଏ ଯେ, କପର୍ ଓ ନିକେଲର ପରିମାଣ ପାଣିରେ ଅଧିକ ରହିଲେ ଏହା ଚକ୍ଷୁ, ଯକୃତ ଓ ଚର୍ମ ସମୂହକୁ କ୍ଷତି ପହଞ୍ଚାଇଥାଏ ଏବଂ କର୍କଟ ରୋଗର କାରଣ ମଧ୍ୟ ହୋଇଥାଏ। ମହିଳାଙ୍କ ଶରୀରରେ ଆଲର୍ଜିକ ପ୍ରତିକ୍ରିୟା ପରିଦୃଶ୍ୟମାନ ହୋଇଥାଏ। ବିଶେଷଜ୍ଞମାନେ ମତ ଦେଇଛନ୍ତି ଯେ ଜିଙ୍କ୍ ପରି ଏକ ହେଭି ମେଟାଲର ମାତ୍ରା କମିଗଲେ, ଏହା କ୍ରନ୍ସ ଓ ସିଲିଆକ୍ ରୋଗ ସୃଷ୍ଟି କରିଥାଏ। ତେଣୁ ସ୍ଥଳ ବିଶେଷରେ ଗବେଷକମାନେ ଔଷଧରେ କିଛି ପରିମାଣରେ ଜିଙ୍କ୍ ମିଶାଇ ଥାଆନ୍ତି, ଯାହା ଶରୀର ପାଇଁ ହିତକାରକ ହୋଇଥାଏ।

ଏ ସବୁର ପ୍ରତିକାର ହେଲା କେଣ୍ଟ ୱାଟର, ଯାହା ରିଭର୍ସ ଓସ୍ମୋସିସ ପ୍ରକ୍ରିୟାରେ ଓଜନିଆ ଦ୍ରବୀଭୂତ ଦ୍ରବ୍ୟଗୁଡ଼ିକୁ ପାନୀୟ ଜଳରୁ ବାହାର କରିଦେଇଥାଏ। ଏହି ଜଳ ବ୍ୟବହାର କଲେ ମନୁଷ୍ୟସମାଜ ସମ୍ଭବତଃ ସୁସ୍ଥ ରହିବାର ସମ୍ଭାବନା ରହିଛି। ଏଣୁ ସରକାର ଓ ପ୍ରଶାସନ ବିଶୋଧିତ ପାନୀୟ ଜଳର ସୁବନ୍ଦୋବସ୍ତ କରିବା ଉଚିତ। ଏହା ସହିତ କ୍ରମବର୍ଦ୍ଧିଷ୍ଣୁ ଲୋକସଂଖ୍ୟା ଉପରେ କଟକଣା ଜାରି କରିବା, ଅବିରତ ଯାନବାହନ ଚଳାଚଳକୁ ବନ୍ଦ କରିବା, ଆପାର୍ଟମେଣ୍ଟ କମ୍ପ୍ଲେକ୍ସ ସଂଖ୍ୟା ଉପରେ ଦୃଷ୍ଟିଦେବା, ବର୍ଷାଜଳ ସଂରକ୍ଷଣ କରିବା, ଜଙ୍ଗଲ ସୃଷ୍ଟି ଉପରେ ଧ୍ୟାନ ଦେବା ଉଚିତ। ଫଳ ସ୍ୱରୂପ ସମାଜ ସୁସ୍ଥ ରହିବ, ବ୍ୟକ୍ତି ବିଶେଷଙ୍କର ଭାବାବେଗ ଅଧିକ ହେବ। ସାମୂହିକ ଉଦ୍ୟମ ମାଧ୍ୟମରେ ଦେଶ ସୁଜଳା, ସୁଫଳା ଓ ଶସ୍ୟଶ୍ୟାମଳା ହେବ। ଏକବିଂଶ ଶତାବ୍ଦୀର ମଧ୍ୟଭାଗ ସମାଜ ପାଇଁ ଆଣିଦେବ ଏକ ଅଭୂତପୂର୍ବ ଶାନ୍ତିର ଚିରସ୍ରୋତା ନିର୍ଝରିଣୀ।

– ପୁରୁଣା ଭୁବନେଶ୍ୱର
ମୋ: ୯୯୩୮୬୫୮୭୫୬

## ହଜମ କ୍ରିୟାକୁ ସକ୍ରିୟ କରେ ଖଜୁରି



ଖଜୁରିରେ ଫାଇବର୍, କ୍ୟାଲ୍‌ସିୟମ୍ ଏବଂ ମ୍ୟାଗ୍ନେସିୟମ୍ ଆଦି ପ୍ରଚୁର ପରିମାଣରେ ଭରି ରହିଛି। ଖଜୁରିକୁ ଆମେ ସବୁ ସମୟରେ ଖାଇପାରିବା, କିନ୍ତୁ ମୁଖ୍ୟତଃ ଏହାକୁ ସକାଳ ଜଳଖିଆ ଓ ଉପାସ କରିଥିବା ସମୟରେ ଖାଇଥାଉ। ତେବେ ଏହାକୁ ନିୟମିତ ଖାଇଲେ ତାହା ଆମର ହଜମ କ୍ରିୟାକୁ ଅଧିକ ସକ୍ରିୟ କରିଥାଏ। ଏହାବ୍ୟତୀତ ସ୍ନାୟୁଗୁଡ଼ିକୁ ଶକ୍ତି ଯୋଗାଇବାରେ ମଧ୍ୟ ସହାୟକ ହୋଇଥାଏ। ଖଜୁରିର ଆଉ ଏକ ଉପକାରୀ ଗୁଣ ରହିଛି। ଏହାକୁ ଖାଇଲେ କୋଷ୍ଠକାଠିନ୍ୟ ସମସ୍ୟାରୁ କେତେକାଂଶରେ ଉପଶମ ମିଳିଥାଏ। ପେଟ ଭିତରେ ଏସିଡିଟି ପରିମାଣକୁ ଏହା ନିୟନ୍ତ୍ରଣରେ ରଖେ। ଅନ୍ୟପକ୍ଷରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେରୁ ଜାଣିପାରିଛନ୍ତି ଯେ ଏହାକୁ ନିୟମିତ ଖାଇଲେ କେତେକ ରୋଗର ଆଶଙ୍କାକୁ ଏହା ଦୂର କରିଥାଏ। ବିଶେଷଭାବରେ କ୍ୟାନସର, ହୃଦ୍‌ରୋଗ ଏପରିକି ଷ୍ଟ୍ରୋକ୍ ଆଶଙ୍କାକୁ ଏହା କେତେକାଂଶରେ ଦୂର କରିଥାଏ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ଗର୍ଭବତୀଙ୍କ ପାଇଁ ଖଜୁରି ମଧ୍ୟ ଉପକାରୀ। ଏଥିରେ ଏଭଳି ତତ୍ତ୍ୱ ରହିଛି ଯାହାଦ୍ୱାରା ଅସ୍ଥି ମଜଭୁତ ରହିଥାଏ।

## ଚକ୍ଷୁଦାନ ସମୟରେ...



ଚକ୍ଷୁ ଏପରି ଅଙ୍ଗ ଯାହା ନଷ୍ଟ ହୋଇଗଲେ ଆମର ଜୀବନ ଦୁର୍ବିଷହ ହୋଇଯାଇଥାଏ। ତେଣୁ ଚକ୍ଷୁ କିପରି ସୁରକ୍ଷିତ ରହିବ ସେ ନେଇ ଆମେ ବେଶ୍ ଯତ୍ନବାନ ରହିଥାଉ। ଏବେ ଚକ୍ଷୁଦାନ ଧାରାରେ ଅନେକେ ନିଜକୁ ସାମିଲ କରିଛନ୍ତି। ବିଶେଷଭାବରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିବା ପରେ ତାଙ୍କର ପରିବାର ସଦସ୍ୟମାନେ ଚକ୍ଷୁଦାନ କରିପାରିବେ। କେତେକ ବ୍ୟକ୍ତି ବଞ୍ଚିଥିବା ଅବସ୍ଥାରେ ତାଙ୍କର ଚକ୍ଷୁ ଅନ୍ୟମାନଙ୍କୁ ଦାନ କରିବାକୁ ନିଷ୍ପତ୍ତି ନେଇଥାଆନ୍ତି। ସେ ମୃତ୍ୟୁବରଣ କରିବା ପରେ ଏହି କାର୍ଯ୍ୟ ସମାପନ କରାଯାଇଥାଏ। ତେବେ ଚକ୍ଷୁଦାନ କରିବା ବେଳେ କେତେକ ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ। ଏଥିଲାଗି ଚକ୍ଷୁ ବ୍ୟାଙ୍କରେ ଏ ବିଷୟରେ ଚକ୍ଷୁଦାନ କରୁଥିବା ବ୍ୟକ୍ତିଙ୍କ ନାମ ରେଜିଷ୍ଟ୍ରେଶନ କରାଇ ନିଅନ୍ତୁ। ଯଦି ରେଜିଷ୍ଟ୍ରେଶନ କରିନାହାନ୍ତି ତେବେ ସମ୍ପୃକ୍ତ ଅନୁଷ୍ଠାନକୁ ଫୋନ୍ ମାଧ୍ୟମରେ ଏକଥା ଜଣାଇବା ପରେ ସେମାନେ ଆବଶ୍ୟକ ତଥ୍ୟ ଲିପିବଦ୍ଧ କରାଇବାରେ ସହାୟତା କରିଥାଆନ୍ତି। ଚକ୍ଷୁ ବ୍ୟାଙ୍କ ତରଫରୁ ଏକ ସ୍ୱତନ୍ତ୍ର ଡାକ୍ତର ଟିମ୍ ଚକ୍ଷୁ ସଂଗ୍ରହ କରିବାକୁ ନିର୍ଦ୍ଦିଷ୍ଟ ସ୍ଥାନକୁ ଯାଇଥାଆନ୍ତି। ଏହା ଡାକ୍ତରଖାନା ସହ ନିଜ ଘରେ ମଧ୍ୟ ସମ୍ଭବ। କିନ୍ତୁ ଚକ୍ଷୁ ସଂଗ୍ରହ କାମ ମୃତ୍ୟୁର ଛଅ ଘଣ୍ଟା ମଧ୍ୟରେ ହେବା ଦରକାର। ମୃତ୍ୟୁ ପରେ ଶରୀରକୁ ଥଣ୍ଡାରେ କିମ୍ବା ଏସି ରୁମ୍‌ରେ ରଖନ୍ତୁ। ଆଖିପତା ଦୁଇଟିକୁ ବନ୍ଦ କରି ଓଦା ତୁଳା ବା ରୁମାଲ୍‌ରେ ଘୋଡ଼େଇ ରଖନ୍ତୁ। ଚକ୍ଷୁ କଲେକ୍ସନ୍ ଟିମ୍ ଆସି ପହଞ୍ଚିବା ପର୍ଯ୍ୟନ୍ତ ଧୈର୍ଯ୍ୟର ସହ ଅପେକ୍ଷା କରନ୍ତୁ। ଆଉ ଗୋଟିଏ କଥା ହେଲା, ଏଥିରେ ପୂରା ଚକ୍ଷୁକୁ ତଡାଯାଇ କଢ଼ାଯାଏ ନାହିଁ। କେବଳ ସ୍ୱଚ୍ଛ ପଟଳ ବା କର୍ଣ୍ଣିଆଟିକୁ କଢ଼ାଯାଇ ନିଆଯାଏ। ସେଥିରେ ଗୋଟିଏ ପ୍ଲାଷ୍ଟିକ୍ କ୍ୟାପ୍ ମଧ୍ୟ ଲଗାଇ ପତା ଦୁଇଟିକୁ ପୁନର୍ବାର ଘୋଡେଇ ଦିଆଯାଏ। ତେଣୁ ବାହାରକୁ ଚକ୍ଷୁଟି ଆଦୌ ଅସୁନ୍ଦର ଦେଖାଯାଇ ନ ଥାଏ।

## ଜାଣିରଖନ୍ତୁ...



ଆଣ୍ଠୁଗଣ୍ଠି ସମସ୍ୟା ପୁରୁଷମାନଙ୍କଠାରୁ ମହିଳାମାନ ଠାରେ ଅଧିକ ମାତ୍ରାରେ ଦେଖାଯାଇଥାଏ। ଗଣ୍ଠିଜନିତ ରୋଗ ଯୋଗୁ ଚଳପ୍ରଚଳରେ ଅସୁବିଧା, ଗଣ୍ଠିରେ ଯନ୍ତ୍ରଣା ଓ କାର୍ଯ୍ୟ ନ କରିବା ପରି ଗୁରୁତର ଅବସ୍ଥା ହୋଇଥାଏ। ଯନ୍ତ୍ରଣା ଲାଘବ ପାଇଁ, ଦରଜ କମିବା ଦୀର୍ଘ ଦିନ ଧରି ଔଷଧ (ପେନ୍‌କିଲର) ଖାଇଲେ ତାହାର ଖରାପ ପ୍ରଭାବ କିଡ୍‌ନୀ ଉପରେ ପଡିବାର ଆଶଙ୍କା ରହିଛି। ର୍ୟୁମାଟଏଡ୍ ଆର୍ଥ୍ରାଇଟିସ୍‌ରେ ଆଙ୍ଗୁଠି, ପାଦ ଇତ୍ୟାଦି ଫୁଲି ଦରଜ ହୋଇଥାଏ। ଏଭଳି ସମସ୍ୟା ଦେଖାଦେଲେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସିତ ହୁଅନ୍ତୁ। ଏଭଳି ସମସ୍ୟା ଠାରୁ ନିଜକୁ ଦୂରେଇ ରଖିବା ଲାଗି ସବୁବେଳେ ନିଜ ଓଜନକୁ ସନ୍ତୁଳିତ ରଖନ୍ତୁ। କାରଣ ଓଜନ ବଢ଼ିଗଲେ ତାହାର ପ୍ରଭାବ ଆଣ୍ଠୁ ଉପରେ ପଡିଥାଏ। ଏହାବ୍ୟତୀତ ଶରୀରରେ କ୍ୟାଲସିୟମ ପରିମାଣ ସନ୍ତୁଳିତ ରହିବା ନିହାତି ଜରୁରୀ।

## ସ୍ୱାସ୍ଥ୍ୟ ପାଇଁ ଶଜନା ଶାଗ



ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ ହେଉଛି ଶଜନା ଶାଗ। ଏଥିରେ କାଲ୍‌ସିୟମ୍, ଆଇରନ୍ ସମେତ ଭିଟାମିନ୍-ଏ, ସି ଏବଂ ଇ ଭରି ରହିଛି। ବିଶେଷଭାବରେ ଯଦି ଜଣେ ଉଚ୍ଚ ରକ୍ତଚାପ ସମସ୍ୟା ସହ ଜଡ଼ିତ ବ୍ୟକ୍ତି ନିୟମିତ ଶଜନା ଶାଗରେ ପ୍ରସ୍ତୁତ ଖାଦ୍ୟ ଖାଆନ୍ତି ତେବେ ତାଙ୍କର ରକ୍ତଚାପ କେତେକାଂଶରେ ନିୟନ୍ତ୍ରଣରେ ରହିଥାଏ। ଏହା ମଧ୍ୟ ଶରୀରରେ ହିମୋଗ୍ଲୋବିନ ପରିମାଣକୁ ସନ୍ତୁଳିତ ରଖେ। ଯକ୍ଷ୍ମା ରୋଗୀ ଏହାକୁ ନିଜର ଖାଦ୍ୟ ତାଲିକାରେ ସାମିଲ କରିପାରିବେ। ଆଣ୍ଠୁଗଣ୍ଠିଜନିତ ସମସ୍ୟା ପାଇଁ ଏହା ମଧ୍ୟ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ସବୁଠାରୁ ଖାସ୍ କଥା ହେଲା ଯଦି ଆପଣଙ୍କର ଓଜନ ବଢ଼ିଯାଇଛି ତେବେ ଏହାକୁ ଖାଇଲେ ତାହା କେତେକାଂଶରେ ନିୟନ୍ତ୍ରଣକୁ ଆସିଥାଏ। ଶରୀରର ଚର୍ବି ଅଂଶକୁ ଏହା ମଧ୍ୟ ଅନେକାଂଶରେ କମାଇଥାଏ। ଏଥିରେ ଆଣ୍ଟି-ଅକ୍ସିଡ଼ାଣ୍ଟ ଗୁଣ ମଧ୍ୟ ରହିଛି। ଏହା ଖାଦ୍ୟ ହଜମ ହେବାରେ ମଧ୍ୟ ସାହାଯ୍ୟ କରିଥାଏ। ଶଜନା ଶାଗ ଦୃଷ୍ଟି ଶକ୍ତିକୁ ଆହୁରି ପ୍ରଖର କରେ। ଆଜ୍‌ମା ରୋଗୀଙ୍କ ପାଇଁ ଏହା ମହୌଷଧି ସଦୃଶ।

## ଓଜନ ନିୟନ୍ତ୍ରଣର ସହଜ ଉପାୟ



ବର୍ତ୍ତମାନ ଓଜନ ବୃଦ୍ଧି ବା ଓବେସିଟି ଅନ୍ୟତମ ପ୍ରମୁଖ ସମସ୍ୟା ଭାବରେ ଉଭା ହୋଇଛି। ବିଶେଷଭାବରେ ଯୁବପିଢ଼ି ଏହାର ଅଧିକ ସମ୍ମୁଖୀନ ହେଉଥିବାର ଦେଖିବାକୁ ମିଳୁଛି। ବିଶେଷଭାବରେ ଖାଦ୍ୟପେୟ ଏବଂ ନିଜ ଜୀବନଶୈଳୀ ପ୍ରତି ଆବଶ୍ୟକ ମୁତାବକ ସଚେତନ ନ ରହିବା ଏହାର କାରଣଗୁଡ଼ିକ ମଧ୍ୟରୁ ଅନ୍ୟତମ। ତେବେ ଏହାକୁ ନିୟନ୍ତ୍ରଣରେ ରଖିବାର ଏକ ସହଜ ଉପାୟ ରହିଛି। ଯଦି ଜଣେ ବ୍ୟକ୍ତି ନିଜ ଜୀବନଶୈଳୀ ପ୍ରତି ସଚେତନ ରହନ୍ତି ଏବଂ ଖାଦ୍ୟପେୟ ପ୍ରତି ଅଧିକ ଧ୍ୟାନ ଦିଅନ୍ତି ତେବେ ସେ ନିଜ ଓଜନକୁ କେତେକାଂଶରେ ନିୟନ୍ତ୍ରଣରେ ରଖିପାରିବେ। ଏଭଳି ବିଷୟବସ୍ତୁକୁ ନେଇ ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଓଜନ ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରାଯାଇଥିଲା। ଏହିସମୟରେ ଏମାନଙ୍କୁ ନିଜର ଖାଦ୍ୟପେୟ ଏବଂ ଦୈନନ୍ଦିନ ଜୀବନଶୈଳୀ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଥିଲା। ଅନ୍ୟପକ୍ଷରେ ନିୟମିତ ସମୟ ବ୍ୟବଧାନରେ ସେମାନଙ୍କର ଓଜନ କେତେ ନିୟନ୍ତ୍ରଣରେ ରହୁଛି ତାହାକୁ ନିରୀକ୍ଷଣ କରାଯାଇଥିଲା। ଏହାଦ୍ୱାରା ପ୍ରାୟ ୫୦ ପ୍ରତିଶତ ବ୍ୟକ୍ତିଙ୍କର ଓଜନ ସନ୍ତୁଳିତ ଅବସ୍ଥାକୁ ଆସିଥିବାର ଜଣାପଡ଼ିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ସ୍ୱାସ୍ଥ୍ୟ ସୂଚନା



➤ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ତଟକା ଫଳମୂଳ ସାମିଲ କରନ୍ତୁ। ବିଶେଷଭାବରେ ଯଦି ଏହାକୁ ବ୍ରେକଫାଷ୍ଟରେ ଖାଆନ୍ତି ତେବେ ତାହା ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।

➤କୌଣସି ମେଡିସିନ୍ ଖାଇଲେ ଯଦି ଆପଣଙ୍କର ଆଲର୍ଜି ସମସ୍ୟା ରହିଛି ତେବେ ସେ ବିଷୟରେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

➤ସବୁବେଳେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ରାତ୍ରଭୋଜନରେ କଦାପି ଗରିଷ୍ଠ ଖାଦ୍ୟ ସାମିଲ କରନ୍ତୁ ନାହିଁ। କାରଣ ଏହାଦ୍ୱାରା ପାଚନ କ୍ରିୟା ପ୍ରଭାବିତ ହୋଇଥାଏ।

➤ଖାଦ୍ୟ କିମ୍ବା କୌଣସି ଜଳଖିଆ ଖାଇବା ବେଳେ କେତେକେ କୋଲ୍ଡ ଡ୍ରିଙ୍କ୍‌ସ ପିଇଥାଆନ୍ତି। ଏଭଳି ଅଭ୍ୟାସ ବର୍ଜନ କରନ୍ତୁ।

➤ରାତିରେ ଶୋଇବାକୁ ଯିବା ପୂର୍ବରୁ ମନକୁ ଯେତେ ଶାନ୍ତ ରଖିବେ ସେତେ ଭଲ। କାରଣ ଏହାଦ୍ୱାରା ଭଲ ନିଦ ହୋଇଥାଏ।

➤ନିଜକୁ କେବଳ ଶାରୀରିକ ନୁହେଁ ମାନସିକ ସ୍ତରରେ ମଧ୍ୟ ସୁସ୍ଥ ରଖନ୍ତୁ। ନିଜର ମାନସିକତାକୁ ଯେତେ ସକାରାତ୍ମକ ରଖିବେ ତାହା ସେତେ ଭଲ।

➤ସ୍ୱାସ୍ଥ୍ୟ ସମ୍ପର୍କିତ ସବିଶେଷ ଜ୍ଞାନ ନ ଥାଇ ଅନ୍ୟମାନଙ୍କୁ ସେ ବିଷୟରେ ଟିପ୍ସ ଦେବାକୁ ଠିକ୍ ନୁହେଁ। ଏ ସମ୍ପର୍କରେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

## ହାଇଡ୍ରୋଜେନ ବଣ୍ଡିଂ: ଦୈନନ୍ଦିନ ଜୀବନର ଅଦୃଶ୍ୟ ସ୍ଥାପତ୍ୟ

(ଶେଷ ଭାଗ)

**ଇଲେକ୍ଟ୍ରୋନେଗେଟିଭିଟି ଭ୍ରମର ସମାଧାନ (Breaking the Electronegativity Myth):** ପ୍ରାୟ ଏକ ଶତାବ୍ଦୀ ଧରି, ରସାୟନ ବିଜ୍ଞାନ ପାଠ୍ୟପୁସ୍ତକଗୁଡ଼ିକ ଏକ ନିୟମ ଶିଖାଇ ଆସିଥିଲେ: ହାଇଡ୍ରୋଜେନ ବନ୍ଧନ କେବଳ ହାଇଡ୍ରୋଜେନ ଏବଂ ଅତ୍ୟଧିକ ଇଲେକ୍ଟ୍ରୋନେଗେଟିଭ ମୌଳିକ ଯେପରିକି ନାଇଟ୍ରୋଜେନ, ଅମ୍ଳଜାନ, ଫ୍ଲୋରିନ ଏବଂ କ୍ଲୋରିନ ମଧ୍ୟରେ ହିଁ ସମ୍ଭବ। କମ ଇଲେକ୍ଟ୍ରୋନେଗେଟିଭ ପରମାଣୁ ସହିତ ଜଡ଼ିତ ହାଇଡ୍ରୋଜେନ ବନ୍ଧନ ନଗଣ୍ୟ କିମ୍ବା ଅସ୍ତିତ୍ୱହୀନ ବୋଲି ଧରି ନିଆଯାଇଥିଲା। ତେବେ ଭୁବନେଶ୍ୱରସ୍ଥିତ ନାଇଜର୍ (NISER – National Institute of Science Education and Research) ଏବଂ ବିଶ୍ୱର ଅନ୍ୟ କେତେକ ଅନୁଷ୍ଠାନର ନିକଟ ଅତୀତର ଅଭୂତପୂର୍ବ ଗବେଷଣା ଏହି ସାଧାରଣ ସହମତିକୁ ମୂଳରୁ ଚ୍ୟାଲେଞ୍ଜ କରିଛି। ବୈଜ୍ଞାନିକମାନେ ହାଇଡ୍ରୋଜେନ ବନ୍ଧନ ସହ ଜଡ଼ିତ ଅଣୁ ଓ ପରମାଣୁଗୁଡ଼ିକୁ ପ୍ରାୟ ୧୦ କେଲଭିନ (ପରମ ଶୂନ୍ୟ ନିକଟତର) ତାପମାତ୍ରାରେ ନିରୀକ୍ଷଣ କରିବା ପାଇଁ 'ଲେଜର୍ ସ୍ପେକ୍ଟ୍ରୋସ୍କୋପି ଇନ୍ ସୁପରସୋନିକ ଜେଟ୍ସ' ପରି ଅତି ଅତ୍ୟାଧୁନିକ ବୈଷୟିକ କୌଶଳ ବ୍ୟବହାର କରିଛନ୍ତି। ସେମାନେ ପ୍ରମାଣ କରିଛନ୍ତି ଯେ ସଲଫର୍ (Sulfur/S) ଏବଂ ସେଲେନିୟମ (Selenium/Se) ପରି ପରମାଣୁ ଯାହା ପୂର୍ବରୁ ହାଇଡ୍ରୋଜେନ ବନ୍ଧନ ଗଢ଼ିବା ପାଇଁ ବହୁତ 'ଦୁର୍ବଳ' ବୋଲି ବିବେଚନା କରାଯାଉଥିଲା ସେମାନେ ପ୍ରକୃତରେ ଗୁରୁତ୍ୱପୂର୍ଣ୍ଣ ବନ୍ଧନରେ ଅଂଶଗ୍ରହଣ କରନ୍ତି। ଏହି ଭାରତୀୟ ଅବଦାନକୁ IUPAC ଦ୍ୱାରା ସ୍ୱୀକୃତି ମିଳିଥିଲା ଏବଂ ଏହା ୨୦୧୧ ମସିହାରେ ହାଇଡ୍ରୋଜେନ ବନ୍ଧନର ନୂତନ ସଂଜ୍ଞା ନିର୍ଦ୍ଧାରଣ କରିବାରେ ସାହାଯ୍ୟ କରିଥିଲା।

**ରୋଷେଇ ଘରୁ ଔଷଧ ପ୍ରସ୍ତୁତି ପର୍ଯ୍ୟନ୍ତ :** ଆମେ ପ୍ରତ୍ୟେକ ଘଣ୍ଟାରେ ହାଇଡ୍ରୋଜେନ ବଣ୍ଡିଂର ଭୌତିକ ଓ ରାସାୟନିକ ଗୁଣାବଳୀର ସମ୍ମୁଖୀନ ହୋଇଥାଉ, ଯାହା ଅଧିକାଂଶ ସମୟରେ ଅତି ସାଧାରଣ ଘଟଣା ଭଳି ମନେହୁଏ। ନିମ୍ନରେ ଦିଆଯାଇଥିବା କିଛି ଉଦାହରଣ ବେଶ୍ କୌତୂହଳପୂର୍ଣ୍ଣ।

**ଖାଦ୍ୟ ଓ ତନ୍ତୁର ଗଠନ:** ଆପଣଙ୍କ ଗ୍ଲୁଟେନ୍‌ଯୁକ୍ତ ପାଉଁରୁଟିର 'ଟାଣ' ଏବଂ ଆପଣଙ୍କ ପ୍ରିୟ ସୂତା ଟି-ଶାର୍ଟର ମଜଭୁତ ସୂତା ଏସବୁ ହାଇଡ୍ରୋଜେନ ବଣ୍ଡିଂର ଫଳ। ପ୍ରକୃତିରେ, ଗଛର କାଠରେ ଥିବା ସେଲୁଲୋଜ ଚେନ୍‌ଗୁଡିକ ଏହି ବନ୍ଧନ ଦ୍ୱାରା ଏକାଠି ହୋଇ ରହିଥାନ୍ତି। ଏହା ଗଛକୁ ଶହ ଶହ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ବଢ଼ିବା ପାଇଁ ଆବଶ୍ୟକ ଗଠନମୂଳକ ଶକ୍ତି ପ୍ରଦାନ କରେ।

**କେଶ ସଜ୍ଜା:** ଆପଣଙ୍କ କେଶ କେରାଟିନ ନାମକ ଏକ ପ୍ରୋଟିନରେ ଗଠିତ, ଯାହା ମୁଖ୍ୟତଃ ହାଇଡ୍ରୋଜେନ ବନ୍ଧନ ଯୋଗୁ ଏକ ନିର୍ଦ୍ଦିଷ୍ଟ ଆକାର ଧାରଣ କରିଥାଏ। ଯେତେବେଳେ ଆପଣ ହେୟାର ଡ୍ରାୟର୍ କରନ୍ତି, ଉତ୍ତାପ ଏହି ବନ୍ଧନଗୁଡ଼ିକୁ ଭାଙ୍ଗିଦିଏ, ଯାହାଦ୍ୱାରା ଆପଣ କେଶକୁ ଏକ ନୂତନ ଏବଂ ସିଧା ଆକାରରେ 'ରିସେଟ' କରିପାରିବେ। ତେବେ, ବାୟୁମଣ୍ଡଳରେ ଥିବା ଆର୍ଦ୍ରତା ଜଳର ଅଣୁଗୁଡ଼ିକୁ କେଶ ମଧ୍ୟକୁ ଆଣିଥାଏ, ଯାହା ସେହି ସମାନ ସ୍ଥାନ ପାଇଁ ପ୍ରତିଯୋଗିତା କରେ। ଏହା ଆପଣଙ୍କ କେଶର ଷ୍ଟାଇଲକୁ ବିଗାଡ଼ି ଦିଏ ଏବଂ କେରାଟିନ ଚେନ୍‌ଗୁଡ଼ିକୁ ପୁଣି ବଙ୍କା କରିଦିଏ, ଯାହାଫଳରେ କେଶ କୁଞ୍ଚୁକୁଞ୍ଚିଆ ବା 'ଫ୍ରିଜ' ହୋଇଯାଏ।




**ଆଧୁନିକ ଚିକିତ୍ସା ବିଜ୍ଞାନ ଓ ଔଷଧ ପ୍ରସ୍ତୁତି :** ହାଇଡ୍ରୋଜେନ ବନ୍ଧନର ଏହି 'ଆଣବିକ ହସ୍ତମିଳନ'କୁ ବୁଝିବା ହେଉଛି ଆଧୁନିକ ଫାର୍ମାକୋଲୋଜିର ମୂଳଦୁଆ। ବଜାରରେ ମିଳୁଥିବା ପ୍ରାୟ ୩୦ ପ୍ରତିଶତ ଔଷଧରେ ହାଇଡ୍ରୋଜେନ ବନ୍ଧନରେ ଲିପ୍ତ ଅଣୁମାନେ (ବିଶେଷ କରି ଫ୍ଲୋରିନ ଯୁକ୍ତ) ଥାନ୍ତି। ଔଷଧ ନିର୍ମାଣ କରୁଥିବା ରସାୟନବିତ୍‌ମାନେ ଜାଣନ୍ତି ଯେ ଏକ ଅଣୁ ମାନବ ଶରୀରର ରିସେପ୍ଟର ସହିତ କେଉଁଠାରେ ହାଇଡ୍ରୋଜେନ ବନ୍ଧନ ଗଢ଼ିବ। ହାଇଡ୍ରୋଜେନ ବଣ୍ଡିଂ ମାଧ୍ୟମରେ ସେମାନେ ଏପରି ଔଷଧ ତିଆରି କରନ୍ତି ଯାହା ଲକ୍ଷ୍ୟ କରିଥିବା ପ୍ରୋଟିନ ସହିତ ଠିକ୍ ଭାବେ ଖାପ ଖାଇଯାଏ। ଏହାଦ୍ୱାରା କମ୍ ମାତ୍ରାରେ ଔଷଧ ବ୍ୟବହାର କରି କମ୍ ପାର୍ଶ୍ୱ ପ୍ରତିକ୍ରିୟାରେ ଅଧିକ ଫଳପ୍ରଦ ଚିକିତ୍ସା ସମ୍ଭବ ହୋଇଥାଏ।

**ହାଇଡ୍ରୋଜେନ ବଣ୍ଡ ବାହାରେ:** ହଗିନ୍ସଙ୍କ ସେହି ୧୦୦ ବର୍ଷ ତଳର ଚିନ୍ତାଧାରା ଆଜି ବି ଏକ ରହସ୍ୟ ହୋଇ ରହିଛି। ଆମେ ଏବେ ଅନୁଭବ କରୁଛୁ ଯେ ହାଇଡ୍ରୋଜେନ ବଣ୍ଡ କେବଳ ଏକ ସାଧାରଣ ଇଲେକ୍ଟ୍ରୋଷ୍ଟାଟିକ ଆକର୍ଷଣ ନୁହେଁ; ଏଥିରେ କ୍ୱାଣ୍ଟମ ମେକାନିକ୍ସର ଏକ ଜଟିଳ ପ୍ରକ୍ରିୟା ଜଡ଼ିତ, ଯେଉଁଥିରେ 'ଡିସପର୍ସନ ଫୋର୍ସ' ଭଳି ପାରସ୍ପରିକ କ୍ରିୟା ମାଧ୍ୟମରେ ପରମାଣୁଗୁଡ଼ିକ ମଧ୍ୟରେ ଇଲେକ୍ଟ୍ରୋନ ଘନତ୍ୱର ସ୍ଥାନାନ୍ତରଣ ହୋଇଥାଏ। ଏହି ଗବେଷଣା ଆହୁରି ଅନେକ ନୂତନ ନନ୍-କୋଭାଲେଣ୍ଟ ବଣ୍ଡିଂ ପାଇଁ ଦ୍ୱାର ଉନ୍ମୁକ୍ତ କରିଛି। ବୈଜ୍ଞାନିକମାନେ ଏବେ କାର୍ବନ ବଣ୍ଡ, ନିକ୍ଟୋଜେନ ବଣ୍ଡ ଏବଂ ହାଲୋଜେନ ବଣ୍ଡ ଉପରେ ଅଧ୍ୟୟନ କରୁଛନ୍ତି, ଯାହା ସମାନ ଯୁକ୍ତି ଅନୁସରଣ କରେ। କିନ୍ତୁ ଏଥିରେ ଭିନ୍ନ ଭିନ୍ନ ପରମାଣୁ ବ୍ୟବହୃତ ହୁଏ। ମହାକାଶର ବରଫରେ ଜୀବନର ଉତ୍ପତ୍ତି ଖୋଜିବାଠାରୁ ଆରମ୍ଭ କରି 'ଟାଇରାଲ ଲାଇଟ' ବ୍ୟବହାର କରି 'ଅଭେଦ୍ୟ' କ୍ୱାଣ୍ଟମ ଏନକ୍ରିପ୍ସନ ବିକାଶ କରିବା ପର୍ଯ୍ୟନ୍ତ, ହାଇଡ୍ରୋଜେନ ବଣ୍ଡର ଏହି କାହାଣୀ ପ୍ରମାଣ କରେ ଯେ ଜଣେ ଛାତ୍ରର ଅଭିନବ ଚିନ୍ତାଧାରା ଆମର ବଣ୍ଡିଂ ସମ୍ବନ୍ଧୀୟ ଧାରଣାକୁ ସମ୍ପୂର୍ଣ୍ଣ ଭାବେ ବଦଳାଇ ଦେଇପାରେ।

–ଡ. ହିମାଂଶୁ ଶେଖର ବିଶ୍ୱାଳ
ମୋ : ୯୧୭୮୩୧୧୧୮

ଧରିତ୍ରୀ
DHARITRI
52 Years
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଏପ୍ରିଲ ୧୩/୨୦୨୬ Bhubaneswar, Monday, April 13/ 2026

# ଗୁଜରାଟର ସହଜ ବିଜୟ


ଉଇକେଟ ନେବା ପରେ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ସାଥୀ ଖେଳାଳିଙ୍କ ବଧେଇ ।

**ଲକ୍ଷ୍ନୌ,୧୨।୪**

ପ୍ରସିଦ୍ଧ କ୍ରିଷ୍ଣାଙ୍କ ଘାତକ ବୋଲିଂ ବଳରେ ଗୁଜରାଟ ଟାଇଟନ୍ସ ଏଠାରେ ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ୭ ଉଇକେଟରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ(ଏଲ୍‌ଏସ୍‌ଜି)କୁ ପରାସ୍ତ କରିଛି। ଏହା ଗୁଜରାଟର ୪ ମ୍ୟାଚ୍‌ରେ ଦ୍ୱିତୀୟ ବିଜୟ ହୋଇଥିବା ବେଳେ ଲକ୍ଷ୍ନୌ ପାଇଁ ଏହା ଦ୍ୱିତୀୟ ପରାଜୟ। ଏହି ମ୍ୟାଚ୍ ଜରିଆରେ ଜୋସ ବଟଲର ଟି୨୦ କ୍ରିକେଟରେ ୧୦୦ତମ ଅର୍ଦ୍ଧଶତକ ପୂରଣ କରିଛନ୍ତି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ଆରମ୍ଭରୁ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୬୪ ରନ କରିବାକୁ ସକ୍ଷମ ହୋଇଥିଲା। ଦଳର ପ୍ରାୟତଃ ବ୍ୟାଟରଙ୍କୁ ଭଲ ଆରମ୍ଭ ମିଳିଥିଲା। ହେଲେ କୌଣସି ବ୍ୟାଟର ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଏଡେନ ମାରାକ୍ରମ ୩୦ (୫ ଚୌକା ଓ ୧ ଛକା), ରିଷଭ ପନ୍ତ ୧୮ (୨ ଚୌକା ଓ ୧ ଛକା), ନିକୋଲସ ପୁରନ ୧୯ (୨ ଛକା), ମୁକୁଲ ଚୌଧାରୀ ଓ ଅବଦୁଲ ସମଦ ୧୮ ଲେଖାଏ ରନ କରିଥିଲେ। ଗୁଜରାଟ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ୪ ଓ ଅଶୋକ ଶର୍ମା ୨ ଉଇକେଟ ନେଇଥିଲେ। ଜବାବରେ ସାଇ ସୁଦର୍ଶନ ଓ ଅଧିନାୟକ ଶୁବମନ ଗିଲ ଦଳକୁ ୪୫ ରନର ଆରମ୍ଭ ପ୍ରଦାନ କରିଥିଲେ। ସୁଦର୍ଶନ (୧୫) ଆଉଟ୍ ହେବା ପରେ ଗିଲ୍ ଓ ୩ୟ କ୍ରମରେ ଆସିଥିବା ବଟଲର ଦ୍ୱିତୀୟ ଉଇକେଟରେ ୮୪ ରନ୍ ଯୋଡ଼ି ଦଳର ବିଜୟ ନିଶ୍ଚିତ କରିଥିଲେ। ଦୁଇ ବ୍ୟାଟର ଅର୍ଦ୍ଧଶତକ ପୂରଣ କରିବା ପରେ ପାଭିଲିଅନ ଫେରିଥିଲେ। ଗିଲ୍ ୪୦ ବଲରେ ୫୬ (୬ ଚୌକା ଓ ୧ ଛକା) ଓ ବଟଲର ୩୭ ବଲରେ ୬୦ (୧୧ ଚୌକା ଓ ୧ ଛକା) ରନ କରିଥିଲେ। ଏହାପରେ ୱାଶିଂଟନ ସୁନ୍ଦର (୨୧ ରନ, ୨ ଚୌକା ଓ ୧ ଛକା) ଓ ରାହୁଲ ତେୱତିଆ (୧୦ ରନ, ୧ ଚୌକା) ଦଳ ଲାଗି ଆବଶ୍ୟକ ରନ ସଂଗ୍ରହ କରି ନେଇଥିଲେ। ଫଳରେ ଗୁଜରାଟ ୧୮.୪ ଓଭରରେ ୩ ଉଇକେଟ ହରାଇ ୧୬୫ ରନ କରି ନେଇଥିଲା।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ: ୨୦ ଓଭରରେ ୧୬୪/୮(ଏଡେନ ମାରାକ୍ରମ-୩୦, ପ୍ରସିଦ୍ଧ କ୍ରିଷ୍ଣା-୪/୨୮, ଅଶୋକ ଶର୍ମା-୨/୩୨)। ଗୁଜରାଟ ଟାଇଟନ୍ସ: ୧୮.୪ ଓଭରରେ ୧୬୫/୩ (ଜୋସ ବଟଲର-୬୦, ଶୁବମନ ଗିଲ-୫୬, ଦିଗବିଜୟ ସିଂ ରାଠି-୧/୩୧)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ହାଇଦ୍ରାବାଦ ବନାମ ରାଜସ୍ଥାନ**

ସ୍ଥାନ: ହାଇଦ୍ରାବାଦ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିୟନଶିପ୍ସ: ଆୟୁଷ ରନର ଅପ୍

**ନିଙ୍ଗବୋ, ୧୨।୪ (ପି.ଟି.)**

ଚଳିତ ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିୟନଶିପ୍ସରେ ଭାରତର ଉଦୀୟମାନ ଶଟଲର ଆୟୁଷ ଶେଟ୍ଟି ରନର ଅପ୍‌ରେ ସନ୍ତୁଷ୍ଟ ରହିଛନ୍ତି। ରବିବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଆୟୁଷ ୮-୨୧, ୧୦-୨୧ ସିଧାସଳଖ ଗେମ୍‌ରେ ୱାର୍ଲ୍ଡ ନଂ.୨ ଶିୟୁ କ୍ୱିଙ୍କଠାରୁ ପରାସ୍ତ ହୋଇଛନ୍ତି। ତାଙ୍କର ପରାଜୟ ଯୋଗୁ ଏହି ସମ୍ମାନଜନକ ଟୁର୍ନାମେଣ୍ଟର ସିଙ୍ଗଲ୍ସରେ ଭାରତର ୬୧ ବର୍ଷର ଅପେକ୍ଷା ଜାରି ରହିଛି। ଦୀନେଶ ଖାନ୍ନାଙ୍କ ପରେ ଆୟୁଷ ଦ୍ୱିତୀୟ ଭାରତୀୟ ଭାବେ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଥିଲେ। ଖାନ୍ନା (୧୯୬୫) ଏକମାତ୍ର ଭାରତୀୟ ଖେଳାଳି ଭାବେ ଏହି ଟୁର୍ନାମେଣ୍ଟରେ ଟାଇଟଲ ଜିତିଥିଲେ। ତାଙ୍କପରଠାରୁ କେବଳ ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟିଙ୍କ ପୁରୁଷ ଡବଲ୍ସ ଯୋଡ଼ି ୨୦୨୩ରେ ଟାଇଟଲ ହାତେଇ ଥିଲେ।

ୱାର୍ଲ୍ଡ ନଂ.୨୫ ଆୟୁଷ ଫାଇନାଲରେ ପରାଜିତ ହୋଇଥିଲେ ମଧ୍ୟ ପୁରା ଟୁର୍ନାମେଣ୍ଟରେ ତାଙ୍କ ପ୍ରଦର୍ଶନ ଭଲ ରହିଥିଲା। ସେ ୱାର୍ଲ୍ଡ ନଂ.୧ କୁନଲାଭଟ ଭିତିଦସର୍ନ, ନଂ. ୪ ଜୋନାଥନ କ୍ରିଷ୍ଟି ଓ ନଂ. ୭ ଲି ଶି ଫେଙ୍ଗଙ୍କୁ ହରାଇଥିଲେ।

# ମୁମ୍ବାଇକୁ ହରାଇଲା ଆର୍‌ସିବି


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଫିଲ ସଲ୍ଟ।

**ମୁମ୍ବାଇ,୧୨।୪**

ଫିଲ ସଲ୍ଟ ଓ ଅଧିନାୟକ ରଜତ ପଟିଦାରଙ୍କ ବିସ୍ଫୋରକ ଅର୍ଦ୍ଧଶତକୀୟ ଇନିଂସ ବଳରେ ରବିବାର ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ୧୮ ରନରେ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ)କୁ ପରାସ୍ତ କରିଛି। ଏହା ଆର୍‌ସିବିର ତୃତୀୟ ବିଜୟ ହୋଇଥିବା ବେଳେ ମୁମ୍ବାଇ ଲାଗି ଏହା କ୍ରମାଗତ ତୃତୀୟ ପରାଜୟ। ଏହି ମ୍ୟାଚ୍ ପୂର୍ବରୁ ମହାନ ଭାରତୀୟ କଣ୍ଠଶିଳ୍ପୀ ଆଶା ଭୋଁସଲେଙ୍କ ସମ୍ମାନରେ ଏକ ମିନିଟ୍‌ର ନୀରବ ପ୍ରାର୍ଥନା କରାଯାଇଥିଲା, ଯାହାଙ୍କର ରବିବାର ପରଲୋକ ଘଟିଛି। ଏପରିକି ମୁମ୍ବାଇ ଦଳର ଖେଳାଳିମାନେ କଳା ଆର୍ମବ୍ୟାଣ୍ଡ ପିନ୍ଧିଥିଲେ। ବିସ୍ଫୋରକ ଅର୍ଦ୍ଧଶତକୀୟ ଇନିଂସ ପାଇଁ ଫିଲ ସଲ୍ଟଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

ପ୍ରଥମେ ବ୍ୟାଟିଂ କରିଥିବା ଆର୍‌ସିବିକୁ ସଲ୍ଟ ଓ ବିରାଟ କୋହଲି ୧୦.୫ ଓଭରରେ ବିସ୍ଫୋରକ ୧୨୦ ରନର ଆରମ୍ଭ ଦେଇଥିଲେ। ୧୧ତମ ଓଭରରେ ସଲ୍ଟଙ୍କୁ ଆଉଟ୍ କରି ଶାର୍ଦ୍ଦୂଳ ଠାକୁର ମୁମ୍ବାଇ ପାଇଁ ବହୁ ପ୍ରତିକ୍ଷୀତ ବ୍ରେକ ଥ୍ରୁ ଆଣି ଦେଇଥିଲେ। ସଲ୍ଟ ଆଉଟ୍ ହେବା ପୂର୍ବରୁ ୩୬ ବଲରେ ୬ ଲେଖାଏ ଚୌକା ଓ ଛକା ସହିତ ୭୮ ରନ କରିଥିଲେ। ଏହାପରେ କୋହଲିଙ୍କ ସହ ଅଧିନାୟକ ରଜତ ପଟିଦାର ମିଶି ୨୩ ବଲରେ ଦ୍ରୁତ ୬୫ ରନ ଯୋଡ଼ିଥିଲେ। ଅର୍ଦ୍ଧଶତକ ପୂରଣ କରିବା ପରେ କୋହଲି (୩୮ ବଲ, ୫୦ ରନ, ୫ ଚୌକା ଓ ୧ ଛକା) ଓ ଅଧିନାୟକ ପଟିଦାର (୨୦ ବଲ, ୫୩ ରନ, ୪ ଚୌକା ଓ ୫ ଛକା) ପାଭିଲିଅନ୍ ଫେରିଥିଲେ। ଶେଷ ଆଡ଼କୁ ଟିମ ଡେଭିଡ୍ ୧୬ ବଲରେ ୩୪ (୨ ଚୌକା ଓ ୩ ଛକା) ରନ କରି ଅପରାଜିତ ରହିଥିଲେ। ଫଳରେ ଆର୍‌ସିବି ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୨୪୦ ରନ କରିଥିଲା। ଜବାବରେ ମୁମ୍ବାଇକୁ ରିୟାନ ରିକଲଟନ ଓ ରୋହିତ ଶର୍ମା ୫.୨ ଓଭରରେ ୫୭ ରନର ଆରମ୍ଭ ପ୍ରଦାନ କରିଥିଲେ। ରୋହିତ ରିଟାୟର୍ଡ ହର୍ଟ ହେବା ପରେ ସୁୟଶ ଶର୍ମା ଗୋଟିଏ ଓଭରରେ ରିକଟଲନ (୩୭ ରନ, ୩ ଲେଖାଏ ଚୌକା ଓ ଛକା) ଓ ତିଲକ ବର୍ମା (୧)ଙ୍କୁ ଆଉଟ୍ କରିଥିଲେ। ଏହାପରେ ସୂର୍ଯ୍ୟକୁମାର ଯାଦବ (୩୩ ରନ, ୫ ଚୌକା) ଓ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା (୨୨ ବଲ, ୪୦ ରନ, ୬ ଚୌକା ଓ ୧ ଛକା) ଚତୁର୍ଥ ଉଇକେଟରେ ୪୭ ରନ ଯୋଡ଼ିଥିଲେ। ହେଲେ ଦୁହିଁଙ୍କ ଉଇକେଟ ପଡ଼ିବା ସହ ଦଳର ବିଜୟ ସମ୍ଭାବନା ଶେଷ ହୋଇଥିଲା। ଶେଷ ଆଡ଼କୁ ଶେରଫାନେ ରଥରଫୋର୍ଡ ୩୧ ବଲରେ ଦ୍ରୁତ ୭୧ (୧ ଚୌକା ଓ ୯ ଛକା) ରନ କରିଥିଲେ। ଫଳରେ ମୁମ୍ବାଇ ଶେଷ ପର୍ଯ୍ୟନ୍ତ ଖେଳି ୫ ଉଇକେଟ ହରାଇ ୨୨୨ ରନ କରିଥିଲା।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ: ୨୦ ଓଭରରେ ୨୪୦/୪ (ଫିଲ ସଲ୍ଟ-୭୮, ବିରାଟ କୋହଲି-୫୦, ରଜତ ପଟିଦାର-୫୩, ଶାର୍ଦ୍ଦୂଳ ଠାକୁର-୧/୩୨, ହାର୍ଦ୍ଦିକ ପାଣ୍ଡ୍ୟା-୧/୩୯)। ମୁମ୍ବାଇ ଇଣ୍ଡିଆନ୍ସ: ୨୦ ଓଭରରେ ୨୨୨/୫ (ଶେରଫାନେ ରଥରଫୋର୍ଡ-୭୧*, ହାର୍ଦ୍ଦିକ ପାଣ୍ଡ୍ୟା-୪୦, ରିଆନ ରିକଟଲନ-୩୭, ସୂୟଶ ଶର୍ମା-୨/୪୭)।



TVS 3 YEAR WARRANTY TVS CREDIT L&T Finance IDFC FIRST Bank ALWAYS YOU FIRST SHRIRAM Finance
FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BHUBANESWAR: THREE S TVS: 7328828802, RITA TVS: 9827133318, ASHIRBAD TVS: 7735341866, JYOTE TVS: 7440030004, 7381114371, SHREEKHETRA TVS: 9237378220, 9237378225, PURI: MODERN TVS: 9938039070, CUTTACK: LAXMI TVS: 7077774420, SWASTIK TVS: 8455002235, KENDRAPADA: SAMIR TVS.: 8260133307, JAJPUR ROAD: SUBAS TVS: 7735911808, NAYAGARH: KUMAR SAI TVS: 8908726047, 7008968681, CHANDIKHOL: SASMITA TVS: 8860793803; JAGATSINGHPUR: GITA TVS: 7788901717. Authorised Dealers: GOTHOPATNA: 8249710415, JATANI: 7077588558, 9124605556, BALUGAON: 9937886712, NIRAKARPUR: 7735402179, 8658517804, BHUBANESHWAR: 9337022334, KHURDA: 7008412374, BALIPATNA: 9776036999, MENDHASALA: 9437072019, SUNDARPADA: 8249094931, PIPILI: 9861150706 SAKHIGOPAL: 8249769742, NIMAPARA: 7381765800, DELANG: 9090214582, BRAHMAGIRI: 8480928882, 6370937155, CHARI CHOWK: 8327783765, KAKATPUR: 9776125534, KANAS: 9090214582, ABHIMANPUR POST: 9937019555, BANKI: 9437666687, NIALI: 9437307967, PHULNAKHARA, CUTTACK: 7440037801, NISCHINTAKOILI: 9337438686, KANDARPUR: 9090098000, SISUA: 8018556514, ADASHPUR: 82498 57169, TANGI: 83277 14238, PATTAMUNDAI: 9938602209, MARSHAGHAI: 9938837705, RAJNAGAR: 9439650236, GARADAPUR: 9437527214, MANGALPUR: 9853486660, BARI: 9437510237, BINJHARPUR: 9090503379, KUAKHIA: 9348035630, SINGHPUR: 9040646458, ROHIBANK: 6371229226, KALAPATHAR: 9937844941, RANPUR: 9778520193, KHANDAPADA: 7008659421, PURUNAKATAK: 9439071610, CHANDPUR: 9337112565, RAJ SUNAKHELA: 9437637421, NARASINGHPUR: 9658410027, ODOGAON: 7815050701, BHAPUR: 7389040805 DASPALLA: 9938375040, BAGHAMARI: 9437015363, BALICHANDRAPUR: 7978388298, BRAHMABARADA: 7894020786, RAIPUR: 9937963372, CHHATIA: 7328005678, ERASAMA: 8658421889 NAUGOAN: 8339939725, KRUSHNANANDAPUR: 9237066573, RAGHUNATHPUR: 6371724757, PARADEEP: 9938810126.
dentsu/dha bhu/04/26

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ